ଏବଂ ଉଚ୍ଚ ନୀଚ ହେବାରୁ ଯେମନ୍ତ ସଗଡ଼ ବଳି ସେମନ୍ତ ଗୋଡ଼ରେ ଚାଲିବାର କଷ୍ଟ ହେଉଅଛି । କଣ୍ଟ୍ରାକ୍ଟ ହମ୍ଫ୍ରି ସାହେବ ଏଠାର କଲେକ୍ଟର ଥିବା ସମୟରେ ଏହି ଅସୁବିଧା ନିବାରଣ କାରଣ ବାଲୁବଜାରର ଛକଠାରୁ ଚୌଧୁରୀବଜାର ପର୍ଯ୍ୟନ୍ତ ଅ ସଡ଼କର ଉଚ୍ଚ ନୀଚ ସ୍ଥାନ ସମାନ କର ହୋଇଥିଲେ ଏବଂ ଅଲ୍ପତଃ ପାଉଁଜ ରୋଡ଼ର ଅନ୍ୟ ଅଂଶ ସେହିପରି ମରାମତ କରିବାର ଚେଷ୍ଟା କରୁଥିଲେ । ମାତ୍ର ତାହାଙ୍କ ବଦଳି ହେବାରୁ ସେ କଲ୍ଲୁ ଅନ୍ୟ ହାକିମର ମନ ଯାଇ ନାହିଁ ଏବଂ କାର୍ଯ୍ୟତଃ ସହରର ପ୍ରଧାନ ସଡ଼କର ଅର୍ଦ୍ଧାଂଶ ଉଚ୍ଚ ନୀଚ ବନ୍ଧୁର ଅବସ୍ଥା ଧାରଣ କରୁଅଛି । ସମସ୍ତ ସଡ଼କର ପ୍ରଧାନ ଗୁଣ ଏବଂ ଚେଷ୍ଟା ହେଲେ ତାହା ଯେ ରକ୍ଷା ହୋଇ ନ ପାରିବ ଏମନ୍ତ ନୁହେ । ଭାରପ୍ରାପ୍ତ ଲୋକଙ୍କର ଉପଯୁକ୍ତ ଦୃଷ୍ଟି ନ ରହିବାରୁ କୁଲିମାନେ ଯେମନ୍ତ ତେମନ୍ତ କାର୍ଯ୍ୟ ଶେଷକରି ଦେବାହାରୁ ସଡ଼କର ଦୁରବସ୍ଥା ଘଟିଅଛି । ଅମ୍ଭେମାନେ ଏ ବିଷୟରେ ମିଉନିସିପାଲ କମିଶନରମାନଙ୍କର ବିଶେଷ ଦୃଷ୍ଟି ପ୍ରାର୍ଥନା କରୁଅଛୁଁ । ଯେପରି ସଡ଼କମାନଙ୍କର ପୃଷ୍ଠଦେଶ ସମାନ ରହିବ ଏବଂ ଦୁଇପାଖରେ ଘେରି ଯେ ସବୁ ମାଟିଗଦା ଅଛି ସେ ସବୁ କାଟି ଦିଆଯିବ ତହିଁର ବ୍ୟବସ୍ଥା କରିବା ଆବଶ୍ୟକ ।

---

### ବାଙ୍କିର ଉତ୍କୋଚ ମାମଲା

ବାଙ୍କିର ଡେପୁଟି କଲେକ୍ଟର ବାବୁ ବଳରାମ ଦାସଙ୍କ ନାମରେ ବାବୁ ଗୋବିନ୍ଦ ରଥ ଯେ ସବୁ ଅଭିଯୋଗରେ ଦରଖାସ୍ତ ଦେଇଅଛନ୍ତି ତନ୍ମଧ୍ୟରୁ ମୋ ୭ ଟି ଅଭିଯୋଗ ସମ୍ବନ୍ଧରେ ଡେପୁଟି ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଡେଭିଡସନ ସାହେବ ସାକ୍ଷୀ ଗ୍ରହଣ କରୁଅଛନ୍ତି । ସେ ଅଭିଯୋଗମାନ ନିମ୍ନେ ପ୍ରକାଶିତ ହେଲା ଯଥା—

୧ । କୁଞ୍ଜ ସାହୁ ବନାମ ସାମ ସାହୁ ମୋକଦ୍ଦମାରେ ଡେପୁଟି କଲେକ୍ଟର ସାମ ସାହୁଠାରୁ ଟ ୫୦୯ ଙ୍କା ଉତ୍କୋଚ ନେଇ କୁଞ୍ଜଙ୍କୁ ରଫା କରିବାରୁ ବାଧା କରିଥିଲେ ଏବଂ ଗ୍ରାମ ବାସିମାନେ ଅନୁମାନ କରନ୍ତି କି ସେହି ଅପମାନରେ କୁଞ୍ଜ ସେହି ସନ୍ଧରେ ଫାଶି ଦେଇ ଆତ୍ମହତ୍ୟା କଲା ।

୨ । ହରି ସାହୁ ଓ ଦେଇ ଦେଲକଠାରୁ ଟ ୧୦୦୯ ଙ୍କା ଉତ୍କୋଚ ନେଇ ସ୍ୱଗବନ୍ଧୁ ଲଲର ମୋକଦ୍ଦମା ଡିସମିସ କଲେ ।

୩ । ସ୍ୱର୍ଣ୍ଣଜୁର ଓ ଓସ୍ତ୍ରିଆ ଗ୍ରାମମାନଙ୍କର ଦଙ୍ଗଦଙ୍ଗା ମୋକଦ୍ଦମାରେ ଉତ୍କୋଚ ନେଇ ଓସ୍ତ୍ରିଆ ପକ୍ଷରେ ନିଷ୍ପତ୍ତି କରିବାକୁ କହିଅଛନ୍ତି ।

୪ । ନାରାୟଣ ସାହୁଠାରୁ ବୈଷ୍ଣବ ସାହୁ ଦ୍ୱାରା ଟ ୧୦୦୯ ଙ୍କା ଉତ୍କୋଚ ନେଇ ଖଲାସ ଦେଇଅଛନ୍ତି ।

୫ । ରୂପ ନାଏକଠାରୁ ପେଟ ଭଙ୍ଗା ମାମଲାରେ ଟ ୧୦୦୯ ଙ୍କା, ରାସ ମହାପାତ୍ରଠାରୁ ଜମସୁଳ ମାମଲାରେ ଟ ୧୫୯ ଙ୍କା ଏବଂ ରାମ ସାହୁଠାରୁ ମାଡପିଟ ମାମଲାରେ ଟ ୫୦୯ ଙ୍କା ଘୁସ ନେଇଅଛନ୍ତି ।

୬ । ସୁରେନ୍ଦ୍ର ସାହୁଠାରୁ ଟ ୪୦୦୯ ଙ୍କା ଏବଂ କରୁଣାକର ପଟ୍ଟନାୟକଠାରୁ ଟ ୨୦୦୯ଙ୍କା ଘୁସ ନେଇ ସେମାନଙ୍କୁ ସରବରାହକାର ନିଯୁକ୍ତ କରିଅଛନ୍ତି ।

ଉପର ଲିଖିତ ଅଭିଯୋଗମାନଙ୍କ ସମ୍ବନ୍ଧରେ ହାକିମ ପ୍ରାୟ ୩୬ ଜଣ ସାକ୍ଷିର ଜବାନବନ୍ଦି ନେଇଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେ କିଛି ନ ଜାଣିବାର ଏବଂ ଅବଶିଷ୍ଟ ଶୁଣିଥିବାର ବା ଦେଖିଥିବାର କହିଅଛନ୍ତି । ଗୋବିନ୍ଦ ରଥ ସ୍ୱୟଂ ଏବଂ ବଳରାମ ବାବୁଙ୍କ ପକ୍ଷରୁ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ, ବାବୁ ଗୋକୁଳାନନ୍ଦ ଚୌଧୁରୀ ଏବଂ ବାବୁ କଳନନ୍ଦୀ ପାଳିତ ଉକିଲମାନେ ଏବଂ ଜ ୪ ଣ ମୁକ୍ତାର ସାକ୍ଷୀ ଯୋବାନବନ୍ଦି କରାଉଥିଲେ । ଗତ ସୋମବାର ଅର୍ଥାତ ତା ୧୦ ଟା ଅଭିଯୋଗ ସମ୍ବନ୍ଧରେ ଶୁଦ୍ଧାଙ୍କର ତାଲିକା ଦାଖଲ କରିବା ନିମନ୍ତେ ଗୋବିନ୍ଦ ରଥଙ୍କୁ ଆଦେଶ ଦେଇ ଗତ ଶୁକ୍ରବାରକୁ ତାରିଖ ଧାର୍ଯ୍ୟ କରିଥିଲେ । ମାତ୍ର ସେ ତାରିଖରେ କିଛି ହୋଇ ନାହିଁ । ତହିଁ ପୂର୍ବଦିନ ବାବୁ ଗୋବିନ୍ଦରଥ ମାଜିଷ୍ଟ୍ରେଟ ସାହେବଙ୍କ ନିକଟରେ ଦରଖାସ୍ତ ଦେଲେ କି ସେସ୍ଥଳେ ସାକ୍ଷିମାନଙ୍କୁ ବାଙ୍କିରୁ କଟକକୁ ଆଣିବା ଭାରି ଅସୁବିଧା, ସେଉଁମାନେ ଆସୁଅଛନ୍ତି ତାହାଙ୍କୁ ଅଲିଗ୍ନାଲ କରିବାର ବିଶେଷ ଚେଷ୍ଟା ଅନ୍ୟ ପକ୍ଷରୁ ହେଉଅଛି, ନେକେକ ଲୋକରେ ପଡ଼ି ଯାଉଅଛନ୍ତି ଏବଂ ବିଶେଷ ବିଳମ୍ବ ହେବା କମ୍ପା ସରକାରିକ ତଦାରଖର ପ୍ରାର୍ଥନା ଅନୁସନ୍ଧାନ କର୍ତ୍ତା ଡେପୁଟି ମାଜିଷ୍ଟ୍ରେଟ ଆଦୌ ଶୁଣୁ ନାହାନ୍ତି ସେ ସ୍ଥଳେ ବାବୁ ଅନଙ୍ଗ ମୋହନ ମହାର୍ଯ୍ୟା ଇନସ୍ପେକ୍ଟର ଅଥବା ମଲ୍ଲିକ ସାହେବଙ୍କଦ୍ୱାରା ସରକାରିକ ତଦାରଖ ହେଉ ।

---

### କଟକ ପ୍ରଦର୍ଶନୀ

ଗତ ପ୍ରଦର୍ଶନୀର ବାର୍ଷିକ ବିବରଣ ଓ ହିସାବ ଗ୍ରହଣ ଏବଂ ଭବିଷ୍ୟତକୁ ପ୍ରଦର୍ଶନୀ ହେବା ନ ହେବାର ସ୍ଥିର କରିବା କାରଣ ଗତ ସୋମବାର ସକାଳ ସ ୮ ଘ ବେଳେ ଏଠା ରେଭେନସା କଲେଜ ଗୃହରେ ଗୋଟିଏ ସାଧାରଣ ସଭା ହୋଇଥିଲା । ସମ୍ପାଦକଙ୍କ ଯୋଗେ ଏବଂ ଲୋକ ଦ୍ୱାରା ବିଜ୍ଞାପନ ପ୍ରଚାର ହୋଇଥିଲେହେଁ ଦେଶୀୟ ଲୋକଙ୍କ ମଧ୍ୟରୁ ପ୍ରାୟ ୨୦ ଜଣ ଏବଂ ୩ ।୨ ଜଣ ୟୁରୋପୀୟ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ । ଶ୍ରୀଯୁକ୍ତ କମିଶନର ସାହେବ ସଭାପତିର ଆସନ ଗ୍ରହଣପୂର୍ବକ କାର୍ଯ୍ୟାରମ୍ଭ କରି ଗତବର୍ଷର ବିବରଣ ଏବଂ ହିସାବ ଗ୍ରହଣ ବିଷୟରେ ମତ ପଚାରିବାରେ ସମସ୍ତେ ଏକବାକ୍ୟରେ ସମ୍ମତି ପ୍ରକାଶ କଲେ । ପ୍ରଦର୍ଶନୀର ବିବରଣ ଯଥା ସମୟରେ ପ୍ରକାଶ କରିଥିବାରୁ ପୁନରୁଲ୍ଲେଖର ପ୍ରୟୋଜନ ନାହିଁ । ସେ ହିସାବର ସଂକ୍ଷେପ ଏହିକି ଟିକଟ ବିକ୍ରୀଦ୍ୱାରା ଟ ୬୨୯ ଙ୍କା, ଦୋକାନଦ୍ୱାରା ଟ ୧୩୭୨।୬, ସରକାରୀ କୃଷି ବିଭାଗର ସାହାଯ୍ୟ ଟ ୧୦୦୯ ଙ୍କା ଏଲୁମିନିୟମ ଧାତୁ ନିର୍ମିତ ପାତ୍ରାଦି ବିକ୍ରୀଦ୍ୱାରା ଟ ୨୮୯୯ ଏବଂ ଗତ ବର୍ଷର ତହବିଲ ବାକି ଟ ୭୪୨।୯ ସହିତ ମୋଟ ଆୟ ଟ ୨୫୧୬।୨ ହୋଇଥିଲା । ଅନ୍ୟ ଦିଗରେ ପୁରସ୍କାର ଦାନରେ ଟ ୪୮୫୯ଙ୍କା, ମଣ୍ଡପର ବିସ୍ତାରରେ ଟ ୧୮୩୯ଙ୍କା ତମ୍ବୁ ଚୌକି ଇତ୍ୟାଦି ତୋଳାଇ ଟ ୨୮।୬ ଛପା ଓ କାଗଜ କଲମ ଇତ୍ୟାଦି ଟ ୭୨।୬ ଏଲୁମିନିୟମ କିନସ ଖରଚ ରେଲଭଡ଼ା ସହିତ ଟ ୨୬୩।୬।୯ କାଗଜ ଓ ଦପ୍ତରୀ ସ୍ଥଳୀ ଇତ୍ୟାଦି ବେତନ ଟ ୯୦।୧୦ ଗାଏ ଟ ୧୧୩୧।୨ ରୁ ଉଲଲେ ମୋଟ ହୋଇଥିବା ଟ ୧୧୩୧।୬।୧ ଖରଚ ହୋଇ ତହବିଲ ବାକି ଟ ୧୩୮୪।୫ ରହିଅଛି । ଏପରି ଗୃହ ବକ୍ରୀ ଟ ୪୩।୧ ଏବଂ ଏଲୁମିନିୟମ ଦ୍ରବ୍ୟ ବିକ୍ରୀ ବାବତ ଟ ୨୭।୬ ଗାଏ ଟ ୭୧।୬ ବାକି ପଡ଼ିଅଛି । ଏହା ଆଦାୟ ହେଲେ ନଗଦ ତହବିଲ ଟ ୧୪୫୨।୫ ହେବ । ଉକ୍ତ ଟଙ୍କା ଏବେହାଲ କାହିଁକି ବାକି ପଡ଼ିଅଛି ପ୍ରକାଶ କରିବାର ଉଚିତ ଥିଲା ତାହା ହୋଇ ନାହିଁ । ସଭାରେ ଏ ପ୍ରସଙ୍ଗ ପଡ଼ି ନ ଥିଲା ଏବଂ ମୋଟରେ ରିପୋର୍ଟ ଓ ହିସାବ ସନ୍ତୋଷଜନକ ଥିବା ବିବେଚନାରେ ଗୃହୀତ ହେଲା । ତହିଁଉତ୍ତାରୁ ସଭାରେ ଧାର୍ଯ୍ୟ ହେଲା ଯେ ଏହି ପ୍ରଦର୍ଶନୀ ପ୍ରତିବର୍ଷ ହେବ ଏବଂ ତହବିଲ ବାକି ବୁଝିନେବା ନିମନ୍ତେ ଗୋଟିଏ ସ୍ଥାୟୀ କମିଟି ହେବ । ଓଡ଼ିଶାର କମିଶନର ଓ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଏବଂ କଟକର କଲେକ୍ଟର ଓ ସିଭିଲସର୍ଜନମାନେ ଆପଣା ପଦୋପଲକ୍ଷରେ ଏବଂ ଅନ୍ୟ ନ ୧୦ ଜଣ ୟୁରୋପୀୟ ଏବଂ ଦେଶୀୟ ଭଦ୍ରଲୋକ ସେହି କମିଟିର ମେମ୍ବର ହେଲେ ଏବଂ ସେମାନଙ୍କ ମଧ୍ୟରୁ ବାବୁ ସୁଦାମଚନ୍ଦ୍ର ନାୟକ ସମ୍ପାଦକ ଏବଂ ଶ୍ରୀଯୁକ୍ତ ଏଚ, ଜନସ୍ କୋଷାଧ୍ୟକ୍ଷ ନିଯୁକ୍ତ ହେଲେ । ବାବୁ ସୁଦାମ ଚନ୍ଦ୍ର ନାୟକ ସମୟ ସମୟରେ ମୋଫସଲ ଗସ୍ତରେ ଯାଉଥିବାରୁ ବାବୁ ଶ୍ୟାମସନ ରାଉତଙ୍କୁ ସହକାରୀ ସମ୍ପାଦକ ନିଯୁକ୍ତ କରିବାର ପ୍ରସ୍ତାବ କରିବାରେ ତାହା ଧାର୍ଯ୍ୟ ହୋଇ ସଭା ଭଙ୍ଗ ହେଲା । ଆଗାମୀ ପ୍ରଦର୍ଶନୀରେ କେତେକ ପ୍ରକାର

Split by PDF Splitter
Digitized by srujanika@gmail.com

Split by PDF Splitter



ଗୃହପାଳିତ ପଶୁ ପକ୍ଷୀ ଏବଂ ଖାଦ୍ୟପଦାର୍ଥ ପ୍ରଦର୍ଶିତ ହେବା ଏବଂ ଛାତ୍ରମାନଙ୍କର ସ୍କୁଲ ଶିକ୍ଷାମାନଙ୍କର କ୍ରୀଡ଼ାର ପ୍ରସଙ୍ଗ ପଡ଼ିଥିଲା । ମାତ୍ର ସେ ସବୁ ପ୍ରତିବର୍ଷରୁ ପ୍ରଦର୍ଶନୀର ସାଧାରଣ ସଭାରେ ସ୍ଥିର ହେବାର ଯୋଗ୍ୟ ବୋଲି ଏ ସଭାରେ ବିବେଚିତ ହେଲା ନାହିଁ । ଏଥିରୁ ବୁଝାଯାଉ ଅଛି ଯେ ଏହି ସ୍ଥାୟୀ କମିଟି କେବଳ ଭଦ୍ରକର ଭାର ଗ୍ରହଣ କରିବେ ଏବଂ ପ୍ରତିବର୍ଷ ଯଥା ସମୟରେ ଗୋଟିଏ ସାଧାରଣ ସଭା ଆହ୍ୱାନ କରିବେ ଯେ ସେହି ସାଧାରଣ ସଭା ପ୍ରଦର୍ଶନୀର ସମସ୍ତ ବ୍ୟବସ୍ଥା କରିବେ । ତାହାହେଲେ କମିଟିର କାର୍ଯ୍ୟ କେବଳ ଯେ ତହିଁପାଇଁ ଜଣେ ସହକାରୀ ସମ୍ପାଦକର ଆବଶ୍ୟକ ହେଲା । ପ୍ରକୃତରେ କମିଶନରଙ୍କର ହିତ ବାସନାସ୍ୱରୂପ ସେ ଯେଉଁ କାର୍ଯ୍ୟ କରିବା ଦ୍ୱାରା ପ୍ରଦର୍ଶନୀର ସାହାଯ୍ୟ କରିଅଛନ୍ତି ତହିଁରୁ ଅଧିକ ଚେଷ୍ଟା କରିବାକୁ ହେବ ନାହିଁ । କେବଳ ଗୋଟିଏ ପଦ ମିଳିଲା ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

କୁଟିଘିଟ କଟକର ଚତୁର୍ଥ ଜଜ ମିଃ ଉବଉଲ, ଜ, ବ୍ରାଉନ କଟକର ଚତୁର୍ଥ ଜଜ ପଦରେ ନିଯୁକ୍ତ ହେଲେ ।

କଟକ ରେଭେନ୍ସା କଲେଜର ପ୍ରୋଫେସର ବାବୁ ମନ୍ମଥନାଥ ବାନାର୍ଜି ୭ମ ଶ୍ରେଣୀରେ ବାହାଲ ହେଲେ ।

ଡେପୁଟୀ କଲେକ୍ଟର ବାବୁ ଗଲିବିହାରୀ ଦାସ ବାଲେଶ୍ୱର ଜିଲ୍ଲାର ଠାକୁର ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ବାବୁ ଜଗମୋହନ ରେବାୟ, ବାବୁ ରାଜକିଶୋର ସ୍ୱଧୁ ଓ ବାବୁ ବ୍ରଜକିଶୋର ସାହୁ ସ୍ୱାଧୀନ ଭାବରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇ ୭ମ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

ପୁରୀ ଜିଲ୍ଲା ସ୍କୁଲର ୨ୟ ଶିକ୍ଷକ ବାବୁ ହରିପ୍ରସାଦ ଦାସ ଓ ୩ୟ ଶିକ୍ଷକ ବାବୁ କେଦାରନାଥ ଘୋଷ ୬ମ ଓ ୭ମ ଶ୍ରେଣୀର ଉନ୍ନତି ପ୍ରାପ୍ତ ହେଲେ ।

---

ଅସ୍ମମାନଙ୍କର କମିଟିରେ ଅଡ଼ଲେ ଯୋଗ୍ୟ ଶ୍ରମ ଲକ୍ଷେ । ଗତ ଗୁରୁବାର ଦେଶ ୬ବଲବାମ ହୋତାଙ୍କର ଶ୍ରାଦ୍ଧକାର୍ଯ୍ୟ ହୋଇଥିଲା । ତାଙ୍କର ଉପଯୁକ୍ତ ସନ୍ତାନ ବାବୁ ଶ୍ରୀ ଶ୍ରୀକାନ୍ତଙ୍କ ହୋଷ ଅତି ସମାରୋହ ସହିତ ଶ୍ରାଦ୍ଧ କାର୍ଯ୍ୟ ସମାପନ କରିଥିଲେ । ବ୍ରାହ୍ମଣ ଭୋଜନ ଅତି ସୁନ୍ଦର ରୂପେ ସମ୍ପନ୍ନ ହୋଇଥିଲା ।

ଏ ନଗରର ପ୍ରଧାନ ଜମିଦାର ବାବୁ ଗୋପାଳପ୍ରସାଦ ଭଞ୍ଜ ଓ ବାବୁ ଲକ୍ଷ୍ମଣପ୍ରସାଦ ଭଞ୍ଜଙ୍କ ମଧ୍ୟରେ ଗୋଟିଏ ପଣ୍ଡିତଙ୍କ ମୋକଦ୍ଦମା ଗଡ଼, ସୁଜିବାର ଅନୁଷ୍ଠିତ ହେଲା । ମୋକଦ୍ଦମାର ସଂକ୍ଷେପ ବୃତ୍ତାନ୍ତ ଏହି ଯେ ଉକ୍ତ ମଧ୍ୟରେ କହିବା ଥିବାରୁ ପ୍ରଥମ ବାଦୀଙ୍କୁ ୨ୟ ବ୍ୟକ୍ତି ଗୋଟିଏ ଘାତକପାଇଁଙ୍କ ଦେଇ ମାରି ତାହାର ମସ୍ତ କଟାଇଲେ

ହୋଇଥିଲା । ଛତ୍ରପୁରରୁ କଟକ ଉତ୍କଳ ଏବଂ ମଦ୍ରାସ ଦାସ୍ତ ଓ ୩୬ ଶ ଲେଖାଏଁ ନିଯୁକ୍ତ ହୋଇଥିଲେ ଓ ଅର୍ଥଦଣ୍ଡ ହୁଏ ଲାଗି ହୋଇଥିଲା । ମୁଦ୍ରାର ମୂଲ୍ୟ ଟ ୨୦୯ କା ଘଡ଼ି ଓ ଏବଂ ମା ୭ ସ ସକାଳେ ଟ ୨୦୦୯ ଲାଇ ସମ୍ବାଦକାନାନ ଦେବାର ଅନୁମତି ହେଲା । ବର୍ତ୍ତମାନ ମହଲବା ଶେଷ ନାହିଁ ।

ଏ ଜଗତରେ ଗତ ମଙ୍ଗଳବାର ଏବଂ ବୁଧବାର ଉତ୍ତମ ବୃଷ୍ଟି ହୋଇଥିଲା । ପ୍ରଥମଦିନର ବର୍ଷାରେ କ୍ଷେତ୍ରର ବୃଦ୍ଧି ହୋଇଅଛି ଏବଂ ଉତ୍ତାପ ଅନେକ କମି ପଡ଼ିଅଛି । ଜଳବାୟୁ ଗତ ସପ୍ତାହରୁ ଅଧିକ ହୋଇ ନାହିଁ ।

ଏ ନଗରର ସ୍ୱାସ୍ଥ୍ୟ ବର୍ତ୍ତମାନ ଭଲ ଅଛି ।

ମୋଫସଲର ସ୍ୱାସ୍ଥ୍ୟ ସମ୍ବନ୍ଧରେ ସୁଖବୋଧ ଯୋଗେ ଅଗ୍ନି ପଞ୍ଚଲର ଦରଖାସ୍ତ ଅନେକ ସ୍ଥଳରେ ଅଛି ମାତ୍ର ଅଳ୍ପ ଜଳର ଦେଖାଯାଉଛି ।

ଗତ ସପ୍ତାହ ଶୁକ୍ରବାର ରାତ୍ର ଅସମର ଶିଲଂସହରଠାରେ ଭୂମିକମ୍ପ ହୋଇଥିବାର ସମ୍ବାଦ ମିଳିଛି ।

ସିଂହଳଦ୍ୱୀପ ଜଳଶୂନ୍ୟ ଏକ ପଡ଼ା ଗ୍ରାମର ଜଣେ ଲୋକ ଗୋଟିଏ ନୂତନ ଚନ୍ଦ୍ରପଥର ପାଇଅଛି । ଏହାର ମୂଲ୍ୟ ଦେଢ଼ଲକ୍ଷ ହଜାର ଟଙ୍କା ।

ସନ ୧୮୫୫ ସାଲ ଅପେକ୍ଷା ୧୯୦୦ ସାଲରେ ଉଡ଼ିଷ୍ୟାର ଲୋକସଂଖ୍ୟାର ୨୩ ଲକ୍ଷ ଟଙ୍କା କେତେ ଅଧିକ ହୋଇ ଅଛି ।

ବିଦ୍ୟାଳୟ ଲର୍ଡ କର୍ଜନ, ପ୍ରଥମ ଷ୍ଟାର ବର୍ତ୍ତମାନରେ, ଦ୍ୱିତୀୟବାର ଦାରପଥରଗଡ଼ ବନ୍ଦଥିବାରୁ ଅବମୁକ୍ତ ହୋଇ ଅଛନ୍ତି । ତାଙ୍କ ନାମରେ ବର୍ତ୍ତମାନ ମୋକଦ୍ଦମା ଚାଲୁଅଛି ।

ଏଥର ସମ୍ପତ୍ତି କୋଳର ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ର ମଧ୍ୟରେ ତ ଜଣ ସ୍ତ୍ରୀର ନାମ ଦେଖିଲୁଁ । ଏମାନେ ସମସ୍ତେ ବାଙ୍ଗାଳୀର ଭଗବତ୍ ପାଞ୍ଚମ ଶ୍ରେଣୀ ଅଟନ୍ତି ଓ ସେମାନଙ୍କ ମଧ୍ୟରେ ବ୍ୟାକରଣ ଶାସ୍ତ୍ରର ପ୍ରଥମ ପରୀକ୍ଷାରେ ଶ୍ରୀମତୀ ହେମାଙ୍ଗିନୀ ଦାସ ଓ ଶ୍ରୀମତୀ ରାଜକୁମାରୀ ସେନ ୨ୟ ଶ୍ରେଣୀରେ ଓ ସେହି ଶାସ୍ତ୍ରର ୨ୟ ପରୀକ୍ଷାରେ ଶ୍ରୀମତୀ କାମିନୀ ଦାସୀ ୨ୟ ଶ୍ରେଣୀରେ ପାସ କରିଅଛନ୍ତି । ଏଥିପୂର୍ବେ ବଙ୍ଗଦେଶର କେହି ରମଣୀ ଟୋଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଶୁଣା ନ ଥିଲା ।

ନିଜାମ ଦେଶୀ ମହିଳ ଦେଶରେ ଦୁରନ୍ତ ଜଳପ୍ଲାବନ ବାନାପାନୀର ଶିଳାବୃଷ୍ଟିର ଅନେକ ହୋଇଅଛି । ଏହି ପ୍ଲାବନ ବାଲର ପାଞ୍ଚ ହଜାର ମଧ୍ୟରେ ଦେ ସହରରେ ଅବାଧ ରହୁଅଛି ।

ଜର୍ମାନ ସମ୍ରାଟ ଅନେକ ପ୍ରକାର କରିଅଛନ୍ତି ଯେ ଜର୍ମାନ କେହି ଛାତ୍ରର ଦାଢ଼ି ରଖି ପାରିବେ ନାହିଁ । ଏହାର ମର୍ମ କିଛି ବୁଝା ଯାଉ ନାହିଁ ।

ରୁଷ ସମ୍ରାଟଙ୍କର କମେ ଏହି କଥା ହେଉ । ମାତ୍ର ପୂର୍ବ ସନ୍ତାନ ନାହିଁ । ଏଥିପାଇଁ ସମ୍ରାଟ ଦୁଃଖିତ । ସମ୍ରାଟଙ୍କ ସନ୍ତାନ ହେବାର ଆଶା ଆଉ ନାହିଁ ।

ବୈଦ୍ୟନାଥ ଏକ ଜଣ ଯୁବକ ସବଇନ୍ସପେକ୍ଟର କେତେ ସୁଖର ନୂତନ ଉତ୍କଳୀୟ ଭାଷା କେତେ ପୁସ୍ତକମାନଙ୍କର ବେତନ ଓ ପୁରସ୍କାର ଦେଲା ଗାଳ ରସିକତା କେତେ ଅଧିକ ଲେଖକ ଉନ୍ନତିର ଅନୁଷ୍ଠାନରେ ପ୍ରବାହ ପାଇବାକୁ ଉଲ୍ଲଙ୍ଘନ ପ୍ରାପ୍ତ ହୋଇଅଛି ।

---

### ପତ୍ର ପ୍ରେରକଙ୍କ ପ୍ରତି ।

ଶ୍ରୀରାମକୃଷ୍ଣ ମିଶ୍ର ଶର୍ମା—ସମ୍ବଲପୁର ହୁଟିଖିଣୀରେ ପ୍ରକାଶିତ ପ୍ରେରିତ ପତ୍ରର ଉତ୍ତର ସେହି ପତ୍ରିକାର ସମ୍ପାଦକଙ୍କ ନିକଟକୁ ପଠାଇ ଦେବା ହେଉନ୍ତୁ । ସେ ତହିଁର ବିଚାର କରିବେ । ଆମ୍ଭେ ତହିଁପାଇଁ ସ୍ଥାନ ଯୋଗାଇବାକୁ ଅକ୍ଷମ ।

ଜଣେ କେହି—ଆପଣ ଯେଉଁ ନାମରେ ପରିଚୟ ଦେଇଅଛନ୍ତି ସେହି ନାମରେ ତାଙ୍କରେ ପତ୍ର ପଠାଇବାରୁ ସେ କେହି ଲେଖି ନ ଥିବାର ଉତ୍ତର ଦେଲେ । ଆପଣଙ୍କର ବାସ୍ତବିକ ଠିକଣା ଲେଖିବା ହେବେ ।

---

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ଗତ ପୂର୍ବ ସପ୍ତାହରେ ନାବାଳଗ ଜଗତ୍ପତିଙ୍କ ପ୍ରକାଶର ଏକୋଇଶା ଉପଲକ୍ଷରେ କନିକା ରାଜବାଟୀରେ ଏ ନଗରବାସୀ ଭଦ୍ରଲୋକଙ୍କୁ ଥିଏଟର ଦର୍ଶନ ଓ ଭୋଜନ ନିମନ୍ତ୍ରଣ ବାହୁଲ୍ୟରେ ହୋଇଥିଲା । ଆପଣ ସେ ବିଷୟ ସଂକ୍ଷେପରେ ପ୍ରକାଶ କରିଅଛନ୍ତି । ମାତ୍ର ସେ ସମ୍ବନ୍ଧରେ ଗୋଟିଏ ଗୁରୁତର ବିଷୟକୁ ଏଡ଼ା ଦେଲେ ଛାଡ଼ି ଦେଇଅଛନ୍ତି । ତାହା ଏହିକି ପ୍ରଥମ ଦିବସ ନଗରର ପ୍ରଧାନଶ୍ରେଣୀସ୍ଥ ଭଦ୍ରଲୋକ ଯଥା ଡେପୁଟିକଲେକ୍ଟର, ଉକିଲ, ଜମିଦାର, ଉଚ୍ଚ କଚେରିର ପ୍ରଧାନ ଅମଲାମାନେ ନିମନ୍ତ୍ରିତ ହୋଇଥିଲେ ୨ୟ ଦିବସ ଲଉସୋଫୀସ୍ବଙ୍କର ୩ୟ ଦିବସ ଅଳ୍ପ ବେତନଭୋଗୀ ଅମଲାମାନେ ନିମନ୍ତ୍ରିତ ହୋଇଥିଲେ ଏବଂ ସେହି ସମ୍ବନ୍ଧରେ କିଛି ଗୋଳଯୋଗ ଉପସ୍ଥିତ ହୋଇଥିଲା । ସେମାନଙ୍କୁ ଜାତି କୁଳ ବିଚାରରେ ଅଥବା ପ୍ରଥମ ଦିବସରେ ପ୍ରଧାନ ଅମଲା ଓ ଅନ୍ୟ ଭଦ୍ରବ୍ୟକ୍ତି ସହିତ ନିମନ୍ତ୍ରଣ ନ ହେବାରୁ ଅମର୍ଯ୍ୟାଦା ହେଉଛି ବୋଲି ଅମଲାଏ ଅସ୍ୱୀକାର କରିଥିଲେ । ପଣ୍ଟରୁ ରାଜାଙ୍କ ପକ୍ଷରୁ ବାବୁ ଜଗନ୍ନାଥ ଦାସ ପ୍ରଭୃତି କ୍ଷମା ପ୍ରାର୍ଥନା କରି ସେ ଗୋଳମାଳ ଭାଙ୍ଗି ଦେଲେ ଓ ସେମାନେ ନିମନ୍ତ୍ରଣ ରକ୍ଷା କରି ମହାତ୍ମାର ପରିଚୟ ଦେଇଥିଲେ ।

ସମ୍ପାଦକ ମହୋଦୟ, ବର୍ତ୍ତମାନ କାଳରେ ଇଂରାଜୀ ଶିକ୍ଷାଦ୍ୱାରା କେବଳ ଆମ୍ଭେମାନେ ଏହି ଜାତି ହୋଇ ସୃଷ୍ଟି ଆପଣା ମଧ୍ୟରେ ସାନ ବଡ଼ ବିଚାର କରୁଅଛୁଁ କିନ୍ତୁ ଇଂରେଜ ସମାଜ ପ୍ରତି ଦୃଷ୍ଟି କଲେ ଦେଖିବେ ଯେ ସେମାନେ ସେପରି ସାନ ବଡ଼ ବିଚାର କରି ନିମନ୍ତ୍ରଣ କରନ୍ତି ନାହିଁ । ସେମାନେ ମଧ୍ୟ ଜାତିକୁଳ ଅନୁସାରେ ଶ୍ରେଣୀବଦ୍ଧ ସ୍ୱୀକାର କରି ଥାଆନ୍ତି ଦେଖନ୍ତୁ ଏହି ନିମନ୍ତ୍ରଣରେ

Digitized by srujanika@gmail.com

ସମସ୍ତ ଶ୍ରେଣୀର ଇଂରେଜଙ୍କୁ ନିମନ୍ତ୍ରଣ ହୋଇଥିଲା ସରକାରୀ କର୍ମ ଅନୁସାରେ କୌଣସି ଉଚ୍ଚ ନୀଚ ବିଚାର ହୋଇଥିଲା କି? ମାତ୍ର ଆମ୍ଭମାନଙ୍କର ଏପରି ଶିକ୍ଷା ହୋଇଅଛି ଯେ ବର୍ତ୍ତମାନ ଆଉ ଜାତି କୁଳ ବିଚାର ନାହିଁ। ଯେଉଁମାନେ ଉଚ୍ଚ ପଦରେ ଅଛନ୍ତି ସେମାନେ ନୀଚପଦର କର୍ମଚାରୀଙ୍କ ସହିତ ଯୋଗଦାନ କରିବାକୁ ଚାହାନ୍ତି ନାହିଁ। ଏତଦ୍ୱାରା କେବଳ ପରସ୍ପର ମଧ୍ୟରେ ବିଭିନ୍ନତା କ୍ରମଶଃ ପ୍ରସାରିତ ହେଉଅଛି। ଏହାକି ଉନ୍ନତିର ଚିହ୍ନ? ପାଠକେ ଅନୁଗ୍ରହ ପୂର୍ବକ ଏ ବିଷୟ [illegible] ମଧ୍ୟରେ ଥରେ ଆନ୍ଦୋଳନ କରି ଦେଖିବେ କି ଏତଦ୍ୱାରା କି ବିଷମୟ ଫଳ ଉତ୍ପନ୍ନ ହେବ।

ଆମ୍ଭର ଅଧିକ କହିବା ବାହୁଲ୍ୟ।

କଟକ } ଆପଣଙ୍କର
୧୯।୭।୦୧ } ଶ୍ରୀ ଅଃ

## ମୂଲ୍ୟପ୍ରାପ୍ତି।

| | |
|---|---|
| ଶ୍ରୀ ବାବୁ ସ୍ୱସ୍ତିର ପାଣ୍ଡ ଅନନ୍ତପୁର | ୨ ୩ ୧ |
| „ ଲଛମାନ ପଣ୍ଡା ପିନ୍ଦୋ ମିର୍ଯ୍ଯା ମିର୍ଯ୍ଯା | ୫ ୩ ୧ |
| „ ପୀତାମ୍ବର ଦେଓ ଉଗ୍ରଲେଶ୍ୱର ପଟ୍ଟାଃ | ୫ ୩ ୧ |
| „ ଦାମୋଦର ମହାପାତ୍ର କଟକ | ୫ ୧ ୧ |
| „ ହୃଦବନ୍ଧୁ ତ୍ରିପାଠୀ ହେଃ ପଃ ଝାଲାବୁଲ ଖୋର୍ଦ୍ଧା | ୫ ୩ ୧ |
| ରାଜା। କ। ସୁରଙ୍ଗୀ | ୫ ୩ ୧ |
| ଶ୍ରୀ ବାବୁ ସାଧୁଚରଣ ସାହୁ କଟକ | ୫ ୧ ୧ |
| „ ଜାନକୀବଲ୍ଲଭ ଦାସ ସଃ ଇଃ ସଦର କଟକ | ୫ ୧ ୧ |
| „ ଜଗନ୍ନାଥ ଚୌଧୁରୀ ହେ। ହେଷ୍ଟର ଜଦକା ଖୋର୍ଦ୍ଧା | ୫ ୩ ୧ |
| „ ମାସ୍ତ୍ରି ହେଡ଼ୁର ପୋକସ କଟକ | ୫ ୧ ୧ |
| „ ହୋନନ୍ଦ ମହାନ୍ତି ସିରସ୍ତାଦାର ପାଲଲହଡ଼ା | ୫ ୨ ୧ |

## ବିଜ୍ଞାପନ।

ଯେହେତୁ କଟକ ଜିଲା ଅନ୍ତର୍ଗତ ସଦର ଥାନା ମଧ୍ୟସ୍ଥିତ ଭିକ୍ଷାପଡ଼ା କାଞ୍ଜିହାଉସ (ପାଉଣ୍ଡ) ସନ ୧୯୦୧ ମସିହା ଅଗଷ୍ଟ ମାସ ତା ୧ ଋଖଠାରୁ ସନ ୧୯୦୪ ମସିହା ମାର୍ଚ୍ଚମାସ ତା ୩୧ ଋଖ ପର୍ଯ୍ୟନ୍ତ ୨ ବର୍ଷ ମା ୮ ସ ନିମନ୍ତେ ସନ ୧୯୦୧ ମସିହା ଜୁଲାଇମାସ ତା ୩୦ ଋଖ। ମୁ। ସନ ୧୩୦୮ ସାଲ ଶ୍ରାବଣମାସ ଦି ୧୬ ନ ବଜା ସ ୮ ଘା ସମୟରେ କଟକ ସଦର ଲୋକେଲବୋର୍ଡ଼ ଅଫିସରେ ଶ୍ରୀଯୁତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହସ୍ତରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନେ ଉପରଲିଖିତ ନିରୂପିତ କାରଣରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ। ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜରସମନର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ ଓ ବାକି ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ। ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ସାମି ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର କିଜଣା ସେହି କ୍ୱାର୍ଟରର ପ୍ରଥମ ତାରଖରେ ଅଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ ସୁଧ ହେବ ତାହା କୃତିକାରଙ୍କୁ ଦେବାକୁ ହେବ। ନିଲାମ ସ୍ଥିର ହେଲାରୁ ଗ୍ରହିତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ଼ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସ୍ୱଇଚ୍ଛାରେ କବୁଲିୟତ ଲେଖିଦେଇ ରେଜେଷ୍ଟ୍ରୀ କରି ଦେବେ। ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ଼ ଅଫିସରେ ହାଜର ହୋଇ ବୁଝି ପାରିବେ।

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦ-ଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହାହେଲେ ତତ୍କ୍ଷଣାତ୍ ତାହାର ଡାକ ନାକଚ କରି ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାନ ବନ୍ଦୀ କରାଯିବ।

ଥାନା କଟକ
ଭିକ୍ଷାପଡ଼ା ନୂତନ କାଞ୍ଜିହାଉସ

M. DAS.
*Vice-Chairman.*

## ବିଜ୍ଞାପନ

ଏତଦ୍ୱାରା ଜଣାଇ ଦିଆ ଯାଉଅଛି ଯେ ଏହି କଟକ ସଦର ମଧ୍ୟରେ ବ୍ୟାପଟିଷ୍ଟ ଜେନେରଲ ନାମକ ଗୋଟିଏ ମାଇନର ଓ ଭର୍ଣ୍ଣାକ୍ୟୁଲର ସ୍କୁଲ ଅନେକ ବର୍ଷାବଧି ପ୍ରତିଷ୍ଠିତ ଅଛି। ଏଥିରେ ବାଳକମାନେ ଉତ୍ତମରୂପେ ଶିକ୍ଷିତ ହୋଇ ପରୀକ୍ଷୋତ୍ତୀର୍ଣ୍ଣ ଏବଂ କେହି୨ ବୃତ୍ତି ପ୍ରାପ୍ତ ହୋଇଥାନ୍ତି। ଏହି ସ୍କୁଲର ଅଧ୍ୟାପନା କାର୍ଯ୍ୟ ପ୍ରବୀଣ ଓ ସୁଦକ୍ଷ ଶିକ୍ଷକମାନଙ୍କଦ୍ୱାରା ନିର୍ବାହିତ ହୁଏ। ଯେଉଁ ଛାତ୍ରମାନେ ଏଥିରେ ଶିକ୍ଷାଲାଭ କରିବାକୁ ଇଚ୍ଛା କରନ୍ତି ସେମାନେ ଅବିଳମ୍ବେ ଅପଣା୨ର ନାମ ଲେଖାଇବା ପାଇଁ ଆବେଦନ କରନ୍ତୁ। ଗରିବ ଛାତ୍ରମାନଙ୍କୁ ବିନାବେତନରେ ଗ୍ରହଣ କରନ୍ତୁ।

୧୯-୭-୧୯୦୧ } J. Sampson Rout.
ବ୍ୟାପଟିଷ୍ଟ ଜେନେ-ରଲ ସ୍କୁଲ, କଟକ। } ସେକ୍ରେଟରୀ।

## ବିଜ୍ଞାପନ।

ଦକ୍ଷିଣ ବଡ଼ମ୍ବା ମାନେଜର ନଟେରର ପୂର୍ବ-ତନ ଇଂରାଜୀ ଓ ଓଡ଼ିଆ ନଥି ଆଦି କାଗଜାତ୍ ମାନ ଫେରସ୍ତ କରିବା ସକାଶେ ମାସିକ ଟ ୧୨ଙ୍କା ବେତନର ଏକଜଣ ମୋହରର ଆବଶ୍ୟକ ଯେଉଁମାନଙ୍କର ନଟେରି କାର୍ଯ୍ୟରେ ପ୍ରବେଶ ନ ଥିବ ସେମାନଙ୍କ ପକ୍ଷେ ଦରଖାସ୍ତ କରି ଅନୁଚିତ। ଦରଖାସ୍ତ, ସହିତ ପ୍ରଶଂସା ପତ୍ର ଆଦି ଆମ୍ଭ ନିକଟକୁ ପ୍ରାର୍ଥିମାନେ ଆସନ୍ତା ଜୁଲାଇ ମାସ ତା ୨୦ ଋଖ ପର୍ଯ୍ୟନ୍ତ ପଠାଇ ପାରିବେ।

ନଟେର ମାନେଜର } Madanmohan Patnaik
। ଦ। ବଡ଼ମ୍ବା
୨୯।୬।୧୯୦୧ } ମାନେଜର

## FOR SALE.

A thatched Bungalow containing 7 rooms. 2 Verandahs and Portico with range of out-houses for gharry, poney, cows kitchen and poultry, with a small tank, all standing on 11 goonts of land, on side of Meria Bazar Christian Sahi lane and within 300 feet of Cutchery road.

For particulars apply to undersigned.

1st July, 1901 } R. F. TAYLOR. CUTTACK.

## ବିଜ୍ଞାପନ।

କଟକ ମେରିଆ ବଜାର କ୍ରୀଷ୍ଟିୟାନସାହି ନିକଟରେ ଗୋଟିଏ ଛପରବଙ୍ଗଳା ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି। ଏଥିରେ ୭ ଗୋଟି କୋଠରି ଗୋ୨ଟି ବରଣ୍ଡା ଏବଂ ଗାଡ଼ି, ଘୋଡ଼ା, ଓ ଅନ୍ୟାନ୍ୟ ଜନ୍ତୁମାନଙ୍କ ରହିବା ନିମନ୍ତେ ବାହାର ଘର ଅଛି। ଏଥି ସଲ-ଗ୍ନରେ ଗୋଟିଏ ଛୋଟ ପୋଖରି ଅଛି। ଉପରୋକ୍ତ ବଙ୍ଗଳା ଗୁ ୧୧ ଣ୍ଠ ଜମିରେ ଅବସ୍ଥିତ ଏବଂ ସଡ଼କଠାରୁ ଫୁ ୩୦୦ ଟ ଦୂର। କ୍ରେତାମାନେ ନିମ୍ନଲିଖିତ ଠିକଣାରେ ତତ୍ତ୍ୱ କଲେ ସମୁଦାୟ ବିଷୟ ଜାଣି ପାରିବେ।

ଆର, ଏଫ୍, ଟେଲର
କଟକ

Split by PDF Splitter
Digitized by srujanika@gmail.com

Split by PDF Splitter



## ନୋଟୀସ ।

ଏତଦ୍ୱାରା ସର୍ବ ସାଧାରଣ ମୁସଲମାନମାନଙ୍କୁ ଜଣାଇ ଦିଆ ଯାଉଅଛି ଯେ କଟକ ଅଙ୍ଗଲୋ ମଦରସାକୁ ମାଇନର ସ୍କୁଲ କରା ଯାଇଅଛି । ଏଥିରେ ଇଂରାଜୀ ଓ ଉର୍ଦ୍ଦୁ ଭାଷାରେ ଶିକ୍ଷା ଦିଆଯିବ, ଏବଂ ଅନ୍ୟାନ୍ୟ ସ୍କୁଲ ମାନଙ୍କରେ ଯାହା ସରକାରୀ ଫିସ ଅଟେ ତହିଁର ଅର୍ଦ୍ଧେକ ଏଠାରେ ନିଆଯିବ । ଏବଂ ପିତା ମାତା ହୀନ ଗରିବ ବାଳକମାନଙ୍କୁ ଏକ କାଳେକ ମାଫ ଦିଆଯିବ ଏବଂ ଧର୍ମ୍ମ ଶିକ୍ଷା ସ୍ୱତନ୍ତ୍ର ଦିଆଯିବ ମୌଲ-ଭୀ ଏକ୍ରାମ ହୋସେନ ବି, ଏ, ହେଡ୍‌ମାଷ୍ଟର ଏବଂ ପଞ୍ଜାବ ନିବାସୀ ମୌଲଭୀ କଲିମୁଦ୍ଦୀନ ହେଡ୍ ମୌଲଭୀ ପଦରେ ନିଯୁକ୍ତ ହୋଇ ଅଛନ୍ତି । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଯେଉଁ ବାଳକମାନେ ପଢ଼ିବାକୁ ଇଚ୍ଛା କରନ୍ତି ସେମାନେ ଅତି ଶୀଘ୍ର ଦରଖାସ୍ତ ପଠାଉନ୍ତୁ ବା ନିଜେ ଆସି ହାଜର ହେଉନ୍ତୁ ।

କଟକ ମହମ୍ମଦ ଅବଦୁସ ସମଦ
ତା ୧୧।୬।୦୧ ସେକ୍ରେଟରୀ

# ଅଦ୍ଭୁତ ରାମାୟଣ ।

ଏଥିରେ ରାମଚନ୍ଦ୍ର ଓ ସୀତାଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ଏବଂ ସୀତାଙ୍କଦ୍ୱାରା ସହସ୍ରସ୍କନ୍ଧ ରାବଣର ବଧ ଓ ରାମଚନ୍ଦ୍ରଙ୍କଦ୍ୱାରା ସୀତାଙ୍କର ସ୍ତୁତି ଇତ୍ୟାଦି ସୁଲଳିତ ପଦ୍ୟରେ ବର୍ଣ୍ଣିତ ହୋଇ-ଅଛି । ମୂଲ୍ୟ ଟ ୦।୵ ମାତ୍ର । ପ୍ରିଣ୍ଟିଂ କମ୍ପାନୀ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

## WANTED

An Inspecting Pandit for the Ganja Sub-Circle in Thana Aul under the Cuttack District Board on a monthly salary of Rs. 10 with an allowance of Rs. 2 per month.

Preference will be given to those who have passed the Final Examination of the Cuttack Training School and have some knowledge in the English language.

Applications will be received by the undersigned up to 20th current.

Cuttack Dist. Board Office 3—7—1901 J. C. CHUNDER *Vice Chairman.*

ବିଜ୍ଞାପନ ।

ଏଠା ଜନାନା ଡାକ୍ତରଖାନା ସହାଶେ ଏକଜଣ ସ୍ତ୍ରୀ କମ୍ପାଉଣ୍ଡର ଅତି ଶୀଘ୍ର ଅବଶ୍ୟକ ଅଛି ମାସିକ ବେତନ ଟ ୧୧୯ କା ଓ ବସା ଭଡ଼ାରେ ବସାଗୃହ ଦିଆଯିବ, ଆବେଦନକାରୀ ମାନେ ସେମାନଙ୍କର ଗୁଣର ସାର୍ଟିଫିକେଟ ଓ ଚରିତ୍ର ସାର୍ଟିଫିକେଟ ସହ ଆବେଦନପତ୍ରମାନ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ତାରିଖ ୩୦ ସେପ୍ଟ ଜୁଲାଇ ପଠାଇବେ । ଇତି ।

ହେସ୍‌ପାଟାଲ ମାନେଜର ଅଫିସ ୧.୭.୧୯୦୧ Rabas Behari Naik, *Manager.* ରବାସବିହାରୀ ନାଏକ ମାନେଜର

# ବିଜ୍ଞାପନ ।

ପୃଥିବୀରେ ଅଦ୍ୱିତୀୟ । ବୈଜ୍ଞାନିକ ଜଗତର ବିସ୍ମୟକର

ବ୍ୟାଧି ଜଗତର କୋହଳ ! ! !

ଆମେରିକା ପ୍ରଦେଶସ୍ଥ କଉଣ୍ଟ ନଗରର ବଣ୍ଟନକାରୀ ଡାକ୍ତର ଉଇଲିୟମ ମେଟକ ଏମ୍ ଏ, ଏମ୍, ଡ, ସାହେବଙ୍କ ଆବିଷ୍କୃତ

## ଇଲେକ୍‌ଟ୍ରୋ ସାଲସା ।



ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶହେତୁ ଏତ-ଦ୍ଦେଶବାସିମାନଙ୍କର ଅଳ୍ପବୟସଠାରୁ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ, ଏବଂ ତାହାର ଅପ-ରିମିତ ଅତ୍ୟାଚାରଣର ବଶମସ୍ତ ଫଳରୁ ଯେ ସମସ୍ତ ଯନ୍ତ୍ରଣାଦାୟକ ଦୁଃସାଧ୍ୟ ଶୁକ୍ର ଓ ରକ୍ତସ-ମ୍ବନ୍ଧୀୟ ପୀଡା ଉପସ୍ଥିତ ହୋଇଥାଏ ତାହାର କବଳରୁ ଦୁର୍ଭାଗ୍ୟ ଭାରତବାସିମାନଙ୍କର ମୁକ୍ତ ହେବାର କୌଣସି ପ୍ରକୃତ ସ୍ଥାୟୀ ନିଶ୍ଚୟାନନ୍ଦ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ପଦ୍ଧତିରେ ଆଜପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ସୁତରାଂ ଚିକିତ୍ସକ ସମ୍ପ୍ରଦାୟ ଓ ଔଷଧ ବ୍ୟବସାୟି ମାନଙ୍କ କର୍ତ୍ତବ୍ୟାନୁରୋଧରେ ବା ସ୍ୱାର୍ଥର ବଶବର୍ତ୍ତୀରେ ଯେ କେବଳ ଠକାଇଅଛନ୍ତି ତାହା ନୁହେ ! ଅଯଥା ଉଗ୍ର ଔଷଧର କ୍ରିୟାରେ ବିପରୀତ ଫଳ ହେବାର ଦେଖାଯାଏ; ସ୍ଥଳବିଶେଷରେ ଧନ ଜୀବନ ଉଭୟଙ୍କ ଔଷଧରେ ଉପକାର ଦେଖାଯାଏ ସତ୍ୟ ! କିନ୍ତୁ ସାମାନ୍ୟ ଅତ୍ୟାଗ୍ରହରେ ବା ସ୍ୱାସ୍ଥ୍ୟର ,ଅନିୟମରେ ପୁନରାକ୍ରମଣ ହୋଇ-ଥାଏ । ଏହି ସକଳ ଅବସ୍ଥା ପର୍ଯ୍ୟାଲୋଚନା କରି ତାହାର ପ୍ରକୃତ ଔଷଧ ଆବିଷ୍କାର କରିବାରେ ଗତ ବ ୧୮ ବର୍ଷ ବ୍ୟାପୀ ଅମ୍ଭମାନଙ୍କ ଅବିଚଳିତ ଅଧ୍ୟବସାୟ, ଅମାନୁଷିକ ପରିଶ୍ରମ, ଅଜସ୍ର ଅର୍ଥ ବ୍ୟୟ, ବହୁ ଅନୁସନ୍ଧାନ ଓ ପରୀକ୍ଷାଫଳରେ ହିମାଳୟ ପର୍ବତର ଉପତ୍ୟକା ଭୂମିରୁ କ୍ଷିପ୍ରବି ଚାକ୍ଷୁର୍ଯ୍ୟ ଭେଷଜ ଗୁଣାନ୍ୱିତ କେତେକ ବୃକ୍ଷ,ପତ୍ର ଲତା ଗୁଳ୍ମର ନିର୍ଯ୍ୟାସର ସହିତ ରକ୍ତ ପରିଷ୍କାରକ ଧାତୁପୋଷକ,ଶୁକ୍ରବର୍ଦ୍ଧକ, ପାରଦଦୋଷ ନାଶକ, ପୁଷ୍ଟିକର, ମେଧା ଓ ସ୍ମୃତିଶକ୍ତି ବୃଦ୍ଧିକର ପ୍ରଭୃତି ସ୍ୱାସ୍ଥ୍ୟ ଓ ଶରୀର ସଂରକ୍ଷଣ ଉପଯୋଗୀ ନାନା ପ୍ରକାର ଦେଶୀ ଓ ବିଲାତି ଔଷଧର ସାରାଂଶର ଏକତ୍ରି ତ କରି ଇଲେକ୍‌ଟ୍ରୋ ଅର୍ଥାତ୍ ତାଡ଼ିତ ଶକ୍ତି ସଂଯୋଗେ ନୂତନ ରସାୟନିକ ପ୍ରକରଣେ ଏହି ଇଲେକ୍‌ଟ୍ରୋ ସାଲସା ଆବିଷ୍କୃତ ହୋଇ ଏକେବେଳକେ ଚିକିତ୍ସା ଜଗତରେ ଏକ ମହତ୍ ଅଭାବ ଦୂରୀଭୂତ ହୋଇଅଛି । ଜମସାରର ହତାଶ ପ୍ରାଣରେ ଏହା ଆଶାର ପ୍ରଦୀପ ଜଳି ଉଠି ଅଛି !!!

ଆସିଆ, ଇଉରୋପ, ଆମେରିକା, ଅଷ୍ଟ୍ରେଲିଆ ପ୍ରଭୃତି ମହାଦେଶମାନଙ୍କର ପ୍ରସିଦ୍ଧ ଚିକିତ୍ସକ ଓ ଜନସାଧାରଣ ମୁକ୍ତକଣ୍ଠରେ ଘୋଷଣା କରୁ-ଅଛନ୍ତି ଯେ ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା ରୋଗର ଏପରି ସର୍ବଗୁଣ ସମ୍ପନ୍ନ, ସ୍ଥାୟୀ ନିଶ୍ଚୟାନନ୍ଦ, ସମ୍ୟ-କ୍ ଫଳପ୍ରଦ, ସୁଖସେବ୍ୟ, ନିର୍ଦ୍ଦୋଷ, ଔଷଧ ଅଦ୍ୟ ଦ୍ୱିତୀୟ ନାହିଁ । ବାଲ୍ୟସ୍ୱଭାବ ସୁଲଭ ଦୋଷରେ ଅସ୍ୱାଭାବିକ ମୈଥୁନରେ ବା ଅପରିମିତ ଯଥେଷ୍ଟ ସଂସର୍ଗରେ କିମ୍ବା ଅଧିକ ଅଧ୍ୟୟନରେ ଅଥବା ଚିନ୍ତାରେ ଅଧିକ ରାତ୍ରି ଜାଗରଣରେ, ଶାରୀରିକ ଓ ମାନସିକ ପରିଶ୍ରମର ବାହୁଲ୍ୟତାରେ, ଦୀର୍ଘକାଳ-ବ୍ୟାପୀ ପ୍ରଖର ସୂର୍ଯ୍ୟଉତ୍ତାପେ ଭ୍ରମଣରେ, ଅସ୍ୱାସ୍ଥ୍ୟ-କର ସ୍ଥାନରେ ବାସ, ପାରଦ ମିଶ୍ରିତ ବା ଉଗ୍ର-ଗୁଣ ବିଶିଷ୍ଟ ଔଷଧ ସେବନରେ, କିମ୍ବା ମାତାପିତା-ଙ୍କଠାରୁ ଓ ଉପଦଂଶ ବିଷ ପ୍ରଭୃତି ଶରୀରେ ପ୍ରବେଶ ହେବ. କାରଣରୁ ଯଦ

ଶୁକ୍ର ଦୂଷିତ ହୋଇ—ଧାତୁ ଦୌର୍ବଲ୍ୟ, ସ୍ୱପ୍ନଦୋଷ, ଶୁକ୍ରର ତରଳତା, ଅଳ୍ପ ବା ଘଲ୍ପ ଉତ୍ତେଜନାରେ ରେତଃପାତ, ସହବାସରେ ସମ୍ପୂର୍ଣ୍ଣ ବା ଅସମ୍ପୂର୍ଣ୍ଣରୂପେ ଅକ୍ଷମ, ରତିଶକ୍ତି ହୀନତା ସ୍ଥାନୀୟ ଅଙ୍ଗର କୋମଳତା, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରାବରୋଧ, ପ୍ରସ୍ରାବ ସମୟରେ ପ୍ରଦାହ୍ୟରେ ଅବା ଅଳ୍ପରେ ଶୁକ୍ରପତନ, ମୁଖରେ ଦାଗ ଲାଗିବା, ସ୍ୱପ୍ନଦୋଷ, ମଳର ବେଗରେ ଶୁକ୍ର ନିର୍ଗତ ହେବା, ସୁନ୍ଦର ସନ୍ତାନ ଉତ୍ପନ୍ନ ଶକ୍ତିର ଅଭାବ, ଧାରଣା ଶକ୍ତି ର ହ୍ରାସ, ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନ ମାତ୍ରେ କିମ୍ବା ସାମାନ୍ୟ ସହବାସରେ

Digitized by srujanika@gmail.com

ଶୁକ୍ରପାତ, ମୂତ୍ରକୃଚ୍ଛ୍ରତା, ମୂତ୍ରମୁଣ୍ଡ ଅଳ୍ପ ୨ ବା ଅଧିକ ପରିମାଣରେ ପ୍ରସ୍ରାବ ହେବା, ବହୁମୂତ୍ର ପ୍ରସ୍ରାବ ଗାଲି ବା ଗୋଳିଆ ହେବା, ସ୍ମରଣ ଓ ଚିନ୍ତାଶକ୍ତିର ହ୍ରାସ, କେଶର ଅକାଳ ପକ୍ବତା, ହସ୍ତପଦାଦି ସ୍ଫୀତ, ସାମାନ୍ୟ କାରଣରୁ କୋପ, କର୍ତ୍ତବ୍ୟ କାର୍ଯ୍ୟରେ ଅନିଚ୍ଛା, ସାହାସ ଓ ଉଦ୍ୟମ ଶୂନ୍ୟତା, ସାମାନ୍ୟ ପରିଶ୍ରମରେ ବା କନ୍ଦ୍ରାର ସମ୍ମୁଖରେ ଗର୍ମ ଗର୍ଜିତ ହେବା, ମସ୍ତିଷ୍କର ସମୂହ ଦୁର୍ବଳତା ଓ ଦୁର୍ବଳ ଓ ସେହି ନିମିତ୍ତ ମୁଣ୍ଡଧରା, ଚକ୍ଷୁ କୋଟରଗତ, ଦେହ ରୁକ୍ଷ, ଶୁଷ୍କ ଓ ଶ୍ରୀହୀନ କ୍ଷୁଧାମାନ୍ଦ୍ୟ, ପରିପାକ ଶକ୍ତିର ଅଭାବ, ଅମ୍ଳ, ଶୂଳ ଜ୍ୱଳନ, କୋଷ୍ଠବଦ୍ଧ ହସ୍ତକମ୍ପନ, ଦାଦ, କଣ୍ଡୁ, ଓ ରକ୍ତଜ୍ୱାଳା, ମୁଣ୍ଡବୁଲା, ଚକ୍ଷୁ ଗ୍ଲାନି ୨ ଇତ୍ୟାଦି ବୋଧହେବା ପ୍ରଭୃତି ଶୁକ୍ରଜ ରୋଗ ବା ବହୁବିଧ ଉପସର୍ଗ ଆକ୍ରମଣ କରିଥାଏ କିମ୍ବା ସେହି ସବୁ କାରଣରେ ଯଦି—

ରକ୍ତ ଦୂଷିତ ହୋଇ—ରକ୍ତ ପିତ୍ତର ଦୁଷ୍ଟି, ଶାରୀରିକ ଦୁର୍ବଳ, ଉପଦଂଶ ( ଗର୍ମୀ ) ବାତରକ୍ତ, ଅସ୍ଥିପୀଡ଼, ଗଣ୍ଡମାଳା, କାଶ, ନାକ ଓ ମୁଖର ଭିତରେ କିମ୍ବା ଜନନେନ୍ଦ୍ରିୟ, କୋଷ ଓ କାଖ ସନ୍ଧିସ୍ଥାନରେ ଘା, ପାଗର ଘା, ନୂତନ ପୁରାତନ ନାଲୀ ଘା, ଶୋଷ ହେବା, କାଛୁ, କାଉର, ବଗରପ, କୁଳ, କାନୁ, ପ୍ରଭୃତି ଦୁର୍ଦ୍ଦମନୀୟ ଚର୍ମରୋଗ, ନୂତନ, ପୁରାତନ ବାତ, ଜଙ୍ଘା, ହାତୁ, କର୍ଣ୍ଣ, ମୁଣ୍ଡ, ଦନ୍ତ, ପାଦ, ଓ ସନ୍ଧି ସନ୍ଧିର ଫୁଲିବା, ବେଦନା, କନକନ କରିବା, ମୋଡ଼ି ହୋଇଯିବା, ସେଥିନିମିତ୍ତ ଚଳନଶକ୍ତିର ହ୍ରାସ, ଦନ୍ତମୂଳ ଫୁଲା, ଓ ବ୍ୟଥା, ଦନ୍ତ ଶିଥିଲ ମୁଖରେ ଦୁର୍ଗନ୍ଧ, ଶରୀର ନାନାସ୍ଥାନରେ ସାମୟିକ ବା ଅସାମୟିକ ପାଣ୍ଡୁ ବା ଗରମ ବିଷର ଉପଦ୍ରବ ହାତର ବା ଗୋଡ଼ର ତଳିପାରେ ଚମଡ଼ା ଉଠା କିମ୍ବା ସ୍ତ୍ରୀଲୋକଙ୍କର ବିଶେଷରେ ସାଦା ୨ ବା କଳା କଳା ସ୍ରାବ, କୁଣ୍ଡାଇ ହୋଇ ଫୁଲି ଉଠିବା, ଚକ୍ଷୁରୁ ଜଳ ପଡ଼ିବା, କୃଶତା, ରକ୍ତହୀନତା, ଶୋଥ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ ପ୍ରଭୃତି ରକ୍ତସମ୍ବନ୍ଧୀୟ ପୀଡ଼ା ବା ତନ୍ନିଉପସର୍ଗ ଆକ୍ରମଣ ହୋଇଥାଏ, କିମ୍ବା ଉଭୟବିଧ ରୋଗସମୂହର କୌଣସି ୨ ଲକ୍ଷଣ ପ୍ରକାଶ ପାଇଥାଏ, ତେବେ ଏହି ସାଲସା ସେବନ କର, ଜୀବନଶକ୍ତିର ପ୍ରଭାବରେ ସଙ୍ଗେ ୨ ଶୁଭଫଳ ଫଳିବ । କୋଷ୍ଠ ପରିଷ୍କାର ହେବ, କ୍ଷୁଧା ବୃଦ୍ଧି ହେବ । ଚକ୍ଷୁ ପ୍ରଫୁଲ୍ଲ ହେବ, ଏବଂ ଏକମାତ୍ରା ଔଷଧ ଏକ ମୋହର ଅପେକ୍ଷା ଅଧିକ ଅନୁମାନ ହେବ । ଏକ ସପ୍ତାହରେ ଆଶାତୀତ ଉପକାର ଜଣାଯିବ । ଏବଂ ରୋଗର ବୟସ ଓ ରୋଗିର ଅବସ୍ଥା ଓ ଭେଦ ୨ ଅନୁସାରେ ପ୍ରକୃତ ଭେଦେ ଏକ ସପ୍ତାହଠାରୁ ୬ ସପ୍ତାହ ମଧ୍ୟରେ ସମୂଳେ ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ସ୍ଥାୟୀ ଆରୋଗ୍ୟ ଲାଭ ହୋଇ, ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହେବ, ଦେହର ଲାବଣ୍ୟ ବୃଦ୍ଧି ହେବ, ରତିଶକ୍ତିର ସମ୍ପୂର୍ଣ୍ଣ ବିକାଶ ପାଇବ, ସହବାସରେ କ୍ଷମତା ଜନ୍ମିବ । ସ୍ମରଣଶକ୍ତିର ବୃଦ୍ଧି ହେବ । ଦୂଷିତ ରକ୍ତ ଶୋଧିତ ହୋଇ ନୂତନ ରକ୍ତକଣିକା ସୃଜନ ହେବ । ଶାରୀରିକ ଓ ମାନସିକ ଦୌର୍ବଲ୍ୟ ଏବଂ ଅବସନ୍ନତା ଦୂରୀଭୂତ ହୋଇ ଯୌବନ କାଳୋଚିତ ସ୍ୱାଭାବିକ ବଳ ବୀର୍ଯ୍ୟ ଓ ନଷ୍ଟସ୍ୱାସ୍ଥ୍ୟ ପୁନର୍ବାର ଫେରି ପାଇବ ଏବଂ ଆଜୀବନ ତାହା ଅଟଳ ରହିବ ।

ନିଃସନ୍ଦେହରେ କୁହାଯାଇପାରେ ଯେ ଏହା ଉକ୍ତ ରୋଗର ଏକମାତ୍ର ପ୍ରକୃତ ମହୌଷଧ; ଯେହେତୁ ପୃଥିବୀସ୍ଥ ଯାବତୀୟ ପ୍ରସିଦ୍ଧ ୨ ଡାକ୍ତରଖାନାର ସମୂହରେ ଏହି ସାଲସା ଦୀର୍ଘକାଳ ବ୍ୟବହୃତ ହୋଇ ଉପରୋକ୍ତ କାର୍ଯ୍ୟକାରିତା ଶକ୍ତିର ଅବ୍ୟର୍ଥ ପ୍ରମାଣ ହୋଇଯାଇଅଛି । ସେହି ହେତୁରୁ ଚିକିତ୍ସା ଜଗତରେ ଏହା ଶୀର୍ଷସ୍ଥାନ ଅଧିକାର କରିଅଛି । ଏବଂ ଲକ୍ଷ ୨ ପ୍ରଶଂସାପତ୍ର ଲାଭ କରିଅଛି ଏଥିରେ କୌଣସି ପ୍ରକାର ବିପକ୍ତ ବା ମାଦକଦ୍ରବ୍ୟର ସଂସ୍ରବ ନ ଥିବାରୁ ଆବାଲ ବୃଦ୍ଧ ବନିତା ସମସ୍ତ ଅବସ୍ଥାରେ ଓ ସକଳ ଋତୁରେ ନିର୍ବିଘ୍ନରେ ସେବନ କରିପାରନ୍ତି । ବିଶେଷତଃ ସ୍ନାନ, ଆହାର, ଓ ପଥ୍ୟାପଥ୍ୟର ବିଶେଷ କୌଣସି କଠିନ ନିୟମ ନ ଥିବାରୁ ପୀଡ଼ିତ ଲୋକର ଏହା ଏକମାତ୍ର ବନ୍ଧୁ ! ଧନୀ ଦରିଦ୍ରର ସମାନ ଅଧିକାର ! !

ତୁମ୍ଭେ ପୀଡ଼ିତ ଥାଅ—ଏହି ସାଲସା ସେବନ କର ଅଚିରେ, ସ୍ୱଳ୍ପରେ, ଅତ୍ୟଳ୍ପ ବ୍ୟୟରେ, ଅଳ୍ପ ସମୟ ମଧ୍ୟରେ ରୋଗମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ ।

ତୁମ୍ଭେ ଭଲ ଥାଅ—ଏହି ସାଲସା ପ୍ରତ୍ୟହ ଏକମାତ୍ର ଦୁଗ୍ଧ ସହିତ ମିଶ୍ରିତ କରି ସେବନ କର, ଶରୀରସ୍ଥ ସପ୍ତଧାତୁର ଉତ୍କର୍ଷ ସାଧିତ ହେବ, ସହଜରେ ରୋଗ ଆକ୍ରମଣ କରି ପାରିବ ନାହିଁ । ଏବଂ ତ୍ୱସଥା ଅତ୍ୟାଚାରରେ ସୁଧା ଶୁକ୍ର ବା ରକ୍ତ ସମ୍ବନ୍ଧୀୟ ପୀଡ଼ା ଉତ୍ପନ୍ନ ହେବ ନାହିଁ ।

ବିଶେଷ ଦ୍ରଷ୍ଟବ୍ୟ—ଇଲେକ୍ଟ୍ରୋ ସାଲସାର ଅଲୌକିକ ଶକ୍ତିର ପ୍ରଭାବରେ ଦେଶବାସୀ ବହୁଳ ପ୍ରଚାର ଓ ଅସମ୍ଭବ କାଟତି ଦେଖି ପ୍ରତାରକ ଔଷଧ ବ୍ୟବସାୟୀମାନେ ଜାଲ କରୁଅଛନ୍ତି । ସେଥି ନିମନ୍ତେ ଏହି ଟ୍ରେଡମାର୍କ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନାନୁସାରେ ରେଜଷ୍ଟରୀ କରାହୋଇଅଛି, ଏବଂ ପ୍ରତ୍ୟେକ ଶିଶିର ଲେବଲ ଉପରେ ଏହା ସଂଯୁକ୍ତ ଅଛି । ଯେଉଁଥିରେ ଉକ୍ତ ଟ୍ରେଡମାର୍କ ନାହିଁ ତାହା କୃତ୍ରିମ, ଯେ କେହି ଉକ୍ତ କୃତ୍ରିମ କାରୀଙ୍କୁ ଧରାଇ ଦେଇ ପାରିବେ, ଅଥବା ଆମ୍ଭମାନଙ୍କ ଇଲେକ୍ଟ୍ରୋ ସାଲସାର ବର୍ଣ୍ଣିତ ଗୁଣ ନାହିଁ ବୋଲି ପ୍ରମାଣ ଦେଇପାରିବେ ତାହାଙ୍କୁ ଟ ୧୦୦୦ ଙ୍କା ପୁରସ୍କାର ପ୍ରଦାନ କରାଯିବ

ମୂଲ୍ୟାଦି — ଇଂରାଜୀ, ବଙ୍ଗଳା, ଉତ୍କଳଭାଷାର ବ୍ୟବସ୍ଥାପତ୍ର ସହିତ ଏକ ସପ୍ତାହ ସେବନୋପଯୋଗୀ ପ୍ରତ୍ୟେକ ଶିଶି ଇଲେକ୍ଟ୍ରୋ ସାଲସାର ମୂଲ୍ୟ ଟ ୨ ଟଙ୍କା ୩ ଶିଶି ଟ ୫୷, ୬ ଶିଶି ଟ ୧୦୷, ଡଜନ ଟ ୨୦, ୩ ଡଜନ ଟ ୫୦

ଡାକମାଶୁଲ—ଏକ ଶିଶିଠାରୁ ଚାରି ଶିଶି ପର୍ଯ୍ୟନ୍ତ ଦୁଇଅଣା. ଡାକମାଶୁଲ ପ୍ରତ୍ୟେକ ଶିଶି ଟ ୦୷, ଛଅ ଶିଶିରେ ଟ ୧, ୬ ଟିକିରେ ଟ ୧୷, ଡଜନ ଟ ୩ ।

ପ୍ରତାରଣାର ଭୟରେ ଆମ୍ଭେମାନେ କୌଣସି ଠାରେ ଏଜେଣ୍ଟ ନିଯୁକ୍ତ କରି ନାହୁଁ । ସକଳ ଔଷଧ ଆମ୍ଭମାନଙ୍କର ମେଡ଼ିକଲ ଲେବୋରେଟରୀ ଠାରୁ ନିଜ ତତ୍ତ୍ୱାବଧାନରେ ବିକ୍ରିତ ହୁଏ ଓ ସର୍ବତ୍ର ପ୍ରେରିତ ହୁଏ । ମଫସଲବାସିମାନେ ଯେ କୌଣସି ଭାଷାରେ ହେଉ ପତ୍ରଦ୍ୱାରା ଆପଣାର ନାମ ଓ ଗ୍ରାମ, ଡାକଘର, ଏବଂ ଜିଲ୍ଲା, ଠିକଣା ଅବଶ୍ୟ ଲେଖି ପଠାଇଲେ ଭିପି ଡାକଦ୍ୱାରା ଔଷଧ ପଠାଇ ଉକ୍ତ ମୂଲ୍ୟ ଆଦାୟ କରାଯାଏ ।

ଆମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co, Barabazar Medical Laboratory Calcutta } ଡବ୍ଲିଉ, ମେଜର ଏଣ୍ଡ କୋ ବଡ଼ବଜାର ମେଡ଼ିକଲ ଲେବୋରେଟରୀ କଲିକତା ।

*TELIGRAPHIC ADDRESS*
"MAJOR" Calcutta.

ସର୍ବପ୍ରକାର ଔଷଧ ଛଡ଼ା ଗ୍ରାହକମାନଙ୍କ ଆବଶ୍ୟକୀୟ ସକଳ ପ୍ରକାର ଦ୍ରବ୍ୟ ଉଚିତ ମୂଲ୍ୟରେ ଆମ୍ଭମାନଙ୍କ ଏଜେନ୍ସି ବିଭାଗଠାରୁ ସରବରାହ କରାଯାଏ, ଘଡ଼ି ଓ ବାଦ୍ୟଯନ୍ତ୍ରାଦି ସୁଲଭ ମୂଲ୍ୟରେ ମରାମତ କରାଯାଏ ।

Split by PDF Splitter
Digitized by srujanika@gmail.com

Split by PDF Splitter



# ମଧୁପର ଉପହାର ।

" ଉତ୍କଳ ମଧୁପ " ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୪୨ ପୃଷ୍ଠାରେ ସମାପ୍ତ

# ଭିକ୍ଟୋରିଆ ଚରିତ

ଉପହାର ଦିଆଯିବ । ଭିଃ ପିଃ ରେ ଉପହାର ପଠା ଯାଇ ମୂଲ୍ୟ ଆଦାୟ କରା ଯାଇପାରେ । ଏ ସୁବିଧା ଅଳ୍ପ ଦିବସ ସକାଶେ ।

ଦେବଗଡ଼ ପୋଃ, ସମ୍ବଲପୁର } ସମ୍ପାଦକ " ଉତ୍କଳ ମଧୁପ "

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ସ୍ୱର୍ଗୀୟ ଜମିଦାରମାନଙ୍କ ବିଶ୍ୱସ୍ତ ଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ମୟୁରଭଞ୍ଜ, ସରାଇକଲା ପ୍ରଭୃତିର ରଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ଟେଗା, କିଂଖାପ, କାମ୍ଭା ସଙ୍ଗୀ, ଦୋପଟ୍ଟା ମଲମଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଜରି ଖଚିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ ହେଉଁ ବେଶୀ ମାଲ କିଣି କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଅବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାଲ୍ଲମାଲ ତ୍ରୈଲୋକ୍ୟନାଥ
କୁଞ୍ଜଗଳି ଫାଟକ ବନାରସ ସିଟି




# ସୁଗନ୍ଧି ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧିଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଲୀନ

ଏହି ତୈଳ କେଶ ସମ୍ବର୍ଦ୍ଧନ କରେ ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉଠିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:— ସୁବାସିତ କୁନ୍ତଲୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଲୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଲୀନର ମୂଲ୍ୟ ଦୁଇ ଟଙ୍କା, ଯୁଇଗନ୍ଧ କୁନ୍ତଲୀନର ମୂଲ୍ୟ ଦୁଇ ଟଙ୍କା ।

## ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଙ୍ଗ୍ରହ କରାଯାଇ ଏହି ଉତ୍କୃଷ୍ଟ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଯୁମେଲି; ମଲ୍ଲିକା; ଜାସ୍ମିନ; ରଜନୀଗନ୍ଧା; ମସ୍ତିକା; ଦେଲଖୋସ; ହ୍ୱାଇଟ୍ ରୋଜ; ବସରା ରୋଜ; ବେଣାରେଲ; କୁମୁଦିନୀ; ନିଶିକୁସୁମ; ହେନାକୁସୁମ; ପାରିଜାତ-କୁସୁମ; ଭିକ୍ଟୋରିଆ ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

ଉତ୍କୃଷ୍ଟ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓଆଟର ବଡ଼ଶିଶି ବାରଅଣା, ସାନଶିଶି ଛଅଅଣା

## ପମେଟମ

ଗୋଲାପି ପମେଟମ ଆଠଅଣା; ସ୍ୱତନ୍ତ୍ର ପମେଟମ ପାଞ୍ଚଅଣା ।

## ତାମ୍ବୁଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅଦ୍ଭୁତ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଅଳ୍ପ ମିଶାଇ ଦେଲେ ଗୁଣ୍ଡି ମଧୁରପଡ଼ିବ । ମୂଲ୍ୟ ପ୍ରତି ଶିଶି ଆଠଅଣା

## ସରବତ୍ ଅଥବା ସିରପ୍ !

ଗ୍ରୀଷ୍ମକାଳ ସକାଶେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

କମଲ ସିରପ୍ ବାରଅଣା । ଲିଚୁର ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲ୍ଡେନ ସିରପ୍ ଏକଟଙ୍କା ।

## ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପତ୍ରିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

ଏଇଚ ବସୁ
୬୨ ନମ୍ବର ବହୁବଜାର ଷ୍ଟ୍ରିଟ
କଲିକତା } H. BOSE, 62 Bow Bazar Street Calcutta.

କଟକରେ " ଉଦ୍ୟୋଗ ସମିତିର ଭଣ୍ଡାର "ରେ ଓ କଟକ ଟ୍ରେଡିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

| | |
|---|---|
| ପ୍ରଥମଥର ସକାଶେ | ୍ଗ |
| ଦ୍ୱିତୀୟ | ବ ୦ ୪ |
| ଅଧିକସଂଖ୍ୟା | ୫ ୬ ୯ |

ତୃତୀୟ ଏବଂ ଚତୁର୍ଥଥର ୮ ୩ ୯

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ଛପାଇ ଖର୍ଚ୍ଚ ୫୦ ୍ ଅଣାରୁ ଊଣା ହେବ ନାହିଁ ।

ଚିତ୍ରାଦି ଓ ଉଦ୍ଧୃତାଦିଥର ସକାଶେ ଖର୍ଚ୍ଚ ଦୁଇଥର ଅଧିକ ହେବ ଓ ମୂଲ୍ୟଗୁଣ ଯଥାକ୍ରମେ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ ଦକ୍ଷିଣ ଦରଘାବଜାର ପ୍ରିଣ୍ଟିଂ କମ୍ପାନି ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C. 81.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଭା ୩୬ ଗ
ସଂ ୩୦ ସଂଖ୍ୟା

CUTTACK, SATURDAY THE 27TH JULY 1901.
ତା ୧୩ ଇ ଶ୍ରାବଣ ସନ ୧୩୦୮ ସାଲ ଶନିବାର

ଅଗ୍ରିମ ଟ ୩୧
ପଶ୍ଚାଦ୍ଦେୟ ଟ ୬୧

## A REWARD OF Rs. 60.

A steel trunk, cabin size, 24 inches, containing the following articles which was entrusted by Babu Srikrishna Mahapatra of 102, Serpentine Lane, Calcutta to Babu Lakhinarain Bose of Kissennagore, a clerk in the Balasore Police office on leave, for delivery to Babu Gokulanand Chowdhury, Pleader, Cuttack, is alleged to have disappeared while being conveyed together with two other trunks from the Chowleagunge Railway Station to Sahibzada Bazar on the roof of a hackney carriage occupied by the aforesaid Babu Lakhinarain Bose, A reward of Rs. 60 will be paid to any one furnishing clue to the culprit or the property.

A gold half-hunting keyless watch by WHITE FIELD & Co, bearing an inscription " D DAS " a gold leaf star pattern Albert Chain with a locket bearing the words " Long live the happy pair ", a gold ring set with a ruby and diamond in chester, a red Benares Chudder, a white Plain Benares *Sari.*

---

ବମେଇ ପ୍ରଦେଶରେ ଦୁର୍ଭିକ୍ଷ ସାହାଯ୍ୟ ନେଉଥିବା ବ୍ୟକ୍ତିଙ୍କ ସଂଖ୍ୟା ଗତ ସପ୍ତାହରେ ୬,୯୫୧ ବୃଦ୍ଧି ହୋଇଥିଲା ମାତ୍ର ଅନ୍ୟାନ୍ୟ ପ୍ରଦେଶରେ ବର୍ଷା ପଡ଼ିବାରୁ ସାହାଯ୍ୟଦ୍ୱାରା ପ୍ରତିପାଳିତ ହେଉଥିବା ଲୋକଙ୍କ ସଂଖ୍ୟା ୫, ୯୩,୪୧୯ ରୁ ୫,୮୫,୩୬୩ କୁ ଖସିଅଛି ।

---

ବଙ୍ଗୀୟ ପ୍ରଜାସତ୍ୱ ଆଇନର ସଂଶୋଧିତ ଧା ୧୦୩ ଗ ଅନୁସାରେ ଯେଉଁ ନିୟମାବଳୀ ସନ ୧୮୯୯ ସାଲ ଜାନୁୟାରି ମାସ ତା ୧୦ ରିଖର ବିଜ୍ଞାପନଦ୍ୱାରା ପ୍ରଚଳିତ ହୋଇଥିଲା ତହିଁର ଧା ୪୫ ରୁ ଧା ୫୪ ଗ ପର୍ଯ୍ୟନ୍ତ ପରିବର୍ତ୍ତରେ ବଙ୍ଗଦେଶର ମାନ୍ୟବର ଲେଫ୍ଟନେଣ୍ଟ ଗବର୍ଣ୍ଣର ନୂତନ ନିୟମମାନ ପ୍ରସ୍ତୁତ କରି ଗତ ମାସ ତା ୧୦ ରିଖର କଲିକତା ଗେଜେଟରେ ସର୍ବସାଧାରଣଙ୍କ ଜାଣିବା କାରଣ ପ୍ରକାଶ କରିଅଛନ୍ତି ଏବଂ ସେହି ନିୟମାବଳୀର ଧା ୫୪ ଗ ଅନୁସାରେ ବଙ୍ଗଳା ହତାର ସମସ୍ତ ଡେପୁଟି କଲେକ୍ଟରଙ୍କୁ କ୍ଷମତା ଦେଇଅଛନ୍ତି ।

---

ଗତ ରବିବାର ସକାଳ ବେଳେ ଢୋଲପୁରର ମହାରାଜା ସିମଲାଠାରେ ପରଲୋକପ୍ରାପ୍ତ ହୋଇଥିବାର ଶୋକ ସମ୍ବାଦ ତାର ଯୋଗେ ପ୍ରଚାରିତ ହୋଇଅଛି । ବଡଲାଟ ବାହାଦୁରଙ୍କର ସାକ୍ଷାତ ଉପଲକ୍ଷରେ ମହାରାଜା ସିମଲାରେ ବାସ କରୁଥିଲେ । ସେଠାରେ ଅଳ୍ପ ଦିନରେ ଉତ୍କଟ ବାତ ଜ୍ୱର ପୀଡ଼ାରେ ଏ ଦୁର୍ଘଟନା ହେଲା । ମହାରାଜା ସନ ୧୮୬୬ ସାଲରେ ଜନ୍ମ ଗ୍ରହଣ ଏବଂ ସନ ୧୮୭୩ ସାଲରେ ସିଂହାସନ ଲାଭ କରିଥିଲେ । ସୁତରାଂ ଯୁବା ବୟସରେ ପ୍ରସ୍ଥାନ କଲେ ଅତ୍ୟନ୍ତ ଦୁଃଖର ବିଷୟ ଅଟେ । ଢୋଲପୁର ରାଜ୍ୟ ୧୬୦୦ ବର୍ଗମାଇଲ ବିସ୍ତୃତ ଏବଂ ସୈନିକ ବଲ ୧୩୯ ଅଶ୍ୱାରୋହୀ, ୧୫୮୮ ପଦାତିକ ଏବଂ ୩୨ ତୋପ ଅଟେ । ମହାରାଜା ଇଂରାଜୀରେ ସୁଶିକ୍ଷିତ ଏବଂ ଅନେକ ସଦ୍‌ଗୁଣରେ ଭୂଷିତ ଥିଲେ । ତାହାଙ୍କର ଜ୍ୟେଷ୍ଠପୁତ୍ରର ବୟସ ୧୮ ବର୍ଷ ରାଜସିଂହାସନ ପ୍ରାପ୍ତ ହୋଇଅଛନ୍ତି ।

---

ଓଡ଼ିଶାବିଭାଗର କମିଶନର ସାହେବ ଗତ ତା ୧୦ ରିଖର କଲିକତା ଗେଜେଟରେ ବିଜ୍ଞାପନ ଦେଇଅଛନ୍ତି କି ଓଡ଼ିଶାବିଭାଗ ନିମନ୍ତେ ମଞ୍ଜୁର ହୋଇଥିବା ୧୦ ଟା ଜୁନିୟର ଛାତ୍ରବୃତ୍ତି ମଧ୍ୟରୁ ଓଡ଼ିଶାର ମୋଗଲବନ୍ଦୀ ଏବଂ ଗଡ଼ଜାତର ଯେଉଁ ଛାତ୍ରମାନେ ଆସନ୍ତା ପ୍ରବେଶିକା ପରୀକ୍ଷାର ଫଲାନୁସାରେ ଶ୍ରେଷ୍ଠ ହେବେ ସେମାନଙ୍କୁ ୪ଟା ଦିଆଯିବ ଏବଂ ଅବଶିଷ୍ଟ ୬ଟା ନିମ୍ନଲିଖିତରୂପେ ବଣ୍ଟା ଯିବ ଯଥା—ଢେଙ୍କାନାଳ ସହିତ କଟକ ୩ଟା; ମୟୂରଭଞ୍ଜ ସହିତ ବାଲେଶ୍ୱର ୨ଟା ଏବଂ ପୁରୀ ଏକଟା । ମୋଗଲବନ୍ଦୀ ସଙ୍ଗେ ଗଡ଼ଜାତର ଭାଗ ବାନ୍ଧି ହେବାରୁ ଅପେକ୍ଷାକୃତ ଅନୁନ୍ନତ ପୁରୀ ଜିଲ୍ଲାର କ୍ଷତି ହେଲା ଏବଂ ଗଡଜାତ ଭାଇମାନେ ଟିକିଏ ଟାଣ ହେଲେ ଅନ୍ୟ ଦୁଇ ଜିଲ୍ଲାର ମଧ୍ୟ କ୍ଷତି ହେବାର ସମ୍ଭାବନା । ଭାଗ ବଢ଼ିଲେ ଅଂଶ ଊଣା ପଡ଼ିବା ଅନିବାର୍ଯ୍ୟ । ମାତ୍ର ପଶ୍ଚାତ୍‌ପଦ ଓଡ଼ିଶାର ଅବସ୍ଥା ଦୃଷ୍ଟିରେ ଗବର୍ଣ୍ଣମେଣ୍ଟ ଦୟା କରି ଗଡଜାତ ନିମନ୍ତେ ଯୋଡ଼ିଏ ବା ଗୋଟିଏ ଅଧିକା ବୃତ୍ତି ଦେଇଥିଲେ ଭଲ ହୋଇଥାନ୍ତା । କୁଟୁମ୍ବ ବଢ଼ିଲେ ଶିକ୍ଷାର ବ୍ୟୟ ବଢ଼େ ଏହା ଗବର୍ଣ୍ଣମେଣ୍ଟଙ୍କର ଅଗୋଚର ନୁହେ ଏବଂ ରାଜ୍ୟର ଆୟ ବଢ଼ୁଥିବା ଦ୍ରବ୍ୟରେ ଶିକ୍ଷାର

Digitized by srujanika@gmail.com

Split by PDF Splitter



ଉନ୍ନତି ବିଷୟରେ ଅଧିକ ବ୍ୟୟ କରିବାକୁ କୁଣ୍ଠିତ ହେବା ନ୍ୟାୟସଙ୍ଗତ ବୋଲିଯାଇ ନ ପାରେ। ଏ କଥା ଭଲ କରି ଗବର୍ଣ୍ଣମେଣ୍ଟଙ୍କୁ ବୁଝାଇଲେ ବୁଝିବେ ନାହିଁ କି ?

— — —

ଏଥର ସେନସସ୍ ଅର୍ଥାତ୍ ଜନସଂଖ୍ୟାର ଯେଉଁ ତାଲିକାମାନ ପ୍ରସ୍ତୁତ ହେଉଅଛି ତହିଁ ସଙ୍ଗେ ସଙ୍ଗେ ଜାତି ବିଷୟକ ଇତିବୃତ୍ତ ଲେଖି ଦେବା କାରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି। ସେନସସର ପ୍ରଧାନକର୍ତ୍ତା ରିଜଲି ସାହେବ ଏଥି ପୂର୍ବେ ବଙ୍ଗଳାର ଜାତି ବିଷୟରେ ଖଣ୍ଡିଏ ପୁସ୍ତକ ଲେଖିଅଛନ୍ତି ଏବଂ ଜାତିତତ୍ତ୍ୱ ଅନୁସନ୍ଧାନରେ ସେ ସୁଦକ୍ଷ ବୋଲି ଗବର୍ଣ୍ଣମେଣ୍ଟଙ୍କର ବିଶ୍ୱାସ। ମାତ୍ର ତାହାଙ୍କ ମତରେ ନାନାଜାତିର ଉତ୍ପତ୍ତି ହେବାଦ୍ୱାରା ଘୋର ଗଣ୍ଡଗୋଳ ଲାଗିଅଛି। ରିଜଲି ସାହେବ କହନ୍ତି କ କ୍ଷତ୍ରିୟ ଜାତି ଭାରତରେ ବର୍ତ୍ତମାନ୍ ନାହାନ୍ତି। ଏଥିରୁ ଉତ୍ତରପଶ୍ଚିମର କ୍ଷତ୍ରିୟମାନେ ମହା ବିରକ୍ତ ହୋଇ ବିଶେଷ ସଭା କରି ତହିଁର ପ୍ରତିବାଦ କରୁଅଛନ୍ତି। ବଙ୍ଗଦେଶରେ ବୈଦ୍ୟ ଜାତିକୁ କାୟସ୍ଥଠାରୁ ଶ୍ରେଷ୍ଠ ବୋଲି କହିବାରେ ସେ ବିଷୟରେ କଲିକତାରେ ଗୋଟିଏ କମିଟି ବସିଥିଲା। ମାନ୍ୟବର ଜଷ୍ଟିସ ଡାକ୍ତର ଗୁରୁଦାସ ବାନାର୍ଜୀ ସେହି କମିଟିର ସଭାପତି, ପ୍ରେସିଡେନ୍ସିକଲେଜର ଅତୁଲକୃଷ୍ଣ ରାୟ ସମ୍ପାଦକ ଏବଂ କଲିକତାର ହିନ୍ଦୁ ସମାଜର କେତେଜଣ ପ୍ରଧାନ ବ୍ୟକ୍ତି ସଭ୍ୟ ଅଟନ୍ତି। ଏକଦିନ ଅନେକ ବାଦାନୁବାଦ ହେବାପରେ ଅନେକ ତର୍କବିତର୍କ କରି ଶେଷରେ ଏହି ନିର୍ଦ୍ଧାରଣ କଲେ କି ବୈଦ୍ୟ ବଡ଼ କି କାୟସ୍ଥ ବଡ଼ ସେମାନେ ମୀମାଂସା କରି ପାରିଲେ ନାହିଁ। ଓଡ଼ିଶାରେ ଅନେକ ପ୍ରକାର ବ୍ରାହ୍ମଣ, କରଣ ଏବଂ ଖଣ୍ଡାଏତ ଅଛନ୍ତି ଏମାନଙ୍କ ମଧ୍ୟରେ ସେହି ବିବାଦ ଲାଗିବା ଆଶ୍ଚର୍ଯ୍ୟ ନୁହେ। ଆମ୍ଭମାନଙ୍କ ବିବେଚନାରେ କେଉଁ ଜାତି କାହାଠାରୁ ବଡ଼ ତାହା ସ୍ଥିର କରିବା ସହଜ ନୁହେ। ବିଶେଷତଃ ବର୍ତ୍ତମାନ କାଳରେ ଜାତି ଓ ବ୍ୟବସାୟର ନିୟମରେ ଅନେକ ବ୍ୟତିକ୍ରମ ଘଟିଅଛି ଯାହା ଜାତି ତାକୁ ବଡ଼ ଏହି ପ୍ରବାଦକୁ ଦୂରରେ ରଖି ଏକ ଏକ ଜାତିର ପ୍ରାଚୀନ ଏବଂ ଆଧୁନିକ ବିଶେଷ ବିଶେଷ ବିଷୟମାନ ଯେତେଦୂର ଜଣା ଯାଇପାରେ ତେତିକ ଲିପିବଦ୍ଧ କରି ରଖିଲେ ଯଥେଷ୍ଟ ହେବ।

— — —

ଗତ ତା ୧୭ ରିଖର ଓଡ଼ିଆ ଓ ନବସମ୍ବାଦ ପ୍ରାପ୍ତ ସ୍ତମ୍ଭରେ " ଜଣେ ହିନ୍ଦୁ " ନାମଧାରୀ ଏକ ବ୍ୟକ୍ତିର ଗୋଟିଏ ପ୍ରବନ୍ଧ ପ୍ରକାଶିତ ହୋଇଅଛି। ଉତ୍କଳଦୀପିକା ୨୬ ଓ ୨୭ ସଂଖ୍ୟାରେ ପୁରୀ ମନ୍ଦିରରେ ଅହିନ୍ଦୁର ପ୍ରବେଶ ସମ୍ପର୍କରେ ଯାହା ଲେଖା ଥିଲା ତହିଁର ପ୍ରତିବାଦ କରିବା ତାହାଙ୍କର ଅଭିପ୍ରାୟ। ୨୭ ସଂଖ୍ୟାର ଲେଖା ସମ୍ବନ୍ଧରେ ସେ ବୁଝିଅଛନ୍ତି କଲିକତାର ବେଙ୍ଗଲୀ ନାମକ ଇଂରାଜୀ ସମ୍ବାଦପତ୍ର ଉତ୍କଳଦୀପିକା ଉପରେ ନିର୍ଭର କରି ଖେଦ ପ୍ରକାଶ କରିଅଛନ୍ତି। ପ୍ରକୃତରେ ତାହା ନୁହେଁ, ଲେଖକ ଯେବେ ଟିକିଏ ପରିଶ୍ରମ କରି ବେଙ୍ଗଲୀ ପାଠ କରିଥାନ୍ତେ ତେବେ ଦେଖିଥାନ୍ତେ ଯେ ଯେଉଁ କାଗଜପତ୍ର ଉପରେ ନିର୍ଭର କରି ବେଙ୍ଗଲୀ ସମ୍ପାଦକ ଖେଦ ପ୍ରକାଶ କରିଅଛନ୍ତି ସେ ସମସ୍ତ ନିଜ କାଗଜରେ ପ୍ରକାଶ କରିଦେଇଅଛନ୍ତି ଏବଂ ସେସବୁ ବିଷୟ ପୂର୍ବରେ ପାଇଥିବାର ଏବଂ ସେଥିଲିଖିତ ବିବରଣ ତାହାଙ୍କର ପୂର୍ବ ପ୍ରକାଶିତ ତାର ସମ୍ବାଦ ସଙ୍ଗେ ଆଦୌ ମେଳ ନ ହେବାରୁ ଓ ଅସାବଧାନତାପୂର୍ବକ ଅପରିଚିତ ବ୍ୟକ୍ତିର ତାରସମ୍ବାଦ ପ୍ରକାଶ କରିଥିବାରୁ ଭ୍ରମ ସଂଶୋଧନ କରିଅଛନ୍ତି। ଯେଉଁମାନେ ସମସ୍ତ କଥା ନ ବୁଝି ନିଜ ବାହାଦୁରୀ ଦେଖାଇବା କାରଣ ଅନ୍ୟର କାର୍ଯ୍ୟର ଦୋଷ ଦେଖାଇବାର ସୁଯୋଗ ପାଇଲେ ସୁଖ ଲାଭ କରନ୍ତି ସେମାନଙ୍କର ପ୍ରକୃତ ବିବେକ ଲୋକଙ୍କଠାରେ ଲୁଚି ରହିବାର ନୁହେ। ୨୬ ସଂଖ୍ୟା ସମ୍ବନ୍ଧରେ ଲେଖକଙ୍କର ପ୍ରତିବାଦ ଏହି କି ତାହା ପ୍ରକାଶ ହେବା ପୂର୍ବେ ସେହି ଘଟନାର ଉଚିତ ପ୍ରତିକାର ହୋଇଯାଇଥିବା ସ୍ଥଳେ ତାହାକୁ ଭଲ କରି ଲେଖିବା ଆମ୍ଭମାନଙ୍କର ଅନ୍ୟାୟ ହୋଇଅଛି। ଉଚିତ ପ୍ରତିକାରଟି ଲେଖକ ସ୍ପଷ୍ଟ କରି ବୁଝାଇଦେଇ ନାହାନ୍ତି। ଯେବେ ପ୍ରଥମ ପ୍ରକାଶିତ ତାରସମ୍ବାଦକୁ ସେ ଉଚିତ ପ୍ରତିକାର ବୋଲି ମନେ କରୁଥାନ୍ତି ତେବେ ତାହାଙ୍କର ଓ ତହିଁର ପାଠକମାନଙ୍କର ସେହି ଭ୍ରମ ଦୂର କରିବା ଅଭିପ୍ରାୟରେ ଆମ୍ଭେମାନେ ପ୍ରକୃତ ଘଟନା ବିଶେଷ ଅନୁସନ୍ଧାନ କରି ଲେଖିଥିଲୁଁ ଏବଂ ତହିଁରେ ଦେଖାଇଥିଲୁଁ ଯେ ଉକ୍ତ ତାରସମ୍ବାଦ ଅପ୍ରମାଣିତ, ଅତିରଞ୍ଜିତ, ଭ୍ରମପୂର୍ଣ୍ଣ ଥିଲା। ଅନ୍ୟଥା ବେଙ୍ଗଲୀରେ ତହିଁର ପ୍ରତିବାଦ ପ୍ରକାଶିତ ହୋଇଥିବା ସ୍ଥଳେ ତାରସମ୍ବାଦଦାତା ତହିଁର ପ୍ରତ୍ୟୁତ୍ତର ପ୍ରଦାନପୂର୍ବକ ନିଜ କଥାର ସତ୍ୟତା ପ୍ରତିପନ୍ନ କରିବା ବିଷୟରେ କଦାଚ ତ୍ରୁଟି କରି ନ ଥାନ୍ତେ। ଅନ୍ୟାୟ କଥାକୁ ଅନ୍ୟାୟ ବୋଲି ପ୍ରକାଶ କରିଦେବା ଯେବେ ଲେଖକଙ୍କ ବିବେଚନାରେ ଆମ୍ଭମାନଙ୍କର ଅନ୍ୟାୟ ଅଟେ ତେବେ ତହିଁର ଉତ୍ତର ନାହିଁ।

— — —

ଜାତୀୟ ମହାସମିତିର ଚଳିତବର୍ଷର ଅଧିବେଶନ ଆସନ୍ତା ଡିସେମ୍ବର ମାସରେ କଲିକତାଠାରେ ହେବ। ଏହା ଗୋଟିଏ ବୃହତ୍ ବ୍ୟାପାର ଏବଂ ଅନେକ ବ୍ୟୟ ଓ ଯତ୍ନ ସାପେକ୍ଷ। ବିଶେଷତଃ ଭାରତର ରାଜଧାନୀର ଉପଯୁକ୍ତ ହେବା ଆବଶ୍ୟକ ସୁତରାଂ ବେଳହୁଁ ଆୟୋଜନ ନ କଲେ ସର୍ବାଙ୍ଗସୁନ୍ଦର ହୋଇ ନ ପାରେ। କଲିକତାବାସି ମହାସମିତିର ବନ୍ଧୁମାନେ ଏ ବିଷୟରେ ତତ୍ପର ହୋଇ ଗତ ତା ୧୩ ରିଖ ଅପରାହ୍ଣରେ ସେ ନଗରର ଆଲବର୍ଟ ହଲରେ ଗୋଟିଏ ସଭା କରିଥିଲେ ଏବଂ ଅନେକ ମାନ୍ୟ ଗଣ୍ୟ ଲୋକ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ଡବଲିଉ, ସି, ବାନାର୍ଜୀ ସଭାପତି ହେବାର କଥା ଥିଲା ମାତ୍ର ସେ ଅଗତ୍ୟା ଉପସ୍ଥିତ ହୋଇ ନ ପାରିବାରୁ ବାବୁ ମୋତିଲାଲ ଘୋଷ ସଭାପତିର ଆସନ ଗ୍ରହଣ କଲେ ଏବଂ ମାନ୍ୟବର ବାବୁ ସୁରେନ୍ଦ୍ରନାଥ ବାନାର୍ଜୀ ବୁଝାଇ ଦେଲେ କି ମହାସମିତିର ଆଗାମୀ ଅଧିବେଶନର ସମସ୍ତ ବନ୍ଦୋବସ୍ତ ଆୟୋଜନ ଓ କାର୍ଯ୍ୟ କରିବା କାରଣ ଉପଯୁକ୍ତ ଲୋକ ନିଯୁକ୍ତ କରିବା ଏହି ସଭାର ଅଭିପ୍ରାୟ ଅଟେ ଏବଂ ସେ ଆଶା କରନ୍ତି ଯେ ଏଥରର ବନ୍ଦୋବସ୍ତ ପୂର୍ବଠାରୁ ଭଲ ହେବ। ତାହା ସର୍ବାଂଶରେ ସଫଳ ହେବା ପ୍ରତି ସମସ୍ତେ ଏକାନ୍ତ ଯତ୍ନବାନ ହେବେ। ତହିଁ ଉତ୍ତାରୁ ବାବୁ ଯଦୁନାଥ ସେନଙ୍କ ପ୍ରସ୍ତାବମତେ ଗୋଟିଏ ଅଭ୍ୟର୍ଥନା କମିଟି ଗଠିତ ହେବାର ପ୍ରସ୍ତାବ ହେଲା ଏବଂ ନିମ୍ନଲିଖିତ ମହାଶୟମାନେ ସେହି କମିଟିର କର୍ମକର୍ତ୍ତା ଏବଂ ସଭ୍ୟ ନିଯୁକ୍ତ ହେଲେ ଯଥା—

ସଭାପତି—ନାଟୋରର ମହାରାଜା ଜଗଦିନ୍ଦ୍ରନାଥ ରାୟ।

ସମ୍ପାଦକମାନେ—ବହରମପୁରର ଉକିଲ ମାନ୍ୟବର ବାବୁ ବୈକୁଣ୍ଠନାଥ ସେନ, ମେଦିନୀପୁରର ବାରିଷ୍ଟର ଶ୍ରୀଯୁକ୍ତ କେ, ବି, ଦତ୍ତ, ଭାଗଲପୁରର ବାରିଷ୍ଟର ଶ୍ରୀଯୁକ୍ତ ଦୀପନାରାୟଣ ସିଂହ, ଫରିଦପୁରର ଉକିଲ ବାବୁ ଅମ୍ବିକାଚରଣ ମଜୁମଦାର, କଲିକତାର ଏଟର୍ଣ୍ଣି ବାବୁ ଭୂପେନ୍ଦ୍ରନାଥ ବସୁ, ଇଞ୍ଜିନିୟର ବାବୁ ଯଦୁନାଥ ସେନ, ବାରିଷ୍ଟର ଶ୍ରୀଯୁକ୍ତ କେ, ଚୌଧୁରୀ ଓ ଶ୍ରୀଯୁକ୍ତ କେ ଘୋଷାଲ।

ସହକାରୀ ସମ୍ପାଦକ—ଶ୍ରୀଯୁକ୍ତ ପୃଥ୍ୱୀଶଚନ୍ଦ୍ର ରାୟ

ଧନାଧ୍ୟକ୍ଷ—ବାବୁ ନଳିନବିହାରୀ ସରକାର

କମିଟିର ସଭ୍ୟ ମଧ୍ୟରେ ଉପରଲିଖିତ ବ୍ୟକ୍ତିଙ୍କ ଛଡ଼ା ନଜ କଲିକତାର ସଭାବନ୍ଧୁ ଭୂଷି, ଶ୍ରୀଯୁକ୍ତ ଡବଲିଉ, ସି, ବାନାର୍ଜୀ, ମାନ୍ୟବର

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ମାନନୀୟ ଉତ୍କଳଦୀପିକା ସମ୍ପାଦକ ମହାଶୟ ଉଦାର ହୃଦୟେଷୁ !

ପ୍ରାର୍ଥନା ପୁରଃସର ନିବେଦନମିଦଂ ।

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ଜଗଂଦ୍ଵିଖ୍ୟାତ ପତ୍ରିକାରେ ସ୍ଥାନ ଦେଲେ ଉପକୃତ ହେବୁଁ ।

ମାନ୍ୟବର ଶ୍ରୀଯୁକ୍ତ କେନ୍ଦୁଝର ମହାରାଜା ବାହାଦୁର ନଦୀଯ୍ ପୁଣ୍ଡହୃଦ୍ ଓ ରେଭେନ୍ସାକଲେଜର ପ୍ରୋଫେସର ବାବୁ ଯୋଗେଶଚନ୍ଦ୍ର ରାୟ ମହୋଦୟଙ୍କ ସମଭିବ୍ୟାହାରରେ ଏଠା ଭୁବନେଶ୍ୱର କ୍ଷେତ୍ରକୁ ଦର୍ଶନାର୍ଥ ଆଗମନ କରିଥିଲେ । ଅତ୍ରାବସ୍ଥାନ ସମୟରେ ଅତ୍ରସ୍ଥ ମାଇନର ସ୍କୁଲର ଡିଷ୍ଟ୍ରିକ୍ଟ କମିଟିର ସେକ୍ରେଟେରୀ ଓ ମେମ୍ବରମାନଙ୍କ ଦ୍ୱାରା ସ୍କୁଲର ଅର୍ଥାଭାବ ବିଷୟ ଅବଗତ ହୋଇ ସ୍କୁଲ ସାହାଯ୍ୟାର୍ଥେ ଏକକାଳୀନ ଟ ୩୦୧ ଙ୍କା ପଠାଇଦେବାକୁ ଅଙ୍ଗୀକାର କରି ଯାଇଅଛନ୍ତି ଏବଂ ଉକ୍ତ ଯୋଗେଶବାବୁ ମହୋଦୟ ଏକକାଳୀନ ଟ ୨୧ ଙ୍କା ନଗଦ ଅର୍ପଣ କରିଯାଇଅଛନ୍ତି । ପ୍ରୋକ୍ତ ମହାତ୍ମାମାନଙ୍କର ସହୃଦୟତାରେ ଏକାନ୍ତ ଆପ୍ୟାୟିତ ହୋଇ ଜଗଦୀଶ୍ୱରଙ୍କ ପାରେ ପ୍ରାର୍ଥନା କରୁଅଛୁଁ ଯେ ଜଗଦୀଶ୍ୱର ମହାରାଜା ବାହାଦୁରଙ୍କୁ ଦୀର୍ଘଜୀବୀ କରି ଏତାଦୃଶ ଉତ୍କଳୀୟ ସାଧାରଣଙ୍କର ମହୋପକାର ସାଧନ କରାନ୍ତୁ ।

ଆଶା କରୁଁ ଉତ୍କଳର ଅପରାପର ମହାରାଜା, ଜମିଦାର ଓ ବଦାନ୍ୟବରୀ ମହାତ୍ମାମାନେ ଭୁବନେଶ୍ୱର ମାଇନରସ୍କୁଲ ପ୍ରତି ଶୁଭଦୃଷ୍ଟି ନିକ୍ଷେପ କଲେ ସ୍କୁଲଟି ଅବଶ୍ୟ ଚିରସ୍ଥାୟୀ ହେବ ।

| | |
|---|---|
| ୧୩।୭।୦୧ ଭୁବନେଶ୍ୱର | ଶ୍ରୀ ଦୀନବନ୍ଧୁ ମିଶ୍ର ସମ୍ପାଦକ ଭୁବନେଶ୍ୱର ମଧ୍ୟଶିକ୍ଷା ଡିଷ୍ଟ୍ରିକ୍ଟ କମିଟିର ସହକାରି ତତ୍ତ୍ୱାବଧାୟକ । ମୁ। ଟିଏପାଳ । |

ମହାଶୟ !

ଗତ ଆଶ୍ୱିନ ମାସର ପ୍ରବଳ ବଢ଼ିରେ ପୁରୀ ଜିଲ୍ଲାନ୍ତର୍ଗତ କୋଠଦେଶ ପ୍ରଗନାରେ କୁଶଭଦ୍ରା ନଦୀର କୂଳବର୍ତ୍ତୀ ବହୁ ଅନେକ ସ୍ଥାନରେ ଭାଙ୍ଗି ଯାଇ ଅଦ୍ଭୁତ ଅବସ୍ଥା ଘଟିଥିଲା । ଜିଲ୍ଲାର ମାଜିଷ୍ଟ୍ରେଟ ମହୋଦୟଙ୍କ ଆଦେଶ ଅନୁସାରେ ତହସିଲ କାନୁନ୍‌ଗୋ, ସଦର କାନୁନ୍‌ଗୋ ଏବଂ ଖାସମହାଲର ଭାରପ୍ରାପ୍ତ ଡେପୁଟୀ କଲେକ୍ଟର (କୋଠଦେଶ ବର୍ତ୍ତମାନ ଖାସମହାଲ) ପରୀକ୍ଷାରେ ସ୍ୱୟଂ ସାହେବ ମହୋଦୟ ମଧ୍ୟ ସେ ଅଞ୍ଚଳର କ୍ଷତି ତଦାରଖ କରିଅଛନ୍ତି । ଅନେକ ଗ୍ରାମରେ ଧାନ ଆଦୌ ହୋଇ ନ ଥିଲା । ଦଣ୍ଡ ଦଣ୍ଡରେ ମାଘ ଫଗୁଣ ମାସ ପର୍ଯ୍ୟନ୍ତ ଲୋକେ ଚଳିଗଲେ ମାତ୍ର ଫାଲ୍‌ଗୁନର ଶେଷରୁ ଗରିବ ଲୋକେ ପେଟ ବିକଳରେ ନାନା ମନ୍ଦ ପଦାର୍ଥ ଖାଇ ଜୀବନଯାପନ କରିବାକୁ ସୁବିଧା ଖୋଜିଲେ । କନ୍ଦମୂଳ, ପଦ୍ମମୂଳ, ନାନା ଫଳ ଓ ମୂଳ ମାଣ୍ଡିଆ ଓ କୋଳଥ ନାଉ ଛଡ଼ା ଅନେକଙ୍କ ଭାଗ୍ୟରେ ଭାତର ଦର୍ଶନ ସୁଦ୍ଧା ଘଟିଲା ନାହିଁ । ଫଳତଃ ବସୁନ୍ଧରା ଦେଶ ବନ୍ଧ୍ୟାନାମ ହୋଇ କତ୍ସ ମହାପ୍ରାଣୀଙ୍କୁ ଅକାଳରେ ଗ୍ରାସ କଲେ । କତିପୟ ଦିନ ପୂର୍ବରେ କାର୍ଯ୍ୟବଶତଃ ସେ ଅଞ୍ଚଳକୁ ଯାଇ ଲୋକମାନଙ୍କ ମୁଖରୁ ସେମାନଙ୍କ ଦୁରବସ୍ଥାର କଥା ଶୁଣି ଓ ପ୍ରତ୍ୟକ୍ଷ କରି ବଡ଼ ଦୁଃଖିତ ହେଲୁଁ । ଯାହା ହେଉ କିଛି ବୃଷ୍ଟି ହେବାରୁ ବସୁନ୍ଧରା କେତେକ ପରିମାଣରେ ବନ ହୋଇଅଛି । ସରକାର ତରଫରୁ ମଧ୍ୟ ଜଣେ ଡାକ୍ତର ସେ ଅଞ୍ଚଳରେ ବୁଲୁଥିଲେ ମାତ୍ର ତାଙ୍କଦ୍ୱାରା କେତେ ଜଣ ଚିକିତ୍ସିତ ଓ ରୋଗମୁକ୍ତ ହୋଇଅଛନ୍ତି ତାହା ଜଣା ପଡ଼ି ନାହିଁ । ଅମ୍ଭମାନଙ୍କ ମତରେ ପ୍ରଜାମାନଙ୍କ ଖାଦ୍ୟାଦିର ଅବସ୍ଥାର ପ୍ରତୀକାର ହୋଇଥିଲେ ଏତେ ଶୋଚନୀୟ ଦଶା ଘଟି ନ ଥାନ୍ତା । ପ୍ରଜାମାନେ ମଧ୍ୟ ନିରୀହ ଓ ସରଳ । ସେମାନେ ମୂଳରୁ ଏହି କଥା ବୁଝିଲେ ଯେ ସାହେବ ନିଜେ ତଦାରଖ କରି ଗଲେଣି ଏଥର ଖଜଣା ମାଫ ପାଇବା; ସରକାରୀ ଟଙ୍କା ଦାଦନ ପାଇବା ଇତ୍ୟାଦି ସବୁ ଆଶା ଆକାଶକୁସୁମରେ ପରିଣତ ହେଲା । ସରକାରୀ ସାହାଯ୍ୟ ବା ଖଜଣା ଛାଡ଼ କିଛିହେଁ ଘଟିଲା ନାହିଁ । ଏକବର୍ଷ ମଧ୍ୟରେ ୨।୩ ବର୍ଷର ଖଜଣା ଆଦାୟ ଦେଇ ପ୍ରଜାମାନେ ପୂର୍ବରୁ ମଧ୍ୟ ଭାଙ୍ଗିଯାଇଥିଲେ । ପୁଣି ନୂତନ ଚୌକିଦାରୀ ଟିକସ ଦେବା ମଧ୍ୟ ସମସ୍ତଙ୍କ ପକ୍ଷରେ ସହଜ ନୁହେ । ବର୍ତ୍ତମାନ ସୁଦ୍ଧା ଅମ୍ଭେମାନେ ପ୍ରତ୍ୟକ୍ଷ କରୁ ଅଛିଁ ଅନେକ ଜଣ ଆହାର କରୁଅଛନ୍ତି କେମିତି ନିରାହାରରେ ପ୍ରାଣ ବିକଳରେ ବଞ୍ଚି ରହି ଯାଉଅଛନ୍ତି । ଏଥିର ପ୍ରତୀକାର କଣ ନାହିଁ ?

ଅନ୍ତତଃ କାର୍ତ୍ତିକ ମାସର ପ୍ରାରମ୍ଭଯାଏ ପ୍ରଜାମାନଙ୍କୁ ଏହିପରି କଷ୍ଟ ଭୋଗିବାକୁ ପଡ଼ିବ । ସାଧାରଣ ପ୍ରଜାମାନେ ମଧ୍ୟ ଏହା ଜ୍ଞାପନ କରି ସରକାରରୁ ସାହାଯ୍ୟ ନେଉବାକୁ ଅକ୍ଷମ । ଅମ୍ଭେମାନେ ଏକାନ୍ତ ଆଶା କରୁଁ ନ ଜିଲ୍ଲାର କଲେକ୍ଟର ମହୋଦୟ ସଦୟ ହୋଇ ପ୍ରଜାମାନଙ୍କର ଦୁଃଖର ପ୍ରତୀକାର କରିବେ ।

ପୁଣି ଯେଉଁ ସବୁ ବନ୍ଧ ଭାଙ୍ଗିବାରୁ ଏତେ ଅନର୍ଥ ଘଟିଲା ସେଥିର ବିହିତ ତଦାରଖ କରି ସୁବନ୍ଦୋବସ୍ତ କରିବେ । ଅମ୍ଭେମାନେ ଶୁଣୁଅଛୁଁ ବାଉଁଶମାଣ୍ଡଣ ଇଲାକାରୁ ପଡ଼ିଥିବା ଭାଙ୍ଗମାନ କେବଳ ବାଲିଗଦା ମଧ୍ୟ ପୂର୍ବର ଆଶା ଇଲାକାରେ ମଧ୍ୟ ଅନେକ ଭାଙ୍ଗ ଉନ୍ମୁକ୍ତ ରହିଅଛି । ସ୍ୱୟଂ ମାଜିଷ୍ଟ୍ରେଟ ସାହେବ ମହୋଦୟ ତାହାର ପ୍ରତୀକାର ନ କଲେ ସେ ଅଞ୍ଚଳର ପ୍ରଜାମାନେ ବିଶେଷ କ୍ଷତିଗ୍ରସ୍ତ ହେବେ । ଏ ବର୍ଷ ଇନ୍ଦ୍ରଦେବଙ୍କର ଅନୁଗ୍ରହରୁ ପ୍ରଜାମାନେ ବହୁ କଷ୍ଟରେ ଦୁଇଥର ଧାନ ବୁଣି ପାରିଲେଣି । ୨ୟ ଥର ଗଜାଁ ଉଠି ହେଲା । ତାହା ପରେ ଯେବେ ନଦୀଜଳଦ୍ୱାରା ଧୋଇ ହୁଏ ତେବେ ଆଉ ଗରିବ ପ୍ରଜାମାନଙ୍କର ଅବସ୍ଥା ଯେ କିପରି ହେବ ତାହା କୁହାଯାଇ ନ ପାରେ ।

ଶ୍ରୀ—

## ମୂଲ୍ୟପ୍ରାପ୍ତି ।

ଶ୍ରୀ ବାବୁ ଗୋପୀନାଥ ମିଶ୍ର ପ୍ରେସିଡେଣ୍ଟ

| | | |
|---|---|---|
| ଶ୍ରୀ ପ୍ରଦ୍ୟୋତ୍ତମପୁର କଚେରୀଯିବାର ଡେପୁଟି | | ଟ ୩ ୧ |
| " ଚାଣକ୍ୟ ସାହୁ | ଅଲଗାହାଟ | ଟ ୩ ୮ |
| " କୃତ୍ତିବାସ ମହାପାତ୍ର | କେଶପୁର | ଟ ୩ ୧ |
| " ରାମନାଥ ତ୍ରିପାଠୀ | ମଣିକର୍ଣ୍ଣିକାଘାଟ ପୁରୀ | ଟ ୩ ୧ |
| " ବୈଦ୍ୟନାଥ ପଣ୍ଡା | ହେଡ଼ମାଷ୍ଟର ମୁନ୍ଦାଇ ସ୍କୁଲ | ଟ ୩ ୧ |
| " ଶ୍ରୀରାମଚନ୍ଦ୍ର ଦାସ | ମେଡ଼ିକାଲ ଅସିଷ୍ଟାଣ୍ଟ ପ୍ରାଃ ସ୍କୁଲ କାଟପଡ଼ା | ଟ ୩ ୧ |
| " କେଦାରନାଥ ଦାସ | ହାଃ ଅଃ କଟକ | ଟ ୩ ୧ |
| " ବ୍ରଜମଣି ଗଡ଼ନାୟକ ଡକ୍ଟରେଟ୍ ସ୍ୱସ୍ଥଗତ | ସମ୍ବଲପୁର | ଟ ୩ ୧ |
| " ମଦନମୋହନ ସାହୁ ପଞ୍ଜିକା ଅଫିସ | ବାଲୁବାଜାର | ଟ ୫ ୮ |

## ବିଜ୍ଞାପନ ।

## NOTICE.

Tenders are hereby invited for the following works to be executed in this State, which will be received by the undersigned up to 10th August 1901. The highest or lowest tenders will not necessarily be accepted. Any necessary information may be had from the office of the District Engineer Angul.

### ORIGINAL WORKS.

| | | Rs. |
|---|---|---|
| 1. | Compound walls of the Rani's quarters at Kapilas | 500 |
| 2. | Masonary Granary at Periang | 1500 |
| 3. | Masonry Jail at Murhi | 1000 |
| 4. | Lady Doctor's quarters at Head quarters | 1000 |
| 5. | Out houses of the Motagan Inspection Bunglow | 500 |
| 6. | Remodelling of the Dengas Haripur road | 2000 |
| 7. | Minor culverts on the Angul road | 500 |

Digitized by srujanika@gmail.com

REPAIR WORKS.

| | | |
|---|---|---|
| 8. | Repairs to Palace building | 1000 |
| 9. | Do. to Civil buildings at Head quarters | 3500 |
| 10. | Do. to Angul road | 4000 |
| 11. | Do. to Inspection Bunglows of Do. | 500 |
| 12. | Do. to out houses Do. | 500 |
| 13. | Do. to Boulpur road | 600 |
| 14. | Do. to Bhogra road | 800 |
| 15. | Do. to Town roads | 300 |
| 16. | Do. to Town lanes | 300 |
| 17. | Do. to Bhaupur road | 500 |
| 18. | Do. to Sankarpur road | 800 |
| 19. | Do. to Tangi road | 800 |
| 20. | Do. to Similia road | 200 |
| 21. | Do. to Nuagan road | 500 |
| 22. | Do. to Alasjharan Murhi road | 300 |
| 23. | Do to Palasuni road | 1000 |
| 24. | Do. to Bhaupur Baramba road | 500 |
| 25. | Do. to Kapilas Hill road | 1000 |
| 26. | Repairs to Deogan Bhuban road | 800 |
| 27. | Do. to completed portion of Deogan Haripur road | 500 |

Manager's office, Dhenkanal, 23—7—1901. R. B. NAIK, *Manager*.

## NOTICE.

Is hereby given that an Overseer on a salary of Rs. 50 as pay and Rs. 15 as horse allowance is required for this State. Preference will be given to a healthy, energetic and a senior and practical man of the Department of Public Works. The applicants should send in their applications with testimonials to reach the undersigned by the 5th Proximo.

Manager's office, Dhenkanal, 19—7—1901. Kas Behary Naik, *Manager*.

## NOTICE.

Tenders are invited in Form No. K 2 P W for the undermentioned works and repairs in the District of Angul and will be received by the undersigned up to 29th July 1901. Full particulars can be had on application to the District Engineer of Angul. The undersigned does not bind himself to accept the lowest or any tenders.

| | Nature of works, | Amount. |
|---|---|---|
| 1, | Construction of an additional record room in the Deputy Commissioner's office Angul | RS. 3100 |
| 2. | Do. of subsidiary Jail at Phulbani | RS. 8500 |
| 3, | Do. of Dispensary at Do. | RS. 3900 |
| 4. | Addition to Jail at Angul | RS. 5600 |

Repair works :—

| | | |
|---|---|---|
| 1. | Court buildings Angul | RS. 300 |
| 2. | Circuit house „ | RS. 45 |
| 3. | Jail buildings „ | RS. 270 |
| 4. | Police line buildings „ | RS. 450 |
| 5, | District Superintendent's quarters „ | RS. 90 |
| 6. | School building „ | RS. 600 |
| 7. | Hospital building „ | RS. 275 |
| 8. | Assistant Surgeon's quarters „ | RS. 90 |
| 9. | Deputy Commissioner's „ | RS. 275 |
| 10, | Forest officer's quarters „ | RS. 90 |
| 11, | Tehsildar quarters „ | RS 90 |
| 12. | District Engineer's quarters „ | RS. 90 |
| 13. | Town road Angul | RS. 300 |
| 14. | Cuttack Sonepur road | RS. 5000 |
| 15. | Inspection Bunglows on Do. | RS. 1000 |
| 16. | Cuttack Sambalpur road | RS. 4000 |
| 17. | Inspection bunglows on Do. | RS. 1000 |
| 18 | Cuttack Angul 3rd Section | RS. 1500 |
| 19. | Inspection bunglow on Do. | RS 150 |
| 20. | Angul Tikarpara road | RS. 1500 |
| 21. | Cuttack Angul road 1st section | RS. 100 |
| 22. | Do. Do 2nd section | RS. 800 |

B. C. Mazumdar,
*District Engineer*
Angul


## ବିଜ୍ଞାପନ।

## ସ୍ୱାଦୁତ ଅବ୍ୟର୍ଥ ମହୌଷଧ।

ମୂଲ୍ୟ ପ୍ରତିଡବା ୮୦ ।୵ ଦୁଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ୮୦। ଗୃହଅଣାମାତ୍ର। ସର୍ବପ୍ରକାର ଦଦ୍ରୁ ରୋଗର ଏହାପର ଉତ୍କୃଷ୍ଟ ପୁଣି ଜ୍ୱାଲା ଯନ୍ତ୍ରଣା ରହିତ ଅଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ। ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି।

ଔଷଧ ଗ୍ରହଣାର୍ଥି ମାନଙ୍କେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲା ଏବଂ କାହାର ନେତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାର ନାନା ବିଘ୍ନ ଉପସ୍ଥିତ ହୁଏ।

ପ୍ରାପ୍ତିସ୍ଥାନ।
ଶ୍ରୀ ରାମତାରକ ସେନ
ଦେଶ ଉତ୍କଳ ପ୍ରେସ, ବାଲେଶ୍ୱର

## NEW YORK LIFE INSURANCE COMPNY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*


## ବିଜ୍ଞାପନ।

ଯେହେତୁ କଟକ ଜିଲା ଅନ୍ତର୍ଗତ ସଦର ଥାନା ମଧ୍ୟସ୍ଥିତ ତଷାପଡ଼ା ନାକିଚାରୁସ (ପାଉଣ୍ଡ) ସନ ୧୯୦୧ ମସିହା ଅଗଷ୍ଟ ମାସ ତା ୧ ଇଶଠାରୁ ସନ ୧୯୦୪ ମସିହା ମାର୍ଚ୍ଚମାସ ତା ୩୧ ଇଶ ପର୍ଯ୍ୟନ୍ତ ୨ ବର୍ଷ ମା ୮ ସ ନିମନ୍ତେ ସନ ୧୯୦୧ ମସିହା ଜୁଲାଇମାସ ତା ୩୦ ଇଶ। ମୁ। ସନ ୧୩୦୮ ସାଲ ଶ୍ରାବଣମାସ ଦ ୧୬ ନ ଦିବା ଘ ୧୨ ଘା ସମୟରେ କଟକ ସଦର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ। ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ଉପଲକ୍ଷିତ ନିରୂପିତ ତାରଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ। ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍କ୍ଷଣାତ୍ ଅର୍ଥାତ ନିଲାମ ଡାକ ଶେଷ ହେବାକ୍ଷଣି ନିଲାମି ଜରିମାନର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ ଓ ବାକି ଜରିମାନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ। ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ସାମା ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାଟରର ଜଣା ସେହି କ୍ୱାଟରର ପ୍ରଥମ ତାରଖରେ ଅଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ ଖର୍ଚ୍ଚ ହେବ ତାହା ଠିକାଦାରଙ୍କୁ ଦେବାକୁ ହେବ। ନିଲାମ ସ୍ଥିର ହେଲାରୁ ଗ୍ରହିତା ନିଯୁକ୍ତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସ୍ୱଇଚ୍ଛାରେ କବୁଲିୟତ ଲେଖିଦେଇ ରେଜେଷ୍ଟ୍ରୀ କରି ଦେବେ। ଉପରୋକ୍ତ ନିଲାମ ଅଦ ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ।

ପ୍ରକାଶ ଥାଉ କି ଯାହିଦାର୍ହିମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହାହେଲେ ତତ୍କ୍ଷଣାତ୍ ତାହାର ଉପାଛିଟ ଜବତ କରା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ

Split by PDF Splitter

Digitized by srujanika@gmail.com

ପାଇବ୍ରି ଗାନ୍ଧୀ ଭଦ୍ର ସଙ୍ଗଭପନ୍ନ ଲୋକଙ୍କୁ ସାନ ବନ୍ଦୀ କରାଯିବ ।

ଥାନା କଟକ
ଉପାପଡ୍ଡା ନୂତନ ଟାଉନହାଉସ

M. DAS.
*Vice-Chairman.*

---

## FORSALE.

A thatched Bungalow containing 7 rooms. 2 Verandahs and Portico with range of out-houses for gharry, poney, cows kitchen and poultry, with a small tank, all standing on 11 goonts of land, on side of Meria Bazar Christian Sahi lane and within 300 feet of Cutchery road.

For particulars apply to undersigned.

1st July, 1901 } R. F. TAYLOR, CUTTACK.

## ବିଜ୍ଞାପନ ।

କଟକ ମେରିଅ ବଜାର ଖ୍ରୀଷ୍ଟିୟାନସାହି ନିକଟରେ ଗୋଟିଏ ଛପରବଙ୍ଗଳା ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ଏଥିରେ ୭ ଗୋଟି କୋଠରି ଗୋ୨ ଟି ବରଣ୍ଡା ଏବଂ ଗାଡ଼ି, ଘୋଡ଼ା, ଓ ଅନ୍ୟାନ୍ୟ ଜନ୍ତୁମାନଙ୍କ ରହିବା ନିମନ୍ତେ ବାହାର ଘର ଅଛି । ଏଥି ସଲଗ୍ନରେ ଗୋଟିଏ ଛୋଟ ପୋଖରୀ ଅଛି । ଉପରୋକ୍ତ ବଙ୍ଗଳା ଗୁ ୧୧ ଣ୍ଠ ଜମିରେ ଅବସ୍ଥିତ ଏବଂ ସଡ଼କଠାରୁ ଫୁ ୩୦୦ ଟ ଦୂର । କ୍ରେତାମାନେ ନିମ୍ନଲିଖିତ ଠିକଣାରେ ତତ୍ତ୍ୱ କଲେ ସମୁଦାୟ ବିଷୟ ଜାଣି ପାରିବେ ।

ଆର, ଏଫ୍, ଟେଲର
କଟକ

---

## ନୋଟିସ ।

ଏତଦ୍ଦ୍ୱାରା ସର୍ବ ସାଧାରଣ ମୁସଲମାନମାନଙ୍କୁ ଜଣାଇ ଦିଆ ଯାଉଅଛି ଯେ କଟକ ଅଙ୍ଗଲୋ ମଦରସାରୁ ମାଇନର ସ୍କୁଲ କରା ଯାଇଅଛି । ଏଥିରେ ଇଂରାଜୀ ଓ ଉର୍ଦ୍ଦୁ ଭାଷାରେ ଶିକ୍ଷା ଦିଆଯିବ, ଏବଂ ଅନ୍ୟାନ୍ୟ ସ୍କୁଲ ମାନଙ୍କରେ ଯାହା ସରକାରୀ ଫିସ ଅଟେ ତହିଁର ଅର୍ଦ୍ଧେକ ଏଠାରେ ନିଆଯିବ । ଏବଂ ପିତା ମାତା ହୀନ ଗରିବ ବାଳକମାନଙ୍କୁ ଏକ ହାଲକ ମାଫ ଦିଆ ଯିବ ଏବଂ ଧର୍ମ ଶିକ୍ଷା ଶ୍ରୀଭମତ ଦିଆଯିବ ମୋଉଲବୀ ଏକ୍ରାମ ହୋସେନ ବି, ଏ, ହେଡ଼ମାଷ୍ଟର ଏବଂ ପଞ୍ଜାବ ନିବାସୀ ମୌଲବୀ କଲନ୍ଦରୀନ ହେଡ଼ ମୋଉଲବୀ ପଦରେ ନିଯୁକ୍ତ ହୋଇ ଅଛନ୍ତି । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଯେଉଁ ବାଳକମାନେ ପଢ଼ିବାକୁ ଇଚ୍ଛା କରନ୍ତି ସେମାନେ ଅତି ଶୀଘ୍ର ଦରଖାସ୍ତ ପଠାଉନ୍ତୁ ବା ନିଜେ ଆସି ହାଜର ହେଉନ୍ତୁ ।

କଟକ
ତା ୧୧।୭।୦୧

ମହମ୍ମଦ ଅବଦୁସ ସମଦ୍
ସେକ୍ରେଟରୀ

---

## ବିଜ୍ଞାପନ ।

ପୁସ୍ତକାରେ ଅଦ୍ୱିତୀୟ । ଚକ୍ଷୁ ଜଗତର ସୁଖାଶ୍ରର ।

ବ୍ୟାଧି ଜଗତର କୋହିନୁର ! ! !

ଆମେରିକା ପ୍ରଦେଶସ୍ଥ ନିଉୟର୍କ ନଗରର ଖ୍ୟାତନାମା ଡ଼ାକ୍ତର ବିଲିୟମ ମେଜର ଏମ୍, ଏ, ଏମ୍, ଡି, ସାହେବଙ୍କ ଆବିଷ୍କୃତ

### ଇଲେକ୍‌ଟ୍ରୋ ସାଲସା ।



ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶହେତୁ ଏତଂଦେଶବାସିମାନଙ୍କର ଅଳ୍ପବୟସଠାରୁ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ, ଏବଂ ତାହାର ଅପରିମିତ ଅନୁଚାଳନର ବିଷମୟ ଫଳରୁ ଯେ ସମସ୍ତ ଯନ୍ତ୍ରଣାଦାୟକ ଦୁଃସାଧ୍ୟ ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା ଉପସ୍ଥିତ ହୋଇଥାଏ ତାହାର କବଳରୁ ଦୁର୍ଭାଗ୍ୟ ଭାରତବାସିମାନଙ୍କର ମୁକ୍ତ ହେବାର କୌଣସି ପ୍ରକୃତ ସ୍ଥାୟୀ କ୍ରିୟାଜନକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ପଦ୍ଧତିରେ ଆଜପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ସୁତରାଂ ଚିକିତ୍ସକ ସମ୍ପ୍ରଦାୟ ଓ ଔଷଧ ବ୍ୟବସାୟିମାନଙ୍କ କର୍ତ୍ତବ୍ୟାନୁରୋଧରେ ବା ସ୍ୱାର୍ଥର ବଶବର୍ତ୍ତୀରେ ଯେ କେବଳ ଠକାଇଆସୁଅଛନ୍ତି ତାହା ନୁହେ ! ଅଯଥା ଉଗ୍ର ଔଷଧର କ୍ରିୟାରେ ବିପରୀତ ଫଳ ହେବାର ଦେଖାଯାଏ; ସ୍ଥଳବିଶେଷରେ ଯଦ୍ଧ ଚିକିତ୍ସକଙ୍କ ଔଷଧରେ ଉପକାର ଦେଖାଯାଏ ସତ୍ୟ ! କିନ୍ତୁ ସାମାନ୍ୟ ଅତ୍ୟାଚାରରେ ବା ସ୍ୱାସ୍ଥ୍ୟର ଅନିୟମରେ ପୁନଃସଂକ୍ରମଣ ହୋଇଥାଏ । ଏହି ସକଳ ଅବସ୍ଥା ପର୍ଯ୍ୟାଲୋଚନା କରି ତାହାର ପ୍ରକୃତ ଔଷଧ ଆବିଷ୍କାର କଳ୍ପନାରେ ଗତ ବ ୧୮ ର୍ଷ ବ୍ୟାପୀ ଆମ୍ଭମାନଙ୍କ ଅବିଚଳିତ ଅଧ୍ୟବସାୟ, ଅମାନୁଷିକ ପରିଶ୍ରମ, ଅଜସ୍ର ଅର୍ଥ ବ୍ୟୟ, ବହୁ ଅନୁସନ୍ଧାନ ଓ ପରୀକ୍ଷାଫଳରେ ହିମାଳୟ ପର୍ବତର ଉପତ୍ୟକା ଭୂମିରୁ ଉଦ୍ଧୃତ ଆଶ୍ଚର୍ଯ୍ୟ ଭେଷଜ ଗୁଣାନ୍ୱିତ କେତେକ ଦୁଷ୍ପ୍ରାପ୍ୟ ଲତା ଗୁଳ୍ମର ନିର୍ଯ୍ୟାସର ସହିତ ରକ୍ତ ପରିଷ୍କାରକ, ଧାତୁପୋଷକ, ଶୁକ୍ରବର୍ଦ୍ଧକ, ପାରଦଦୋଷ ନାଶକ, ପୁଷ୍ଟିକର, ମେଧା ଓ ସ୍ମୃତିଶକ୍ତି ବୃଦ୍ଧିକର ପ୍ରଭୃତି ସ୍ୱାସ୍ଥ୍ୟ ଓ ଶରୀର ସଂରକ୍ଷଣ ଉପଯୋଗୀ ୭୨ ପ୍ରକାର ଦେଶୀ ଓ ବିଲାତି ଔଷଧର ସାରଭାଗ ଏକତ୍ରିତ କରି ଇଲେକ୍‌ଟ୍ରୋ ଅର୍ଥାତ୍ ତାଡ଼ିତଶକ୍ତି ସଂଯୋଗେ ନୂତନ ରସାୟନିକ ପ୍ରକରଣେ ଏହି ଇଲେକ୍‌ଟ୍ରୋ ସାଲସା ଆବିଷ୍କୃତ ହୋଇ ଏତେଦିନ ପରେ ଚିକିତ୍ସା ଜଗତରେ ଏକ ମହତ୍ ଅଭାବ ଦୂରୀଭୂତ ହୋଇଅଛି ! ତମସାଚ୍ଛନ୍ନ ହତାଶ ପ୍ରାଣରେ ଏକ ଆଶାର ପ୍ରଦୀପ ଜଳି ଉଠିଅଛି ! ! !

ଅସିୟା, ଇଉରୋପ, ଆମେରିକା, ଅଷ୍ଟ୍ରେଲିୟା ପ୍ରଭୃତି ମହାଦେଶମାନଙ୍କର ପ୍ରସିଦ୍ଧ ଚିକିତ୍ସକ ଓ ଜନସାଧାରଣ ମୁକ୍ତକଣ୍ଠରେ ଘୋଷଣା କରୁଅଛନ୍ତି ଯେ ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା ରୋଗର ଏପରି ସର୍ବଗୁଣ ସମ୍ପନ୍ନ, ସ୍ଥାୟୀ କ୍ରିୟାଜନକ, ସମ୍ୟକ୍ ଫଳପ୍ରଦ, ସୁଖସେବ୍ୟ, ନିର୍ଦ୍ଦୋଷ, ଔଷଧ ଆଉ ଦ୍ୱିତୀୟ ନାହିଁ । ବାଲସ୍ୱଭାବ ସୁଲଭ ଦୋଷରେ ଅସ୍ୱାଭାବିକ ମୈଥୁନରେ ବା ଅପରିମିତ ଅପବିତ୍ର ସଂସର୍ଗରେ କିମ୍ବା ଅଧିକ ଅଧ୍ୟୟନରେ ଅଧିକ ଚିନ୍ତାରେ ଅଧିକ ରାତ୍ରି ଜାଗରଣରେ, ଶାରୀରିକ ଓ ମାନସିକ ପରିଶ୍ରମର ବାହୁଲ୍ୟରେ, ସର୍ବଦାଦୀର୍ଘକାଳବ୍ୟାପୀ ପ୍ରଖର ସୂର୍ଯ୍ୟଉତ୍ତାପେ ଭ୍ରମଣରେ, ଅସ୍ୱାସ୍ଥ୍ୟକର ସ୍ଥାନରେ ବାସ, ପାରଦ ମିଶ୍ରିତ ବା ଉଗ୍ରଗୁଣ ବିଶିଷ୍ଟ ଔଷଧ ସେବନରେ, କିମ୍ବା ମ୍ୟାଲେରିୟା ଓ ଉପଦଂଶ ବିଷ ପ୍ରଭୃତି ଶରୀରେ ପ୍ରବେଶ ହେବା କାରଣରୁ ଯଦ

ଶୁକ୍ର ଦୂଷିତ ହୋଇ—ଧାତୁ ଦୌର୍ବଲ୍ୟ ପୁରୁଷର ହାନି, ଶୁକ୍ରର ତରଳତା, ଅଳ୍ପ ବା ଭଲ ଉତ୍ତେଜନାରେ ରେତଃପାତ, ସହବାସରେ ସମ୍ପୂର୍ଣ୍ଣ ବା ଅସମ୍ପୂର୍ଣ୍ଣ ରୂପେ ଅକ୍ଷମ, ରତିଶକ୍ତି ହୀନତା ପ୍ରାଣୀୟ ଅଙ୍ଗର କୋମଳତା, ମେହ, ପ୍ରମେହ, ଶୁକ୍ରମେହ, ପ୍ରସ୍ରାବଜ୍ୱାଳା, ପ୍ରସ୍ରାବ ସଙ୍ଗରେ ପ୍ରକାଶ୍ୟରେ ଅବା ଅଲକ୍ଷରେ ଶୁକ୍ରପତନ, ଲୁଗାରେ ଦାଗ ଲାଗିବା, ସ୍ୱପ୍ନଦୋଷ, ମଳର ବେଗରେ ଶୁକ୍ର ନିର୍ଗତ ହେବା, ଶୁକ୍ରର ସନ୍ତାନ ଉତ୍ପତ୍ତି ଶକ୍ତିର ଅଭାବ, ଧାରଣା ଶକ୍ତିର ହ୍ରାସ, ସ୍ତ୍ରୀଲୋକ ବା ଦୁର୍ବଳ ମାନେ କିମ୍ବା ସାମାନ୍ୟ ସହବାସରେ

Split by PDF Splitter
Digitized by srujanika@gmail.com

Split by PDF Splitter



ଶୁକ୍ରପାତ, ମୂତ୍ରକୃଚ୍ଛ୍ରତା, ମୁହୁର୍ମୁହୁ ଅଳ୍ପ ୨ ବା ଅଧିକ ପରିମାଣରେ ପ୍ରସ୍ରାବ ହେବା, ବହୁମୂତ୍ର ପ୍ରସ୍ରାବ ନାଲ ବା ଗୋଳିଆ ହେବା, ସ୍ମରଣ ଓ ଚିନ୍ତାଶକ୍ତିର ହ୍ରାସ, କେଶର ଅକାଳ ପକ୍ୱତା, ଚଞ୍ଚଳଚିତ୍ତ ସ୍ୱଭାବ, ସାମାନ୍ୟ କାରଣରୁ କୋପ, ଦୁର୍ବଳ୍ୟ କାର୍ଯ୍ୟରେ ଅନିଚ୍ଛା, ସାହାସ ଓ ଉଦ୍ୟମ ହୀନତା, ସାମାନ୍ୟ ପରିଶ୍ରମରେ ବା ନିଦ୍ରାର ସମୟରେ ଘର୍ମ ନିର୍ଗତ ହେବା, ମସ୍ତିଷ୍କର ସ୍ନାୟୁର ଶିଥିଳତା ଓ ଦୁର୍ବଳ ଓ ସେହି ନିମିତ୍ତ ମୂର୍ଚ୍ଛାରୋଗ, ଚକ୍ଷୁ କୋଟର ଗତ, ଦେହ ରୁକ୍ଷ, ଶୁଷ୍କ ଓ ଶ୍ରୀହୀନ ଅଗ୍ନିମାନ୍ଦ୍ୟତା, ପରିପାକ ଶକ୍ତିର ଅଭାବ, ଅମ୍ଳ, ଶୂଳ ଜଳିବା, କୋଷ୍ଠବଦ୍ଧ ହସ୍ତକମ୍ପନ, ହାତ, ଗୋଡ଼, ଓ ଚକ୍ଷୁଜ୍ୱାଳା, ମୁଣ୍ଡବୁଲା, ଚିତ୍ତ ଚାଞ୍ଚଲ୍ୟ, ଇତ୍ୟାଦି ବୋଧହେବା ପ୍ରଭୃତି ଶୁକ୍ରଜ ରୋଗ ବା ତତ୍‌ଉପସର୍ଗ ଆକ୍ରମଣ କରିଥାଏ କିମ୍ବା ସେହି ସବୁ କାରଣରେ ଯଦି—

ରକ୍ତ ଦୂଷିତ ହୋଇ—ରକ୍ତ ପିତ୍ତର ବୃଦ୍ଧି, ପାରଦବିକୃତ, ଉପଦଂଶ ( ଗର୍ମି ) ବାତରକ୍ତ, ଅମ୍ଳପିତ୍ତ, କାଣ୍ଡକଣ୍ଡୁ, ବାଗି, ନାକ ଓ ମୁଖର ଭିତରେ କିମ୍ବା ଜନନେନ୍ଦ୍ରିୟ, କୋଷ ଓ କାଖ ପ୍ରଭୃତି ସ୍ଥାନରେ ଘା, ପାଚିଲ ଘା, ନୂତନ ପୁରାତନ ନାଲି ଘା, ଶୋଷହେବା, କାଛୁ, କାଉର, ଭଗନ୍ଦର, ଛୁଲ, ଦାଦ୍ରୁ, ପ୍ରଭୃତି ଦୁର୍ଦ୍ଦମନୀୟ ଚର୍ମରୋଗ, କୁଷ୍ଠ, ଘୃଣିତ ବାତ, ଜଙ୍ଘା, ଜାନୁ, କଟି, ସ୍କନ୍ଧ, ହସ୍ତ, ପାଦ, ଓ ସନ୍ଧି ସକଳର ସ୍ନାୟୁର ବେଦନା, କନକନ ହେବା, ମୋଡ଼ହୋଇଯିବା, ସେଥିନିମିତ୍ତ ଚଳତଶକ୍ତିର ହ୍ରାସ, ଦାନ୍ତମୂଳ ଫୁଲା, ଓ ବ୍ୟଥା, ଦାନ୍ତ ଝିଥିଲ ମୁଖରେ ଦୁର୍ଗନ୍ଧ, ଶରୀର ନାନାସ୍ଥାନରେ ସାମୟିକ ବା ଅସାମୟିକ ଫାସ ବା ଗରମ ବିଷର ଇତ୍ୟାଦି ହାତର ବା ଗୋଡ଼ ତଳିପାରେ ଚମଡ଼ାଉଠା କିମ୍ବା ସ୍ଥାନବିଶେଷେ ଧଳା ୨ ବା କଳା କଳା ଚିହ୍ନ, ଲୁଣ୍ଠାଇ ହୋଇ ଫୁଲି ଉଠିବା, ଚକ୍ଷୁରୁ ଜଳ ପଡ଼ିବା, କୃଶତା, ରକ୍ତହୀନତା, ଶୋଥ, ଅଗ୍ନି, କୋଷ୍ଠବଦ୍ଧ ପ୍ରଭୃତି ରକ୍ତସମ୍ବନ୍ଧୀୟ ପୀଡ଼ା ବା ତତ୍‌ଉପସର୍ଗ ଆକ୍ରମଣ ହୋଇଥାଏ, କିମ୍ବା ବିଷଯୁକ୍ତ ରୋଗସମୂହର କୌଣସି ୨ ଲକ୍ଷଣ ପ୍ରକାଶ ପାଇଥାଏ, ତେବେ ଏହି ସାଲସା ସେବନ କର, ତାତ୍କାଳିକଶକ୍ତିର ପ୍ରଭାବରେ ସଙ୍ଗେ ୨ ଶୁଭଫଳ ଫଳିବ । କୋଷ୍ଠ ପରିଷ୍କାର ହେବ, କ୍ଷୁଧା ବୃଦ୍ଧି ହେବ । ଚିତ୍ତ ପ୍ରଫୁଲ୍ଲ ହେବ, ଏବଂ ଏକମାତ୍ରା ଔଷଧ ଏକ ମୋହର ଅପେକ୍ଷା, ଅଧିକ ଅନୁମାନ ହେବ । ଏକ ସପ୍ତାହରେ ଆଶାତୀତ ଉପକାର ଜଣାଯିବ । ଏବଂ ରୋଗିର ବୟସ ଓ ରୋଗର ଅବସ୍ଥା ଓ ଭିନ୍ନ ୨ ଧାତୁ ପ୍ରକୃତି ଭେଦେ ୧ସପ୍ତାହଠାରୁ ୬ ସପ୍ତାହ ମଧ୍ୟରେ ସମୂଳେ ସମ୍ପୂର୍ଣ୍ଣରୂପେ ନଷ୍ଟପ୍ରାୟ ସ୍ଥାୟୀ ଆରୋଗ୍ୟ ଲାଭ ହୋଇ, ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହେବ, ଦେହର ଲାବଣ୍ୟ ବୃଦ୍ଧି ହେବ, ରତିଶକ୍ତିର ସମ୍ପୂର୍ଣ୍ଣ ବିକାଶ ପାଇବ, ସହବାସରେ କ୍ଷମତା ଜନ୍ମିବ । ସ୍ମରଣଶକ୍ତିର ବୃଦ୍ଧି ହେବ । ଦୂଷିତ ରକ୍ତ ଶୋଧନ ହୋଇ ନୂତନ ରକ୍ତକଣିକା ସୃଜନ ହେବ । ଶାରୀରିକ ଓ ମାନସିକ ଦୌର୍ବଲ୍ୟ ଏବଂ ଅବସନ୍ନତା ଦୂରୀଭୂତ ହୋଇ ଯୌବନ କାଳୋଚିତ ସ୍ୱାଭାବିକ ବଳ ବୀର୍ଯ୍ୟ ଓ ନଷ୍ଟସ୍ୱାସ୍ଥ୍ୟ ପୁନର୍ବାର ଫେରି ପାଇବ ଏବଂ ଆଜୀବନ ତାହା ଅଟଳ ରହିବ ।

ନିଃସନ୍ଦେହରେ କୁହାଯାଇପାରେ ଯେ ଏହା ଉକ୍ତ ରୋଗର ଏକମାତ୍ର ପ୍ରକୃତ ମହୌଷଧ; ଯେହେତୁ ପୃଥିବୀସ୍ଥ ଯାବତୀୟ ପ୍ରସିଦ୍ଧ ୨ ଚିକିତ୍ସାଳୟ ସମୂହରେ ଏହି ସାଲସା ଦୀର୍ଘକାଳ ବ୍ୟବହୃତ ହୋଇ ଉପରୋକ୍ତ କାର୍ଯ୍ୟକାରିତା ଶକ୍ତିର ଅବ୍ୟର୍ଥ ପ୍ରମାଣ ହୋଇଯାଇଅଛି । ସେହି ହେତୁରୁ ଚିକିତ୍ସା ଜଗତରେ ଏହା ଶୀର୍ଷସ୍ଥାନ ଅଧିକାର କରିଅଛି । ଏବଂ ଲକ୍ଷ ୨ ପ୍ରଶଂସାପତ୍ର ଲାଭ କରିଅଛି ଏଥିରେ କୌଣସିପ୍ରକାର ବିଷାକ୍ତ ବା ମାଦକଦ୍ରବ୍ୟର ସଂସ୍ରବ ନ ଥିବାରୁ ଆବାଳ ବୃଦ୍ଧ ବନିତା ସମସ୍ତ ଅବସ୍ଥାରେ ଓ ସକଳ ଋତୁରେ ନିର୍ବିଘ୍ନରେ ସେବନ କରିପାରନ୍ତି । ବିଶେଷତଃ ସ୍ନାନ, ଆହାର, ଓ ପଥ୍ୟାପଥ୍ୟର ବିଶେଷ କୌଣସି କଠିନ ନିୟମ ନ ଥିବାରୁ ପୀଡ଼ିତ ଲୋକର ଏହା ଏକମାତ୍ର ବନ୍ଧୁ । ଧନୀ ଦରିଦ୍ରର ସମାନ ଅଧିକାର !!

ତୁମ୍ଭେ ପୀଡ଼ିତ ଥାଅ—ଏହି ସାଲସା ସେବନ କର ସହଜରେ, ସୁଲଭରେ, ଚିକିତ୍ସକର ବିନା ସାହାଯ୍ୟରେ, ଅଳ୍ପ ସମୟ ମଧ୍ୟରେ ରୋଗୋନ୍ମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ ।

ତୁମ୍ଭେ ଭଲ ଥାଅ—ଏହି ସାଲସା ପ୍ରତ୍ୟହ ଏକମାତ୍ର ଦୁଗ୍ଧ ସହିତ ମିଶ୍ରିତ କରି ସେବନ କର ଶରୀରସ୍ଥ ସପ୍ତଧାତୁର ଉତ୍କର୍ଷ ସାଧିତ ହେବ, ସହଜରେ କିଛି ଆକ୍ରମଣ କରି ପାରିବ ନାହିଁ । ଏବଂ ଯଥାତଥା ଅତ୍ୟାଚାରରେ ସୁଦ୍ଧା ଶୁକ୍ର ବା ରକ୍ତ ସମ୍ବନ୍ଧୀୟ ପୀଡ଼ା ଉତ୍ପନ୍ନ ହେବ ନାହିଁ ।

ବିଶେଷ ଦ୍ରଷ୍ଟବ୍ୟ—ଇଲେକ୍ଟ୍ରୋ ସାଲସାର ଅଲୌକିକ ଶକ୍ତିର ପ୍ରଭାବରେ ଦେଶଯାକ ବହୁଳ ପ୍ରଚାର ଓ ଅସମ୍ଭବ ବିକ୍ରୟ ଦେଖି ପ୍ରତାରକ ଔଷଧ ବ୍ୟବସାୟୀମାନେ ଜାଲ କରୁଅଛନ୍ତି । ସେଥିନିମନ୍ତେ ଏହି ଟ୍ରେଡମାର୍କ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନାନୁସାରେ ରେଜେଷ୍ଟରୀ କରାହୋଇଅଛି, ଏବଂ ପ୍ରତ୍ୟେକ ଶିଶିର ଖୋଳ ଉପରେ ଏହା ସଂଯୁକ୍ତ ଅଛି । ଯେଉଁଥିରେ ଉକ୍ତ ଟ୍ରେଡମାର୍କ ନାହିଁ ତାହା କୃତ୍ରିମ, ଯେ କେହି ଉକ୍ତ କୃତ୍ରିମକାରୀଙ୍କୁ ଧରାଇ ଦେଇ ପାରିବେ, ଅଥବା ଆମ୍ଭମାନଙ୍କ ଇଲେକ୍ଟ୍ରୋସାଲସାର ବର୍ଣ୍ଣିତ ଗୁଣ ନାହିଁ ବୋଲି ପ୍ରମାଣ ଦେଇପାରିବେ ତାହାଙ୍କୁ ଟ ୧୦୦୦ ଙ୍କା ପୁରସ୍କାର ପ୍ରଦାନ କରାଯିବ ।

ମୂଲ୍ୟାଦି—ଇଂରାଜୀ, ବଙ୍ଗଳା, ଉତ୍କଳଭାଷାର ବ୍ୟବସ୍ଥାପତ୍ର ସହିତ ଏକ ସପ୍ତାହ ସେବନୋପଯୋଗୀ ପ୍ରତ୍ୟେକ ଶିଶି ଇଲେକ୍ଟ୍ରୋ ସାଲସାର ମୂଲ୍ୟ ଟ ୨ ଙ୍କା ୩ ଶିଶି ଟ ୫, ୬ ଶିଶି ଟ ୧୦, ଡଜନ ଟ ୨୦, ତି ୩ ଡଜନ ଟ ୫୦

ପ୍ୟାକିଂ—ଏକ ଶିଶିଠାରୁ ବାର ଶିଶି ପର୍ଯ୍ୟନ୍ତ ଦୁଇଅଣା, ଡାକମାସୁଲ ପ୍ରତ୍ୟେକ ଶିଶି ଟ ୦ ୵, ତିନି ଶିଶିରେ ଟ ୧, ୬ ଶିଶିରେ ଟ ୧୵, ଡଜନ ଟ ୩ ।

ପ୍ରତାରଣାର ଭୟରେ ଆମ୍ଭେମାନେ କୌଣସିଠାରେ ଏଜେଣ୍ଟ ନିଯୁକ୍ତ କରି ନାହୁଁ । ସକଳ ଔଷଧ ଆମ୍ଭମାନଙ୍କର ମେଡିକଲ ଲେବୋରେଟରୀଠାରୁ ନିଜ ତତ୍ତ୍ୱାବଧାନରେ ବିକ୍ରୀତ ହୁଏ ଓ ସର୍ବତ୍ର ପ୍ରେରିତ ହୁଏ । ମଫସଲବାସୀମାନେ ଯେ କୌଣସି ଭାଷାରେ ହେଉ ପତ୍ରଦ୍ୱାରା ଆପଣାର ନାମ ଓ ଗ୍ରାମ, ଡାକଘର, ଏବଂ ଜିଲ୍ଲା, ବେଶ ସ୍ପଷ୍ଟ ଅକ୍ଷରରେ ଲେଖି ପଠାଇଲେ ଭିଃପିଃ ଡାକଦ୍ୱାରା ଔଷଧ ପଠାଇ ନିର୍ଦ୍ଦିଷ୍ଟ ମୂଲ୍ୟ ଆଦାୟ କରାଯାଏ ।

ଆମ୍ଭମାନଙ୍କର ସମ୍ବାଦ ପଠାଇବାର ଠିକଣା

W. MAJOR & Co,
Barabazar Medical
Laboratory Calcutta

ଡବଲିଉ, ମେଜର ଏଣ୍ଡ କୋ
ବଡ଼ବଜାର ମେଡିକଲ
ଲେବୋରେଟରୀ କଲିକତା ।

*TELIGRAPHIC ADDRESS*
"MAJOR" Calcutta.

ସର୍ବପ୍ରକାର ଔଷଧ ଛଡ଼ା ଗ୍ରାହକମାନଙ୍କ ଆବଶ୍ୟକୀୟ ସକଳ ପ୍ରକାର ଦ୍ରବ୍ୟ ଉଚିତ ମୂଲ୍ୟରେ ଆମ୍ଭମାନଙ୍କ ଏଜେନ୍ସି ବିଭାଗଠାରୁ ସରବରାହ କରାଯାଏ, ଘଡି ଓ ବାଦ୍ୟଯନ୍ତ୍ରାଦି ସୁଲଭ ମୂଲ୍ୟରେ ମରାମତି କରାଯାଏ ।

Digitized by srujanika@gmail.com

Split by PDF Splitter




# ମଧୁପର ଉପହାର ।

" ଉତ୍କଳ ମଧୁପ " ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୪୭ ପୃଷ୍ଠାରେ ସମାପ୍ତ

# ଭିକ୍ଟୋରିଆ ଚରିତ

ଉପହାର ଦିଆଯିବ । ଭିଃ ପିଃ ରେ ଉପହାର ପଠା ଯାଇ ମୂଲ୍ୟ ଆଦାୟ କରା ଯାଇପାରେ । ଏ ସୁବିଧା ଅଳ୍ପଦିନ ନିମନ୍ତେ ।

ଦେବଗଡ଼ ପୋଃ, ସମ୍ବଲପୁର } ସମ୍ପାଦକ " ଉତ୍କଳ ମଧୁପ "

## ବନାରସୀ ମାଲ ।

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ଗଙ୍ଗପୁର, ସରଇକଲା ପ୍ରଭୃତିର ରଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଅମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ଚୋଗା, କଂଖାପ, ବାପ୍ତା ସଙ୍ଗୀ, ଦୋପଟା ମଣ୍ଡଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଇତ୍ୟାଦି ଖଚିତ ଅଙ୍ଗରଖା ସୁଦ୍ଧା ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାନ୍ଧ ଲଫାଫାଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଅମ୍ଭର ହସ୍ତଗତ ହେବ

ଭେଲୁପେଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାଲ୍ଟମାଲ ଭୋଲାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି




# ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଲୀନ

ଏହି ତୈଲ କେଶ ପରିବର୍ଦ୍ଧକ ଅଟେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ଯଥାଃ—ସୁବାସିତ କୁନ୍ତଲୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଲୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଲୀନର ମୂଲ୍ୟ ଦୁଇ ଟଙ୍କା, ଯୂଇଗନ୍ଧ କୁନ୍ତଲୀନର ମୂଲ୍ୟ ଦୁଇ ଟଙ୍କା ।

## ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଉତ୍ତମ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଚମେଲି; ମଲ୍ଲିକା; ଚାମ୍ପା; ରଜନୀଗନ୍ଧା; ମଞ୍ଜିକା; ବେଲଖୋସ; ହ୍ୱାଇଟ୍ ରୋଜ୍; ବଉଲ ରୋଜ୍; ବେଣାଚେର; କୁନ୍ଦକଳି; ନିଶିକୁସୁମ; ହେନାକୁସୁମ; ପାରଜାତକୁସୁମ; ଭିକ୍ଟୋରିଆ ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ସାତଅଣା ।

## ପମେଟମ

ଗୋଲାପ ପମେଟମ ଆଠଅଣା; ସୁଗନ୍ଧ ପମେଟମ ପାଞ୍ଚଅଣା ।

## ତାମ୍ବୁଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅଦ୍ଭୁତ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଅଳ୍ପ ମିଶାଇ ଦେଲେ ଗୁଣ୍ଡି ମନୋହର ହେବ । ମୂଲ୍ୟ ପ୍ରତି ଶିଶି ଅଠଅଣା ।

## ସରବତ ଅଥବା ସିରପ୍

ଗ୍ରୀଷ୍ମକାଳ ନିମନ୍ତେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ରାସ୍ପବେରି ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲଡେନ ସିରପ୍ ଏକଟଙ୍କା ।

## ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପତ୍ରିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣାଃ—

ଏଇଚ ବସୁ
୬୨ନମ୍ବର ବହୁବଜାର ଷ୍ଟ୍ରିଟ } H. BOSE, 62 Bow Bazar Street Calcutta.
କଲିକତା

କଟକରେ " ଉଦ୍ୟୋଗ ସମିତିର ଭଣ୍ଡାର "ରେ ଓ କଟକ ଟ୍ରେଡିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ଏହି ଜିନିଷ ମିଳିବ ।


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ନିମନ୍ତେ

| | |
|---|---|
| ଧାଡ଼ିପ୍ରତି | ଡ ୦ ୪ |
| ଅଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ° ୧ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ନିମନ୍ତେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନ ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ ଜିଲ୍ଲା ବାଲୁବଜାର ଦୀପିକା ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

Registered No. C. 31.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଭା ୩୬ ଗ
ସଂ ୩୧ ଖ୍ୟା

CUTTACK, SATURDAY THE 3RD AUGUST 1901.
ଦ ୨୦ ନ ଶ୍ରାବଣ ସନ ୧୩୦୮ ସାଲ ଶନିବାର

ଅଗ୍ରୀମ ଟ ୩୧
ପଶ୍ଚାଦେୟ ଟ ୬।



## ବିଜ୍ଞାପନ ।

## ମହାରାଣୀ ।



ପରଲୋକଗତା ମହାରାଣୀ ଭିକ୍ଟୋରିଆଙ୍କର ଜୀବନ ଚରିତ ଓଡ଼ିଆଭାଷାରେ ମୁଦ୍ରିତ ହୋଇ ଅଛି । ଏଥିରେ ତାଙ୍କର ଜନ୍ମ, ବାଲ୍ୟାବସ୍ଥା, ଶିକ୍ଷା, ଅଭିଷେକ, ବିବାହ, ପୁତ୍ର କନ୍ୟା ଓ ସେମାନଙ୍କର ବିଦ୍ୟା ଶିକ୍ଷା, ରାଜ୍ୟ, ଶାସନର ଫଳ ଓ ମୃତ୍ୟୁ ବର୍ଣ୍ଣିତ ହୋଇଅଛି । ଉତ୍କୃଷ୍ଟ ନୀଳ ବର୍ଣ୍ଣ ସ୍ୟାହିରେ ଛପା ଓ ଅନେକଗୁଡ଼ିଏ ଛବି ଦିଆଯାଇଥିବାରୁ ପୁସ୍ତକଖଣ୍ଡି ଅତି ସୁନ୍ଦର ହୋଇ ଅଛି । ଓଡ଼ିଆଭାଷାରେ ଆଜପର୍ଯ୍ୟନ୍ତ ଏପରି ପୁସ୍ତକ ଛପା ହୋଇ ନ ଥିଲା । ମୂଲ୍ୟ ପାଞ୍ଚଅଣା ମାତ୍ର । କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ସେକ୍ରେଟେରୀଙ୍କ ନିକଟକୁ ପତ୍ର ଲେଖିଲେ ପୁସ୍ତକ ପାଇ ପାରିବ । ଛାତ୍ରମାନେ ଦଶଖଣ୍ଡ ପୁସ୍ତକ ଏକସଙ୍ଗେ ନେଲେ ଗୋଟିଏ ପୁସ୍ତକ ବିନା ମୂଲ୍ୟରେ ପାଇବେ ।

## ନୃସିଂହପୁରାଣ ।

ଏଥିରେ ପଞ୍ଚପୁରାଣ—ଶ୍ରୀ ମଦ୍ଭାଗବତ, ମହାଭାରତ, ରାମାୟଣ, ହରିବଂଶ ଓ ନୃସିଂହମହାପ୍ରଭୁଙ୍କ ଚରିତ ବାହୁଲ୍ୟରୂପେ ସନ୍ନିବିଷ୍ଟ । ଏହାକୁ ନିୟମାନୁସାରେ ପାଠ ବା ଶ୍ରବଣ କଲେ ସକଳ ପାପ ଦୂର ଓ ପୁଣ୍ୟଭାବ ସଞ୍ଚାରିତ ଏବଂ ଚତୁର୍ବର୍ଗ ଫଳ ଲାଭ ହେବ । ଏ ଗ୍ରନ୍ଥରେ ମନୁଷ୍ୟମାନଙ୍କର ଯାବତୀୟ କର୍ତ୍ତବ୍ୟ କର୍ମ ସମ୍ବନ୍ଧୀୟ ନାନାପ୍ରକାର ସଦୁପଦେଶ ବିଶଦଭାବରେ ବର୍ଣ୍ଣିତ ହୋଇଅଛି ପାଠକେ ଏହାକୁ ଥରେ ପାଠ କଲେ ବା ଶୁଣିଲେ ବୁଝିପାରିବେ ବିଶେଷ ଜଣାଇବା ବାହୁଲ୍ୟ ।

ଏ ଗ୍ରନ୍ଥ ଗୃହର ଗୃହ-ଲକ୍ଷ୍ମୀସ୍ୱରୂପ ଅଟେ । ଏକ ଏକ ସେଟ ଏଥିରୁ ଗୃହରେ ରଖିବାର ଉଚିତ । ଏହା ବୃହତ ଗ୍ରନ୍ଥ ୭ଖଣ୍ଡରେ ବିଭକ୍ତ । ଗ୍ରନ୍ଥକାର ପ୍ରତିଖଣ୍ଡ ରତ୍ନାକର ଆଖ୍ୟା ପ୍ରଦାନ କରିଅଛନ୍ତି । ପ୍ରକୃତରେ ରତ୍ନାକର ଯେରୂପ ରତ୍ନ ଓ ମଣି ପ୍ରଭୃତି ବହୁମୂଲ୍ୟ ପଦାର୍ଥରେ ପୂର୍ଣ୍ଣ । ଏଗ୍ରନ୍ଥ ଜନସାଧାରଣଙ୍କର ଜୀବନସାର୍ଥକ କରିବାର ସେରୂପ ବହୁମୂଲ୍ୟ ହିତୋପଦେଶରେ ପୂର୍ଣ୍ଣ ଅଟେ ।—

| | | | | | |
|---|---|---|---|---|---|
| ୧ମ | ରତ୍ନାକର | ଟ ୧। | ୨ୟ | ରତ୍ନାକର | ଟ ୧୯ |
| ୩ୟ | " | ଟ ୧। | ୪ର୍ଥ | " | ଟ ୧। |
| ୫ମ | " | ଟ ୦।୵ | ୬ଷ୍ଠ | " | ଟ ୦। |
| ୭ମ | " | ଯନ୍ତ୍ରସ୍ଥ । | | | |

ଶ୍ରୀଦ୍ରମୂକ ଶାରଳାଦାସଙ୍କ ବିରଚିତ ।

## ମହାଭାରତ ।

ଏହା ଓଡ଼ିଶାବାସିଙ୍କର ପରମାଦରଣୀୟ ଗ୍ରନ୍ଥ ଏ ବୃହତ ଗ୍ରନ୍ଥ ଏକାବେଳକେ କ୍ରୟ କରିବା ଗ୍ରାହକମାନଙ୍କ ପକ୍ଷେ ସୁବିଧାଜନକ ନୁହେ ସୁତରାଂ ଖଣ୍ଡେ ଖଣ୍ଡେ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ପର୍ବରେ ପ୍ରଧାନ ଘଟଣାସ୍ଥଳମାନଙ୍କରେ ଉତ୍ତମ ଚିତ୍ରମାନ ଦିଆ ହୋଇଅଛି । ଆଦିପର୍ବ ଟ ୨। ମଧ୍ୟପର୍ବ ଟ ୨। ସଭାପର୍ବ ଟ ୨। ବନପର୍ବ ଟ ୬। ବିରାଟପର୍ବ ଟ ୧। ଭୀଷ୍ମପର୍ବ ଟ ୧। ଉଦ୍ଯୋଗ ପର୍ବ ଟ ୧। ଦ୍ରୋଣପର୍ବ ଟ ୧୯ କର୍ଣ୍ଣପର୍ବ ଟ ୦।୵ ଶଲ୍ୟପର୍ବ ଟ ୦।୵ ଗଦାପର୍ବ ଟ ୦। ନାରୀବିହାପର୍ବ ଟ ୦।୵ ନାରୀ ଓ ଶାନ୍ତିପର୍ବ ଟ ୦।୵ ଅଶ୍ରମିକ ଓ ଅଶ୍ୱମେଧପର୍ବ ଟ ୦। ମୂଷଳୀପର୍ବ ଟ ୦।୵ ସ୍ୱର୍ଗାରୋହଣପର୍ବ ଟ ୦ ।

ଉତ୍କଳଭାଷାରେ ମୁଦ୍ରିତ ହୋଇ କଟକ ଦରଘାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

## ପ୍ଲୀହାର ଅବ୍ୟର୍ଥ ମହୌଷଧ ।

ମୂଲ୍ୟ ପ୍ରତିଡବା ଟ ୦।୵ ଚଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ ୦। ଚାରିଅଣାମାତ୍ର । ସର୍ବପ୍ରକାର ଦଦ୍ରୁରୋଗର ଏହାପରି ଉତ୍କୃଷ୍ଟ ପୁଣି ଜ୍ୱାଳା ଯନ୍ତ୍ରଣା ବିହୀନ ଆଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ ଗ୍ରହଣାର୍ଥି ମାତ୍ରକେ ସୁସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲ୍ଲା ଏବଂ କାହାକୁ କେତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାର ନାନା ବିଘ୍ନ ଉପସ୍ଥିତ ହୁଏ ।

ପ୍ରାପ୍ତିସ୍ଥାନ ।
ଶ୍ରୀ ରାମତାରକ ସେନ
କେଏର୍ ଉତ୍କଳ ପ୍ରେସ, ବାଲେଶ୍ୱର



Digitized by srujanika@gmail.com

Split by PDF Splitter



ଦରଭଙ୍ଗାର ମହାରାଜା ଗୋଟିଏ କୃଷିବିଦ୍ୟାଳୟ ସ୍ଥାପନ କରିବାର ବିଚାର କରୁଅଛନ୍ତି । ଶାସ୍ତ୍ରୀ ଉଇଲସନ୍ଙ୍କ ତତ୍ତ୍ୱାବଧାନରେ କୃଷିବିଦ୍ୟାଳୟ ରହିବ । କୃଷି କରିବାର ଜମି କିଣାଗଲ ହୋଇଅଛି । ସର୍ବପ୍ରଥମେ ଦରଭଙ୍ଗାଜାତୀୟ ଫସଲର ପରୀକ୍ଷା ହେବ ଏବଂ ତାହା ସଫଳ ହେଲେ କୃଷକଙ୍କୁ ଅନ୍ୟାନ୍ୟ ବିଷୟରେ ହାତ ଦିଆଯିବ । ଆଶା କରୁଅଛି ବଙ୍ଗଦେଶର ଅନ୍ୟାନ୍ୟ ରାଜା ଜମିଦାରମାନେ ଏହାର ସଫଳତା ଦେଖି ଅନୁକରଣର ଚେଷ୍ଟା କରିବେ ।

---

ମଧ୍ୟପ୍ରଦେଶର ଦୁର୍ଭିକ୍ଷ ସାହାଯ୍ୟ ଲୋଡିବା ବ୍ୟକ୍ତିଙ୍କ ସଂଖ୍ୟା ଗତ ଜୁଲାଇମାସ ତା ୧୩ ରିଖରେ ଶେଷ ହେବା ସପ୍ତାହରେ ୧,୬୦୫ ଥିଲା ମାତ୍ର ତା ୨୦ ରିଖରେ ଶେଷ ହେବା ସପ୍ତାହରେ ୩,୮୨୨ ହୋଇଅଛି ଅର୍ଥାତ୍ ୨,୨୧୭ ବୃଦ୍ଧି ହୋଇଅଛି ଓ ଦେଶୀୟ ରାଜ୍ୟରେ ମଧ୍ୟ ୯୦୯ ବୃଦ୍ଧି ହୋଇଅଛି । କିନ୍ତୁ ଅନ୍ୟାନ୍ୟ ପ୍ରଦେଶରେ ସାହାଯ୍ୟ ଲୋଡିବା ବ୍ୟକ୍ତିଙ୍କ ସଂଖ୍ୟା ଊଣା ପଡିବାରୁ ମୋଟ ସଂଖ୍ୟା ୬,୮୮,୯୧୪ ରୁ ୬,୫୨,୬୩୬ କୁ ଖସିଅଛି ଅର୍ଥାତ୍ ମୋଟରେ ୩୬,୨୭୮ ଊଣା ପଡିଅଛି ।

---

ସଞ୍ଜୀବନୀ ଲେଖିଅଛନ୍ତି ଯେ ବର୍ତ୍ତମାନ ଢାକାର ଅନ୍ତର୍ଗତ ଶ୍ୟାମପୁର ଗ୍ରାମରେ ଅତି ଉତ୍କୃଷ୍ଟ ଚିନି, କର୍ପୂର, ଗୁଡ ପ୍ରଭୃତି ପ୍ରସ୍ତୁତ ହେଉଅଛି । ଜଣେ ବ୍ୟବହାର କରି ଦେଖିଅଛନ୍ତି ଯେ ଗ୍ରୀଷ୍ମମାସ ମଧ୍ୟରେ ତାହା କୌଣସି ଖରାପ ହୋଇ ନ ଥିଲା ସାଧାରଣତଃ ବିଲାତରୁ ଆସିଥିବା ଚିନି ବ୍ୟବହାରରେ ଖରାପ ହୋଇଥାଏ । ଏଣୁ ହଇ ସହଯୋଗୀ ଦେଶୀୟ ଆମଦାନୀ ବସ୍ତୁର ବ୍ୟବହାର ନିମନ୍ତେ ସାଧାରଣଙ୍କୁ ପ୍ରାର୍ଥନା କରୁଅଛନ୍ତି । ଆମ୍ଭେମାନେ ଆଶା କରୁଁ ସ୍ୱଦେଶ ହିତୈଷୀମାନେ ସହଯୋଗିଙ୍କ ପ୍ରାର୍ଥନାପ୍ରତି ମନୋଯୋଗ ପ୍ରଦାନ କରିବେ ।

---

ଅମୃତବଜାର ପତ୍ରିକାର ବିଲାତସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯେ ଭାରତ ଗବର୍ଣ୍ଣମେଣ୍ଟ ଲେଫ୍ଟେନାଣ୍ଟଙ୍କ ଅନୁରୋଧ କ୍ରମେ ମେଜେଲ ସାହେବଙ୍କୁ କାର୍ଯ୍ୟରୁ ବରଖାସ୍ତ କରିବା ନିମନ୍ତେ ଓ କିଛି ବୃତ୍ତି ଦେଇ ବିଦାୟ ନିମନ୍ତେ ଭାରତ ସଚିବଙ୍କୁ ଏକ ପତ୍ର ଲେଖିଥିଲେ । ବିଶେଷ ବିବେଚନାରେ ଲେଫ୍ଟେନାଣ୍ଟ ଅନ୍ୟ ଏକ ପତ୍ରରେ ବୃତ୍ତି ବିଷୟ ପ୍ରତ୍ୟାହାର କରି ଲେଖିବାରେ ଭାରତ ଗବର୍ଣ୍ଣମେଣ୍ଟ ତାଙ୍କର ଅନୁରୋଧ ରକ୍ଷା କରି ଭାରତ ସଚିବଙ୍କୁ ଲେଖିଅଛନ୍ତି । ଭାରତ ସଚିବ ମେଜେଲ ସାହେବଙ୍କ କାର୍ଯ୍ୟରୁ ଇସ୍ତଫା ଗ୍ରହଣ କରିଅଛନ୍ତି ।

---

ବିଲାତର ଏକଜଣ ଲର୍ଡ ହ ତାହାଙ୍କର ନାମ ଅର୍ଲ ରସେଲ ଅଟେ ଅପଣା ସ୍ତ୍ରୀଙ୍କ ବର୍ତ୍ତମାନରେ ଅନ୍ୟ ସ୍ତ୍ରୀ ବିବାହ କରିବା ଅପରାଧରେ ଅଭିଯୁକ୍ତ ହୋଇଥିଲେ । ଲର୍ଡମାନଙ୍କର ବିଚାର ସାଧାରଣ ଫୌଜଦାରୀରେ ହୋଇ ନ ପାରି ଲର୍ଡସଭାଦ୍ୱାରା ହୁଏ । ଏହାଙ୍କର ବିଚାର ସମୟରେ ପ୍ରଧାନ ମନ୍ତ୍ରୀ ମହାମାନ୍ୟ ଲର୍ଡ ହାଲସବେରୀ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ଦୁଇଶତ ଲର୍ଡ ନିୟମିତ ପରିଚ୍ଛଦ ଧାରଣପୂର୍ବକ ସମୁପସ୍ଥିତ ହୋଇଥିଲେ । ଦୃଶ୍ୟଟି ବଡ଼ ଚମତ୍କାର ହୋଇଥିଲା । ଆସାମୀ ଲର୍ଡ ମହୋଦୟ ଦୁଇ ବିବାହ କରିବାର ସ୍ୱୀକାର କରି କହିଲେ ଆଇନ ଭଙ୍ଗ ହେବାର ତାହାଙ୍କୁ ଜଣା ନ ଥିବାର ଆପତ୍ତି କରିଥିଲେ । କିନ୍ତୁ ସେ ଆପତ୍ତି ଗ୍ରାହ୍ୟ ହେଲା ନାହିଁ ଏବଂ ତାହାଙ୍କୁ ଅପରାଧୀ ସାବ୍ୟସ୍ତ କରି ମା ୩ ସ କାରାବାସ ଦଣ୍ଡ ପ୍ରଦାନ କଲେ ।

---

ମିସେସ ଇଷ୍ଟର ତାଙ୍କର ସ୍ୱାମୀଙ୍କ କର୍ତ୍ତୃକ ବିଶେଷ ଅତ୍ୟାଚାର ପାଇଥିଲେ, ଏକ ଦିନ ସନ୍ଧ୍ୟା ସମୟରେ ତାଙ୍କର ସ୍ୱାମୀ ବାରଣ୍ଡାରେ ଶୋଇଥିଲେ । ଉଭୟଙ୍କ ସେମାନଙ୍କ ମଧ୍ୟରେ ସାଙ୍ଗ କଲହ ହୋଇଥିଲା । ମନୋବେଦନାରେ ଆଉ କଷ୍ଟ ସହି ନ ପାରି ମିସେସ ତାଙ୍କର ସ୍ୱାମୀଙ୍କୁ ଗୁଳିଦ୍ୱାରା ଶମନସଦନକୁ ପ୍ରେରଣ କଲେ । ବୋମ୍ବାଇ ହାଇକୋର୍ଟଙ୍କ ବିଚାରରେ ହତ୍ୟାପରାଧିନୀ ହେବାରୁ ମିସେସ ଇଷ୍ଟାର ବ ୧୦ ବର୍ଷର କାରାବାସ ଦଣ୍ଡ ପ୍ରାପ୍ତ ହେଲେ । ଏହାଙ୍କୁ ରକ୍ଷା କରିବା ନିମନ୍ତେ ସାଧାରଣ ଦୃଷ୍ଟି ଉଠିଥିଲା । ସେ ପୁଣା ଜେଲଖାନାରେ ଥାଇ ପୀଡିତା ହେବାରୁ ତାଙ୍କୁ କାରାଦଣ୍ଡ ଭୋଗ ନିମନ୍ତେ ଇଂଲଣ୍ଡକୁ ପ୍ରେରଣ କରାଗଲା । ସେଠାରେ କାରାଦଣ୍ଡ ଭୋଗକାଳ ଭିତ୍ତିରେ ଏକ ପ୍ରଶ୍ନ ଉଠିଲା ଯେ ଭାରତବର୍ଷୀୟ ଦଣ୍ଡବିଧି ଆଇନଦ୍ୱାରା ଦଣ୍ଡିତ ବ୍ୟକ୍ତି କିପରି ଇଂଲଣ୍ଡର ଜେଲରେ ଦଣ୍ଡଭୋଗ କରିପାରିବ । ଯାହାହେଉ ଆଇନ ଘଟିତ ବିବାଦ ମିସେସଙ୍କ ସପକ୍ଷରେ ମୀମାଂସା ହେଲା ଓ ଜେଲରୁ ନିଷ୍କୃତି ଲାଭ କଲେ । ସେ ସବସୁଦ୍ଧା ୨ ବର୍ଷ କାରାଦଣ୍ଡ ଭୋଗ କରିଥିଲେ । ଏ ଘଟଣା ଅନ୍ୟ ଦେଶୀୟଙ୍କ ପକ୍ଷରେ ବଡ଼ ଲାଭଜନକ ହେବ ।

---

ଆମ୍ଭମାନଙ୍କର ବଡଲାଟ ମହାମାନ୍ୟ ଲାଟ କର୍ଜନ ବାହାଦୁର ଦେଶୀୟ ରାଜକୁମାର ଏବଂ ସମ୍ଭ୍ରାନ୍ତ ବଂଶୀୟ ଯୁବାମାନଙ୍କର ସୈନିକ ବିଭାଗର ଉଚ୍ଚ ପଦରେ ନିଯୁକ୍ତ ହେବାର ପ୍ରସ୍ତାବ କରି ଏବଂ ଆମ୍ଭମାନଙ୍କର ନବ ସମ୍ରାଟ ପ୍ରବଳ ପ୍ରତାପ ଏଡୱାର୍ଡ ସପ୍ତମ ତାହା ଗ୍ରହଣ କରି ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ନବ ସମ୍ରାଟଙ୍କର ଏହି କାର୍ଯ୍ୟ ଭାରତ ପ୍ରତି ତାହାଙ୍କର ବିଶେଷ ଆସ୍ଥା ଓ ଅନୁଗ୍ରହର ଉଜ୍ଜ୍ୱଳ ପ୍ରମାଣ ଅଟେ । ବର୍ତ୍ତମାନ୍ କାର୍ଯ୍ୟଟି ଅବଶ୍ୟ ପରୀକ୍ଷାସ୍ୱରୂପ ଅନୁଷ୍ଠିତ ହେବାର ସ୍ଥିର ହୋଇଅଛି ମାତ୍ର ଆଶା କରୁଅଛି ଯେ ସଫଳତା ଦେଖି କ୍ରମଶଃ ଏହା ବିସ୍ତାର ହେବ ଏବଂ ସମ୍ଭ୍ରାନ୍ତ କ୍ଷତ୍ରିୟ ଯୁବାମାନେ ପୈତୃକ ସୈନିକ ବୃତ୍ତି ଚରିତାର୍ଥ କରିବାର ସୁଯୋଗ ପାଇ ଇଂରାଜ ଗବର୍ଣ୍ଣମେଣ୍ଟଙ୍କଠାରେ ଅଧିକତର ଅନୁରକ୍ତ ହେବେ । ଆପାତତଃ ଏହି ନିୟମ ହୋଇଅଛି କି ଆଜମିର, ଲାହୋର, ରାଜକୋଟ ଏବଂ ଇନ୍ଦୋର ଏହି ଚାରି ନଗରରେ ସଂସ୍ଥାପିତ ରାଜକୁମାର କଲେଜରେ ଶିକ୍ଷା କରୁଥିବା ରାଜବଂଶୀୟ ଯୁବାମାନଙ୍କ ମଧ୍ୟରୁ କ ୨୦ ଜଣ ବାଛି ନେଇ ଏକ ଜଣ କମାଣ୍ଡାଣ୍ଟ ଓ ଏଡ୍ଜୁଟାଣ୍ଟଙ୍କ ଅଧୀନରେ ରଖାଯିବ । ସେମାନେ ଦୁଇ ବର୍ଷ ପର୍ଯ୍ୟନ୍ତ ଶୀତ କାଳରେ ଶିକ୍ଷା ଲାଭ କରିବେ ଏବଂ ଦରବାର ଇତ୍ୟାଦି ଉପଲକ୍ଷରେ ଏହି ସମୟରେ ଗବର୍ଣ୍ଣର ଜେନେରାଲଙ୍କ ସମୀପରେ ଉପସ୍ଥିତ ରହିବେ । ଦୁଇ ବର୍ଷ ଉତ୍ତାରୁ ଯେଉଁମାନେ ଯୋଗ୍ୟ ହେବେ ସେମାନେ ବିଶେଷ ଉଚ୍ଚ ଶାଖାର କ୍ଳାସରେ ଶିକ୍ଷା କରିବେ ଏବଂ କେତେକ ଆପଣା ଏଲକାର ରାଜ୍ୟ ବା ପ୍ରଦେଶର ସିଭିଲ ଅଥବା ସୈନିକ କାର୍ଯ୍ୟ କରିବେ । ତୃତୀୟ ବର୍ଷାନ୍ତେ ସେମାନଙ୍କୁ ଅଧିକ ଶିକ୍ଷା ଦେବାର ବିଧାନ ହେବ ଏବଂ ଯେଉଁମାନେ ତହିଁରେ ସଫଳତା ଲାଭ କରିବେ ସେମାନଙ୍କୁ ପଲଟନର ସୈନିକ ପଦରେ ନିଯୁକ୍ତ କରାଯିବ । ଏ ସମ୍ବନ୍ଧରେ ବିସ୍ତାରିତ ନିୟମାବଳୀ ଏ ପରେ ପ୍ରସ୍ତୁତ ହେବ । ସମ୍ରାଟ ମହୋଦୟ ଏହି କଥା ପ୍ରକାଶ କରିବାର ଆଦେଶ ହୋଇଅଛନ୍ତି ଯେ ଭାରତ ରାଜନ୍ୟବର୍ଗଙ୍କ ଏକାନ୍ତ ରାଜଭକ୍ତିରେ ସେ ସନ୍ତୁଷ୍ଟ ହୋଇଥିବାର ପ୍ରମାଣସ୍ୱରୂପ ତାହାଙ୍କ ରାଜତ୍ୱର ପ୍ରଥମ ବର୍ଷରେ ସେ ଏହି ବ୍ୟବସ୍ଥା କରୁଅଛନ୍ତି । ଆମ୍ଭେମାନେ ସମ୍ରାଟଙ୍କର ଦୀର୍ଘ ଜୀବନ ଓ ଅତୁଳ ଯଶ କାମନା କରୁଁ ।

---

ଓଡିଶାର ସ୍କୁଲ ଇନସପେକ୍ଟରଙ୍କ ଯେଉଁ ଅଫିସ ଏବଂ ସ୍ଥାନ ଉଠାଇବାର ପ୍ରସ୍ତାବ ସରକାରଙ୍କ ବିବେଚିତ ହୋଇଅଛି । ତହିଁ ସମ୍ବନ୍ଧରେ ବାଲେଶ୍ୱର ସମ୍ବାଦବାହିକାର ସମ୍ପାଦକ ଗତ ତା ୧୮ ରିଖର ପତ୍ରିକାରେ ଲେଖିଅଛନ୍ତି କି କଟକଠାରେ ସ୍କୁଲ ଇନସପେକ୍ଟରଙ୍କ ଅଫିସ ଉତ୍କଳର ଦୂରପ୍ରାନ୍ତରେ ଦେବଳସ୍ଥାପିତ ହେଲା । ଯେଉଁମାନେ ଚଳାଇବାକୁ ବାଲେଶ୍ୱରକୁ ଯୋଗ୍ୟ ବୋଧ ...

Digitized by srujanika@gmail.com

Split by PDF Splitter



ହୁଣ ନାହିଁ" ଅତଏବ ତାହାଙ୍କ ବିବେଚନାରେ କୃଷି ବିଭାଗର ପ୍ରଦର୍ଶନୀ ନିମନ୍ତେ ରକ୍ଷିତ ରହିବା ସ୍ଥଳେ ବାଲେଶ୍ୱରରେ ଗୋଟିଏ କୃଷି ଶିଳ୍ପ ବିଦ୍ୟାଳୟ ସ୍ଥାପିତ ହେଲେ ଭଲ ହେବ । ଆମ୍ଭମାନଙ୍କର ଭୟ ହେଉଅଛି ଯେ ପ୍ରଦର୍ଶନୀ କମିଟିର ଉଦାର ଭାବ ସମ୍ୟକ୍ ଗ୍ରହଣ କରିବାକୁ ସମ୍ପାଦକ ମହାଶୟ ସମର୍ଥ ହୋଇ ନାହାନ୍ତି । କମିଟି ଜିଲ୍ଲା ବିଶେଷ ପ୍ରତି ଆଦୌ ଲକ୍ଷ ନ ରଖି ଓଡ଼ିଶାର ଯେଉଁ ସ୍ଥାନରେ ସେପରି ସ୍ମୃତିଚିହ୍ନ ସ୍ଥାପିତ ହେଲେ ଅଧିକାଂଶ ଲୋକର ହିତ ହେବ ତାହାହିଁ ବିଚାର କରୁଅଛନ୍ତି ଏବଂ ସକଳ ଲୋକର ଇଚ୍ଛା ଓ ଭାବ ପ୍ରତି ଦୃଷ୍ଟି ରଖି ସ୍ମୃତିଚିହ୍ନର ଦୃଶ୍ୟ ଏବଂ ସ୍ଥିତିପ୍ରଦ ହୁଲଖାତରେ ଚିନ୍ତା କରୁଅଛନ୍ତି । ଏକପକ୍ଷରେ କଟକ ନଗର ଓଡ଼ିଶାର ରାଜଧାନୀ ହେଉଥିବାରୁ ତାହାର କୀର୍ତ୍ତି ସ୍ଥାପନର ଉପଯୁକ୍ତ ସ୍ଥାନ ବୋଲିବାକୁ ହେବ ମାତ୍ର ଅନ୍ୟ ପକ୍ଷରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିମନ୍ତେ ସମସ୍ତ ଭାରତର ଲୋକ ପୁରୀକୁ ଆସନ୍ତି ଏବଂ ସେଠାରେ ମହାରାଣୀଙ୍କର ପ୍ରତିମୂର୍ତ୍ତି ବା କୀର୍ତ୍ତିସ୍ତମ୍ଭ ସ୍ଥାପିତ ହେଲେ ସମସ୍ତ ଭାରତର ଦର୍ଶନୀୟ ହେବ । ଏହି ହେତୁ ଦୃଶ୍ୟ ମୂର୍ତ୍ତି ତହିଁ ସେଠା[illegible] ହେବାର ପ୍ରସ୍ତାବ ହୋଇ[illegible] । ଅପର ସ୍ମୃତି କଟକ ନଗରରେ ପୂର୍ବରୁ ସ୍ଥାପିତ ସର୍ଭେ ସ୍କୁଲ ଏବଂ ପ୍ରଦର୍ଶନୀର ପରିବର୍ତ୍ତନ ପ୍ରସ୍ତାବ ଭିନ୍ନ ଅନ୍ୟ କିଛି ନୁହେ । ଏଥିରୁ କଟକରୁ ବାଲେଶ୍ୱରକୁ ଉଠି ଗଲେ ଅଧିକ ଲୋକର ଉପଯୋଗୀ ହେବ ସମ୍ପାଦକ ମହାଶୟ ଏହା କହି ପାରନ୍ତି କି ? ପ୍ରକୃତରେ ସେପରି ହୋଇଥିଲେ ବାଲେଶ୍ୱରର କଲେକ୍ଟର ଥିବା ମାତ୍ରେ ଅନୁମୋଦନ କରି ଅବଶ୍ୟ ତହିଁର ପ୍ରତିବାଦ କରିଥାନ୍ତେ । ସମ୍ପାଦକ ମହାଶୟ ନିଜ ଜିଲ୍ଲା ପ୍ରତି ଅଯଥା ଅନୁରାଗ ଦେଖାଇବା ଅଭାଶେ ସେପରି କହିବାର ଅନୁମାନ ହେଉଅଛି । ନତୁବା ବାଲେଶ୍ୱରର ଜଣେ ପ୍ରଧାନ [illegible] ନିଜ ସ୍ଥାନକୁ ଉପେକ୍ଷା ପୂର୍ବକ ଓଡ଼ିଶାର ହେବା ଜନକତାକୁ ପଟାଇ ଦେଇ ପରାର୍ଥଭାବ ଦେଖାଇଅଛନ୍ତି ।

———

## ବୁଅରଯୁଦ୍ଧ

ଯୁଦ୍ଧ ଅଦ୍ୟାପର୍ଯ୍ୟନ୍ତ ଚାଲିଅଛି ଓ ସମ୍ପ୍ରତି ଭୟଙ୍କର ରୂପ ଧାରଣ କରୁଅଛି । କେବେ ଯେ ଯୁଦ୍ଧର ଅବସାନ ହେବ ତାହା କଳନା ହେଉ ନାହିଁ । ଲର୍ଡ କିଚନାର ତାରସମ୍ବାଦଦ୍ୱାରା ଜଣାଇ ଥିଲେ ଯେ ବୁଅର ଦଳପତିମାନେ ଘୋଷଣା ଦେଇ ଅଛନ୍ତି କି ସେମାନେ ସ୍ୱାଧୀନତା ଭିନ୍ନ ଅନ୍ୟ କୌଣସି ସର୍ତ୍ତରେ ସନ୍ତୁଷ୍ଟ ହେବେ ନାହିଁ । ମିଃ ଷ୍ଟେନ୍ଙ୍କ ଦ୍ରବ୍ୟାଦିସହ ଏକଖଣ୍ଡ ଗାଡ଼ି ଧରା ହୋଇଅଛି । ସେଥିରେ କେତେକ କାଗଜ ପତ୍ର ଥିଲା । ସେହି କାଗଜରୁ ପ୍ରକାଶ ଯେ ତାଙ୍କ ବିବେଚନାରେ ବର୍ତ୍ତମାନ ପର୍ଯ୍ୟନ୍ତ ଦୁଃସମୟ ଉପସ୍ଥିତ ହୋଇ ନାହିଁ ଓ ସେମାନେ ଯୁଦ୍ଧରୁ ବିରତ ହେବେ ନାହିଁ ମାତ୍ର ସେ ବିଶେଷ ଭାବରେ ଅବଗତ ହୋଇଅଛନ୍ତି ଯେ କେତେକମାସ ମଧ୍ୟରେ ବିଦେଶୀୟ ଗୋଳଯୋଗଦ୍ୱାରା ସେମାନଙ୍କର ମଙ୍ଗଳ ହେବ ।

ବୁଅରମାନଙ୍କ ପ୍ରତି ଦୈବ ବାମ ହୋଇଅଛି । ଯୁଦ୍ଧରେ ପୁନଃ ପୁନଃ ପରାସ୍ତ ହୋଇ ଓ ସହସ୍ର ସହସ୍ର ବୁଅର ନଷ୍ଟ ହୋଇ ସୁଦ୍ଧା ବୁଅର ନାୟକଙ୍କ ମତରେ ଦୁଃସମୟ ଉପସ୍ଥିତ ହୋଇ ନାହିଁ କହିବା ଦୁର୍ବୁଦ୍ଧିର ପରିଚାୟକ ଅଟେ ।

ବୁଅରମାନେ ପୁନଶ୍ଚ କେପକଲୋନୀ ଆକ୍ରମଣ ନିମନ୍ତେ ଆୟୋଜନ କରୁଥିବାର କଥିତ ହୁଏ ।

———

## ନେଟିଭ ଡାକ୍ତରମାନଙ୍କର ବେତନବୃଦ୍ଧି ।

ଏ ବିଷୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ନିର୍ଦ୍ଧାରଣ ବାହାରିଅଛି ତହିଁରେ ଦେଖାଅଛି ଯେ ସନ ୧୮୬୮ ସାଲ ପୂର୍ବେ ସିଭିଲ ଓ ସୈନିକ ବିଭାଗରେ କାର୍ଯ୍ୟ କରୁଥିବା ନେଟିଭ ଡାକ୍ତର ବା ହାସପାତାଲ ଆସିଷ୍ଟାଣ୍ଟମାନେ ଏକ ଦରରେ ବେତନ ପାଉଥିଲେ । ସନ ୧୮୬୮ ସାଲରେ ସେମାନେ ସିଭିଲ ଓ ସୈନିକ ବିଭାଗରେ ବିଭକ୍ତ ହେଲେ ଏବଂ ସୈନିକ ବିଭାଗରେ କିଛି ଅଧିକ ବେତନ ଧାର୍ଯ୍ୟ ହେଲା । ତଦନ୍ତର ସନ ୧୮୯୯ ସାଲରେ ସୈନିକ ବିଭାଗର ବେତନ ଆଉ କିଛି ବଢ଼ିଲା ଏବଂ ସିଭିଲ ବିଭାଗର କଥା ଗବର୍ଣ୍ଣମେଣ୍ଟ ପାସୋରି ନ ଥିଲେହେଁ ଅର୍ଥାଭାବରୁ କିଛି ବିଚାର କରି ପାରୁ ନ ଥିଲେ । କଲ୍ କେଃଉଡ଼ି, ଜେଲ କମ୍ପାନି, ନୀଲକର ପ୍ରଭୃତି ବେସରକାରୀ ବ୍ୟକ୍ତିମାନେ ନେଟିଭ ଡାକ୍ତରମାନଙ୍କୁ ସରକାରୀ ବେତନ ଅପେକ୍ଷା ଅଧିକ ବେତନ ଦେବାରେ ସରକାରୀ ଚାକରୀର ଆଦର ଊଣା ହୋଇପଡ଼ିଲା । ଯାହାହେଉ ସମ୍ପ୍ରତି ସରକାରଙ୍କର ଆର୍ଥିକ ଅବସ୍ଥା ଭଲ ହୋଇ ଥିବାରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସିଭିଲ ହାସପାତାଲ ଆସିଷ୍ଟାଣ୍ଟଙ୍କ ବେତନ ବୃଦ୍ଧିର ପ୍ରସ୍ତାବ କରିବାରେ ବିଲାତସ୍ଥ ଷ୍ଟେଟ ସେକ୍ରେଟାରୀ ଗତ ଅପ୍ରେଲମାସ ତା ୨୬ ରିଖ ପତ୍ରଦ୍ୱାରା ତାହା ମଞ୍ଜୁର କରିଅଛନ୍ତି ଏବଂ ତଦନୁସାରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ନିମ୍ନଲିଖିତ ବେତନ ବୃଦ୍ଧିର ଘୋଷଣା ପ୍ରଚାର କରିଅଛନ୍ତି ଯଥା—

| | | | |
|---|---|---|---|
| ୪ର୍ଥ ଶ୍ରେଣୀ, | ଚାକରୀ | ୫ ବର୍ଷରୁ ଊଣା | ଟ ୨୫ |
| ୩ୟ „ | „ | ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ | ଟ ୩୫ |
| ୨ୟ „ | „ | ୧୦ରୁ ୧୫ ବର୍ଷ | „ ଟ ୪୫ |
| ୧ମ „ | „ | ୧୫ରୁ ୨୦ ବର୍ଷ | „ ଟ ୫୫ |

ଏଥିଉପରେ ଗୋଟିଏ ଉଚ୍ଚଶ୍ରେଣୀ ବା ସିନିୟର ଗ୍ରେଡ଼ ହେବ ଯେ ତହିଁର ମାସିକ ବେତନ ଟ ୭୦ ଟଙ୍କା ହେବ । ୨ୟ ଶ୍ରେଣୀରୁ ୧ମକୁ ଏବଂ ୧ମରୁ ଉଚ୍ଚ ଶ୍ରେଣୀକୁ ପଦୋନ୍ନତି ବିନା ପରୀକ୍ଷାରେ ବାଛି ନିଆଯିବ ଏବଂ ଶତକଡ଼ା ୧୦ ଜଣରୁ ଅଧିକ ଉଚ୍ଚ ଶ୍ରେଣୀରେ ରହିବେ ନାହିଁ । ଏପର ଇଂରାଜୀ ନ ଜାଣିବା କୌଣସି ଲୋକ ଏଣିକି ସିଭିଲ ହସପାତାଲ ଆସିଷ୍ଟାଣ୍ଟ ହୋଇ ପାରିବ ନାହିଁ । କେବଳ ଦେଶୀୟ ଭାଷା ଜାଣିଥିବା ବ୍ୟକ୍ତିର ନିଯୋଗ ଏକାବେଳେ ନିଷେଧ ହେବ । ଏହି ନୂତନ ବନ୍ଦୋବସ୍ତରେ ସମସ୍ତ ଭାରତରେ ମାସକୁ ଟ ୧୫୦୦୦ ଟଙ୍କା ଅର୍ଥାତ ବାର୍ଷିକ ୧ ଲକ୍ଷ ୮୦ ହଜାର ଟଙ୍କା ଅଧିକା ବ୍ୟୟ ହେବ । ମାତ୍ର ଖାସ ସରକାରଙ୍କର ବ୍ୟୟ ମାସକୁ ଟ ୫୦୦ ଟଙ୍କା ଅର୍ଥାତ ବାର୍ଷିକ ଟ ୬୦୦୦ ଟଙ୍କା ପଡ଼ିବ । ଅବଶିଷ୍ଟ ଟଙ୍କା ପ୍ରାଦେଶିକ ଏବଂ ସ୍ଥାନୀୟ ଆୟରୁ ଦିଆଯିବ । ପ୍ରାଦେଶିକ ଗବର୍ଣ୍ଣମେଣ୍ଟମାନେ ଯେତେ ଶୀଘ୍ର ପାରିବେ ଏହି ଆଦେଶ ପ୍ରତିପାଳନ କରିବେ ।

———

## ସ୍ୱର୍ଗରେ ଧୋବା ଲଭ ଘଟଣା ।

ସ୍ୱର୍ଗଦ୍ୱାର ଓ ବର୍ତ୍ତମାନ ରେଲ ଷ୍ଟେସନ ମଧ୍ୟବର୍ତ୍ତୀ ବାଲୁକାମୟ ସ୍ଥାନ ବାଲୁଖଣ୍ଡ ତାଲୁକା ନାମରେ ଖ୍ୟାତ । ସ୍ୱର୍ଗତବାସୀ ବାସ୍ତ୍ରାନନ୍ଦ ଦାସ ଓଗେର ଏହି ତାଲୁକାର ଜମିଦାର ଥିଲେ । ଭୂତପୂର୍ବ କଲେକ୍ଟର ମିଃ ଆରମଷ୍ଟ୍ରଙ୍ଗ ଏହି ତାଲୁକକୁ ଗବର୍ଣ୍ଣମେଣ୍ଟଙ୍କ ନିମନ୍ତେ କ୍ରୟ କରି ଥିଲେ । ସେହି ସମୟରୁ ଏହାକୁ ବାଲୁଖଣ୍ଡ ଖାସମହାଲ ବୋଲି କହନ୍ତି । ସହର ବର୍ଷାପାଣି ଯିବା ନିମନ୍ତେ ଏହି ତାଲୁକ ଦେଇ ଏକ ନଈ ଥିଲା ତାକୁ ବାଙ୍କିମୁହାଣ ବୋଲି କୁହାଯାଏ । ବାଙ୍କି ମୁହାଣ ପୂର୍ବରେ ବନ୍ଦ ହୋଇ ଯାଇଥିଲା କିନ୍ତୁ ତାଲୁକ ଖାସ ହେବା ସମୟରୁ ବାଙ୍କି ମୁହାଣ ସିଧା କରା ହୋଇଅଛି ମାତ୍ର ନାମର ପରିବର୍ତ୍ତନ ହୋଇ ନାହିଁ । ଏହି ମୁହାଣରୁ ପାଣିସବୁ ବାହାର ଯାଏ । ଏତଦ୍ୱାରା ଖାସମହାଲ ଜମିର ମୂଲ୍ୟ ବୃଦ୍ଧି ହୋଇଅଛି । କେତେକ ପ୍ରଧାନ ଲୋକ [illegible] ମହାକାର ନିକଟ ଓ ସହର ଇରଫ ଜମିସବୁ ପଟ୍ଟା ନେଇଅଛନ୍ତି । ଖାସମହାଲ ଜମିରେ ଥାଉ ଘରସବୁ ଶୋଭିତ ହୋଇ ରେଲ ଷ୍ଟେସନଠାରୁ ସହର ପର୍ଯ୍ୟନ୍ତ ଝାଉ ଗଛର ଉଦ୍ୟାନ ହୋଇ

Digitized by srujanika@gmail.com

Split by PDF Splitter



ଅଛୁ ମଧ୍ୟ କେତେକ ଅଂଶରେ ବାବାଜି ଲୋକେ ଉଦ୍ୟାନ ସ୍ଥାପନ କରୁଅଛନ୍ତି । ଏହି ବାଲୁକାମୟ ସ୍ଥାନର କୟଦଂଶ ବର୍ତ୍ତମାନ ମାଣ ଏକଶତ ଟଙ୍କାରେ ପଟ୍ଟା ଦିଆ ଯାଉଅଛୁ । ସମ୍ପ୍ରତି ଭରତଖଣ୍ଡର କୋଷ ବାହାଦୁର ୮୫୦୯ କା ଦରରେ କେତେକ ଭୂମି ପଟ୍ଟା ନେଇଅଛନ୍ତି । ବର୍ତ୍ତମାନ ଖୋର୍ଦ୍ଧାଗଡ଼ର ଜଙ୍ଗଲ ହୋଇଅଛୁ ଓ ଏଠାରେ ସମୟ ସମୟରେ ହିଂସ୍ର ଜନ୍ତୁମାନେ ଆଶ୍ରୟ ଗ୍ରହଣ କରୁଅଛନ୍ତି ଜନ୍ତୁ ଜଙ୍ଗଲ ଅଧିକ ସମାଚ୍ଛନ୍ନ ହେବାରୁ ଆରମ୍ଭ ହେଲଣି ସୁତରାଂ ବ୍ୟାଘ୍ର ପ୍ରଭୃତି ପଶୁମାନେ ବାସ କରି ପାରନ୍ତି । ଅନେକ ସମୟରେ ବ୍ୟାଘ୍ର ଏଠାରୁ ଅଦୂର ଥିବାର ମଧ୍ୟ କଥିତ ହୁଏ ।

ବାଙ୍କମୁହାଣ ପୂର୍ବରେ ଗୋଟିଏ ବଡ଼ ନଦୀ ଥିଲା ସହରର ସମସ୍ତ ବର୍ଷାପାଣି ଏହି ନଦୀରେ ପତିତ ହେଉଥିଲା । ବାଲିସ୍ଥାନରେ ବର୍ଷାଂ ପାଣି ଯିବାରୁ ପାଣି ବଡ଼ ନିର୍ମଳ ଓ ସ୍ୱଚ୍ଛ ଥିଲା ଓ ନିକଟସ୍ଥ ଜଳାଶୟ ପ୍ରଭୃତିରେ ମଧ୍ୟ ଜଳସବୁ ବାଲିସ୍ଥାନ ଦେଇ ଯିବାରୁ ପରିଷ୍କାର ହେଉଥିଲା। ଏହି ବାଲି ମୁହାଣରେ ଓ ପୁଷ୍କରଣୀ, ଝିଲ ପ୍ରଭୃତିରେ ଧୋବାମାନେ ବହୁକାଳରୁ ଲୁଗା କାଚୁ ଅଛୁଥିଲେ । ଏମାନେ ଅଧିକାଂଶ ପ୍ରାୟ ଚୌଦିପଣ ପୁରବାସିକାଙ୍କ ଲୁଗା କାଚନ୍ତି । କିନ୍ତୁ ବର୍ତ୍ତମାନ କଲେକ୍ଟର ମିଃ ଗାରେଟ ସେମାନଙ୍କୁ ଉକ୍ତ ସ୍ଥାନରେ ଲୁଗା କାଚିବା ନିମନ୍ତେ ନିଷେଧାଜ୍ଞା ଜାରି କରିଅଛନ୍ତି । ସୁତରାଂ ପୁରବାସିମାନେ ମଳିନ ବସ୍ତ୍ର ପରିଧାନ କରିବାକୁ ବାଧ୍ୟ ହୋଇଅଛନ୍ତି । ପୁଣି ସହର ଓଲାଉଠା, ଦେବୀଙ୍କର ବାସଗୃହ ଓ ସେଥିରେ ପୁଣି ମଳିନ ବସ୍ତ୍ର ପରିଧାନରେ ଫଳ ଯାହାହେବ ସାଧାରଣ ହୃଦୟଙ୍ଗମ କରନ୍ତୁ ।

ଏ ପ୍ରକାର ସ୍ଥଳରେ କେତେକ ବାବୁ ମଣ୍ଡଳୀସହ ସହରର ପ୍ରଧାନ ଓକିଲ ବାବୁ ହରିଶ୍ଚନ୍ଦ୍ର ଘୋଷ କଲେକ୍ଟର ସାହେବଙ୍କ ନିକଟରେ ଦରଖାସ୍ତ କରିବାରେ କେବଳ ସେମାନଙ୍କର ଲୁଗା କାଚିବା ନିମନ୍ତେ ଧୋବାମାନେ ଅନୁମତି ପ୍ରାପ୍ତ ହେଲେ ଏବଂ ତଦନନ୍ତର ପୁଷ୍କର ହରେନ୍ଦ୍ର ବାବୁ ପ୍ରଭୃତି କେତେକ ଓକିଲ ଓକେଲ୍ ପକ୍ଷ ଦରଖାସ୍ତ କରିବାରେ ସେହିପରି ଅନୁମତି ପାଇଅଛନ୍ତି । ଏଥିରୁ ଜଣା ଯାଉଅଛୁ ଯେ ଯେଉଁମାନେ ଦରଖାସ୍ତ କରିବେ ସେମାନେ ଅନୁମତି ପାଇବେ ଅଥବା ବଡ଼ଲୋକମାନଙ୍କର ଲୁଗା କଚା ଯିବ । ଆଉ ଅନ୍ୟମାନେ ମଳିନ ବସ୍ତ୍ର ପରିଧାନ କରି ରୋଗଗ୍ରସ୍ତ ହେବେ ।

ବାସ୍ତବିକ ଏହା ଏକ ଧୋବା ଛଡ଼ ଘଟଣା ଓ କେବଳ ଦରଖାସ୍ତକାରୀମାନେ ଧୋବା ଛଡ଼ ପାଉଅଛନ୍ତି । କଣ୍ଟକ ସହରବାସୀମାନେ ଦରଖାସ୍ତ କଲେ ଛଡ଼ ପାଇବେ କି ନାହିଁ ଅବଧି ଜଣା ଯାଇ ନାହିଁ । ବୋଧ ହୁଏ ତାହା ହେବ ନାହିଁ । କାରଣ ତାହା ହେବାର ଥିଲେ ଜଣ ଜଣ କରି ଧୋବା ଛଡ଼ା ନ ହୋଇ ପୂର୍ବପରି ଲୁଗା କାଚିବାର ଅନୁମତି ସମସ୍ତ ଧୋବାଙ୍କୁ ଦିଆ ଯାଇ ଥାଆନ୍ତା । ଯଦ୍ୟପି ବହୁକାଳରୁ ଧୋବାମାନେ ଲୁଗା କାଚ ଅସୁଥିଲେ କେବେ ସେମାନେ ନାହିଁକି ନିଷେଧ ଅଜ୍ଞା ପ୍ରାପ୍ତ ହେଲେ ଯେବେ ବିଶେଷ କାରଣରୁ ଏପରି ନିଷେଧ ଅଜ୍ଞା ପ୍ରଦାନ ହୋଇଥାଏ ତେବେ ଉକ୍ତ ଅଜ୍ଞା ସମସ୍ତଙ୍କ ପ୍ରତି ସମାନଭାବରେ କାହିଁକି ନ ଖଟିଲା ? ବୋଧହୁଏ ଏ ଅଜ୍ଞାର କିଛି ରହସ୍ୟ ଅଛି । ଆମ୍ଭେମାନେ ଆଶା କରୁଁ କଲେକ୍ଟର ସାହେବ ପୁରବାସିଙ୍କ ପ୍ରତି ସୁବିଚାର କରି ଶୀଘ୍ର ତାଙ୍କର ପୂର୍ବ ଆଦେଶ ରହିତ କରିବେ ଓ ନିଜର ଅପଯଶ ଘୋଷଣା ବନ୍ଦ କରିବେ ।

———

ଜଣେ ଇଂରେଜ ଅସାମିର ବିଚାର ।

ଯୋଧପୁରର ସ୍ୱମପ୍ୟାସୀ ନାମ୍ନୀ ଜଣେ ମାରବାଡ଼ି ସ୍ତ୍ରୀ ତାହାର ସ୍ୱାମୀ ଜଲପାଇଗୁଡ଼ିରେ ବାଣିଜ୍ୟ କରୁଥିବାରୁ ସେଠାକୁ ଯାଉଥିଲା । ତାହା ଦେହରେ ଅଳଙ୍କାର ଏବଂ ସଙ୍ଗରେ ଗୋଟିଏ ଟିନବାକ୍ସରେ ଲୁଗାପଟା, ଗୋ ୧୦ ଗୋ ମୋହର ଓ କିଛି ଟଙ୍କା ପଇସା ଥିଲା । ସୀତାରାମ ନାମକ ଜଣେ ବୃଦ୍ଧବ୍ରାହ୍ମଣ ତାହା ସଙ୍ଗରେ ଥିଲା। କାନପୁରଠାରେ ଗଣେଶନାରାୟଣ ନାମକ ଜଣେ ସ୍ୱଦେଶୀ ଦୋକାନଦାର ସହିତ ଦେଖା କରିବା କାରଣ ସେମାନେ ସେଠାରେ ପହଞ୍ଚି ସ୍ୱମପ୍ୟାସୀକୁ ଏକ ଧର୍ମଶାଳାରେ ବସାଇ ସୀତାରାମ ମାରବାଡ଼ିର ଦୋକାନ ଖୋଜିବାକୁ ଗଲା । କିଛିକ୍ଷଣପରେ ଅଲରେଜା ନାମକ ଏକ ବ୍ୟକ୍ତି ଖଣ୍ଡେ ଏକ୍କାଗାଡ଼ି ନେଇ ଧର୍ମଶାଳାରେ ପହଞ୍ଚି ସ୍ୱମପ୍ୟାସୀକୁ କହିଲା ସୀତାରାମ ମାରବାଡ଼ି ଦୋକାନରେ ବସି ଏହି ଏକ୍କା ପଠାଇ ଦେଇଅଛି ତୁମ୍ଭେ ଶୀଘ୍ର ଜିନିଷପତ୍ର ନେଇ ଏଥିରେ ବସ । ସ୍ୱମପ୍ୟାସୀ ଏହା ଦେଖି ଟିକିଏ ଭାବିଲା । ମାତ୍ର ଏକ୍କାବାଲା ଅଲରେଜା ବିଶ୍ୱାସ ଦେଖାଇ ଏକ୍କାରେ ଚଢ଼ାଇ ଦଫାସାହେବଙ୍କ କୁଲିଗୋଦାମକୁ ନେଇ ଗଲା ଏବଂ ସେଠାରେ ସାହେବଙ୍କ ସାକ୍ଷାତରେ ତାହାର ଦେହର ଅଳଙ୍କାର ବାହାର କରି ଜିନିଷପତ୍ର ଟିନବାକ୍ସରେ ଭରତିକରି ଗୋଟିଏ କୋଠରୀରେ ବନ୍ଦକଲା ଏବଂ ସ୍ୱମପ୍ୟାସୀକୁ ଅନ୍ୟ ଏକ କୋଠରୀରେ ବନ୍ଦକଲା । ଏଣେ ସୀତାରାମ ଧର୍ମଶାଳାକୁ ଫେରିଆସି ସ୍ୱମପ୍ୟାସୀକୁ ନ ପାଇ ବ୍ୟସ୍ତ ହୋଇ ଖୋଜିବାରେ ଲାଗିଲା । ସାତପଦ ଉତ୍ତାରୁ ଅର୍ଥାତ୍ ଗତ ଫେବୃଆରୀ ମାସ ତା ୭ ରଖରେ ସେହି ଅଲରେଜା ଓ ଗୋଦାମର ଅନ୍ୟ ଜଣେ ଖୁଦକ ତାହିମଥଲ ସ୍ୱମପ୍ୟାସୀକୁ ତାହାପରେ ଛଡ଼ାଇ ଆସିବାର ଛଳକରି ରେଲଷ୍ଟେସନକୁ ନେଇଯାଇ ଫଏଜାବାଦର ଖଣ୍ଡେ ଟିକଟ ଧରାଇ ଦେଇ ଏକଗାଡ଼ିରେ ବସାଇ ସେମାନେ ଅନ୍ୟ ଗାଡ଼ିରେ ବସି ତାହା ସଙ୍ଗରେ ଯିବାକୁ କହି ଖସିଗଲେ । ଫଏଜାବାଦରେ ସ୍ୱମପ୍ୟାସୀ ପହଞ୍ଚି ସଙ୍ଗୀମାନଙ୍କୁ ନ ଦେଖି କାନ୍ଦିବାରେ କେତେକ ଲୋକେ ତାହାକୁ ପଚାରି ସବୁକଥା ଶୁଣି ତାହାର ସ୍ୱଦେଶୀ ସମରରଣ ନିକଟକୁ ନେଇଗଲେ ଏବଂ ସମରରଣ ତାହାକୁ ଘରେ ରଖି ସୀତାରାମ ନିକଟକୁ ପତ୍ର ଲେଖନ୍ତେ ସେହି ଫେବୃଆରୀ ମାସ ତା ୧୦ ରଖରେ ସୀତାରାମ ସେଠାରେ ପହଞ୍ଚି ସ୍ୱମପ୍ୟାସୀକୁ ସଙ୍ଗେ ନେଇ କାନପୁରକୁ ଆସି ମାଜିଷ୍ଟ୍ରେଟଙ୍କ ନିକଟରେ ଦରଖାସ୍ତ ଦେଲା । ପୁଲିସ ତଦନ୍ତରେ ସ୍ୱମପ୍ୟାସୀ ଦଫାସାହେବଙ୍କ ଚିହ୍ନାଇଁ ଦେଲା ଏବଂ ତାହାଙ୍କ ଗୋଦାମରୁ କେତେକ ଜିନିଷ ବାହାର ହେଲା । ଅଲରେଜା ଏହି ଗୋଳମାଳ ଦେଖି ଆପଣାର ଘର ଉଠାଇ ଗ୍ରାମକୁ ପଳାଇ ଗଲା ଏବଂ ପୁଲିସ ତାହାର ଘର ତଲାସ କରି ଚୋରାଥିବା ଟିନବାକ୍ସ ସହିତ ଆଉ କେତେକ ମାଲ ବାହାର କଲା । ପ୍ରଥମେ କାନପୁରର ଜଏଣ୍ଟ ମାଜିଷ୍ଟ୍ରେଟ ରିଥସାହେବ ଏବଂ ପରେ ଜିଲା ମାଜିଷ୍ଟ୍ରେଟ ପୋର୍ଟର ସାହେବ ମୋକଦ୍ଦମାର ବିଚାର କରି ଦଣ୍ଡବିଧି ଆଇନର ଧା ୩୬୮।୩୫୬ ଓ ୧୧୪ ର ଅନୁସାରେ ଦଫାସାହେବ ଅଲରେଜା ଓ ତାହିମଥଲ ଏହି ଜ ୩ ଣ ଆସାମିଙ୍କୁ ଦଉରକୁ ପଠାଇଲେ । ଦଉର ବିଚାର ଏଲାହାବାଦର ହାଇକୋର୍ଟରେ ବିଚାରପତି ମାନ୍ୟବର ଏଡମାନ ସାହେବଙ୍କ ଇଜଲାସରେ ହେଲା ଏବଂ ତାହାଙ୍କ ସଙ୍ଗେ ଯେଉଁ ଜ ୯ ଣ ଜୁରି ବସିଲେ ସେମାନଙ୍କ ମଧ୍ୟରେ ଜ ୬ ଣ ସାହେବ ଥିଲେ । ଦ ୬ ଦିନରେ ବିଚାର ଶେଷ ହେଲା । ସାହେବ ଜୁରିମାନେ ଜ ୩ ଣ ଆସାମି ସମ୍ପୂର୍ଣ୍ଣ ନିର୍ଦ୍ଦୋଷୀ ଥିବାର କହିଲେ କେବଳ ଅପର ଜ ୩ ଣ ଜୁରି ଦୋଷୀ ଥିବାର ମତ ଦେଲେ ଏବଂ ସେମାନଙ୍କ ମଧ୍ୟରେ ଏକମତ ହୋଇ ନ ପାରିବାର ପ୍ରକାଶ କଲେ । ବିଚାରପତି ମହୋଦୟ ଜୁରିମାନଙ୍କୁ ବିଦାୟ ଦେଇ ପରଦିନ ଏହି ମର୍ମରେ ରାୟ ଦେଲେ ଯଥା—

"ଏ ମୋକଦ୍ଦମାରେ ଅଧିକାଂଶ ଜୁରିଙ୍କ ସହିତ ଆମ୍ଭର ମତ ମିଳିଲା ନାହିଁ ଏବଂ ଅଗ୍ରତଃ ଏକଜଣ ଅସାମୀ ଅଲରେଜା ସମ୍ବନ୍ଧରେ ସେମାନଙ୍କର ମତ କୌଣସିମତେ ଆମ୍ଭର ବୋଧଗମ୍ୟ ହେଉ ନାହିଁ । ଏପରିସ୍ଥଳେ ଆମ୍ଭେ ଏ ମୋକଦ୍ଦମା

Digitized by srujanika@gmail.com

ବୁନଗ୍ଧ ନାମକ ଜଣେ ଫରାସିରେଶ୍ୱ ଫ୍ରାନ୍ସ ଦେଶରେ ବ୍ୟୋମଯାନ ଯୋଗେ ଏକସ୍ଥାନରୁ ଅନ୍ୟସ୍ଥାନକୁ ଗମନପଥରେ ଯାଉଥିବାର ସମ୍ବାଦ ମିଳଇ । ସେଣ୍ଟକ୍ଲାଉଡ଼ ନାମକ ସ୍ଥାନରୁ ସେ ବ୍ୟୋମଯାନ ଯୋଗେ ବାହାର ଉପେ ଲ ଦୁର୍ଗ ସହର୍ କୁ ମଣ ପ୍ରଦକ୍ଷିଣ ପୂର୍ବକ ସେଣ୍ଟକ୍ଲାଉଡଠାରେ ପହୁଞ୍ଚି ଅଛନ୍ତି ।

ବର୍ଣ୍ଣିଆର ପ୍ରଧାନ ଡାକ୍ତର ମିତ୍ରସାହେବ ପ୍ରକାଶ କରି ଅଛନ୍ତି ଯେ ଓଳାଉଠା ରୋଗରେ ଯେତେ ଜଣେଙ୍କ ଔଷଧ ତାହାର ପରି ଚଳି ମଧ୍ୟରୁ କୌଣସି ଗୋଟାଏ ଜାଣିବାର ଅଉ ଓଳାଉଠା ସମୟରେ କାର୍ଯ୍ୟକର ହେଉ ନାହିଁ । ସେ କହନ୍ତି ଯେ ପ୍ରକୃତ ଓଳାଉଠା ହେବା ପୂର୍ବେ ସାଧାରଣ ଜଣେଷ ଗରମ ହୋଇ ଅନେକ ଫଳର ବାହ୍ୟରୁ ଛୁଏ ଏବଂ ସଙ୍ଗେ ସନ୍ନିପାତ ଉପସ୍ଥିତ ହୁଏ ଏବଂ ଅନ୍ୟ ଅନେକ ପ୍ରକାର ଜଟିଳତା ଉପସ୍ଥିତ ହେବାରୁ ତାହାର ଔଷଧ ନିର୍ଦ୍ଦିଷ୍ଟ କରିବା କଠିନ ।

ବିଲାତରୁ ଜଣେ ପେନସନ ଭୋଗୀ ସାହେବ ପ୍ରକାଶ କରି ଅଛନ୍ତି ଯେ ବର୍ତ୍ତମାନ ବଜାରରେ ଯେପରି ଖାଦ୍ୟ ଦ୍ରବ୍ୟାଦର ଉଚ୍ଚମୂଲ୍ୟ ହୋଇଅଛି ତହିଁରେ ବାର୍ଷିକ ୧୦୦୦ ପାଉଣ୍ଡରେ ଅଣ୍ଟ ଅଣୁ ନାହିଁ । ବୋଧହୁଏ ଶୀଘ୍ର ପେନସନ ବୃଦ୍ଧିର ବନ୍ଦୋବସ୍ତ ହେବ ।—ଭାରତରେ ଟଙ୍କା ଗଛର ନାହିଁ ।

ବଡଲାଟଙ୍କ ପ୍ରସ୍ତାବମତେ ଗ୍ରାମମାନଙ୍କ ନୂଆ ସମ୍ରାଟ ରାଜକୁମାରମାନଙ୍କର ସୈନିକଶିକ୍ଷାର ବନ୍ଦୋବସ୍ତ ମଞ୍ଜୁର କରି ଅଛନ୍ତି । ରାଜକୋଟ, ଲାହୋର, ଆଜମୀର ଏବଂ ଇନ୍ଦୋରର କଲେଜମାନଙ୍କରେ ଯେଉଁ ରାଜକୁମାରମାନେ ପଢ଼ୁଅଛନ୍ତି ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ବାଛିନେଇ ଏକ ସୈନିକଦଳ ସଂଗଠିତ ହେବ । ସୁଦକ୍ଷ ଶିକ୍ଷକ ଏମାନଙ୍କୁ ଶିକ୍ଷା ଦେବେ ଏବଂ ସେମାନେ ସମର କାର୍ଯ୍ୟରେ ଉତ୍ତୀର୍ଣ୍ଣ ହୋଇ ଭବିଷ୍ୟତ ସୈନ୍ୟଦଳର ପଦ ଓ କାର୍ଯ୍ୟ ପାଇ ପାରିବେ ।

ୟୁରୋପରେ ମୋଟରକାର ଟରପିଡୋ ବୋଟର ଦଶେଷ କାର୍ଯ୍ୟ ଚଳିଅଛି । ଅଲ୍ପଦିନ ତଳେ ଫ୍ରାନ୍ସଠାରେ ଏକ ଟରପିଡୋ ବୋଟର ପରୀକ୍ଷା ହୋଇ ଦେଖାଗଲା ଯେ ବୋଟଟି ଅଲକ୍ଷିତଭାବରେ ଶତ୍ରୁର ଠିକ ନିଶାଣ କରି ପୁନର୍ବାର ଆପଣାର ସ୍ଥାନକୁ ଫେରିଗଲା ।

କେଞ୍ଚିନଠାରେ ୧ଧ ଏହିପରି ଏକ ପରୀକ୍ଷା ହେବା ସମୟରେ ଟରପିଡୋ ବୋଟ ଠିକ ନିଶାଣ କରି ନ ପାରି ଫାଟିଗଲା । ଏଥିରେ ଜ ୧ ଣ କର୍ମଚାରୀ ଓ ଜ ୨ ଣ ସହଯୋଗୀ ମରିଗଲେ ଏବଂ ଜ ୧୬ ଣ ଲୋକ ଆହତ ହେଲେ ।

ଚୀନ ଜାପାନ ଯୁଦ୍ଧରେ ଟରପିଡ଼ୋ ବୋଟ ବ୍ୟବହାର କରି ଜାପାନ ଜୟଲାଭ କରିଥିବାରୁ ବର୍ତ୍ତମାନ ୟୁରୋପର ପ୍ରାଣ ସେଜିବା ଉଦ୍ଦେଶ୍ୟରେ ସେଥିର ଚର୍ଚ୍ଚା ବିଶେଷ ହେଉଅଛି ଏବଂ ନାନାପ୍ରକାରରେ ସେହିକ ମଲୁଅଛନ୍ତି ।

କଲିକତାଠାରେ ଏକ ଯୁବକ ଗାଧଣାର ବୃଦ୍ଧ ପିତାକୁ ଠେଙ୍ଗାରେ ପ୍ରହାର କରିବା ଅପରାଧରେ ଅନରେବଲ ହାଇକୋର୍ଟ ମେଜେଷ୍ଟ୍ରେଟଙ୍କ ଅଦାଲତରୁ ମା ୭ ସ ସମୟକୁ କାରାଦଣ୍ଡ ପାଇଅଛି ।—କି ନୃଶଂସ କାର୍ଯ୍ୟ !

ବମ୍ବାଲାହଟା ବାଟରେ ଜଣେ ଲୋକ ଗତମାସ ତା ୫ ରିଖ ଶୂନ୍ୟରେ ବାହାରୁ ମଦ ଖାଇ ସନ୍ଧ୍ୟାକୁ ଘେର ଅଛି ସମସ୍ତ ଦ୍ୱାର ଓ ଝରକା ବନ୍ଦ କରିଦେଇ ଶୋଇଲା । ସେହିଁ ଅଲକ୍ଷ ସ୍ୱପ୍ନରେ ଦେଖାଗଲା ଯେ ସେ ମରିଯାଇଅଛି, ଅଙ୍ଗ ଅଙ୍ଗରେ ଫୋଟକ ହୋଇଥିବା ମୃତ୍ୟୁର କାରଣ ବୋଲି ସ୍ଥିର ହୋଇଅଛି କହୁଛନ୍ତି । ଜଣା ଯାଇ ନାହିଁ ଯାହା ଲୋକେ ନେ ଭଳି ସଳେ ଶୋଇବା ଅନୁଚିତ ।

କଲିକତା ପୁଲିସ କୋର୍ଟରେ ମାର୍ଚ୍ଚ ଉକ୍ରିଟିବା ଶତପାଇ ଜମାବ ନାମକ ଜଣେ ଓକିଲ ଟ ୨୦୦ ଜରି ମାଜିଷ୍ଟ୍ରେଟ ମୋକଦ୍ଦମାରେ ମିଥ୍ୟା ସାକ୍ଷ୍ୟ ଦେଇଥିବା ଅପରାଧରେ ସୋପର୍ଦ୍ଦ ହୋଇଅଛି ।

ବୋମ୍ବାଇଠାରେ ଜାହାଜ ଲଙ୍ଗରନାକ ଠିକ କରିବା କାରଣ ଜ ୫ ଣ ଲୋକ ଥୋଇ କଲ ଜାହାଜରେ ଯାଇଥିଲେ । ପଥମଧ୍ୟରେ ପ୍ରବଳ ପବନ ଯୋଗେ ଜାହାଜଟି ଓଲଟି ପଡ଼ିବାରୁ ସେ ଲୋକମାନେ ଓଲଟ ଜାହାଜକୁ ଧରି ସ ୩ ଘଣ୍ଟା କାଳ ଜଳରେ ଭାସୁଥିଲେ । ପରେ ଅନ୍ୟ ଗୋଟିଏ ଜାହାଜ ଯାଇ ସେମାନଙ୍କୁ ଉଦ୍ଧାର କରି ଅଛି ।—ରଖିବାର ଥିଲେ ମୃତ୍ୟୁ କରାଇ ପାରେ ନାହିଁ ।

ଅଯୋଧ୍ୟାର ସୁଜପୁଟ ଜିଲ୍ଲା ପୃଷ୍ଠ ଗ୍ରିନ୍ସ ଅବକାଶ ନିର୍ଣ୍ଣୀ ମଦ୍ଧ୍ୟତ ବାହାଦୂରଙ୍କ ନାମରେ ଏକ ଜଣର ଲକ୍ଷା ମୋକଦ୍ଦମା ଅଗର ହୋଇଅଛି । ପ୍ରିନ୍ସଙ୍କ ସ୍ତ୍ରୀ ଅଭିଯୋଗ ଦେଇ ବାଲକଙ୍କରେ ପଢ଼ିବାରୁ ଶୀଳର ପିତା ତାଙ୍କର ବିବାହ ଉପରେ ଗର୍ଭ ପୁରୁଷ ଜମିଣ କରିଥିଲେ । କଥିତ ଅଛି ପ୍ରିନ୍ସ ବାଳକରେ ଅନେକ ଲୋକ ସଙ୍ଗରେ ଜେଲ ଭିତ୍ରି ସୁରୁଙ୍କୁ ଲାଗି ଦେଉଅଛନ୍ତି । ଶୁଭଙ୍କ ଏଥିର ଫୌଜଦାରୀ ଅଦାଲତରେ ଜାମାଣ ନାମରେ ମୋକଦ୍ଦମା ଦାଏର କରିଅଛନ୍ତି । ଏହି ମୁକଦ୍ଦମା ଦ୍ୱାରା ଏଥିର ଉଚ୍ଚ କରିବା କାରଣ ଅବେଦନ ହୋଇଅଛି । ଶୀଘ୍ର କଥାଏ ହଉବେ ବିଚାର ।

କାଶ୍ମୀରର ରାଜ୍ୟରୁ ମହାମାରୀ ରୋଗ ଅନ୍ତର୍ହିତ ହୋଇ ଅବାର ସମ୍ବାଦ ମିଳଇ । ଓଳାଉଠା ମଧ୍ୟ ଅନେକାଂଶରେ ଉପଶମ ହୋଇଅଛି ମାତ୍ର ଏକାବେଳକେ ଛାଡ଼ି ଯାଇ ନାହିଁ ।

ଜବ୍ବଲପୁରଠାରେ ଗୋଟିଏ କରୁଥ ବାସ୍ପା ହୋଇ ଜ ୨୦ ଣ ଲୋକଙ୍କୁ କାମୁଡ଼ିବା ପରେ ମରି ପଡ଼ିଥିବାର ସମ୍ବାଦ ମିଳଇ ।

## ମୁକ୍ତି-ସମ୍ବାଦ

ବେଙ୍ଗଲନାଗପୁର ରେଲଓ୍ୱେର ଜଟନୀ ଷ୍ଟେସନର ଟିକଟକଲେକ୍ଟର ମି ଅଭ ରେଜନ ଓ ରୁକିଂକ୍ଲର୍କ ବାବୁ ହରିଦାସ ଘୋଷ ତଣ୍ଡବଧ ଆଇନର ଦ ୪୦୮।୪୦୯ ଧା ଅନୁସାରେ ଅଭିଯୁକ୍ତ ହୋଇ ଡିପୁଟିମାଜେଷ୍ଟ୍ରେଟ ବାବୁ କୁଞ୍ଜବିହାରୀ ଘୋଷଙ୍କ ଏଜଲାସରେ ଚାଲାଣ ହେଲେ ଅଛନ୍ତି । ପ୍ରତାଣମାନଙ୍କ ପକ୍ଷରୁ କଟକର ସୁଯୋଗ୍ୟ ଓକିଲ ବାବୁ ଗୋପୀନାଥ ଲାହିଡ଼ି ପକ୍ଷ ସମର୍ଥନ କରୁଅଛନ୍ତି । ମୋକଦ୍ଦମାର ତାରିଖ ୧।୮।୧୯୦୧କୁ ଧାର୍ଯ୍ୟ ହୋଇଥିଲା ।

ଗତ ତା ୨୪ ରିଖରେ କ, ଏନ ରେଲଓ୍ୱେର ଟ୍ରାଫିକ ଅଫିସର ବାର୍ଟିଗ୍ ସାହେବ ଅସିଥିଲେ । କଥିତ ହୁଅଇ ଷ୍ଟେସନରେ ଟିକଟ କୋଷାଗାର କେତେକ ବର୍ତ୍ତମାନ ଅନ୍ତର୍ଗତ ଅଫିସମାନ ତଦନ୍ତ କରିବାକୁ ଅସିଥିଲେ ।

ଜିଲ୍ଲା କଲେକ୍ଟର ସାହେବ ମହୋଦୟ ଅଦ୍ୟ ସପ୍ତାହ ଅନ୍ତରକୁ ଯାତ୍ରା କରିଗଲେ । ସଙ୍ଗରେ ଏଠା ମ୍ୟୁନିସିପାଲିଟିର ଚେୟାରମ୍ୟାନ ଶେରିଫ ସାହେବଙ୍କୁ ନେଇଯାଇ ଅଛନ୍ତି । ଚେୟାରମ୍ୟାନ ଶେରିଫ ସାହେବ ଯାଇବାରୁ ଭାଇସ ଚେୟାରମ୍ୟାନ ଅବସରଭୋଗୀ ନାମକ ଏକ୍ସ୍ଟ୍ରା ଅସିଷ୍ଟାଣ୍ଟ କଲେକ୍ଟର ଓ ପ୍ରିସଗୋ ପର୍ଚ୍ଚି ଅଛନ୍ତି । ସେ ଆସିବାମାତ୍ରେ ଉଚ୍ଚ ପ୍ରିସ୍କ ଖଣ୍ଡି । ଲୋକଙ୍କୁ କୌତୁକ ଅଣି ଏଠା ବନମୁଲ୍ଲକର ବାଇ ମ୍ୟାନେଜର ତାଙ୍କ ହାତରେ ନେମାନଙ୍କୁ ଘେରି ରଖିବେ । ଏମନ୍ତରେ ଧ୍ରିଷ୍ଟଙ୍କରେ ଚଢ଼ିଯିବ ହେବ । ଅବଶ୍ୟ ଭଲକଥା । କଣ୍ଟି ଇନସ୍ପେକଟର ହ ରେଣ୍ଟ ଯେ ଏଠା ମ୍ୟୁନିସିପାଲିଟିର କର୍ମଚାରୀ ହୋଇ ଅନେକରେ କଲେକ୍ଟର ସାହେବ ମହୋଦୟଙ୍କ ଦ୍ୱିସ୍ତ୍ରାନ୍ତ ସମ୍ବନ୍ଧରେ ସହାୟ କରିବା ଲାଗି କର୍ତ୍ତବ୍ୟକାର୍ଯ୍ୟରେ ଶ ଟିକର ଲଗାଯିବାଟା କେତେକେତେ କାମ୍ୟସୁନ୍ଦର ବୋଲି ବିବେଚନା କରି ପାରୁ ଅଣାବଲୁ ମ୍ୟୁନିସିପାଲିଟିର କମିଶନରମାନେ ଉତ୍ତମ ଏକଥାରେ ବିଚାର କରିବେ ।

ଶୁଣାଗଲୁ ଏଠା ମ୍ୟୁନିସିପାଲିଟିର ଗୋରୁ ଏବଂ ଖାସମହାଲ ଓ ଗୋର୍ଡା ମ୍ୟୁନିସିପାଲିଟିର ଗୋରୁମାନଙ୍କର ବଡ଼ ଏବ ଜଣ୍ଟ୍ରିଟା ପଞ୍ଚି କଲେକ୍ଟର ସାହେବ ମହୋଦୟ କଟକର ସମ ଗଣାଇ ଏଠାରେ ଏବ ଖାସମହାଲ ଇଲାକାରେ ତହିଁରେ କରିସ୍ ତଦାରଖ କରାଇବେ ।

ସହରରେ ଓଲନ୍ଦାଜେରର ପ୍ରାଦୁର୍ଭାବ ଏପର୍ଯ୍ୟନ୍ତ ପ୍ରଶମିତ ହେବାକୁ ନାହିଁ । ପାଠବାଉ ବହୁ ସାହିଲ ସମାଗମ ଏବଂ ଏଠାରେ କଣ୍ଠ ଅନାଥିକଣ ହେଲୁ ଏପରି ଲାଗୁଅଛି ବୋଲି ଅନେକ ଅନୁମାନ କରନ୍ତି ।

ରାଜଗାର ସ୍ଥାନିକର ଦେବା ପ୍ରଭାବ ଯାଦ କର କଙ୍ଗ ମୂଳେ ସମାଚ୍ଛନ୍ନ ହେଉଅଛି । କାଳେ ସେହି ମହାପ୍ରଭୁଙ୍କର ଇଚ୍ଛା କହିବାକୁ ହେବ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଏହି ଜୁଲାଇମାସ ତା ୯ ରଖରେ ସାତବାଟିଆ ଗୋପୀନାଥପୁର ପାଠଶାଳା ପରିଦର୍ଶନ କରିବାକୁ ଯାଇଥିଲୁଁ । ପାଠଶାଳା ଦେଖି ସାର ରାତିକୁ ସେହିଠାରେ ରହିବାର ପ୍ରକାଶ କରିବାରୁ ଉପସ୍ଥିତ ଭଦ୍ରବ୍ୟକ୍ତିମାନେ ତାହା ଜାତ୍ରିକର ଅବଧାନ ଚନ୍ଦ୍ରାମଣି ନାୟକର ପରାମର୍ଶ ମତେ ଅନ୍ୟ ଏକ ଲୁଡ଼ିଆ ଘରରେ ରହିବାର ଆଦେଶ ଦେଲେ । ଶିକ୍ଷକ ସହିତ ଆମ୍ଭେ ଜଲ୍ପ ଲୁଟିରରେ ଅବସ୍ଥାନ କଲୁଁ । ରାତିରେ ଆମ୍ଭର ସବୁ ଜିନିଷ (କେବଳ ପିନ୍ଧିବା ଲୁଗା ଖଣ୍ଡି ଓ କାଗଜ ପତ୍ର ବସ୍ତାନିଟି ଛଡ଼ା) ଚୋରି ହେଲା । ପୁଲିସ ସବ ଇନ ମହାଶୟ ତା ୧୬ ରଖରେ ତଦାରଖକୁ ଆସି ଚୋରି ମାଲର ଅଲ୍ପ ପ୍ରମାଣ ପାଇଥିଲେ କେଉଁଠି ? ତଥାପି ଅଦର ସେଠା ଲୋକଙ୍କର ସାକ୍ଷୀଥିବାରୁ ସେହି ଏକକାଠରେ ଥୋଇ ବାହାରିଲେ । ଏପରି ହେଲେ ଗସ୍ତକ ଇଃ ସଃ ମାନେ ମଫସଲରେ କପରି ଯିବେ ।

୧୬।୭।୧୯୦୧ । ମୁ । ବନ୍ଧାବେଲି } । କ । ଶ୍ରୀ ଦାଶରଥି ମହାପାତ୍ର ଇଃ ସଃ ପଦ୍ମପୁର ସର୍କଲ

ପରମ ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା
ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ କଣ୍ଠସ୍ୱ ପଂକ୍ତିକୁ ଭବଦୀୟ ଜଗନ୍ମୋହନ ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବା ହେବେ ।

ଏହି କ ଅଞ୍ଚଳରୁ ପ୍ରାୟ ପଦର ବାଟ ହେବ ଏ ବଳ ସଲଗ୍ନ ବାଙ୍କୀ, ଛତିଆସ୍ଥା, ବଡମ୍ବା,

Split by PDF Splitter



ଶସ୍ତପତ୍ତା ଓ ଢୌମପତ୍ତା ପ୍ରଭୃତି ହେତେକ ଅଞ୍ଚଳରୁ କଙ୍ଗାଳମାନେ ଅନ୍ନ ରାଜଧାନୀକୁ ଆସି ସର୍ବଦା ହାତରେ ହାଣ୍ଡି ଧରି ଆପଣା ପିଲାମାନଙ୍କ ସଙ୍ଗରେ ଘେନି ଦ୍ୱାର ଦ୍ୱାର ଭିକ୍ଷା ମାଗି ବୁଲୁଅଛନ୍ତି । ଯଦି କେହି ସେମାନଙ୍କୁ ଭିକ୍ଷା ଦେବାରେ ଅସ୍ୱୀକୃତ ହେଉଅଛନ୍ତି ତେବେ ସେମାନେ "ଭାତ ଦିଅ" ବୋଲି କହି ଏପରି ବ୍ୟତିବ୍ୟସ୍ତ କରୁଅଛନ୍ତି ଯେ ସେ ଦୌରାତ୍ମ୍ୟ ସହ୍ୟ କରି କେହି କିଛି ନା କିଛି ନ ଦେଇ ରହି ପାରୁ ନାହାନ୍ତି । କିନ୍ତୁ ଆମ୍ଭମାନଙ୍କର ମାନନୀୟ ପ୍ରଜାବତ୍ସଳ ଅନ୍ନପ୍ରଦାୟକ ଶ୍ରୀମାନ୍ ଶ୍ରୀଯୁକ୍ତ ଶ୍ରୀଅଷ୍ଟଦୁର୍ଗାଧୀଶ୍ୱର ମହୋଦୟ ଉକ୍ତ କଙ୍ଗାଳମାନଙ୍କ ଦୁର୍ଦ୍ଦଶା ସ୍ୱୟଂ ପରିଦର୍ଶନ କରି ସଦୟ ଚିତ୍ତରେ ନ ୫୦ ଶ କଙ୍ଗାଳଙ୍କ ସକାଶ ପ୍ରତ୍ୟହ ପ୍ରତିଜଣଙ୍କୁ ଏକ ମାଣ ଚାଉଳ ଓ ଦୁଇ ଗୋଟି ଲେଖାଏଁ ପଇସା ସ୍ୱୀୟ ଗନ୍ତାଘରୁ ବଣ୍ଟା କରି ଦେଇଅଛନ୍ତି । ଏହି ଚାଉଳ ଏବଂ ପଇସା ସେମାନେ ସକାଳ ଓଳି ନମିତ୍ତ ପୂର୍ବାହ୍ନ ଘ ୧୦ ଟିହା ସମୟେ ପ୍ରାପ୍ତ ହୁଅନ୍ତି । ପୁନଶ୍ଚ ଗଡ଼ିରୁ ଅହସ୍ତ ଚରି ପ୍ରତିଷ୍ଠିତ ଅଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନ୍ନ-ପ୍ରସାଦ ପ୍ରାପ୍ତ ହୋଇ ଅକାଲ ମୃତ୍ୟୁମୁଖରୁ ରକ୍ଷା ପାଉଅଛନ୍ତି । ଏହି ପୂର୍ବରୁ ଶ୍ରୀରାଜା ମହୋଦୟ ବାର୍ଷିକ ୫୦୦ ଙ୍କା (ପାଞ୍ଚଶତ ଟଙ୍କା) ଭାରତବର୍ଷୀୟ ଦୁର୍ଭିକ୍ଷପାଣ୍ଠିକୁ ପ୍ରଦାନ କରିବା ନିମନ୍ତେ ମାନ୍ୟବର ଶ୍ରୀଳ ଶ୍ରୀଯୁକ୍ତ ଗଡ଼ଜାତ ମାହାଲର ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟଙ୍କୁ ଜଣାଇଥିଲେ । ଉକ୍ତ ମହୋଦୟଙ୍କ ଅନୁମୋଦିତ ପତ୍ରାନୁସାରେ ସନ ୧୯୦୦ ଓ ୧୯୦୧ ସାଲ ନିମନ୍ତେ ଗତତ ମାସ ତା ୨୦ ରିଖରେ ଉକ୍ତ ପାଞ୍ଚଶତ ଟଙ୍କା ପ୍ରେରଣ କରିଅଛନ୍ତି । ଶ୍ରୀଯୁକ୍ତ ରାଜା ମହୋଦୟ ଏହିପରି ସତ୍କାର୍ଯ୍ୟାନୁଷ୍ଠାନଦ୍ୱାରା ଅବଶ୍ୟ ସର୍ବସାଧାରଣଙ୍କର ପ୍ରଶଂସାର୍ହ ଅଟନ୍ତି । ପ୍ରକୃତତଃ ଏତାଦୃଶ ଦାନ ଗୋଟିଏ ମହାଦାନ ମଧ୍ୟରେ ପରିଗଣିତ ହୁଏ । ଏଥିରେ ସନ୍ଦେହ ନାହିଁ । ଏଥି ପାଇଁ ଅମ୍ଭେମାନେ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀଉଙ୍କ ଚରଣାରବିନ୍ଦରେ ଭକ୍ତି ପୁରଃସର ନିବେଦନ କରୁଅଛୁଁ ଯେ ପ୍ରଜାବତ୍ସଳ ମାନନୀୟ ଶ୍ରୀ ଶ୍ରୀରାଜା ମହୋଦୟ ଯଥୋଚିତ ସମ୍ମାନିତ ଓ ପୁତ୍ର ପୌତ୍ରାଦିଙ୍କଦ୍ୱାରା ବିଭୂଷିତ ହୋଇ ଅମ୍ଭମାନଙ୍କୁ ଆନନ୍ଦିତ କରନ୍ତୁ । ଏହାହିଁ ପ୍ରାର୍ଥନା । ଅତ୍ୟଲମତି ବିସ୍ତରେଣ ।

ତା ୨୫।୭।୧୯୦୧ | ଭବଦୀୟ
ଅଠଗଡ଼ ରାଜଧାନୀ | ଅନୁଗ୍ରହାକାଂକ୍ଷୀ
| ଶ୍ରୀ ପୀତାମ୍ବର ପ୍ରଧାନ
| ହେଡ଼ ପଣ୍ଡିତ ମିଃ, ଭି, ସ୍କୁଲ

---

ମୂଲ୍ୟପ୍ରାପ୍ତି ।

ଶ୍ରୀ ବାବୁ ପ୍ରହଲାଦ ବେହେରା ମିର୍ଜାପୁର ଚୋଳଗ୍ରାମ
ରାମବାଗ ୫ ୩
„ ନିଶାମଣି ନାୟକ କୋଃ ସ୍ୱାଟ୍ ସ୍ଟେଟ
ମାଳଦେଇ ୫ ୩
„ ରଘୁନାଥ ହରିଚନ୍ଦନ ବାଲୁଅଗିଡ଼ା ୫ ୩
„ ସିଦ୍ଧେଶ୍ୱର ଭଞ୍ଜ ସିଂହ ବାନ୍ତି ହରୋଇ ୫ ୩

## ବିଜ୍ଞାପନ ।

ସର୍ବସାଧାରଣଙ୍କୁ ଜଣାଉ ଅଛୁଁ ଯେ ସତ୍ୟଧର୍ମ ନାମକ ଉପାସନା ପୁସ୍ତକ (ବଙ୍ଗଳା ଛାପା) ଆମ୍ଭ କଟକରେ ଅଳ୍ପ ମୂଲ୍ୟରେ ବିତରଣ ହେଉ ଅଛି । ଯେଉଁମାନେ ଏ ପୁସ୍ତକ ନେବାକୁ ଇଚ୍ଛା କରନ୍ତି ସେମାନେ ଦୁଇପଇସାର ଷ୍ଟାମ୍ପ ମଙ୍ଗଳା ବାଗସ୍ଥ ଅଲେଖଧର୍ମ ପୁସ୍ତକାଳୟଠାରୁ ପଠାଇଲେ ପାଇ ପାରିବେ । ଇତି ।

ଶ୍ରୀ ଗଙ୍ଗାଧର ବ୍ରହ୍ମ ଅବଧୂତ ମହାରାଜ

## ବିଜ୍ଞାପନ ।

### ହରି ସଂକୀର୍ତ୍ତନ ।

୨ୟ ଖଣ୍ଡ

ମୂଲ୍ୟ ୮ ୦ ୵ ଦୁଇଅଣା ମାତ୍ର

ହରିସଂକୀର୍ତ୍ତନ ୧ମ ଖଣ୍ଡ ସର୍ବସାଧାରଣରେ ବିଶେଷରୂପେ ସମାଦୃତ ହେବାରୁ ପ୍ରକାଶକ ମହୋଦୟ ୨ୟ ଖଣ୍ଡ ପ୍ରକାଶ କରିବାକୁ ସକ୍ଷମ ହୋଇଅଛନ୍ତି । ଏହା କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

କଟକ | ଶ୍ରୀ ଗୌରିଶଙ୍କର ରାୟ
୧୨।୭।୦୧ | ସମ୍ପାଦକ

---

NEW YORK LIFE INSURANCE COMPNY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

---

## ଅଦ୍ଭୁତ ରାମାୟଣ ।

ଏଥିରେ ରାମଚନ୍ଦ୍ର ଓ ସୀତାଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ଏବଂ ସୀତାଙ୍କଦ୍ୱାରା ସହସ୍ରମୁଖରାବଣର ବଧ ଓ ରାମଚନ୍ଦ୍ରଙ୍କଦ୍ୱାରା ସୀତାଙ୍କର ସ୍ତୁତି ଇତ୍ୟାଦି ସୁଲଳିତ ପଦ୍ୟରେ ବର୍ଣ୍ଣିତ ହୋଇଅଛି । ମୂଲ୍ୟ ୮ ୦ ।୵ ମାତ୍ର । ପ୍ରିଣ୍ଟିଂ କମ୍ପାନୀ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

---

## NOTICE.

Tenders are hereby invited for the following works to be executed in this State, which will be received by the undersigned up to 10th August 1901. The highest or lowest tenders will not necessarily be accepted. Any necessary information may be had from the office of the District Engineer Angul.

ORIGINAL WORKS.

| | | Rs. |
|---|---|---|
| 1. | Compound walls of the Rani's quarters at Kapilas | 500 |
| 2. | Masonary Granary at Periang | 1500 |
| 3. | Masonry Jail at Murhi | 1000 |
| 4. | Lady Doctor's quarters at Head quarters | 1000 |
| 5. | Out houses of the Motagan Inspection Bunglow | 500 |
| 6. | Remodelling of the Deogan Haripur road | 2000 |
| 7. | Minor culverts on the Angul road | 500 |

REPAIR WORKS.

| | | |
|---|---|---|
| 8. | Repairs to Palace building | 1000 |
| 9. | Do. to Civil buildings at Head quarters | 3500 |
| 10. | Do. to Angul road | 4000 |
| 11. | Do. to Inspection Bunglows of Do. | 500 |
| 12. | Do. to out houses D. | 500 |
| 13. | Do. to Boalpur road | 600 |
| 14. | Do. to Baogra road | 800 |
| 15. | Do. to Town roads | 300 |
| 16. | Do. to Town lanes | 300 |
| 17. | Do. to Bhaupur road | 500 |
| 18. | Do. to Sankarpur road | 800 |
| 19. | Do. to Tangi road | 800 |
| 20. | Do. to Similia road | 200 |
| 21. | Do. to Nuagan road | 500 |
| 22. | Do. to Aluajharan Murhi road | 300 |
| 23. | Do to Palasuni road | 1000 |
| 24. | Do. to Bhaupur Baramba road | 500 |
| 25. | Do. to Kapilas Hill road | 1000 |
| 26. | Repairs to Deogan Bhuban road | 800 |
| 27. | Do. to completed portion of Deogan Haripur road | 500 |

Manager's office | R. B. NAIK,
Dhenkanal | *Manager.*
23—7—1901.

Digitized by srujanika@gmail.com

# ମଧୁପର ଉପହାର ।

" ଉତ୍କଳ ମଧୁପ " ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୪୭ ପୃଷ୍ଠାରେ ସମାପ୍ତ

## ଭିକ୍ଟୋରିୟା ଚରିତ

ଉପହାର ପାଇବେ । ଭିଃ ପିଃ ରେ ଉପହାର ପଠା ଯାଇ ମୂଲ୍ୟ ଆଦାୟ କରା ଯାଉଅଛି । ଏ ସୁବିଧା ଅଳ୍ପଦିନ ନିମନ୍ତେ ରହିବ ।

ବେବଗଡ଼ ପୋଃ, ସମ୍ବଲପୁର } ସମ୍ପାଦକ " ଉତ୍କଳ ମଧୁପ "

## ବନାରସୀ ମାଲ ।

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସବୁପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରଜା ଜମିଦାରମାନଙ୍କ ନିକଟରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ଗଡ଼ଜାତ, ସରେଇକଳା ପ୍ରଭୃତିର ରଜାମାନଙ୍କ ନିକଟରେ ତତ୍ତ୍ୱ ନେଲେ ଅମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଅମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ି ଜୋଡ଼ି, ଚେଲା, ଦଂଶାପ, ବାପ୍ତା ସଙ୍ଗୀ, ଦୋପଟା ମଧୁଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରହ୍ୟାଦଣ୍ଡିତ ଅଙ୍ଗୁଷ୍ଟି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାଙ୍ଗର ହାଉଦା ପ୍ରଭୃତି ନମୁନା ଅନୁସାରେ ତିଆର କରିଦେଉଁ । ବରାଦ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଅମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରାଇ ନିଆଯାଏ ।

ଶ୍ରୀ ପାଲୁମାଲ ଭୋଲାନାଥ
କୁଞ୍ଜଗଲି ପାଟନ ବନାରସ ସିଟି




# ସୁଗନ୍ଧି ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଯୂଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

## ପୁଷ୍ପସାର ଅଥବା ଏସେନସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଚଉଦ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଶୁମେଲି; ମଲ୍ଲିକା; ହାନିମା; ରଜନୀଗନ୍ଧା; ମାଳତୀ; ବେଲଶୋଭା; ହ୍ୱାଇଟ୍ ରୋଜ୍; ବକୁଳ ରୋଜ୍; ବେଣାଚେଲି; ଭାଯୋଲେଟ୍; ମିଲ୍ଲେନ୍ୟ; କେନାପୁଷ୍ପ; ପାଟଲା ପୁଷ୍ପ; ଉଦ୍ୟାନସ୍ତ୍ରୀ ବୋକେ । ମୂଲ୍ୟ ଏକ ଶିଶି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

ବସୁଙ୍କ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ ଶିଶି ଚଉଦ ଅଣା, ସାନ ଶିଶି ସାତ ଅଣା ।

## ପମେଟମ

ଗୋଲାପି ପମେଟମ ଆଠଅଣା; ସୁଗନ୍ଧ ପମେଟମ ପାଞ୍ଚଅଣା ।

## ତାମ୍ବୁଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅଦ୍ଭୁତ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଅଳ୍ପ ମିଶାଇ ଦେଲେ ଗୁଣ୍ଡି ମନୋହର ହେବ । ମୂଲ୍ୟ ପ୍ରତି ଟିଣ ଆଠଅଣା ।

## ସରବତ ଅଥବା ସିରପ ।

ଗ୍ରୀଷ୍ମକାଳ ନିମନ୍ତେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ରୋଲ୍ଡନ ସିରପ୍ ଏକଟଙ୍କା ।

## ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରଜା ଓ ରଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପତ୍ରିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଇଚ ବସୁ<br>୬୨ ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ " ଉଦ୍ୟୋଗୀ ସମିତିର ଭଣ୍ଡାର "ରେ ଓ କଟକ ଟ୍ରେଡିଂ କମ୍ପାନୀର ପୁସ୍ତକ ଦୋକାନରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ନିମନ୍ତେ

| | |
|---|---|
| ଧାଡ଼ିପ୍ରତି | ୦ ୦ ୬ |
| ଅର୍ଦ୍ଧସ୍ତମ୍ଭକୁ | ୧ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୩ ୮ ୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ମଧ୍ୟ ତହିଁର ଖର୍ଚ୍ଚ ୧୦ ଆଣାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ନିମନ୍ତେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନ ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ ଝଞ୍ଜ ରଙ୍ଗବାଡ଼ିଆର ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ଼ର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C. 81.

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଭାଗ ୩୬ ଶ | CUTTACK, SATURDAY THE 10TH AUGUST 1901. | ଅଗ୍ରୀମ ୩।
ସଂ ୩୨ ସଂଖ୍ୟା | ତା ୨୨ ର ଶ୍ରାବଣ ସନ ୧୩୦୮ ସାଲ ଶନିବାର | ପଶ୍ଚାଦେୟ ୬।



## ବିଜ୍ଞାପନ ।

## ମହାରାଣୀ ।



ପରଲୋକଗତା ମହାରାଣୀ ଭିକ୍ଟୋରିଆଙ୍କର ଜୀବନ ଚରିତ ଓଡ଼ିଆଭାଷାରେ ମୁଦ୍ରିତ ହୋଇଅଛି । ଏଥିରେ ତାଙ୍କର ଜନ୍ମ, ବାଲ୍ୟାବସ୍ଥା, ଶିକ୍ଷା, ଅଭିଷେକ, ବିବାହ, ପୁତ୍ର କନ୍ୟା ଓ ସେମାନଙ୍କର ବିଦ୍ୟା ଶିକ୍ଷା, ରାଜ୍ୟ, ଶାସନର ଫଳ ଓ ମୃତ୍ୟୁ ବର୍ଣ୍ଣିତ ହୋଇଅଛି । ଉତ୍କଳ ମାଲ୍‌କର୍ଣ୍ଣି ସାହାରେ ଛପା ଓ ଅନେକଗୁଡିଏ ଛବି ଦିଆଯାଇଥିବାରୁ ପୁସ୍ତକଖଣ୍ଡି ଅତି ସୁନ୍ଦର ହୋଇଅଛି । ଓଡ଼ିଆଭାଷାରେ ଅଦ୍ୟପର୍ଯ୍ୟନ୍ତ ଏପରି ପୁସ୍ତକ ଛପା ହୋଇ ନ ଥିଲା । ମୂଲ୍ୟ ପାଞ୍ଚଅଣା ମାତ୍ର । କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ସେକ୍ରେଟେରୀଙ୍କ ନିକଟରୁ ପତ୍ର ଲେଖିଲେ ପୁସ୍ତକ ପାଇପାରିବ । ଗ୍ରାହମାନେ ଦଶଖଣ୍ଡି ପୁସ୍ତକ ଏକସଙ୍ଗରେ ନେଲେ ଖଣ୍ଡିଏ ପୁସ୍ତକ ବିନା ମୂଲ୍ୟରେ ପାଇବେ ।

## ନୃସିଂହପୁରାଣ ।

ଏଥିରେ ପଞ୍ଚପୁରାଣ—ଶ୍ରୀ ମଦ୍‌ଭାଗବତ, ମହାଭାରତ, ରାମାୟଣ, ହରିବଂଶ ଓ ନୃସିଂହମହାପ୍ରଭୁଙ୍କ ଚରିତ୍ର ବାହୁଲ୍ୟରୂପେ ସନ୍ନିବିଷ୍ଟ । ଏହାକୁ ନିଯୁମାନୁସାରେ ପାଠ ବା ଶ୍ରବଣ କଲେ ସକଳ ପାପ ଦୂର ଓ ପୁଣ୍ୟରାଶି ସଞ୍ଚାରିତ ଏବଂ ଚତୁର୍ବର୍ଗ ଫଳ ଲାଭ ହେବ । ଏ ଗ୍ରନ୍ଥରେ ମନୁଷ୍ୟମାନଙ୍କର ଯାବତୀୟ କର୍ତ୍ତବ୍ୟ କର୍ମ ସମ୍ବନ୍ଧୀୟ ନାନାପ୍ରକାର ସଦୁପଦେଶ ବିଷୟଗୁଡ଼ିକରେ ରଚିତ ହୋଇଅଛି ପାଠକେ ଏହାକୁ ଥରେ ପାଠ କଲେ ବା ଶୁଣିଲେ ବୁଝିପାରିବେ ବିଶେଷ ଜଣାଇବା ବାହୁଲ୍ୟ ।

ଏ ଗ୍ରନ୍ଥ ପୁରାଣ ଗୂଢ଼-ରତ୍ନସ୍ୱରୂପ ଅଟେ । ଏକ ଏକ ସେଟ ଏଥିରୁ ଗୃହରେ ରଖିବାର ଉଚିତ । ଏହା ବୃହତ ଗ୍ରନ୍ଥ ୭ମଖଣ୍ଡରେ ବିଭକ୍ତ । ଗ୍ରନ୍ଥକାର ପ୍ରତିଖଣ୍ଡ ରତ୍ନାକର ଆଖ୍ୟା ପ୍ରଦାନ କରିଅଛନ୍ତି । ପ୍ରକୃତରେ ରତ୍ନାକର ଯେରୂପ ରତ୍ନ ଓ ମଣି ପ୍ରଭୃତି ବହୁମୂଲ୍ୟ ପଦାର୍ଥରେ ପୂର୍ଣ୍ଣ । ଏ ଗ୍ରନ୍ଥ ଜନସାଧାରଣଙ୍କର ଜୀବନସାର୍ଥକ କରିବାର ଯେରୂପ ବହୁମୂଲ୍ୟ ହିତୋପଦେଶରେ ପୂର୍ଣ୍ଣ ଅଟେ ।—

୧ମ ରତ୍ନାକର ଟ ୪  ୨ୟ ରତ୍ନାକର ଟ ୧।
୩ୟ „ ଟ ୪  ୪ର୍ଥ „ ଟ ୪
୫ମ „ ଟ ୬।  ୬ଷ୍ଠ „ ଟ ୦।
୭ମ „ ଯନ୍ତ୍ରସ୍ଥ ।

ଶୂଦ୍ରମୁନି ଶାରଳାଦାସଙ୍କ ବିରଚିତ ।

## ମହାଭାରତ ।

ଏହା ଓଡ଼ିଶାବାସିଙ୍କର ପରମାଦରଣୀୟ ଗ୍ରନ୍ଥ ଏ ବୃହତ ଗ୍ରନ୍ଥ ଏକାବେଳକେ କ୍ରୟ କରିବା ଗ୍ରାହକମାନଙ୍କ ପକ୍ଷେ ସୁବିଧାଜନକ ନୁହେ ସୁତରାଂ ଖଣ୍ଡେ ଖଣ୍ଡେ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ପର୍ବରେ ପ୍ରଧାନ ଘଟନାସ୍ଥଳମାନଙ୍କରେ ଚିତ୍ରମାନ ଚିତ୍ରିତ ହୋଇଅଛି । ଆଦିପର୍ବ ଟ ୨। ମଧ୍ୟପର୍ବ ଟ ୨। ସଭାପର୍ବ ଟ ୨। ବନପର୍ବ ଟ ୨। ବିରାଟପର୍ବ ଟ ୧। ଭୀଷ୍ମପର୍ବ ଟ ୧। ଉଦ୍‌ଯୋଗ ପର୍ବ ଟ ୧। ଦ୍ରୋଣପର୍ବ ଟ ୧ ୯ କର୍ଣ୍ଣପର୍ବ ଟ ୦ ।୶ ଶଲ୍ୟପର୍ବ ଟ ୦ ।୶ ଗଦାପର୍ବ ଟ ୦। କାଳିନ୍ଦିକାପର୍ବ ଟ ୦।/ ନାରୀ ଓ ସାନ୍ତ୍ୱପର୍ବ ଟ ୦।୶ ଆଶ୍ରମିକ ଓ ଅଶ୍ୱମେଧପର୍ବ ଟ ୦ ୪ ମୂଷଳୀପର୍ବ ଟ ୦।୶ ସ୍ୱର୍ଗାରୋହଣପର୍ବ ଟ ୦ ।

ଉତ୍କଳଭାଷାରେ ମୁଦ୍ରିତ ହୋଇ କଟକ ଦରଘାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

## ସ୍ନାଦୁର ଅବ୍ୟର୍ଥ ମହୌଷଧ ।

ମୂଲ୍ୟ ପ୍ରତିଡବା ଟ ୦ ।୶ ଛଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ ୦। ଚାରିଅଣା ମାତ୍ର । ସବୁପ୍ରକାର ଦଦ୍ରୁରୋଗର ଏହାପରି ଉତ୍କୃଷ୍ଟ ପୁଣି ଜ୍ୱାଳା ଯନ୍ତ୍ରଣା ବିହୀନ ଆଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ ଗ୍ରହଣାର୍ଥୀ ମାନଙ୍କେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଆବଶ୍ୟକ ତ ଲେଖିଲେ ଔଷଧ ପଠାଇବାର କୌଣସି ବିଘ୍ନ ଉପସ୍ଥିତ ହେବ ନାହିଁ ।

ପ୍ରାପ୍ତିସ୍ଥାନ ।
ଶ୍ରୀ ରାମଚରଣ ସେନ
କେୟାର ଉତ୍କଳ ପ୍ରେସ, ବାଲେଶ୍ୱର



Digitized by srujanika@gmail.com

Split by PDF Splitter



କାବୁଲର ଅମିରଙ୍କ ସ୍ୱାସ୍ଥ୍ୟ କ୍ରମଶଃ ମନ୍ଦ ହେଉଥିବାର ଯେଉଁ ପ୍ରବାଦ ଉଠିଅଛି ତାହା ବିଶ୍ୱାସ ଯୋଗ୍ୟ ବୋଲି ଷ୍ଟେଟସମାନ ପତ୍ରିକା ଲେଖିଅଛନ୍ତି । କିନ୍ତୁ କୌଣସି ଦାରୁଣ ପୀଡ଼ା ଏଥିର କାରଣ ନୁହେ, କେବଳ ବାର୍ଦ୍ଧକ୍ୟ ସ୍ୱାସ୍ଥ୍ୟଭଙ୍ଗର କାରଣ ଅଟେ । ଅମୀରଙ୍କ ବୟଃକ୍ରମ ଷାଠିଏ ହେବ । କାବୁଲ ପ୍ରତ୍ୟାଗତ ଭ୍ରମଣକାରୀମାନେ ତାଙ୍କୁ ଶେଷ ସ୍ୱାଧୀନ ଅମୀର ବୋଲି କହନ୍ତି ।

—

ବୁଅରମାନେ କେପକଲନି ଆକ୍ରମଣ ନିମନ୍ତେ ଆୟୋଜନ କରିବାର ଦେଖି ଇଂରେଜମାନେ ବନ୍ଦୋବସ୍ତ କରି ସ୍ୱତ୍ୱାର୍ଥେ ପ୍ରସ୍ତୁତ । ଇଂରେଜଙ୍କ କର୍ଣ୍ଣେଲ ଷ୍ଟିବାର୍ଟ ବୁଅର ସେନାଙ୍କୁ ତାଡ଼ି ହେଲାଇ ତ ୨୧ ଣ ବୁଅର ୩୦୦ ପଶ୍ୱାଦି ଗିରଫ କରି ନେଇଅଛନ୍ତି । ଗତ ତା ୪ ଋଖର ତାରସମ୍ବାଦରୁ ପ୍ରକାଶ ଯେ ଦୁଇଜଣ ବୁଅର ସନ୍ଧିପତାକା ସେନ କ୍ରୁନଷ୍ଟେଡରେ ପହୁଞ୍ଚିଅଛନ୍ତି । ସେମାନେ ମିଃ ଷ୍ଟେନଙ୍କଠାରୁ ପତ୍ର ଆଣିଅଛନ୍ତି । ବୋଧହୁଏ ସନ୍ଧିପ୍ରସ୍ତାବ ହୋଇଥିବ । ସବିଶେଷ ଶୀଘ୍ର ପ୍ରକାଶିତ ହେଲେ ସବୁ ହାଲି ଜଣାପଡ଼ିବ ।

—

କିଓଝର ନିଶାର ବଡଠାକୁର ତରଫ ବାରିଷ୍ଟାର ମିଃ ଯେ, ଏନ୍ ରାୟ, କିଓଝର ରାଜାଙ୍କ ଦରଖାସ୍ତ ବିରୁଦ୍ଧରେ ଗଭର୍ଣ୍ଣମେଣ୍ଟଙ୍କ ନିକଟରେ ଏକ ଆବେଦନ ପ୍ରେରଣ କରିବା ଅଭିପ୍ରାୟରେ ଉକ୍ତ ଅବେଦନ ପ୍ରସ୍ତୁତ କରିବା ନିମନ୍ତେ ବଡ ଠାକୁରଙ୍କ ନିକଟରୁ ଉପଦେଶ ଗ୍ରହଣାର୍ଥେ ଆଗ-ଉଳା ମୁକାମକୁ ଯାଇଥିଲେ । ରାଜାଙ୍କ ଆଦେଶାନୁସାରେ ବାରିଷ୍ଟାର ମହୋଦୟ ଗିରପ୍ତାର ହୋଇଅଛନ୍ତି । ବାରିଷ୍ଟାରଙ୍କ ନିକଟରେ ବଡଠାକୁରଙ୍କ କାଗଜପତ୍ର ଥିଲା । ଦେଶୀୟ ରାଜ୍ୟରେ ଜଣେ ଇଂରେଜବାରିଷ୍ଟର ମେମ୍ବରଙ୍କ ଗିରଫ ହେବା ଏହା ଏକ ଅଭିନବ ବ୍ୟାପାର । ଏ ଘଟନାର ସବିଶେଷ ବିବରଣ ଜାଣିବା ନିମନ୍ତେ ସମସ୍ତେ ବ୍ୟଗ୍ର ଅଛନ୍ତି ।

—

କାଲେଶ୍ୱର ସମ୍ବାଦବାହିକାରେ ପାଠକଙ୍କୁ କି ସେଠା ମୋହନଗଞ୍ଜ ବଜାରର ଜଗନ୍ନାଥ ଜାଉଙ୍କ ମନ୍ଦିରରେ ବଙ୍ଗଳା ପାଞ୍ଜି ଅନୁସାରେ ଗତ ଶ୍ରାବଣମାସ ତା ୩ ଋଖ ଦ୍ୱିତୀୟାଦିନ ହୋଇଥିଲା, ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ଏପରି ହେବାର ଶୁଣା ନାହିଁ । ଏଥିରୁ ଅନୁମାନ ହେଉଅଛି ଯେ ମୋହନଗଞ୍ଜ ମନ୍ଦିରର ଅଧ୍ୟକ୍ଷ ବା ସେବାଏତଙ୍କର ବଙ୍ଗଳାର ମତବିଶେଷ ପ୍ରତି ଅଧିକ ଆସ୍ଥା ନହେବୁ ଭାରତର ହିନ୍ଦୁ ସମାଜର ପ୍ରଧାନ ଉପାସ୍ୟ ଦେବତା ପୁରୀର ଜଗନ୍ନାଥଙ୍କ ରଥଯାତ୍ରାର ଯେଉଁ ଦିବସ ସେଠା ମନ୍ଦିରର ଅଧ୍ୟକ୍ଷଦ୍ୱାରା ପ୍ରସ୍ତୁତ ହୋଇଥିଲା ତାହା ଉପେକ୍ଷିତ ହୋଇ ନ ଥାନ୍ତା ।

—

ସ୍ୱର୍ଗୀୟା ଭିକ୍ଟୋରିଆଙ୍କ ସ୍ମୃତିଚିହ୍ନ ନିମନ୍ତେ ଉତ୍ତରପଶ୍ଚିମ ପ୍ରଦେଶ ଓ ଅଯୋଧ୍ୟା ଦୁର୍ଭିକ୍ଷ ପାଣ୍ଠିରେ ଜୁନ ଶେଷ ପର୍ଯ୍ୟନ୍ତ ୭୯ ଲକ୍ଷ ଟଙ୍କା ସ୍ୱାକ୍ଷରିତ ହୋଇଥିଲା, ତନ୍ମଧ୍ୟରୁ ସାଢ଼େ ପାଞ୍ଚଲକ୍ଷ ଟଙ୍କା ଆଦାୟ ହୋଇଅଛି । ଆଗାମୀ ଡିସେମ୍ବର ମାସ ଶେଷ ସୁଦ୍ଧା ସମସ୍ତ ଟଙ୍କା ଆଦାୟ ହେବାର ସମ୍ଭାବନା । ମୋଟ ଟଙ୍କାରୁ ୫୨ ଲକ୍ଷ ଟଙ୍କା ଉତ୍ତରପଶ୍ଚିମ ପ୍ରଦେଶରୁ ୫୨,୩୦,୦୦୦ ଟଙ୍କା ଅଯୋଧ୍ୟାରୁ ସ୍ୱାକ୍ଷରିତ ହୋଇଅଛି । କାନପୁରଠାରେ କାନପୁର ସ୍ମୃତିଚିହ୍ନ ନିମନ୍ତେ ୫୮୦,୦୦୦ ଟଙ୍କା ଚାନ୍ଦା ଉଠିଅଛି । ମହାରାଣୀଙ୍କ ସ୍ମୃତିଚିହ୍ନ ନିମନ୍ତେ ସମସ୍ତେ କି ଧନୀ କି ଦରିଦ୍ର ଚାନ୍ଦା ଦେବାକୁ ପ୍ରସ୍ତୁତ ହୋଇଅଛନ୍ତି । ଭାରତ ସନ୍ତାନମାନେ କିପରି ରାଜଭକ୍ତ ବିଦେଶୀମାନେ ଦେଖନ୍ତୁ ।

—

ସମ୍ବଲପୁରର ଅଦାଲତର ଭାଷା ଓଡ଼ିଆ ବଦଳରେ ହିନ୍ଦି ହୋଇଥିବା ସମ୍ବନ୍ଧରେ ଯେଉଁ ଆବେଦନପତ୍ର ସେଠା ଲୋକମାନେ ପଠାଇଅଛନ୍ତି ସେ ବିଷୟରେ ବଙ୍ଗଳାଟ ମହୋଦୟ କେତେକ ପ୍ରଶ୍ନ କରିଥିବାରୁ ସମ୍ବଲପୁରର ଡେପୁଟି କମିଶନର ସାହେବ ପ୍ରତ୍ୟେକ ମହକୁମାର ଅଫିସରମାନଙ୍କର ମନ୍ତବ୍ୟ ମାଗିଅଛନ୍ତି । ସେହି ଅଫିସରମାନେ ପ୍ରାୟ ସମସ୍ତେ ବିଦେଶୀ ଥିବାରୁ ସେମାନଙ୍କଠାରୁ କିରୂପେ ଉତ୍ତର ପାଇବା ପ୍ରତି ସମ୍ବଲପୁର ହିତୈଷିଣୀ ଯାହା ସନ୍ଦେହ କରୁଅଛନ୍ତି ତାହା ଯୁକ୍ତିସଙ୍ଗତ ଅଟେ ଏବଂ ଆମ୍ଭେମାନେ ସହଯୋଗୀଙ୍କ ସହିତ ଐକ୍ୟ ହୋଇ କହୁଅଛୁଁ ଯେ ଡେପୁଟି କମିଶନର ସାହେବ ସାବଧାନପୂର୍ବକ ସେମାନଙ୍କ ମନ୍ତବ୍ୟର ବିଚାର କରିବେ ଏବଂ ତହିଁ ସଙ୍ଗେ ସ୍ୱୟଂ ପ୍ରଜାବର୍ଗଙ୍କର ମନ୍ତବ୍ୟ ଜାଣିବାର ଚେଷ୍ଟା କରିବେ ।

—

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଜଣାଉଅଛୁଁ ଯେ କଟକ ମିଉନିସିପାଲିଟୀର ଓଭରସିଅର ବାବୁ ଜଗବନ୍ଧୁ ଚରଣ ମିତ୍ର ଗତ ଶନିବାର ରାତ୍ରିରେ ଜ୍ୱରରୋଗରେ ଇହସଂସାର ପରିତ୍ୟାଗ କଲେ । ବାବୁ ମହୋଦୟ କିଛିଦିବସ ଜ୍ୱରରୋଗାକ୍ରାନ୍ତ ହୋଇଥିଲେ । ସାମାନ୍ୟ ଜ୍ୱର ଜ୍ଞାନରେ ଦେଶୀୟ ଚିକିତ୍ସା ହେଉଥିଲା । ମୃତ୍ୟୁର ଦୁଇଦିବସ ପୂର୍ବରୁ ଡାକ୍ତରଙ୍କ ଚିକିତ୍ସାଧୀନରେ ଥିଲେ ସୁଦ୍ଧା ରୋଗର ବଳ ଅଧିକ ହୋଇଥିଲା ହେତୁ କୌଣସି ଫଳ ହେଲା ନାହିଁ । ତାହାଙ୍କର ବୟସ ୩୬ ବର୍ଷ ହୋଇଥିଲା । ସେ ବ ୮ ବର୍ଷରୁ ଊର୍ଦ୍ଧ୍ୱକାଳ ଏଠା ମିଉନିସିପାଲିଟୀର ଓଭରସିଅର କାର୍ଯ୍ୟ ଚଳାଇ ଅତି ଦୟା ଶିଷ୍ଟ ଓ ସଦ୍‌ଗୁଣ ହେତୁ ସମସ୍ତଙ୍କର ପ୍ରିୟ ହୋଇଥିଲେ । ତାହାଙ୍କର ହଠାତ୍ ଅକାଳମୃତ୍ୟୁ ଘୋଷଣାରେ ସହରବାସିମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛନ୍ତି । ତାହାଙ୍କର ତିନଗୋଟି ପୁତ୍ର ମଧ୍ୟରୁ ଜ୍ୟେଷ୍ଠର ବୟସ ୮ ବର୍ଷ ହେବ । ଅତି ଅଳ୍ପ ବୟସରୁ ପୁତ୍ରସହ ଯୁବତୀ ଭାର୍ଯ୍ୟାଙ୍କୁ ପରିତ୍ୟାଗ କରି ଯିବା ବଡ଼ ଦୁଃଖର ବିଷୟ କିନ୍ତୁ ଈଶ୍ୱରଙ୍କ ଇଚ୍ଛାପ୍ରତି କାହାର ଅସ୍ତିତ୍ୱ । ଆମ୍ଭେମାନେ ଈଶ୍ୱରଙ୍କ ନିକଟରେ ତାହାଙ୍କର ଆତ୍ମାର ମଙ୍ଗଳ ଏବଂ ପରିବାର ଓ ବନ୍ଧୁବର୍ଗଙ୍କର ସାନ୍ତ୍ୱନା ପ୍ରାର୍ଥନା କରୁଅଛୁଁ ।

—

ଏକ ସତୀ ମାମଲାରେ ଉତ୍ତର ବଙ୍ଗ ପ୍ରଭୃତି କ ୪ ଣ ଆସାମୀ ଗୟାର ଦୌରା ଜଜଙ୍କ ବିଚାରରେ ଏକ ବର୍ଷ ଲେଖାଏଁ ସପରିଶ୍ରମ କାରାବାସ ଏବଂ ଟ ୨୦୦ ଟଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ ହୋଇ ହାଇକୋର୍ଟରେ ଅପିଲ କରିଥିଲେ । ବିଚାରପତି ଘୋଷ ଏବଂ ଟେଲର ମହୋଦୟମାନେ ମୋକଦ୍ଦମାର ସମସ୍ତ ବୃତ୍ତାନ୍ତ ଆଲୋଚନାପୂର୍ବକ ନିଷ୍ପତ୍ତି କଲେ ଯେ ଆସାମିମାନେ ସ୍ୱଜାତୀୟ ମୃତ ବ୍ୟକ୍ତିର ଶବ ଦାହ ବିଧାନ ଅଇନସଙ୍ଗତରୂପେ କରିଥିଲେହେଁ ଯେତେବେଳେ ସେମାନେ ଦେଖିଲେ ଯେ ମୃତ ବ୍ୟକ୍ତିର ସ୍ତ୍ରୀ ସତୀ ହେବାର ଇଚ୍ଛା ପ୍ରକାଶ କଲା ତାହାକୁ ସେମାନଙ୍କ ପକ୍ଷେ ଅଟକାଇବା ଏବଂ ସଙ୍ଗାତ୍ର ଉପରେ ସ୍ୱାମୀପାର୍ଶ୍ୱରେ ବସିବା ବେଳେ ସେମାନେ ତାହାକୁ ନିବାରଣ ନ କରି ଅଥବା ଦାହକାର୍ଯ୍ୟରୁ କ୍ଷାନ୍ତ ନ ହୋଇ ତାହାର ଅଳ୍ପଦୂରରେ ପ୍ରାୟ ଦୁଇ ଶତ ଦର୍ଶକଙ୍କ ସହିତ ବସିଥିବାରେ ସେହି ସ୍ତ୍ରୀର ଆତ୍ମହତ୍ୟାରେ ସାହାଯ୍ୟ କରିଅଛନ୍ତି । ଅତଏବ ସେମାନଙ୍କର ଏକ ବର୍ଷ ଲେଖାଏଁ କାରାବାସଦଣ୍ଡ ବାହାଲ ରଖି କେବଳ ଟ ୨୦୦ ଟଙ୍କା ଲେଖାଏଁ ଅର୍ଥଦଣ୍ଡ ଅଧିକ ହୋଇଥିବା ବିବେଚନାରେ ଟ ୫୦ ଟଙ୍କା ଲେଖାଏଁ ଅର୍ଥଦଣ୍ଡ ବିଧାନ କଲେ । ସତୀ ହେବା ପ୍ରଥା ବହୁକାଳରୁ ଆଇନ ଦ୍ୱାରା ରହିତ ହୋଇଥିବାରୁ ତହିଁରେ କୌଣସି ମତେ ଯୋଗ ହେବା କାହାର ଉଚିତ ନୁହେ ଏହା ସମସ୍ତଙ୍କର ସ୍ମରଣ ରଖିବା ଉଚିତ ।

—

ମେଦିନୀପୁର ଜଲା କାନ୍ଥି ସବଡିଭିଜନର ଜଣେ ଅନରେରି ମାଜିଷ୍ଟ୍ରେଟ ବାବୁ ଘଣ୍ଟାଶ୍ୟାମ

Digitized by srujanika@gmail.com

Split by PDF Splitter



ଅଧିକାଂଶ ଲୋକ ଲୁଣ ପ୍ରସ୍ତୁତ କରିବା ଅପରାଧରେ କେତେ ଜଣ ଆସାମିଙ୍କ ପ୍ରତି ୧୫ ଟଙ୍କା ହିସାବରେ ଅର୍ଥଦଣ୍ଡ ବିଧାନ କରିଥିଲେ । ଆସାମିମାନେ ତହିଁ ବିରୁଦ୍ଧରେ ମେଦନୀପୁରର ମାଜିଷ୍ଟ୍ରେଟଙ୍କ ନିକଟରେ ଅପିଲ କଲେନ୍ତେ ମାଜିଷ୍ଟ୍ରେଟ ମହୋଦୟ ଲଘୁ ଦଣ୍ଡ ହୋଇଥିବାର ଉଦ୍‌ବେଦନା କରି ସ୍ୱପ୍ନରେ ଲେଖିଲେ ଯେ ସେହି ମୋକଦ୍ଦମାରେ ଗବର୍ଣ୍ଣମେଣ୍ଟଙ୍କର ସ୍ୱାର୍ଥ ନିହିତ ଥିବାରୁ ମୋକଦ୍ଦମା ଅନରେବଲ ମାଜିଷ୍ଟ୍ରେଟଙ୍କୁ ବିଚାର କରିବାକୁ ନ ଦେଇ ସବଡିଭିଜନ ମାଜିଷ୍ଟ୍ରେଟ ନିଜେ ଅଥବା ତାହାଙ୍କ ସହକାରୀଙ୍କର ବିଚାର କରିବାର ଉଚିତ ଥିଲା ଏବଂ ତହିଁ ସଙ୍ଗେ ଆସାମିମାନଙ୍କର ଦଣ୍ଡ ବୃଦ୍ଧି ନିମନ୍ତେ ମୋକଦ୍ଦମା ହାଇକୋର୍ଟକୁ ପଠାଇଲେ । ମାତ୍ର ହାଇକୋର୍ଟର ବିଚାରପତିମାନେ ଅନରେବଲ ମାଜିଷ୍ଟ୍ରେଟଙ୍କର ପ୍ରଦତ୍ତ ଦଣ୍ଡ ଉଚିତ ଥିବାର ସ୍ଥିର କରି ଦଣ୍ଡ ବୃଦ୍ଧିର ଅନୁରୋଧ ଅଗ୍ରାହ୍ୟ କଲେ । ଆମ୍ଭେମାନେ ଆଶା କରୁଁ ମାଜିଷ୍ଟ୍ରେଟ ମହୋଦୟ ଏଥିରୁ ସଚେତ ଶିକ୍ଷାଲାଭ କରି ଭବିଷ୍ୟତକୁ ଅନରେବଲ ହାଇକୋର୍ଟଙ୍କ ମର୍ଯ୍ୟାଦା ରକ୍ଷା କରିବାକୁ ସାବଧାନ ହେବେ । ତାହା ନ ହେଲେ ସଚ୍ଚରିତ୍ର ବ୍ୟକ୍ତିମାନେ କେଉଁଠି ରହିବାକୁ ସମ୍ମତ ହେବେ ନାହିଁ ।

---

ଭୋଲପୁରର ମହାରାଜାଙ୍କର ହିମଳଠାରେ ମୃତ୍ୟୁପ୍ରାପ୍ତି ସମ୍ବାଦ ପାଠକମାନଙ୍କୁ ଜଣାଇଅଛୁଁ । ମହାରାଜାଙ୍କର ହିମଳା ଗମନ ଦିନଠାରୁ ମହାରାଣୀ ଅନ୍ୟମନା ହୋଇ ଥିଲେ । ସ୍ୱାମୀ ବିଚ୍ଛେଦ ସେ କେବେ ଅନୁଭବ କରି ନ ଥିଲେ । ସ୍ୱାମୀଙ୍କ ମୃତ୍ୟୁର ପ୍ରାୟ ଅର୍ଦ୍ଧ ଘଣ୍ଟା ମଧ୍ୟରେ ସେହି ଶୋକ ସମାଚାର ଭୋଲପୁରରେ ପ୍ରବେଶ କରିଅନ୍ତେ ପ୍ରାସାଦରେ ମହା କୋଳାହଳ ଉପସ୍ଥିତ ହେଲା । ପୁରବାସୀ ସମସ୍ତେ ରୋଦନରେ ବ୍ୟସ୍ତ । ମାତ୍ର ମହାରାଣୀ ହଠାତ୍ ଦମ୍ଭ ହୋଇ ସନ୍ନଦାରମାନଙ୍କୁ ଏବଂ ନୁଗ ଷ୍ଟୋନ ସାହେବଙ୍କୁ ଡକାଇ ଅନ୍ତ୍ୟେଷ୍ଟିକ୍ରିୟା ସମ୍ବନ୍ଧରେ ନାନା ଆଦେଶ ପ୍ରଦାନାନନ୍ତର ତୁଳ ପୁଷ୍ପ ଏବଂ ଶିଶୁ ରତ୍ନାଦିର ଅଳଙ୍କାର ମୁଗା ପଟା ଏବଂ ରଜତ ଟଙ୍କା ବାକ୍ସମାନ ପୃଥକ୍ ୨ ଭଗାଇ ଦେଇ କର୍ମଚାରୀ ବିଦାୟ ପ୍ରାର୍ଥୀଙ୍କ ହିସାବରୂପେ ବୁଝାଇ ଦେଲେ ଏବଂ ପ୍ରସାଦରେ ତାହାଙ୍କର ସ୍ୱାମୀ ଦାନ ନିମନ୍ତେ ଯେଉଁ ଅର୍ଥ ଯୋଗାଡ଼ ବାକ୍ସରେ ରଖିଥିଲେ ସେମାନଙ୍କୁ ଅର୍ପଣ କରି ସେ ଟଙ୍କା ସୁଦରେ ଲଗାଇ ତହିଁର ଲାଭ ଦାତବ୍ୟ କାର୍ଯ୍ୟରେ ନାମ୍ବି କରିବାର ବୁଝାଇ ଦେଇ ଶେଷରେ କାନ୍ଦିଲେ ତ ସେମାନେ ଭୁଲି ଗଲେ ଏଣିକ ଯେ ବସିଥିଲେ ତୁମ୍ଭେମାନେ ତାହାଙ୍କୁ ଦେଖ ଏବଂ ବିଶ୍ୱସ୍ତରୂପେ ଆପଣା୨ କାର୍ଯ୍ୟ କର । ଏହା କହି ଏକ ଗୁପ୍ତଦ୍ୱାର ବାଟେ ତାହାଙ୍କର ସ୍ୱାମୀଙ୍କର ମୃତ ଦେହ ରକ୍ଷିତ ହୋଇଥିବା କୋଠରି ମଧ୍ୟରେ ପ୍ରବେଶ କଲେ । ଜଣେ ଭୃତ୍ୟ ଅନ୍ତରରୁ ଦେଖିଲା ଯେ ମହାରାଣୀ ସ୍ୱାମୀଙ୍କର ଶବକୁ ଚୁମ୍ବନ କରି ତାହା ପାଖରେ ଶୟନ କଲେ ଏବଂ ମୁହୂର୍ତ୍ତ ମଧ୍ୟରେ ପ୍ରାଣବାୟୁ ବାହାରିଗଲା । 'ହିମଳା ନ୍ୟୁଜ' ନାମକ ସମ୍ବାଦପତ୍ରରୁ ଏହି ଆଶ୍ଚର୍ଯ୍ୟ ମୃତ୍ୟୁସମ୍ବାଦ ପ୍ରକାଶିତ ହୋଇଅଛି । ବୋଲିବା ବାହୁଲ୍ୟ ଯେ ମହାରାଣୀ ପ୍ରକୃତ ସତୀର ମୃତ୍ୟୁ ପ୍ରାପ୍ତ ହୋଇଅଛନ୍ତି ।

---

## ଜଳଚିନ୍ତା ।

ଦେଖୁଁ ଦେଖୁଁ ଶ୍ରାବଣମାସ ପ୍ରାୟ ଶେଷ ହେଲା । ଏପର୍ଯ୍ୟନ୍ତ ନଦୀ ପୁଷ୍କରିଣୀ ଭରିବ ହେବାର ଦେଖିବ ଆଉ କିଏ ବେହୁଡ଼ା ସହାଶେ ଜଳରେ ପାଣି ହେଲା ନାହିଁ । ଶାରଦ ଧାନସବୁ ଘାସବାର ହୋଇ ପଡ଼ିଅଛି ଏବଂ କୃଷିମାନେ ମୁଣ୍ଡରେ ହାତ ଦେଇ ଆକାଶକୁ ଚାହିଁ ବସିଅଛନ୍ତି । ଏବର୍ଷ ମେଘ କେମନ୍ତ ଏକପ୍ରକାର ଚୋବାଳପ୍ରାପଣ ଖେଳୁଅଛି ! କେବେ୨ ଏମନ୍ତ ମେଘାଡମ୍ବର ହେଉଅଛି ଯେମନ୍ତ ହେଲେ କ୍ଷଣକାଳରେ ଜଳରେ ବୁଡ଼ାଇ ଦେବ । ମାତ୍ର ଅଳ୍ପ ବୃଷ୍ଟି କରି ହେଉଁ ଥିଲେ ଲୁଚି ଯାଉଅଛି ଏବଂ କେତେ ଦିନର ଖରାରେ ସେ ଜଳ ଶୁଷ୍କ ଶୁଖି ଯିବାଦ୍ୱାରା ବଳ ପୂର୍ବାବସ୍ଥାକୁ ପ୍ରାପ୍ତ ହେଉଅଛି । ଆଉ କେତେଦିନ ଏପରି ଚାଲିବ ପରମେଶ୍ୱରଙ୍କୁ ଜଣା । ଲୋକେ ବାସ୍ତବରେ ଧୈର୍ଯ୍ୟ ହରାଇ ମହା ଭାବନାରେ ଆକୁଳ ହେଉଅଛନ୍ତି । ଓଡ଼ିଶାର ନାନାସ୍ଥାନରେ ମଇମାସ ତା ୧୬ ରିଖଠାରୁ ଜୁଲାଇମାସ ଶେଷ ପର୍ଯ୍ୟନ୍ତ ପ୍ରତିବର୍ଷ ହାରହାର ଯେତେ ଇଞ୍ଚ ବୃଷ୍ଟି ହୁଏ ଏବଂ ଏ ବର୍ଷ ଯେତେ ହୋଇଅଛି ତହିଁର ପରିମାଣ ନିମ୍ନେ ଲେଖାଗଲା । ଯଥା—

| | ବାର୍ଷିକ ହାରହାର | ଏ ବର୍ଷ |
|---|---|---|
| କଟକ | ଇଞ୍ଚ ୨୮.୩୯ | ୧୭.୫୦ |
| କଡ଼ସର | ୨୭.୧୭ | ୧୧.୬୭ |
| ବାଲେଶ୍ୱର | ୨୭.୩୯ | ୯.୯୪ |
| ପୁରୀ | ୨୦.୫୪ | ୮.୨୩ |

ଏଥିରୁ ଦେଖାଯାଏ ଯେ କଟକରେ ବାର୍ଷିକ ପରିମାଣରୁ ଅର୍ଦ୍ଧେକରୁ ବରଂ କିଛି ଅଧିକ ଅଥବା ସ୍ଥଳରେ ଦଶପଣ ବୃଷ୍ଟି ହୋଇଅଛି ମାତ୍ର ପୁରୀ ଓ ବାଲେଶ୍ୱର ତହିଁ ଊଣା ଅର୍ଥାତ୍ ଛଅ ପଣରୁ ଅଧିକ ନୁହେ । ଓଡ଼ିଶା ଗଡ଼ଜାତର ଅବସ୍ଥା ଯେ ଏଥିରୁ ଭଲ ନୁହେଁ ସେ ଅଞ୍ଚଳର ଗରିବ ଲୋକ ଏ ନଗରକୁ ଆସି ଏଠା କାଙ୍ଗାଳ ସଙ୍ଖ୍ୟା କ୍ରମାଗତ ବଢ଼ାଇବାଦ୍ୱାରା ଜଣା ପଡ଼ୁଅଛି । ପ୍ରୟୋଜନ ଅନୁସାରେ ବୃଷ୍ଟି ହୋଇ ଥିଲେ ଗୃହସ୍ଥମାନଙ୍କରେ ମୂଲିଆମାନେ ଲାଗି ଥାନ୍ତେ ସୁତରାଂ ଭିକ ମାଗି ଆସନ୍ତେ ନାହିଁ । ମୋଫସଲରେ ଦେଖିଅଛୁଁ ଯେ ପତ୍ର ଓ ଅତେନ୍ତୁଡ଼ା ଝଲରୁ ସୁଆଁ ଫଳ ଗୋଟାଇ ଅନେକ ଗରିବ ଲୋକ ପ୍ରାଣଧାରଣ କରୁଅଛନ୍ତି । ଜାଣୁନା ସେମାନଙ୍କର ଦୁର୍ଦ୍ଦଶାର ସୀମା ରହନ୍ତା ନାହିଁ । ଫଳତଃ ବର୍ତ୍ତମାନ ଏକପ୍ରକାର ଗୁପ୍ତ ଦୁର୍ଭିକ୍ଷ ଭୋଗ ହେଉଅଛି । ଗତ ବୁଧବାରଠାରୁ ଲଗାଣ ଝଡ଼ି ପ୍ରାୟ ଏମନ୍ତ ମେଘ ଘୋଟି ରହିଥିଲା ଯେ ସୂର୍ଯ୍ୟଙ୍କର ଦର୍ଶନ ନ ଥିଲା ଅଥଚ ବୃଷ୍ଟିର ପରିମାଣ ଅତି ସାମାନ୍ୟ ଥିଲା । ଆଉ କେତେକାଳ ଏପରି ଗୁଜୁର ହେବ କହିପାରେ ?

ଇଣ୍ଡିଆ ଗେଜେଟରୁ ପ୍ରକାଶ ଯେ ଭାରତର ଅଧିକାଂଶ ପ୍ରଦେଶର ଅବସ୍ଥା ଓଡ଼ିଶା ପ୍ରାୟ ଅଟେ । କେବଳ ବରମା ଉପକୂଳ, ଆସାମ, ପୂର୍ବ ବଙ୍ଗ, ପଶ୍ଚିମ ଉପକୂଳ ଏବଂ ଦକ୍ଷିଣପ୍ରଦେଶମାନଙ୍କରେ ଯଥୋଚିତ ବୃଷ୍ଟି ହୋଇଅଛି ।

---

## ସରକାରୀ ସ୍କୁଲରେ ବାଇବେଲ ପାଠ ।

କଲିକତାର ବର୍ତ୍ତମାନ ଲର୍ଡ ଶାହେବ ଡାକ୍ତର ଓଲିଡନ ସାହେବ ଜଣେ ମହାପଣ୍ଡିତ ଓ ସୁବକ୍ତା ଅଟନ୍ତି । ମାତ୍ର ଏ ଦେଶର ସବୁ ମତ ତାହାଙ୍କୁ ଭଲରୂପେ ଜଣା ନାହିଁ ଏବଂ ସ୍ୱଧର୍ମ ପ୍ରଚାର ତାହାଙ୍କର ପ୍ରଧାନ କାର୍ଯ୍ୟ ଏବଂ ତହିଁରେ ପ୍ରଗାଢ଼ ମନୋଯୋଗ ଥିବାରୁ ରାଜକୀୟ ସାମାଜିକ ପ୍ରଭୃତି ବ୍ୟାପାରରେ ତାହାଙ୍କର କେବେ୨ ଭ୍ରମ ଘଟିବା ବିଚିତ୍ର ନୁହେ । ସେ ଏକ ବକ୍ତୃତାରେ ପ୍ରକାଶ କରିଥିଲେ କି ସମସ୍ତ ବିଦ୍ୟାଳୟରେ ଖ୍ରୀଷ୍ଟଧର୍ମ ଗ୍ରନ୍ଥ ବାଇବେଲ ପଠିତ ହେବା ଉଚିତ ଏବଂ ଅନ୍ୟ ଏକ ବକ୍ତୃତାରେ କହିଥିଲେ କି ଭାରତବର୍ଷର ନାନାଜାତୀୟ ଲୋକ ମଧ୍ୟରେ ଦେଶୀୟ ଖ୍ରୀଷ୍ଟାନମାନେ ପ୍ରକୃତ ରାଜଭକ୍ତ । ଏଥିର ପ୍ରତିବାଦ ଏ ଦେଶର ନାନା ସମ୍ବାଦପତ୍ରରେ ବାହାରିଲା ଏବଂ ଏଥି ମଧ୍ୟରେ କଲିକତାର ସଞ୍ଜୀବନୀ ନାମକ ବଙ୍ଗଳା ସମ୍ବାଦପତ୍ରରେ ଏକ ସମ୍ବାଦ ବାହାରିଲା କି ଗବର୍ଣ୍ଣମେଣ୍ଟ ସରକାରୀ ବିଦ୍ୟାଳୟମାନଙ୍କରେ ବାଇବେଲ ପଠିତ ହେବା ମର୍ମରେ ଏକ ସର୍କ୍ୟୁଲାର ପ୍ରଚାର କରି ଧର୍ମ ବିଷୟରେ ସରକାରଙ୍କର ଉଦାର ନୀତି ରକ୍ଷା କରିବା କାରଣ ତହିଁ ସଙ୍ଗେ ଆଦେଶ ଦେଇଅଛନ୍ତି କି ସ୍କୁଲର ପଣ୍ଡିତମାନେ ହିନ୍ଦୁ ଗ୍ରନ୍ଥ ସବୁ ଅଡ଼ିକ ଏବଂ ମଉଲବିମାନେ ମୁସଲମାନ

Digitized by srujanika@gmail.com

Split by PDF Splitter



ପକ୍ଷିଙ୍କୁ ନମାଜ ଶିଖାଇବେ । ଏଥିରେ ଲୋକଙ୍କର ମହାଭୟ ଜାତ ହେଲା । ବଡ଼ ହୌଲିଗାର ବିଷୟ ଯେ ଉତ୍ତରପଶ୍ଚିମର ସୁବିବେକ ଓ ପ୍ରଜାବତ୍ସଲ ଛୋଟଲାଟ ମାନ୍ୟବର ସର ଆଣ୍ଟୋନିମେକଡୋନେଲ ସାହେବଙ୍କର ଉକ୍ତ କଥା ଅବଗତ ହୋଇ ତହିଁର ପ୍ରକୃତ ମର୍ମ ଜାଣିବା କାରଣ ଅବିଲମ୍ବେ କଲେକ୍ଟର ମହୋଦୟଙ୍କ ନିକଟକୁ ପତ୍ର ଲେଖିଲେ ଏବଂ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଉତ୍ତର ଦେଲେ କି "ସରକାରୀ ବିଦ୍ୟାଳୟ ସମ୍ବନ୍ଧରେ ବାଇବେଲ ଶିକ୍ଷା ଦେବା ଅଥବା ତାହା ବାଧ୍ୟ ନାହିଁ କି ନା ସେ ସମ୍ବନ୍ଧରେ ସ୍ଥାନୀୟ ଶାସନକର୍ତ୍ତାମାନଙ୍କର ମତ ନେଉଥିବାର ଯେ କଥା ଉଠିଅଛି ତହିଁର କିଛି ମୂଳ ନାହିଁ ଏବଂ ମାନ୍ୟବର ମହୋଦୟ ଏହି ଅମୂଳକ କଥାର ପ୍ରତିବାଦ ପ୍ରଚାର କରିବେ"। ଏହି ଉତ୍ତର ପାଇ ମାନ୍ୟବର ସର ଆଣ୍ଟୋନିମେକଡୋନେଲ ବାହାଦୁର ଏକ ସର୍କ୍ୟୁଲାର ଜାରି କରି ସର୍ବସାଧାରଣଙ୍କୁ ଏ ବିଷୟ ବୁଝାଇ ଦେଇ ଲୋକଙ୍କର ଭୟ ଓ ଚିନ୍ତା ଦୂର କରିଅଛନ୍ତି ଏବଂ ସେହି ସର୍କ୍ୟୁଲର ବକ୍ତୃତାରେ ସ୍ପଷ୍ଟ କହିଅଛନ୍ତି କି ଭାରତରେ ଏହା ଦେଶୀୟ ଖ୍ରୀଷ୍ଟିୟାନମାନେ ସଜ୍ଜନ ବୋଲି ଲାଟ୍ର ଓଲିଭନ ଯାହା କହିଅଛନ୍ତି ତହିଁରେ ସେ କୌଣସିମତେ ଐକ୍ୟ ନୁହନ୍ତି। ଏଥିଉତ୍ତରୁ ପ୍ରକାଶ ହୋଇଅଛି ଯେ ମହାମାନ୍ୟ ଲାଟ୍ର ଓ. ଲଇନ ଉତ୍ତରପଶ୍ଚିମର ଛୋଟଲାଟଙ୍କ ଉକ୍ତି ସମ୍ବାଦପତ୍ର ଯୋଗେ ଅବଗତ ହୋଇ ଦୁଃଖ ପ୍ରକାଶ କରି କହିଅଛନ୍ତି କି ଭାରତର ହିନ୍ଦୁ ମୁସଲମାନଙ୍କର ସଜ୍ଜନଙ୍କର ନିନ୍ଦା କରିବା ତାହାଙ୍କର ଅଭିପ୍ରାୟ ନୁହେ ଏବଂ ତାହାଙ୍କ କଥାରୁ ସେପରି ବିଶ୍ୱାସ ଜାତ ହୋଇଥିଲେ ତାହା ଅମୂଳକ ଅଟେ । ଏଥିରୁ ପାଠକମାନେ ଦେଖିବେ ଯେ ଉତ୍ତରପଶ୍ଚିମପ୍ରଦେଶର ପ୍ରଜାବତ୍ସଲ ଛୋଟଲାଟଙ୍କ ଯୋଗେ ପ୍ରଜାବର୍ଗ ଗୋଟିଏ ଅନର୍ଥକ ମହାଭୟରୁ ରକ୍ଷା ପାଇଲେ ଏବଂ ଲାଟ୍ର ଓଲିଭାନ ସାହେବ ମଧ୍ୟ ଭ୍ରମ ସ୍ୱୀକାର କରିବାର ସୁବିଧା ପାଇଲେ । ଛୋଟଲାଟ ମହୋଦୟଙ୍କୁ ଏଥିପାଇଁ ଶତ ଶତ ଧନ୍ୟବାଦ ଦେଉଅଛୁଁ ।

---

( ପ୍ରାପ୍ତ )

ଜମାଏତ ବାବାଜୀଙ୍କ ଉତ୍ପତ୍ତି ।

ମୁସଲମାନ ଧର୍ମଶାସ୍ତ୍ର କୋରାନରେ ଉପଦେଶ ଅଛି କି ଅନ୍ୟ ଧର୍ମାବଲମ୍ବିମାନଙ୍କୁ କୌଣସିରୂପେ ମୁସଲମାନ ଧର୍ମରେ ଆଣିବା ମହା ପୁଣ୍ୟ ଅଟେ । ଏଣୁକରି ଭାରତବର୍ଷରେ ମୁସଲମାନ ରାଜତ୍ୱ ସମୟରେ ମୁସଲମାନ ଧର୍ମଯାଜକମାନେ ବଳପୂର୍ବକ ହିନ୍ଦୁମାନଙ୍କୁ ମୁସଲମାନ କରୁଥିଲେ । ସେମାନେ ଏକହାତରେ କୋରାନ ଓ ଅନ୍ୟହାତରେ ତରବାରି ଧରି ଗ୍ରାମ ଗ୍ରାମ ବୁଲି ହିନ୍ଦୁଙ୍କୁ କହୁଥିଲେ କି ମୁସଲମାନ ହୋଇ କୋରାନ ପଢ଼ିବ କି ନା ହାଣ ଖାଇବ ପ୍ରାଣଭୟରେ ଅନେକ ହିନ୍ଦୁ ମୁସଲମାନ ହୋଇଗଲେ । ଏହା ଦେଖି ଉତ୍ତରପଶ୍ଚିମର ଧନୀ ହିନ୍ଦୁ ଜମିଦାର ଓ ରାଜାମାନେ ଏକମେଳ ହୋଇ ଉକ୍ତ ଅତ୍ୟାଚାର ନିବାରଣ ସକାଶେ ସ୍ଥିର କଲେ କି ନାନାସ୍ଥାନରେ ଅଖଡ଼ାମାନ ସ୍ଥାପନ ହେବ, ତହିଁର ଅଧ୍ୟକ୍ଷ ଶ୍ରୀମହନ୍ତ ବୋଲାଇବ, ତାହା ଅଧୀନରେ ଅଖଡ଼ାରେ ହିନ୍ଦୁ ଯୁବାମାନେ ରହି ବ୍ୟାୟାମ ଓ ସାମାନ୍ୟ ଯୁଦ୍ଧ କୌଶଳ ଶିକ୍ଷା କରିବେ ଓ ସେମାନଙ୍କ ଆହାରାଦି ସକାଶେ ଅଖଡ଼ାଗୁଡ଼ିକେ ଜମି ଲାଗି ହେବ । ପୁଣି ସଂସାରର ଜଞ୍ଜାଳରୁ ସେମାନଙ୍କୁ ଅନ୍ତର ରଖିବା କାରଣ ନିୟମ ହେଲା କି ସେମାନେ ବିବାହ କରିପାରିବେ ନାହିଁ, ସାଧୁଭାବରେ ଧର୍ମ ରକ୍ଷା କାର୍ଯ୍ୟରେ ନିଯୁକ୍ତ ରହିବେ । ଗୋଟିଏ ଗୋଟିଏ ଅଖଡ଼ାର ଗୋଟିଏ ଗୋଟିଏ ନିଶାଣ ହେବ । ଏ ଧର୍ମସେନା ଦଳ ନିଶାଣ ନେଇ ନାନାସ୍ଥାନ ଭ୍ରମଣ କରି ଉପର୍ଯ୍ୟୁକ୍ତ ମୁସଲମାନ ଧର୍ମଯାଜକ ଦଳଙ୍କର ଅତ୍ୟାଚାର ନିବାରଣ ଆବଶ୍ୟକ ମତେ ସେମାନଙ୍କ ସଙ୍ଗେ ଯୁଦ୍ଧ କରି ସେମାନଙ୍କୁ ଗ୍ରାମରୁ ତଡ଼ି ଦେବେ । ସାଧାରଣ ହିନ୍ଦୁଙ୍କ ଉପକାରାର୍ଥେ ଏ କାର୍ଯ୍ୟ ହେଉଥିବାରୁ ଏ ଧର୍ମସେନା ମୋଫସଲରେ ଭ୍ରମଣ କରିବା ସମୟେ ସକଳ ହିନ୍ଦୁମାନେ ସେମାନଙ୍କର ଆହାର ଯୋଗାଇବେ ଅଖଡ଼ାରୁ ସେ ସମୟର ଖୋରାକ ଦିଆ ନ ଯିବ । ଏହି ନିୟମରେ ଉତ୍ତର ପଶ୍ଚିମରେ ଅନେକ ଅଖଡ଼ା ସ୍ଥାପନ ହେବାରୁ ହିନ୍ଦୁଯୁବାମାନେ ଅଖଡ଼ାରେ ସ୍ୱେଚ୍ଛାରେ ଭର୍ତ୍ତି ହେଲେ ଏମନ୍ତ କି ଗୋଟିଏ ବଡ଼ ଅଖଡ଼ାରେ ଦୁଇ ତିନିଶହ ଲୋକ ରହିଗଲେ । ଏମାନଙ୍କର ଏକ ଏକ ଦଳ ଅସ୍ତ୍ରଶସ୍ତ୍ର ଓ ନିଶାଣ ନେଇ ନାନାସ୍ଥାନ ଭ୍ରମଣ କରି ମୁସଲମାନ ଧର୍ମଯାଜକ ଦଳର ଅତ୍ୟାଚାର ନିବାରଣ କରିବାରୁ ତାଙ୍କପ୍ରତି ହିନ୍ଦୁ ଜନସାଧାରଣଙ୍କର ବିଶେଷ ଆଦର ଓ ମାନ୍ୟ ହେଲା ଓ ଧନୀ ହିନ୍ଦୁମାନେ ଅନ୍ୟା ଏକଗ୍ରାମର ସମସ୍ତେ ମିଶି ସେମାନଙ୍କର ଆହାରାଦି ସ୍ୱେଚ୍ଛାରେ ଯୋଗାଉଥିଲେ । ପ୍ରକୃତରେ ସେହି ଧର୍ମ ସେନାମାନେ ହିନ୍ଦୁମାନଙ୍କର ପରମଉପକାରୀ ସ୍ୱୀକୃତ ହୋଇଥିଲେ । ନତେହି ଅନ୍ତର ଅନେକ ମୁସଲମାନ ହୋଇ ଥାନ୍ତେ । ଇଂରାଜଙ୍କ ରାଜତ୍ୱ ହେବାଠାରୁ ଏ ହିନ୍ଦୁସେନାଙ୍କର କାର୍ଯ୍ୟ ସ୍ଥଗିତ ହେଲା ମାତ୍ର ଅଖଡ଼ାରେ ଜମି ଲାଗିଥିବାରୁ ସେ ସବୁ ରହି ପାଇଅଛି ଓ ସେ ସେନାମାନଙ୍କର ବିବାହ ନ ଥିବାରୁ ସେମାନେ ଜମାଏତ ବାବାଜୀଙ୍କର ପରିଣତ ହୋଇଅଛନ୍ତି । ଏପର୍ଯ୍ୟନ୍ତ ସେମାନଙ୍କର ନିଶାଣ ବା ପତାକା ଅଛି ତାହା ସେମାନେ ସଙ୍ଗରେ ନେଇ ବୁଲନ୍ତି ଏବଂ ତଦ୍ଭାଗ ଯେଉଁ ଦଳ ଯେଉଁ ଅଖଡ଼ାର ତାହା ଜଣାଯାଏ । ସେମାନଙ୍କ ଅଧ୍ୟକ୍ଷ ମହନ୍ତ ବୋଲାଉଥିଲେହେଁ "ସ୍ଥାନପତି" ପଦଧାରୀ ବ୍ୟକ୍ତି ମଧ୍ୟ ଏକ ଏକ ଜମାଏତରେ ଅଛନ୍ତି ।

ପୂର୍ବେ ଜମାଏତମାନେ ହିନ୍ଦୁମାନଙ୍କୁ ମୁସଲମାନଙ୍କ ଅତ୍ୟାଚାରରୁ ରକ୍ଷା କରୁଥିଲେ ବର୍ତ୍ତମାନ ସେମାନେ ନିଜେ ହିନ୍ଦୁଙ୍କ ଉପରେ ଅତ୍ୟାଚାର କରୁଅଛନ୍ତି । ମୋଫସଲର ମଠମାନଙ୍କରେ ସେମାନଙ୍କର ଅତ୍ୟାଚାର ଅଧିକ ଏମନ୍ତ କି କୌଣସି ୨ ମଠର ମହନ୍ତମାନେ ଦଣ୍ଡ ଅବା ମାଡ଼ ଭୟରେ ଲୁଚିରହି ଗୁମାସ୍ତାଦିଙ୍କଦ୍ୱାରା ଜମାଏତଙ୍କର ଯଥାସାଧ୍ୟ ଅର୍ଚ୍ଚନା କରନ୍ତି । ମଠାଧିକାରୀମାନେ ପ୍ରାୟ ସମସ୍ତେ ସଦାବ୍ରତ ଧନ ଅନୁଚିତ ଅବା ଅପବ୍ୟୟ କରୁଥିବାରୁ ନିଜେ ଦୋଷୀ ଅଟନ୍ତି ସୁତରାଂ " ଚୋରମାଷ ଲକେ ନ କାନେ " ଏହି ଭାବରେ ଜମାଏତଙ୍କ ଅତ୍ୟାଚାର ସହି ରହନ୍ତି । ସାଧାରଣ ହିନ୍ଦୁମାନେ ଜମାଏତଙ୍କୁ ସାଧୁ ଜ୍ଞାନରେ ଭକ୍ତିପୂର୍ବକ ପୂଜା କରନ୍ତି ସୁତରାଂ ତାଙ୍କ ଅତ୍ୟାଚାର ସହନ୍ତି । ସାଧୁପୁରୁଷ ଯେ ମାନନୀୟ ଓ ପୂଜନୀୟ ଏଥିରେ ଦ୍ୱିମତ ହୋଇ ନ ପାରେ । ଏମନ୍ତ କି ସାଧୁପୁରୁଷଙ୍କୁ ଅନ୍ୟ ଧର୍ମାବଲମ୍ବୀ ଓ ଅନ୍ୟ ଜାତୀୟ ଲୋକେ ମଧ୍ୟ ମାନ୍ୟ କରନ୍ତି । ଜମାଏତଙ୍କ ପ୍ରତି ଲୋକଙ୍କର ଯେତେ ଭକ୍ତି ସେତେ ଭକ୍ତି ଅନ୍ୟ ବାବାଜୀ ( ଜଣେ ଦୁଇଜଣିଆ ) ପ୍ରତି ଦେଖା ନ ଯାଏ । କେବେ ଜମାଏତମାନଙ୍କୁ ସାଧୁ ଓ ଏତାଦୃଶ ପୂଜନୀୟ ଜ୍ଞାନ କରିବା ଯଥାର୍ଥ କି ନା ଭ୍ରମମୂଳକ ଏହାର ବିଚାରିବାକୁ ହେବ ।

ଜମାଏତର ଉପରୋକ୍ତ ସୃଷ୍ଟି ବୃତ୍ତାନ୍ତରୁ ସେମାନେ ସାଧୁ ନ ଥିବାର ପ୍ରକାଶ ପାଉଅଛି । ବର୍ତ୍ତମାନ ସେମାନେ ଯେ ସାଧୁ ବୋଲନ୍ତି ସାଧୁ ଅବା ବୈରାଗୀ ଲକ୍ଷଣମାନ ସେମାନଙ୍କଠାରେ ଅଛି କି ନା ଦେଖିବାର ଆବଶ୍ୟକ । ଏଥିନିମନ୍ତେ ଭାଗବତ ୩ ୟ ସ୍କନ୍ଧ ୨୫ ଅଧ୍ୟାୟରେ କପିଳଦେବଙ୍କ ଉପଦେଶରେ ଲେଖାଅଛି କି ସାଧୁମାନେ ସହିଷ୍ଣୁ, ଦୟାଶୀଳ, ଶାନ୍ତସ୍ୱଭାବ, ସମସ୍ତ ପ୍ରାଣିର ବନ୍ଧୁ, ଶାସ୍ତ୍ରାନୁବର୍ତ୍ତୀ ଯାହାଙ୍କର କେହି ଦ୍ୱେଷକର୍ତ୍ତା ନାହିଁ । ସୁଶୀଳତା ଯାହାଙ୍କର ଭୂଷଣ, ଈଶ୍ୱରଙ୍କଠାରେ ଯାହାଙ୍କର ଦୃଢ଼ଭକ୍ତି ଓ ଯେଉଁମାନେ ଧୀରଭାବେ ସର୍ବଦା ଈଶ୍ୱର ଚର୍ଚ୍ଚା କରନ୍ତି, ଈଶ୍ୱରଙ୍କପାଇଁ ସକଳ କର୍ମ ଏମନ୍ତ କି ଆବଶ୍ୟକ ହେଲେ ସ୍ୱଜନ ବନ୍ଧୁ ତ୍ୟାଗ କରନ୍ତି, ଈଶ୍ୱରଙ୍କଠାରେ ଚିତ୍ତ ସଂଯତ ରଖିଥିବାରୁ ଅଧ୍ୟାତ୍ମବାଦ

Digitized by srujanika@gmail.com

Split by PDF Splitter



ବିବିଧ ତାପରେ ତାଙ୍କ ମନ ସନ୍ତପ୍ତ ହୁଅଇ ନାହିଁ ଏବଂ ସର୍ବ ସଙ୍ଗ ବର୍ଜିତ ସେହିମାନେ ସାଧୁ ଅଟନ୍ତି । ଏ ସଂକ୍ରାନ୍ତରେ ଅନ୍ୟ ବଚନଟିଏ ଏହି ଯେ "ଅକ୍ରୋଧ ବୈରାଗ୍ୟ ଜିତେନ୍ଦ୍ରିୟତ୍ୱ । ଦୟା ସର୍ବ ସର୍ବଜନ ପ୍ରିୟତ୍ୱ । ନିର୍ଲୋଭ "ଦାତା ଭୟଶୋକ ହୀନ । ବୈରାଗ୍ୟତତ୍ତ୍ୱଂ ଦଶଲକ୍ଷଣାନି ।" ଏହିରୂ ଲକ୍ଷଣରୁ କିଛି ଅବା ଜଣେ ଅଧେକଠାରେ ଥିଲେ ଥାଇପାରେ ମାତ୍ର ସତଗ୍ରତର ଜମାଏତଙ୍କଠାରେ ଏପରି ଲକ୍ଷଣମାନ ଆଦୌ ଦେଖା ନ ଯାଏ ବରଂ ଏଥିର ବିପରୀତ ଲକ୍ଷଣମାନ ଅନେକ ଦେଖାଯାଏ ତେବେ ସେମାନେ କି ଲୋକ ଅଭ୍ୟାଗତ ହୁଅନ୍ତି ? ଅତଏବ ସେମାନଙ୍କୁ ସାଧୁ ଜ୍ଞାନ କରିବା ଭ୍ରମଯୁକ୍ତ ଅଟେ । ଜଟା ଦାଢ଼ି ରଖି, କୌପିନ ଧାରଣ କରି ଗଞ୍ଜେଇ ଅଫିମ ମାଦକ ସେବନ କରିବା ସାଧୁ ଲକ୍ଷଣ ନୁହେ । କେବଳ ଭେକର ମାନ୍ୟ ଆବଶ୍ୟକ ହେଲେ ଯାହାରେ ସ୍ୱଅଙ୍ଗର ସାଧୁତ୍ୱ ସମ୍ବନ୍ଧମାତ୍ରେ କିଣ ପ୍ରଣାମ ଓ ମାନ୍ୟ କରିବେ ? ତୁଚ୍ଛ ଭେକର ମାନ୍ୟ ଭ୍ରମ ଅବା କୁସଂସ୍କାର ଅଟେ ଶାସ୍ତ୍ରସଙ୍ଗତ ଓ ଯୁକ୍ତିଯୁକ୍ତ ନୁହେ । ଅନ୍ୟ କଥାର ଏହି ଯେ ଦୁଃଖୀ ଦରିଦ୍ରଙ୍କୁ ଦାନ ଓ ସାହାଯ୍ୟ କରିବା ଶାସ୍ତ୍ରସଙ୍ଗତ ଓ କର୍ତ୍ତବ୍ୟ ଅଟେ ମାତ୍ର ଜମାଏତମାନେ ଦୁଃଖୀ ନୁହନ୍ତି । ସେମାନଙ୍କ ଆଖଡ଼ା ଜଳି ଛଡ଼ା ସେମାନଙ୍କ ସଙ୍ଗେ, ଉଟ ଘୋଡ଼ା, ଗୋରୁ ଆଦ ଅନେକ ପଶୁ ବାହନ ଭୌଜନ-ଦ୍ରବ୍ୟାଦ ଅନେକ ସମ୍ପତ୍ତି ଦେଖାଯାଏ କିଛିଦିନ ପୂର୍ବେ ଦଳେ ଜମାଏତଙ୍କର ଘରେ ଡାକ ଦେଖି ଥିଲୁଁ ଓ ତାଙ୍କର ଟଙ୍କା ମହାଜନୀ ଚଳୁଥିବାର ଶୁଣିଅଛୁଁ । ପୁଣି ପୂର୍ବେ ଯେଉଁ କାରଣରେ ସେମାନେ ଦେଶ ଭ୍ରମଣ କରିବାକୁ ବାଧ୍ୟ ଥିଲେ ଏବେ ସେ କାରଣ ନାହିଁ । ବର୍ତ୍ତମାନ କାରଣ ତୀର୍ଥ ପର୍ଯ୍ୟଟନ ଅଟଇ । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ସଙ୍କାଶେ ଏ ଦେଶକୁ ଆସିବାର ସେମାନେ କହନ୍ତି ତେବେ ସଳଖ ବାଟରେ ଶ୍ରୀ କ୍ଷେତ୍ରକୁ ନ ଯାଇ ମୋଫସଲରେ ଗ୍ରାମ ଗ୍ରାମ ଦୀର୍ଘକାଳ ବୁଲି. ବାର କି ଆବଶ୍ୟକ ? କେବଳ ବସ୍ତିବାଲ ଉପରେ ଭୋଜନ ଚଳବା ଓ ଉପାର୍ଜନ କରିବା ଏଥିର ଉଦ୍ଦେଶ୍ୟ । କେହି ତର୍ଜ୍ଜା ନ କଲେ ତାହାଠାରୁ କିଛି ନଗଦ ନ ପାଇଲେ ତାହା ଦ୍ୱାରକୁ ଉଠନ୍ତି ନାହିଁ । ଝୋସ୍ତଲେ ନାନାଦ ଛଲନାରେ ଅଧିକ ଖାଦ୍ୟସାମଗ୍ରୀ ନେଇ ବଳକା ଅନ୍ୟ ସ୍ଥାନରେ ବିକ୍ରୟ କରନ୍ତି । ଏତକ ନୁହେ, ଗୋସାଇ ସଭିଙ୍କୁ ଏତେ ଦକ୍ଷିଣା ନ ଦେଲେ ଗୋଳକ ନ ଛାଡ଼ିବାର କହି ଜିହ୍ୱର ବନ୍ଦୋବସ୍ତ କରନ୍ତି । ଏ ସବୁତ ସାଧୁ ବୈରାଗିର ଲକ୍ଷଣ ନୁହେ, ଲୋଭୀ ପେଟୁର ଲକ୍ଷଣ ଅଟେ, ପୁଣି ସେମାନେ ଦୁଃଖୀ ଦରିଦ୍ର ନୁହନ୍ତି ଓ ଗ୍ରାମ ଗ୍ରାମ ବୁଲିବାର ଅନ୍ୟ କାରଣତ ନାହିଁ । ଅତଏବ ସେମାନଙ୍କୁ ଏତାଦୃଶ ମାନ୍ୟ ବା ଦାନ ସାହାଯ୍ୟ କରିବାର ଆବଶ୍ୟକ ଓ ଉଚିତ ହେଉ ନାହିଁ ଓ ନ କଲେ ଦୋଷ ଘଟିବ ନାହିଁ ବରଂ ସେମାନେ ନିରୁପାୟ ହୋଇ ଆଉ ଏତେ ଅଧିକ ବୁଲିବେ ନାହିଁ ଓ ଅତ୍ୟାଚାର କରି ପାରିବେ ନାହିଁ । ଆମ୍ଭମାନଙ୍କର ମତ ପ୍ରକାଶ କଲୁଁ ଏଥିରେ ଜନ-ସାଧାରଣଙ୍କର ଯେପରି ଇଚ୍ଛା ।

ଆମ୍ଭେମାନେ ଶୁଣିଲୁଁ ଯେ କଟକରେ ଦଳେ ଜମାଏତ ମାହାଙ୍ଗା ଘାଣ୍ଡି ଅଞ୍ଚଳରେ ବୁଲିବା ସମୟେ ଚୌକିଦାରମାନେ ଆପଣା ଇଲାକାରେ ସେମାନଙ୍କ ପ୍ରତି ଦୃଷ୍ଟି ରଖିବାରୁ ସେମାନେ କୌଣସିଠାରେ କିଛି ଅନ୍ୟାୟ ବ୍ୟବହାର କରି ନ ପାରିଲେ ଓ ଯେ ଯାହା ଦେଲା ଅବା ଯେପରି ତର୍ଜ୍ଜା କଲା ତାହା ଭୁକ୍ତ ହୋଇ ଗ୍ରହଣ କଲେ । ବୋଧହୁଏ ଅନେକଙ୍କୁ ଏପରି ଆଦେଶ ଦେଇଥିବେ ଓ ତାହା ଫଳଦାୟକ ହୋଇଥିବାରୁ ସର୍ବତ୍ର ଏପରି ବନ୍ଦୋବସ୍ତ ହେବାର ସେ ଉପାୟ କରନ୍ତୁ । ଶ୍ରୀଯୁକ୍ତ ବମସ ସାହେବ ମେଜିଷ୍ଟ୍ରେଟ ଜମାଏତଙ୍କୁ ଏ ନଗରରେ ରହି ନ ଦେଇ ପୁଲିସଦ୍ୱାରା ତଡ଼ି ଦେଉଥିଲେ ଓ ଅନ୍ୟ ଜଣେ ମେଜିଷ୍ଟ୍ରେଟ ସାହେବ ମଧ୍ୟ ଏପରି କରିଥିଲେ । ଏହା ଅପେକ୍ଷା ଉପରଲିଖିତ ବନ୍ଦୋବସ୍ତ ଉତ୍ତମ ଓ ଅତିନସଙ୍ଗତ ଅଟେ । ଚୌକିଦାରଙ୍କ ଇଲାକାମାନ ବୃହତ ନୁହେଁ । ସବୁ ଚୌକିଦାର ଆପଣା ଇଲାକାରେ ଜମାଏତଙ୍କ ଦଳେଅଧେ ଜଗି ରହିବାରୁ ତାହା କାର୍ଯ୍ୟର ବାଧା ନ ହେବ ଶାନ୍ତିରକ୍ଷା ପୁଲିସର କର୍ତ୍ତବ୍ୟକର୍ମ ଅତଏବ ମେଜିଷ୍ଟ୍ରେଟ ସାହେବ ଓ କମିଶନର ସାହେବ ଏ ବିଷୟରେ ମାମଲା ଦୃଷ୍ଟିରେ ଜମାଏତ ଅତ୍ୟାଚାର ନିବାରଣର ଉପଯୋଗୀ ଅବା ଅନ୍ୟରୂପ ବ୍ୟବସ୍ଥା ସବୁଠାପାଇଁ କରନ୍ତୁ ।

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

କୁଟାଗିତ ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବାବୁ ରାଧାନାଥ କାନୁନ୍ଗୋ ସୁବର୍ଣ୍ଣରେଖା ସଦର ମହକୁମାରେ ଅବସ୍ଥାପିତ ହେଲେ ।

ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ହରେକୃଷ୍ଣ ମହାନ୍ତି କଃବଳଣ୍ଡାର ବନ୍ଦୋବସ୍ତ କାର୍ଯ୍ୟରୁ ଅବ୍ୟାହତ ପାଇ ବୀରଭୂମର ସଦର ମହକୁମାରେ ଅବସ୍ଥାପିତ ହେଲେ ।

ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଯାମିନୀ-ମୋହନ ଦାସ କଃକ ଛୁଟିରୁ ଫେରି କାର୍ଯ୍ୟରୁ ଅବ୍ୟାହତ ପାଇ ତ୍ରିପୁରାର ସଦର ମହକୁମାରେ ଅବସ୍ଥାପିତ ହେଲେ ।

ବାଲେଶ୍ୱର ଡେଃ ମାଜିଷ୍ଟ୍ରେଟ ମିଃ ଯେ, ଏସ୍, ଭେରନ୍ଦଲ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧା ୧୪୪ ଅନୁଯାୟୀ କ୍ଷମତା ପ୍ରାପ୍ତ ହେଲେ ।

କେନ୍ଦ୍ରାପଡ଼ା ସାଧୀନ ବେଞ୍ଚର ଅବୈତନିକ ମାଜିଷ୍ଟ୍ରେଟ ବାବୁ ଅମ୍ବିକାଚରଣ ବୋଷ ଏକାକୀ ବସିବାରେ ଫୌଜଦାରୀ ମୋକଦ୍ଦମାର ସାକ୍ଷ୍ୟ ଗ୍ରହଣ କରିବାର କ୍ଷମତା ପ୍ରାପ୍ତ ହେଲେ ।

ଚମ୍ପାରଣର ବାଲକାଲ ଡାକ୍ତରଖାନାର କାର୍ଯ୍ୟ ଚଳାଇ କମିଟୀର ସଭ୍ୟପଦରେ ନିମ୍ନଲିଖିତ ଭଦ୍ରଲୋକମାନେ ନିଯୁକ୍ତ ହୋଇଅଛନ୍ତି ।

୧ ସ୍ଥିତିଲ ମେଡ଼ିକେଲ ବର୍ମ୍ମକ

୨ ଲବଣବଟ୍ଟରର ଇନସ୍ପେକ୍ଟର ମିଃ ଯେ, ଡି, ପ୍ରାଟିନ୍

---

ଏ ନଗରରେ ଗତ ବୁଧବାର କିଛି ବୃଷ୍ଟି ହୋଇ ସେହି ଦିନୁ ଆଜି ପର୍ଯ୍ୟନ୍ତ ମେଘ ଘୋଟି ରହିଥିଲା ମାତ୍ର ଭଲ ବୃଷ୍ଟି ହୋଇ ନାହିଁ ।

ଗତ ସୋମବାରଠାରୁ ଏଠା ନଗର ଅଭ୍ୟନ୍ତରରେ ଚୌକି ବସିବାର ଆରମ୍ଭ ହୋଇଅଛି । ଯାଜପୁର ସବଡ଼ିଭିଜନ ଅଫିସର ଚନ୍ଦ୍ର ଘଣ୍ଟା ଚଳିବ ବେଳେ ଜଣକୁ ମିଥ୍ୟା ଉକାଏତି ନାଲିସ କରିବା ଅପରାଧ ଅଭିଯୋଗରେ ଗଞ୍ଜଳ ଦଣ୍ଡ ଅଟନ୍ତି ଏହି ଦଣ୍ଡ କ ୫ ଓ ବାଉଁଶର ବେତ୍ର ପାଇବା ଏବଂ ଅନ୍ୟ ଆସାମିମାନେ ଖଲାସ ହେଲେ ।

କଟକ ଜିଲ୍ଲାର ତିହିଣଚନ୍ଦ୍ର ଚକ୍ରବର୍ତ୍ତୀ ନାମକ ଜଣେ ଲୋକ ଏକ ନକାରୁଡ଼ା ଝିଅ ମହୁଲକୁ ତାହାର ସ୍ୱାମି ଅଜାଣତରେ ଫେରାଇ ନେଇଥିଲା ଅଣି ସେପାରେ ତାହାକୁ ଅଭିଯୋଗମାନ ବେତ୍ରର ଦଣ୍ଡାଦେଶ କଲା । ବର୍ତ୍ତମାନ ଅଣି ହୋଇ ଦୁଇ ବର୍ଷ ଶ୍ରମଯୁକ୍ତ କାରାଦଣ୍ଡ ହୋଇଅଛି ।

କଟକର ପଞ୍ଚାୟତ ଘଟଣିଲଦାର ଚୌକିଦାର ଟିକସ ବାକି ସବାଶେ ସେ ଗ୍ରାମର ପୁଲିସଠାରୁ ମାଲ କୋଟକୁ ଦରଖାସ୍ତ ଦେଇ । ଚଉକିଦାରର ଦରଖାସ୍ତ ଅନୁସାରେ ସୁପୁଟ୍ କରନ୍ତୁ କରି ମହାଜନ ସାକ୍ଷ ଦେବାରେ ଗତ ବୁଧବାର ବାବୁ ଅଶ୍ୱିନୀ ଦାସ ଡେପୁଟି ମାଜିଷ୍ଟ୍ରେଟ ବଗୁର ବଦ ତାହାକୁ ସପରଶ୍ରମ ୧୫ ଦିନ କାରାବାସରେ ଦଣ୍ଡିଲେ ।

ଯେଉଁ ଦିନ ବେଣୁ ଡାକଘର ନିକଟରେ ଚଲାଚଲ ଆଣା ଦେଇବାର ଦେଖଣ ଗୁଡ଼ାଏ ୫ ଜଣ ସ୍ତ୍ରୀଲୋକ ଚିତ୍ରିବା ଅପରାଧରେ ଅଭିଯୁକ୍ତ ହୋଇଥିଲେ । ସେମାନେ ମାଜିଷ୍ଟ୍ରେଟଙ୍କ ନିକଟରେ ମିଶାଇ ଖେଳିବା କାରଣ ଘଟିବାର ଭାରତ ଦେଲେ । ପ୍ରତ୍ୟେକ ଜଣ ଉପରେ ୫ ଟଙ୍କା ଜରିମାନା ହେଲା, ବରମାନଙ୍କ ତନିମ୍ନ ସରକାରଙ୍କର ଅଭିପ୍ରାୟ କହିଁ ପଦ୍ମ ?

ଏ ନଗର ଅନ୍ତଃପାତ ଇଞ୍ଚିଅ ଜବାବୀ ଟିକ ମାତ୍ର ଅଶୋଭ ସହରେ ପାଡ଼ି ମାରିବା କାରଣ ମହାଜନଙ୍କୁ ଠିକାରେ ବୁଲିଲେ ଶୋଉଥିବା ଏକ ଭୂମିରେ ମାଚ୍ଛ ପକାନ୍ତେ କୁକୁର ଶର ଓ ଅନ୍ୟବାରୀ ସଂଖ୍ୟା ଶାଳିରେ ପୁରୁଷର ଅସାର କରି ପଡ଼ିବନ୍ତି । ସେଥିପାଇଁ ଏଠା ନୌକାଘାଟ ପ୍ରାୟପାଚଲକୁ ଆସି କମେ ଭଲ ହେଉଅଛି ।

କଲିକତାରେ ବର୍ତ୍ତମାନ ପ୍ଲେଗରୋଗର ନାମ ମାତ୍ର ରହିଅଛି ଦୈନିକ ମୃତ୍ୟୁମାନ ଦୁଇ ଏକ ଜଣରୁ ଅଧିକ ନୁହେ ।

କଲିକତା ମିଉନିସିପାଲଟି କର୍ତ୍ତୃକ ଶେଷାଶେଷ ଲୁଗାକାଚିବା ସକାଶେ ଏକ ଧୋବାଘାଟ ନିର୍ମିତ ହେଉଅଛି । ଏଥିରେ ୫୧୦,୪୫୨ ଟଙ୍କା ଖର୍ଚ୍ଚ ହେବାର ଇଷ୍ଟିମେଟ ହୋଇଅଛି ।

ମାନ୍ୟବର ଲଗ୍ନେଷ୍ଟ୍ରୋ ସାର ଉଡ଼ବରନ ବାହାଦୁର ଲଣ୍ଡନରୁ ନସୃଷ୍ଟଙ୍କାଲ ଓ ସିମଳା ଭ୍ରମଣ କରିବାକୁ ଯାଉଅଛନ୍ତି । କୌଣସି ଦୈବଘଟ କାର୍ଯ୍ୟ ହେତୁ ଏପ୍ରକାର ଭାବରେ ଦୌରା କରୁଅଛନ୍ତି ।

ବୁଲନ୍ଦସର ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା କମେ କମେ ଉଣାହୋଇ ଗଲେଣିରେ ଅଦ୍ୟ ଲ ୪୬ ଲକ୍ଷରେ ରହିଅଛି ।

Digitized by srujanika@gmail.com

କଙ୍ଗଳା ଦୁଇ ଘଣ୍ଟାଡ଼ିକୁ ଦଫାଦାର ଏବଂ ଚୌକିଦାର ଜଣେ ଲୋକଠାରୁ ପ୍ରତିବାସୀଙ୍କ ଭୋଟ ଲେଖକ ହେବାର ମିଥ୍ୟା ଛଳନାରେ ୫୦ ଟଙ୍କା ନେବାର ଚେଷ୍ଟା କରୁଥିବା ଅପରାଧରେ ତୃତୀୟ ଲେଖାଏଁ ଶ୍ରମଯୁକ୍ତ କାରାଦଣ୍ଡ ପାଇଅଛନ୍ତି ବୋଲି ସମ୍ବାଦ ମିଳଇ ।

ବଙ୍ଗଳାଦେଶ ଜମାଲପୁରର ଦେବଗଞ୍ଜୀ ସ୍କୁଲର ଶିକ୍ଷକ ଏବଂ ମାଇନର ଲବଟ ବର୍ଷୀ ଅନ୍ୟ ଏକ ସ୍କୁଲର ମାଷ୍ଟର ନାମରେ ମିଥ୍ୟା ଅପବାଦ ରଟାଇ କାଗଜରେ ଛପା କରିବା ପ୍ରଭୃତି ଅପରାଧରେ ୫ ଶହ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇଅଛନ୍ତି ବୋଲି ସମ୍ବାଦ ମିଳଇ ।

ଗତ ତା ୫ ରିଖରେ ଶେଷ ହେବା ସପ୍ତାହରେ ବଙ୍ଗ-ପ୍ରଦେଶର ପ୍ରାୟ ସକଳ ସ୍ଥାନରେ ବୃଷ୍ଟି ହୋଇଥିଲା । ମାତ୍ର ଅନେକ ସ୍ଥଳରେ ପ୍ରଚୁର ଜଳର ଆହୁରି ପ୍ରୟୋଜନ ଅଛି । ଫସଲର ଅବସ୍ଥା ମଧ୍ୟମ ।

ଗତବର୍ଷ ସ୍କୁଲ ତମାଖୁ ଚାଲାଣ କରିବାଦ୍ୱାରା ସ୍କୁଲ ମହଲ ଦାଖଲୁ ଲ ୫ ଲକ୍ଷ ମହଣ ଲବଣକୁ ଆମଦାନି ହୋଇଥିଲା । ସରକାରଙ୍କରେ ଜାତ ହେଉଥିବା ଏହେ ସ୍କୁଲ କ ଗୁଡ଼ାକୁ ନିରଖ ଦେବ ।

କୃଷ୍ଣନଗରର ମୋଗଲହାଟଠାରୁ ଧରଣ ନଗର ଧାରି ପର୍ଯ୍ୟନ୍ତ ଯେ ସଙ୍କୀର୍ଣ୍ଣ ରେଲ ଅଛି, କୁଚବେହାରର ମହାରାଜା ଏହି ରେଲଟିକୁ "ଇଷ୍ଟାରଣ ବେଙ୍ଗଲ ଷ୍ଟେଟ" ରେଲକୁ ବକ୍ରୀ କରିଦେବାର ଇଚ୍ଛା କରୁଅଛନ୍ତି ।

ଜନୈକ ଇଂରେଜ ରମଣୀ କଲିକତାର ପୁଲିସ କମିସନର ଷ୍ଟୁଆର୍ଟ ସାହେବଙ୍କ କନ୍ୟା ବୋଲି ପରିଚୟ ଦେଇ ବାଙ୍ଗାଲୋର ସହରରେ ଅନେକଙ୍କ ଠକିବାର ଅଭିଯୋଗ ହୋଇଅଛି । ସେ ବର୍ତ୍ତମାନ ପୋଲିସର ନଜରବନ୍ଦରେ ଅଛନ୍ତି ।

ଫରିଦପୁରର ଅନ୍ୟତମ ଜମିଦାର ଶ୍ରୀଯୁକ୍ତ ଦପିନଚନ୍ଦ୍ର ରାୟ ମହାଶୟଙ୍କ ପୁତ୍ର ବଙ୍ଗରେ ବୁଦ୍ଧିବଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଫେରି ଆସିଅଛନ୍ତି । ବର୍ତ୍ତମାନ ସେ ଅପ-ଣାର ବୁଦ୍ଧିବଳରେ ପିତାଙ୍କ ଜମିଦାରୀର ଶ୍ରୀବୃଦ୍ଧି ସାଧନ କରିବାର ସଙ୍କଳ୍ପ କରୁଅଛନ୍ତି ।

ଗତବର୍ଷ ପଞ୍ଜାବରେ ଅଫିମ, ମଦ, ଗଞ୍ଜେଇ ପ୍ରଭୃତି ଅବ-କାରି ଦ୍ରବ୍ୟରେ ଗଭର୍ଣ୍ଣମେଣ୍ଟଙ୍କର ୮୯ ଲକ୍ଷ ୩୨ହଜାର ୬ଶହ ୭୯ ଟଙ୍କା ଆୟ ହୋଇଥିଲା । ଦେଶୀ ମଦ ଏବଂ ଗଞ୍ଜେଇ ଏହି ଦୁଇ ପଦାର୍ଥର ବିକ୍ରୀ ବିଶେଷ ବଢ଼ିଥିଲା । ସ୍ୱାସ୍ଥ୍ୟବିଭାଗ ସ୍କୁଲ ମାନଙ୍କରେ ଦେଶୀ ମଦର ଅନେକ ଭକ୍ତ ଅଛନ୍ତି ।

ପଞ୍ଜାବ ସାହାର ସହରରେ ଜଣେକ ବର୍ଷିଆନ ଜୋତିଷ ପ୍ରକାଶ କରନ୍ତି ଯେ ବହୁତ ଜନ୍ମାବ ଗ୍ରହ ଭୟଙ୍କର ଯୋଗ ହେବାରୁ ଲୋକମାନଙ୍କର ଭୟ ଜାତ ହୋଇଅଛି ।

ଦକ୍ଷିଣ ଆଫ୍ରିକାର ଯୁଦ୍ଧ ହେତୁ ଲର୍ଡ ରବର୍ଟସ ମହୋ-ଦୟଙ୍କ ସେ ଏକଲକ୍ଷ ପାଉଣ୍ଡ ପୁରସ୍କାର ଦେବାର ପାର୍ଲିଆ-ମେଣ୍ଟ ମହାସଭାରେ ପ୍ରସ୍ତାବ ହୋଇଥିଲା ତାହା ମଞ୍ଜୁର ହୋଇଥିବାର ସମ୍ବାଦ ମିଳଇ ।

ମୋଗଲସରାଇଠାରେ ବିଦ୍ୟାର୍ଥୀମାନଙ୍କ ଘୋଡ଼ା ଚାଳିବା ଶିକ୍ଷା କରୁଥିବା ସମୟରେ ଏକ ଘୋଡ଼ା ଗୋଟିଏ ବାଳକର ଶରୀରରେ ଚାପି ମୃତ୍ୟୁ ଘଟାଇଥିବାର ସମ୍ବାଦ ମିଳଇ । ସାହାର ଶେଷରେ ଏ ଦୁର୍ଘଟଣା ଘଟଇ ସେ ପିତାର ଏକ ମାତ୍ର ପୁତ୍ର ଥିଲା ଏବଂ ସେ ସ୍ଥାନରେ ଘୋଡ଼ା ଚାଳିବା ଶିକ୍ଷା କରିବା ବନ୍ଦ ହୋଇଅଛି ।

ସମ୍ପ୍ରତ୍ତି ବର୍ମାରେ ପ୍ଲେଗର ଭୟରେ ଦଳ ଦଳ ଲୋକ ସର୍ବଶ୍ରେଣୀର ଲୋକ ଡାକ୍ତରମାନଙ୍କର ଏକ ସମିତି ହୋଇଥିଲା । ଅସ୍ମାକଙ୍କର ନବ ସମ୍ରାଟ ଏଥିରେ ସର୍ବଶ୍ରେଷ୍ଠ ଉଦ୍‌ଯୋଗୀ ଅନୁ ସମିତିରେ ସର୍ବସାଧାରଣଙ୍କ ବ୍ୟବହୃତ ସ୍ଥାନମାନଙ୍କରେ ରୋଗ ବୋଲିବା, ଔଷଧ କରିବା ଏବଂ ସ୍ୱଦେଶ ଦ୍ୱାରା ମାତ ସମସ୍ତ ପୂର୍ବ ସମ୍ବନ୍ଧ ପ୍ରମାଣ କରିବାକୁ ଲକ୍ଷ୍ୟ ସଙ୍ଗ-

ନାଗସ୍ତ ଡାକ୍ତରଙ୍କର ଏକ କମିଟି ସ୍ଥାପିତ ହେବାର ଧାର୍ଯ୍ୟ ହୋଇଅଛି ।—ସାହେବମାନଙ୍କ କୁମାରରେ ରୋଗ ପକାଇ ଖୁଷବଂଶ ତାଙ୍କ, ଏ ଉଦ୍ୟମ ବଶେଷ କାର୍ଯ୍ୟ ହେବ ଜାଣି ମାତ୍ର ଏପରି ଉଦ୍ୟମରେ ଅସ୍ମାକଙ୍କ ଭରସା ହୁଏନ ।

## ଦର୍ପଣ-ସମ୍ବାଦ ।

ଏ ବର୍ଷାର ଅନ୍ତର୍ଗତ ପ୍ରବଳ ବୋରାଣିବୃକ ଗ୍ରାମଣ ଥାନାରେ ବର୍ଷାବାଲକୁ କୋଟିଏ ପଡ଼ିଲେ ସେ ଦଳରେ ପରିପୂର୍ଣ୍ଣ ବଡ଼ ବୃଷ୍ଟିର୍ଣ୍ଣୀ ଅଛି । ତାହାର ଜଳ ଏପରି ଅବାଧ ପ୍ରାର୍ଥ ହୋଇଥିଲା ଯେ ମନୁଷ୍ୟମାନେ ବ୍ୟବହାର କରିବା ଦୂରେ ଥାଉ ପଶୁ ପକ୍ଷିମାନେ ସୁଦ୍ଧା ପାନ କରୁ ନ ଥିଲେ । ଗ୍ରାମ-ବାସିମାନେ ଏଥିପୂର୍ବେ ସରକାର ବାହାଦୁରଙ୍କ ସାହାଯ୍ୟ ପ୍ରାର୍ଥୀ ହୋଇ ଅଫଳ ହୋଇଥିଲେ । ତତ୍ ଅନନ୍ତର ବର୍ଷକ ଯେ ଏଠା ମାନେଜର ବାବୁ ମହାଶୟ ଗ୍ରାମବାସୀମାନଙ୍କଠାରୁ ଶ୍ରମ ସମସ୍ତ ବର ଦେଇ କେତେକ ସାହାଯ୍ୟ ଏବଂ କୋର୍ଟ ଗଢ଼ଜାତ ୫ ୧୫୦ ଟା ମଞ୍ଜୁର କରାଇ ଜଳ ପୁଷ୍କରିଣୀର ଜୀର୍ଣ୍ଣସଂସ୍କାର କରାଇ ଦେଇ ଗ୍ରାମମାନଙ୍କର ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

କର୍ଷାର ସବୋକୃଷ୍ଟ କାର୍ଯ୍ୟ ଶେଷ ହୋଇ ଆସିଲାଣି । ବର୍ତ୍ତମାନ ପାଣି ବନ୍ଦ ହୋଇଅଛି ।

ଅପ୍ରମିତ ବୃଷ୍ଟି ଅଭାବରୁ ଦେଖାଯାଏ ଉଚ୍ଚ ପାର୍ଶ୍ୱସ୍ଥ ଜମିମାନ ଅବଶ୍ୟ ବନ୍ଧ୍ୟା ହୋଇ ଯାଉଁ ।

ଏ ବର୍ଷାର ମଧ୍ୟଭାଗର ପ୍ରବଳ ମୌଜାରେ ବସନ୍ତ, ଭେଦା ରୋଗ ଦେଖାଥିଲା । କେତେକ ମହାପ୍ରାଣୀଙ୍କ ଇଚ୍ଛାରେ ବନ୍ଦ ଅନ୍ତର୍ହିତ ହୋଇଅଛନ୍ତି ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଧନଞ୍ଜୟ ଦେବ ଜଗଦ୍‌ବଳ ଜୟପୁର ଉତ୍କଳାପଟମ | | ୫ ୦ |
| „ ସୁବୃଦ୍ଧଚନ୍ଦ୍ର ପଃ କୋର୍ଟ ସବ ଇଃ କଟକ | | ୫ ୦ |
| „ ଅନ୍ତର୍ମଣି ଦେବୀ ପୁରୀ | କଟକ | ୫ ୧ |
| ସ୍କୁଲ । ଏ । କୁକୋଳ | | ୫ ୦ |
| ଶ୍ରୀ ବାବୁ ଗୋକୁଳଚନ୍ଦ୍ର ଘୋଷ | କଟକ | ୫ ୨ |
| „ ଦ୍ୱାରିକାନାଥ ବନ୍ଦ୍ୟୋପାଧ୍ୟାୟ । ଜ । ବାଲି | | ୫ ୪ |
| „ ହରେକୃଷ୍ଣ ସେନାପତି ଜମିଦାର | | ୫ ୧୩ |

# ବିଜ୍ଞାପନ ।


## NOTICE

Wanted for the Cuttack Municipality an Overseer on a salary of Rs. 50. with a fixed horse allowance of Rs. 10 per month.

Applications with copies of testimonials will be received by the undersigned up to the 15th August 1901.

Cuttack Municipal Office. Dated the 5th August, 1901 } J. M. ZORAB. Lt. Col. *Chairman.*

*Remarks left by the Inspector General of Civil Hospitals Bengal after inspection of the Dispensary ("Victoria Medical Hall") (formerly ("Ghose's Cheap Dispensary") Chowdhury Bazar, Cuttack on 26th July 1901.*

AKSHOY KUMAR GHOSE
*Proprietor,*
VICTORIA MEDICAL HALL.
(formerly Ghose's Cheap Dispy.
CUTTACK.

I inspected the "VICTORIA MEDICAL HALL" (formerly "*Ghose's Cheap Dispensary*") today. The Dispensary is well stocked with drugs, and the medicines appear to be carefully dispensed by two passed Compounders,

26th July 1901 } Sd. Col. J. McConaghey M. D., I.M.S. *Offg. Inspr. Genl of Civil Hospls., Bengal.*
CUTTACK,

ବଙ୍ଗ ପ୍ରଦେଶର ସିଭିଲ ହସପିଟାଲ ସମୂହର ଇନ୍‌ସ୍ପେକ୍ଟର ଜେନେରଲ ସାହେବ ମହୋଦୟ ଏହି ଔଷଧାଳୟ ( ପୂର୍ବନାମ ଘୋଷଙ୍କ ସୁଲଭ ଔଷଧାଳୟ ) ଗତ ଜୁଲାଇ ମାସ ତା ୨୬ ରିଖ ୧୯୦୧ ସାଲରେ ପରିଦର୍ଶନ କରି ଯେ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତାହାର ଓଡ଼ିଆ ଅନୁବାଦ ।

କଟକ ଚଉଧୁରୀ ବଜାର } ଶ୍ରୀ ଅକ୍ଷୟ କୁମାର ଘୋଷ ପ୍ରୋପ୍ରାଇଟର ଭିକ୍ଟୋରିଆ ମେଡିକେଲ ହଲ ( ପୂର୍ବ ନାମ ଘୋଷଙ୍କର ସୁଲଭ ଔଷଧାଳୟ )

ଅମ୍ଭେ ଅଦ୍ୟ ଭିକ୍ଟୋରିଆ ମେଡିକଲ ହଲ ( ପୂର୍ବ ନାମ ଘୋଷଙ୍କର ସୁଲଭ ଔଷଧାଳୟ ) ପରିଦର୍ଶନ କଲୁଁ ଏ ଔଷଧାଳୟର ଭଣ୍ଡାରରେ ଔଷଧ ମାନ ପରିପୂର୍ଣ୍ଣ ରହିଅଛି, ଏବଂ ଔଷଧ ବଣ୍ଟନ କାର୍ଯ୍ୟ ଦୁଇଜଣ ପାସଯୋଗ୍ୟ କମ୍ପାଉଣ୍ଡର ଦ୍ୱାରା ସତର୍କତା ସହକାରେ କରୁଅଛନ୍ତି ।
ତା ୨୬ ରିଖ ଜୁଲାଇ ସନ ୧୯୦୧ ମସିହା ।

ସ୍ୱାକ୍ଷର
କର୍ଣ୍ଣେଲ ଜେ, ମାକନ୍ନି
ଏମ, ଡି, ଆଇ, ଏମ, ଏସ,
ଇନସ୍ପେକ୍ଟର ଜେନରଲ ସିଭିଲ ହସପିଟାଲ
ବେଙ୍ଗଲ

## NOTICE.

Sealed tenders are invited for the construction of Tehsil Office at Banki estimated to cost Rs. 7024


Digitized by srujanika@gmail.com

and will be received by the undersigned up to noon of the 20th August, 1901.

Tenders to be submitted on forms to be obtained at this office and all informations can be obtained on application to the undersigned.

Bricks Ghooting and Iron work will be supplied from stock.

Earnest money to the amount of Rs. 200 in currency notes should accompany each tender.

The Chairman District Board does not bind himself to accept the lowest or any tender.

The 5th August 1901
District Engineer's Office,
Cuttack,

N. N. MITRA
*District Engineer*
*Cuttack.*

---

# FOR SALE.

## AT VERY CHEAP PRICES.

CLINICAL THERMAMETER of the following description specially made by James J. Hicks, London, England, for this Dispensary.

| | R. A. P. |
|---|---|
| 5 minute plain price each | 1—6—0 |
| 3 minute magnifying ,, | 2—10—0 |
| One ,, ,, ,, | 4—8—0 |
| Half ,, ,, ,, | 5—0—0 |

and also measure glasses of the following description.

1 Dram Glasses
2 ,, ,,
1 ounce ,,
2 ,, ,,
4 ,, ,,
6 ,, ,,
8 ½ lb ,,
16 1 lb ,,

SOLD AT VERY CHEAP RATES.

ଉକ୍ତଲିଖିତ ପ୍ରକାର ତାପମାନ ଯନ୍ତ୍ର (Clinical Thermameter) ଲଣ୍ଡନର ଜେମସ୍ ଜେ ହିକ୍ସ ସାହେବଙ୍କ ଦ୍ୱାରା ଏହି ଔଷଧାଳୟ (ଭିକ୍ଟୋରିଆ ମେଡିକାଲ ହଲ) ସକାଶେ ପ୍ରସ୍ତୁତ ହୋଇ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି ।

| | | ଟ ଅ ପା |
|---|---|---|
| ୧ ମିନଟ | ପ୍ରତ୍ୟେକ | ୧ । ୶ ୦ |
| ୩ ,, ... | ,, | ୨ ୳୶ ୦ |
| ୧ ,, ... | ,, | ୪ ୳ ୦ |
| ½ ,, ... | ,, | ୫ ୧ ୦ |

ନିମ୍ନଲିଖିତ ପ୍ରକାରର ଔଷଧ ମାପିବା ଗ୍ଲାସ ସୁଲଭ ମୂଲ୍ୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

୧ ଡ୍ରାମ, ୨ ଡ୍ରାମ, ୧ ଆଉନ୍ସ, ୨ ଆଉନ୍ସ, ୪ ଆଉନ୍ସ, ୬ ଆଉନ୍ସ, ୮ ଆଉନ୍ସ, ଏବଂ ୧୬ ଆଉନ୍ସ

Chowdhury Bazar
Cuttack
10th Aug. 1901

Akshoy Kumar Ghose
Proprietor
"Victoria Medical Hall"
"formerly Ghose's C. D."

---

# NOTICE.

Tenders are invited for the folllowing public works to be executed in the Narsingpur State. All tenders are to be sent in sealed covers to reach this office on or before the **15th August 1901.** The undersigned does not bind himself to accept the lowest or any tenders.

ORIGINAL WORKS.

| | | |
|---|---|---|
| 1. | Construction of Palace building | RS 5000 |
| 2. | Addition and alterations to manager's quarters | RS. 600 |
| 3. | Construction of Inspection Bunglows at Naysgurh | RS. 800 |
| 4. | Do. Middle Vernacular School | RS. 500 |
| 5. | Do. Jail Superintendent's office | RS. 500 |
| 6. | Road from Burhabarhi Ghati to Hindole boundary | RS. 500 |
| 7. | Metalling Champeswar Road | RS. 1500 |
| 8. | Irrigation Tanks and Bands at different places | RS. 6500 |

REPAIR WORKS.

| | | |
|---|---|---|
| 1. | Repairs to palace building | RS. 200 |
| 2. | Do. to Civil buildings | RS. 500 |
| 3. | Repairs to Roads | RS. 500 |

Manager's office
Narsingpur
27—7—1901

Mahammad Atahar,
*Manager.*

---

## ବିଜ୍ଞାପନ ।

ମାଝେଇ ସାହୁ । ସା । ଦଗାମ୍ବରପୁର । କା । ବର୍ଣ୍ଣପଣ୍ଡି ଓ ଦୀନବନ୍ଧୁ ଲେଙ୍କା । ସା । ଅଚ୍ୟୁତପୁର । କ । ମଧୁପୁର ଏହିକି ଯେ ଅଳଙ୍ଗପୁର ଓ ଦଗାମ୍ବରପୁର ହୋଇବସ୍ତ ଭୁଇ ମଉଜା ଲକ୍ଷ୍ମୀନ ବାହେଲ ଭୂଳସିପୁର ମହଲ ପଦ୍ମନାଭ ସମାନ୍ତ ଦାସଙ୍କର । ସ୍ମା । ଦାଉ ଅର୍ଥେ । ଉକ୍ତ ମଉଯାରେ କାଲ ବନ୍ଦୋବସ୍ତ ଜମାରୁ ଊଦ କରି କେତି ଜମା ଅପଣା ଇଚ୍ଛାରେ କରିବା ସକାଶେ ମହନ୍ତ ମଜିସ୍ଥ ଅନେକ ମାଲ ମୋକଦ୍ଦମା କରି କୌଣସି ଫଳ ଲାଭ ନ କରିବାରୁ ତାଙ୍କ ପୁତ୍ର-ହିତ ବଳଭଦ୍ର ପ୍ରହରାଜଙ୍କଦ୍ୱାରା ଅମ୍ଭ ନାମରେ

ନାଲିସ ଦାୟର କରିଅଛନ୍ତି ଅତଏବ ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦେଉଅଛୁ ଯେ ଅମ୍ଭମାନଙ୍କ ନାମରେ ଯଦି କେହି ବ୍ୟକ୍ତି ପାଖରେ ହେଣ୍ଡନୋଟ ଦସ୍ତାବେଜ କିମ୍ବା ତମସୁକ କୌଣସି ପ୍ରକାର ଋଣପତ୍ର ଥାଏ ତାହା ଏହି ପନ୍ଦରଦିନ ମଧ୍ୟରେ ନାଲିସ ଦାଏର କରନ୍ତୁ । ଏପରେ ଦାଏର କଲେ ଅମ୍ଭଦ୍ୱାରା ଉପଦେଶ ହେବ ନାହିଁ ।

ଅଗଷ୍ଟ ତା ୪ ରଣ ସନ ୧୯୦୧ ମସିହା

ମାଝେଇ ସାହୁ ।
ଦୀନବନ୍ଧୁ ଲେଙ୍କା ।

---

# ବିଜ୍ଞାପନ ।

## ହରି ସଂକୀର୍ତ୍ତନ ।

୨ୟ ଖଣ୍ଡ

ମୂଲ୍ୟ ଟ ୦ ୶ ଦୁଇଅଣା ମାତ୍ର

ହରିସଂକୀର୍ତ୍ତନ ୧ମ ଖଣ୍ଡ ସର୍ବସାଧାରଣରେ ବିଶେଷରୂପେ ସମାଦୃତ ହେବାରୁ ପ୍ରକାଶକ ମହୋଦୟ ୨ୟ ଖଣ୍ଡ ପ୍ରକାଶ କରିବାକୁ ସକ୍ଷମ ହୋଇଅଛନ୍ତି । ଏହା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

କଟକ
୧।୨।୭।୦୧

ଶ୍ରୀ ଗୌରୀଶଙ୍କର ରାୟ
ସମ୍ପାଦକ

---

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

---

# ଅଦ୍ଭୁତ ରାମାୟଣ ।

ଏଥିରେ ରାମଚନ୍ଦ୍ର ଓ ସୀତାଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ଏବଂ ସୀତାଙ୍କଦ୍ୱାରା ସହସ୍ରମୁଖ ରାବଣର ବଧ ଓ ରାମଚନ୍ଦ୍ରଙ୍କଦ୍ୱାରା ସୀତାଙ୍କର ସ୍ତୁତି ଇତ୍ୟାଦି ସୁଲଳିତ ପଦ୍ୟରେ ବର୍ଣ୍ଣିତ ହୋଇଅଛି । ମୂଲ୍ୟ ଟ ୦ ।୶ ମାତ୍ର ।

ପ୍ରସିଦ୍ଧ କବି ବାଣଭଟ୍ଟଙ୍କ ରଚିତ କାଦମ୍ବରୀ ବର୍ତ୍ତମାନ ଅର୍ଦ୍ଧେନ୍ଦୁଶେଖର ନାମରେ ନାନା ସୁଲଳିତ ରାଗରାଗିଣୀରେ ଉତ୍କଳଭାଷାରେ ଅନୁବାଦିତ ଓ ଉତ୍କଳାକ୍ଷରରେ ମୁଦ୍ରିତ

ମୂଲ୍ୟ ଖ ୧ ୬ ଟ ୦ ୳୶

ବିଶ୍ୱନାଥ କବିଙ୍କ ବିରଚିତ ଗୁଣ୍ଡିଚାକୃତ ଅଧ୍ୟାୟଙ୍କ ଖ ୧ ୬ ଟ ୦ ୳

ପ୍ରିଣ୍ଟିଂ କମ୍ପାନୀପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

Split by PDF Splitter

Digitized by srujanika@gmail.com

# ମଧୁପର ଉପହାର ।

"ଉତ୍କଳ ମଧୁପ" ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୬୭ ପୃଷ୍ଠାରେ ସମାପ୍ତ ।

# ଭିକ୍ଟୋରିଆ ଚରିତ

ଉପହାର ଦିଆଯିବ । ଭିଃ ପିଃ ରେ ଉପହାର ପଠା ଯାଇ ମୂଲ୍ୟ ଆଦାୟ କରା ଯାଇଥାରେ । ଏ ସୁବିଧା ଅତ୍ୟଳ୍ପ ଦିବସ ପ୍ରକାଶେ ।

ଦେବଗଡ଼ ପୋଃ, ସମ୍ବଲପୁର } ସମ୍ପାଦକ "ଉତ୍କଳ ମଧୁପ"

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ହଙ୍ଗସ୍ପକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବହୁଗୁଣରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ନାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ଗାଙ୍ଗପୁର, ସରାଇକେଲା ପ୍ରଭୃତିର ରାଜାମାନଙ୍କ ନିକଟରେ ଜାଣ୍ଡା କଲେ ଆମ୍ଭର ଏଁାହି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବହୁମୂଲ୍ୟ ସର୍ବପ୍ରକାର ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, କଥାର ଜୋଡ଼ି, ଦୋପଟା, କିଂଖାପ, ବାସ୍ତା ସଙ୍ଗୀ, ଦୋପଟ୍ଟା ମଥାଲି, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଇତ୍ୟାଦି ଜରିର ଅଙ୍ଗୁଷ୍ଠି ସ୍ତମ୍ଭଭ ଛଡ଼ା ସୁନା ରୂପାର ବାସନ, ହାତୀର ଦାନ୍ତ ପ୍ରଭୃତି ବସ୍ତୁର ଅନୁସାରେ ତିଆରି କରାଇ ଦେଉ । ବସ୍ତୁ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । ହେତୁ ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ ଚାଲିବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାଲ୍ଲୁମାଲ ଭୋଲାନାଥ
କୁଞ୍ଜଗଳି ଫାଟକ ବନାରସ ସିଟି




# ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧକ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉଠିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ଯଥା:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଜୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

## ପୁଷ୍ପସାର ଅଥବା ଏସେନ୍ସ ।

ସର୍ବ ପ୍ରକୃତିର ନାନାବିଧ ସୁରଭି ପୁଷ୍ପର ସାର ସଙ୍ଗ୍ରହ କରାଯାଇ ଏହି ଉତ୍କୃଷ୍ଟ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଯୁମେଲୀ; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମଲିକା; ବେଲଶୋଭା; ହ୍ୱାଇଟ୍ ରୋଜ୍; ବକୁଲ ରୋଜ୍; ବେଣାଭେର୍; ଭୁଟୁକଲ; ମିଲ୍କଫୁଲ; ବେନାଫୁଲ; ଯାପାନୀଜ ଫୁଲ; ଭିକ୍ଟୋରିଆ ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ୱାଟର ବଡ଼ଶିଶି ଚଉଦଅଣା; ସାନଶିଶି ସାତଅଣା ।

## ପମେଟମ

ଗୋଲାପି ପମେଟମ ଆଠଅଣା; ସୁଗନ୍ଧ ପମେଟମ ପାଞ୍ଚଅଣା ।

## ତାମ୍ବୁଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅଦ୍ଭୁତ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଦୁଇବୁନ୍ଦ ମିଶାଇ ଦେଲେ ଗୁଣ୍ଡି ମଦଗନ୍ଧ ହେବ । ମୂଲ୍ୟ ପ୍ରତି ଶିଶି ଆଠଅଣା ।

## ସରବତ ଅଥବା ସିରପ ।

ଗ୍ରୀଷ୍ମକାଳ ପକ୍ଷରେ ଏହାଠାରୁ ଉଲ୍ଲାସକର ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ରାସବେରି ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ରୋଲଭଲ ସିରପ୍ ଏକଟଙ୍କା ।

## ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ଭଦ୍ରବର୍ଗମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପ୍ୟାକିଂ ଓ ଡାକଖର୍ଚ୍ଚ ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଇଚ ବସୁ<br>୬୨ ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar Street<br>Calcutta. |

କଟକରେ "ଓଡ଼ିଶା ସ୍ୱଦେଶୀ ଭଣ୍ଡାର"ରେ ଓ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାରେ ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ୦ ୦ ୬
ଅଧସ୍ତମ୍ଭକୁ ୨ ୮
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୮

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ସର୍ତ୍ତ ୧୦ ଅଣାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ସର୍ତ୍ତ ପ୍ରଥମଥରର ଅର୍ଦ୍ଧେକ ଓ ତୃତୀୟାଂଶ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଟାଉନ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ୍‌ର ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଖ ୩୬ ଶ / ସ ୩୩ ସଂଖ୍ୟା

CUTTACK, SATURDAY THE 17TH AUGUST 1901.
ତା ୨ ନ ଭାଦ୍ରବ ସନ ୧୩୦୮ ସାଲ ଶନିବାର

ଅଗ୍ରୀମ ଟ ୩।
ପଶ୍ଚାଦେୟ ଟ ୬ ୧

## NOTICE

Wanted for the Cuttack Municipality an Overseer on a salary of Rs. 50. with a fixed horse allowance of Rs. 10 per month.

Applications with copies of testimonials will be received by the undersigned up to the 15th August 1901.

Cuttack Municipal Office. Dated the 6th August, 1901

J. M. ZORAB. Lt. Col.
*Chairman.*

## NOTICE.

Tenders are invited for the folllowing public works to be executed in the Narsingpur State. All tenders are to be sent in sealed covers to reach this office on or before the 22nd August 1901. The undersigned does not bind himself to accept the lowest or any tenders.

ORIGINAL WORKS.

1. Construction of Palace building Rs 5000
2. Addition and alterations to manager's quarters Rs. 500
3. Construction of Inspection Bunglows at Nayagurh Rs. 800
4. Do. Middle Vernacular School Rs. 500
5. Do. Jail Superintendent's office Rs. 500
6. Road from Burhabarhi Ghati to Hindole boundary Rs. 600
7. Metalling Champeswar Road Rs. 1500
8. Irrigation Tanks and Bands at different places Rs. 6500

REPAIR WORKS.

1. Repairs to palace building Rs. 200
2. Do. to Civil buildings Rs. 500
3. Repairs to Roads Rs. 500

Manager's office Narsingpur 27—7—1901

Mahammad Atahar,
*Manager.*

## ବିଜ୍ଞାପନ ।

ଏତଦ୍ଵାରା ସର୍ବ ସାଧାରଣଙ୍କୁ ଜଣାଇ ଦିଅ ଯାଉଅଛି ଯେ ନରସିଂହପୁର ରାଜ୍ୟର ନିମ୍ନଲିଖିତ ଓ୍ୱାର୍କସ ଇତ୍ୟାଦି ଠିକାଦିର କାର୍ଯ୍ୟ ସମାଧା କନଟ୍ରାକ୍ଟର ଆବଶ୍ୟକ । ସେଥି ନିମନ୍ତେ ଟେଣ୍ଡର ଅର୍ଥାତ୍ କାର୍ଯ୍ୟର ରେଟ ଚଳିତ ମାସ ତା ୨୨ ରଖ ପର୍ଯ୍ୟନ୍ତ ଏହି ଅଫିସରେ ଗ୍ରହଣ କରାଯିବ । ନିମ୍ନ ସ୍ୱାକ୍ଷରକାରୀ ସମସ୍ତ ଦରଖାସ୍ତକାରୀମାନଙ୍କୁ ବା ସାମାନ୍ୟ ରେଟର ଦରଖାସ୍ତକାରୀ ମନଙ୍କୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ।

ନୂତନ କାର୍ଯ୍ୟ

ନଂ ୧ ମ୍ବର ନୂତନ ରାଜବାଟୀ ତିଆରି ଟ ୫,୦୦୦
ନଂ ୨ ମ୍ବର ମାନେଜରଙ୍କ ବସାରେ ଉନ୍ନତି କରିବା ନିମନ୍ତେ ଟ ୫୦୦
ନଂ ୩ ମ୍ବର ନୟାଗଡ଼ ମୁକାମରେ ଡାକବଙ୍ଗଳା ଟ ୮୦୦
ନଂ ୪ ମ୍ବର ଭର୍ଣ୍ଣାକ୍ୟୁଲର ସ୍କୁଲ ଗୃହ ଟ ୫୦୦
ନଂ ୫ ମ୍ବର ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସ ଟ ୫୦୦
ନଂ ୬ ମ୍ବର ବୁଢ଼ାବୁଢ଼ୀ ଘାଟିଠାରୁ ହିନ୍ଦୋଳ ସରହଦ ପର୍ଯ୍ୟନ୍ତ ସଡ଼କ ଟ ୬୦୦
ନଂ ୭ ମ୍ବର ଚମ୍ପେଶ୍ୱର ରାସ୍ତା ପକ୍କା କରିବ କାର୍ଯ୍ୟ ଟ ୧,୫୦୦
ନଂ ୮ ମ୍ବର ଭିନ୍ନ ଭିନ୍ନ ସ୍ଥାନରେ ବନ୍ଧ ପୋଖରୀ ଟ ୬,୫୦୦

ମରାମତି କାର୍ଯ୍ୟ

ନଂ ୧ ମ୍ବର ପୁରାତନ ରାଜବାଟୀ ମରାମତି ଟ ୨୦୦
ନଂ ୨ ମ୍ବର ସରକାରୀ ଗୃହମାନ ମରାମତି ଟ ୫୦୦
ନଂ ୩ ମ୍ବର ରାସ୍ତା ମରାମତି ଟ ୫୦୦

ନରସିଂହପୁର ମାନେଜରଙ୍କ ଅଫିସ ତା ୭ ରଖ ଅଗଷ୍ଟ ସନ ୧୯୦୧ ମସିହା

Mohommad Atahar
ମାନେଜର

## NOTICE.

Sealed tenders are invited for the construction of Tehsil Office at Banki estimated to cost Rs. 7094 And will be received by the underisgned up to noon of the 20th august. 1901.

Tenders to be submitted on forms to be obtained at this office and all informations can be obtained on application to the undersigned.

Bricks Ghooting and Iron work will be supplied from stock.

Earnest money to the amount of Rs. 200 in currency notes should accompany each tender.

The Chairman District Board does not bind himself to accept the lowest or any tender.

The 5th August 1901 District Engineer's Office, Cuttack,

N. N. MITRA
*District Engineer Cuttack.*

Digitized by srujanika@gmail.com

Split by PDF Splitter



ଗତ ସୋମବାର ଦିବସ ଏଠା କଲେକ୍ଟରି କଚେରୀରେ ରେଭନ୍ୟୁ ଏକାଉଣ୍ଟ ପରୀକ୍ଷା ଗୃହୀତ ହୋଇଥିଲା । ନ ୫ ଜଣ ମୁକ୍ତାର ପରୀକ୍ଷା ଦେଇ-ଥିଲେ । କେବଳ ଏକ ଜଣ ବାବୁ ଗୋପାଳ-ଚନ୍ଦ୍ର ନାଗ ଉତ୍ତୀର୍ଣ୍ଣ ହୋଇଥିବାର ଶୁଣା ଯାଏ । କଲେକ୍ଟର ସାହେବ, ଡେପୁଟି କଲେକ୍ଟରେ ବାବୁ ଜଗ୍ୟାନନ୍ଦ ଭଦ୍ର ଓ ସବଜଜ ପରୀକ୍ଷା କମିଟିର ମେମ୍ବର ଥିଲେ ।

ଉତ୍କଳର ଇନକମ୍ ଟିକସ ଅଫିସର ମାଟସ ସସ୍ପେଣ୍ଡ ହୋଇଥିବାରୁ ଏଠା କମିଶନ କଚେ-ରୀର କରଣି ବାବୁ ଉଦାସୀ ଚରଣ ଦାସ ଏକଟିଂ ସ୍ୱରୂପ ନିଯୁକ୍ତ ହୋଇଥିଲେ । ବର୍ତ୍ତମାନ ଶୁଣିଲୁଁ ଯେ ବାବୁ ଉଦାସୀ ଚରଣ ଦାସ ଟିକସର ଅଫିସର ପଦରେ ସ୍ଥାୟୀ ଭାବରେ ନିଯୁକ୍ତ ହେଲେ ମାତ୍ର ଅନ୍ୟ ଆଦେଶ ପର୍ଯ୍ୟନ୍ତ ଇନ୍‌କମ ଅଫିସର କାର୍ଯ୍ୟ କରିବେ ଓ କଟକର ଅଫି-ସର ସିଦ୍ଧ ଉଭୟରେ କାର୍ଯ୍ୟ କରିବେ । ଆମ୍ଭେ ମାନେ ଆଶା କରୁଁ ଇନକମ୍ ଟିକସ ବିଭାଗରେ ଏତଦ୍ଦେଶୀୟ ବ୍ୟକ୍ତି ଜଣେ ଶୀଘ୍ର ପକ୍କା ହେବେ ।

ବାବୁ ବଳରାମ ଦାସ ଡେପୁଟିଙ୍କ ନାମରେ ଚାଲୁଥିବା ଉକ୍ତୋଚ ମାମଲାରେ ଗତ ମଙ୍ଗଳବାର ଶ୍ରୀଯୁକ୍ତ ଜେଭରସନ ସାହେବ ଡେପୁଟିମାଜିଷ୍ଟ୍ରେଟ ଆଉ କେତେଜଣ ସାକ୍ଷିର ଜୋବାନବନ୍ଦୀ ନେଇ ଗତ ଗୁରୁବାର ଶ୍ରୀଗୋବିନ୍ଦରଥଙ୍କର ବଲପାକ ଜେରାର ନେଇଥିଲେ ଏବଂ ଅଭିଯୁକ୍ତ ବ୍ୟକ୍ତିର କୌଂସୁଲି ଉକିଲ ମାନ୍ୟବର ମଧୁସୂଦନ ଦାସଙ୍କର ବକ୍ତୃତା ଶୁଣିଥିଲେ । ପ୍ରାଥମିକ ଅନୁସନ୍ଧାନରେ ମାମଲା ଠିକ ହୋଇଗଲା ପର ଚାଲିଅଛି । ଘରଖାଣ୍ଡିରୁ ଘୋଷାଏ ପଢିଲେ ପସ ଜଣାଯାଏ ?

ଆସାମର ନର୍ଥ ସଦେବ ଉଲଫଲାସ୍ତ ଦେ-ଶୀୟ ଇଂରାଜ ସମ୍ପାଦକ ବେଙ୍ଗଲି, ଅମୃତ ବଜାର ଓ ମିରର ନାମରେ ଯେଉଁପୂରଣ ନମନ୍ତେ ଦେଓସ୍ୱାନୀ ଅଦାଲତରେ ମାନହାନି ନାଲିଶ ଦାଏର କରିଥିଲେ । ପ୍ରତ୍ୟେକ ସମ୍ପାଦକଙ୍କ-ଠାରେ ବୋଡ଼ଏ ହଜାର ଟଙ୍କା ଦାବି ହୋଇ-ଅଛି । ବର୍ତ୍ତମାନ ପୁଣି ବଙ୍ଗବାସୀ ନାମରେ ଉକ୍ତ ଦାଖଲ ନାଲିଶ ଦାଏର ହେବାର ଶୁଣା ଯାଉ-ଅଛି । ଏପରି ଶ୍ୱେତଗୋଷ୍ଠି ସମ୍ପାଦକ ଉପରେ ମାନହାନି ମୋକଦ୍ଦମା ଉପସ୍ଥିତ ହେଲା । କ୍ରମଶଃ ଏହିପରି ଅନେକ ଗୋଟି କାଗଜ ଉପରେ ନାଲିଶ ଦାଏର ହେଲେ ସାହେବ ଜଣେ ସମ୍ପ-ତ୍ତିଶାଳୀ ହୋଇ ପଡ଼ିବେ ଓ ଅଉ କିଛି ବ୍ୟବ-ସାୟ କରିବାକୁ ହେବ ନାହିଁ । ସାହେବ ମହୋ-ଦୟ ନାଲିଶ ଦାଏର କରି ବଡ଼ାଇ ଗମନ କରି ଅଛନ୍ତି ।

ଗତ ସୋମବାର ଦିବସ ଏଠା କଲେଜ ଗୃହରେ କୃଷି ପ୍ରଦର୍ଶନୀର ସଭା ଅଧିବେଶନ ହୋଇ-ଥିଲା । ମାନନୀୟ କମିଶନର ଶ୍ରୀଯୁକ୍ତ ଜେ, ଜି, ଗୁପ୍ତ ସଭାପତିର ଆସନ ଗ୍ରହଣ କରିଥିଲେ । କେବଳ ନ ୩ ଣ ଇଉରୋପୀୟ ଏବଂ ନ ୧୦।-୧୨ ଣ ଦେଶୀୟ ଭଦ୍ରଲୋକ ଉପସ୍ଥିତ ଥିଲେ । ସଭାରେ ସ୍ଥିର ହେଲା ଯେ ଆଗାମୀ ପ୍ରଦର୍ଶନୀ ଆଗାମୀ ବର୍ଷର ଆରମ୍ଭରେ ହେବ ସେଥିପାଇଁ ଏକ ସାଧାରଣ ଏବଂ ଏକ କାର୍ଯ୍ୟକାରୀ ସମିତି ଗଠିତ ହେଲା । ଶ୍ରୀଯୁକ୍ତ ଇଂଲିସ ସାହେବ ଏ ପର୍ଯ୍ୟନ୍ତ ସେକ୍ରେଟେରୀ ଥିଲେ । ଏଣିକି ଅସମ୍ମତ ହେବାରୁ ନମନ ଏକାକାର ଶ୍ରୀଯୁକ୍ତ ବଲ ସାହେବ ସେକ୍ରେଟେରୀ ହେଲେ । ବାବୁ ସୁଦାମ-ଚନ୍ଦ୍ର ନାୟକ ପୂର୍ବ ପ୍ରାୟ ସହକାରୀ ସେକ୍ରେ-ଟେରୀ ଏବଂ ଉପଗ୍ରାମ ଏବାହୁମ ନନ୍ଦାମା ଖାଜାଞ୍ଚି ମନୋନୀତ ହେଲେ ।

ବିଶ୍ୱବିଦ୍ୟାଳୟର ପରୀକ୍ଷା ବିଭ୍ରାଟ ଯେବେ ବହୁ ଆନ୍ଦୋଳନ ହୋଇଥିଲେ ସୁଦ୍ଧା କୌଣସି ବିଶେଷ ପ୍ରତିକାର ହୋଇ ନାହିଁ । ଗତବର୍ଷ ଏଫ ଏ ପରୀକ୍ଷାର୍ଥିଙ୍କ ମଧ୍ୟରୁ ଅନ୍ତର ଶୃଗଙ୍ଗଣ ଉତ୍ତୀର୍ଣ୍ଣ ହୋଇଥିବାର ପ୍ରକାଶ ପାଇଅଛି । ପରୀକ୍ଷକମାନେ କାଗଜ ଭଲରୂପେ ନ ଦେଖି ଥିବାରୁ ସେମାନେ ପାସ କରି ପାଇ ନ ଥିଲେ । ସେମାନଙ୍କର କାଗଜ ପୁନଃ ପରୀକ୍ଷା ହେବାରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରିଥିବାର ପ୍ରକାଶ ହେଲା । କୃଷ୍ଣନଗର କଲେଜର ନଳିନୀବେହାରୀ ଘୋଷ ନାମକ ଏକଜଣ ଛାତ୍ରର ନ ୫୨ ମାର୍କ କମ ଦିଆ ହୋଇଥିଲା । ଅନ୍ତର ରହସ୍ୟ କଥା ଯେ ନଳିନୀବେହାରୀଙ୍କ ଗଣିତ ପ୍ରଶ୍ନୋତ୍ତର କାଗଜ ପ୍ରଥମରେ ଆଦୌ ନମ୍ବର ଦିଆ ହୋଇ ନ ଥିଲା । ପରୀକ୍ଷକ ଅନବଧାନତା ବଶତଃ ନମ୍ବର ଦେଇ ନ ଥିଲେ ପଶ୍ଚାତ୍ ରେଜିଷ୍ଟ୍ରାରଙ୍କ ନିକଟକୁ ନମ୍ବର ଲେଖି ପଠାଇଦେଲେ । ନଳିନୀଙ୍କ ସୌଭାଗ୍ୟ ହେତୁ ଏହା ଘଟିଲା । ଏହିପରି ବହୁ ଟ ଅନ୍ୟ ଏକ ଛାତ୍ରର ହୋଇଥିଲା । ପରୀକ୍ଷା ବିଭ୍ରାଟ ଯେ କେବେ ଶେଷ ପାଇବ ବୁଝାଯାଉ ନାହିଁ ।

ଏଠା ମିଉନିସିପାଲିଟି ଟାଞ୍ଚି ହାଉସ ସମ୍ମୁଖର ଇଟଗଦାରେ ମୁନ୍ସୀ ଓ ଅବଦୁଲ ନାମକ ଦୁଇଜଣ ଲୋକ ଟାଙ୍ଗା ବଜାରର ମହମ୍ମଦ ହୁସେନର ହାତରୁ ଗୋଟାଏ ଗାଈ ବାନ୍ଧି ନେଇ ବାନ୍ଧି ହାଉସରେ ଦେବାରୁ ମହମ୍ମଦ ହୁସେନ ସେମାନଙ୍କ ନାମରେ ଫୌଜ-ଦାରୀରେ ନାଲିସ କରିଥିଲା । ବାବୁ ଅଶ୍ୱିନୀ ଦତ୍ତ ଡେପୁଟି ମାଜିଷ୍ଟ୍ରେଟଙ୍କ ବିଚାରରେ ଅପ-ରାଧ ସାବ୍ୟସ୍ତ ହେବାରୁ ଜଣ ପ୍ରତି ଟ ୬ ୧ ଙ୍କା ଲେଖାଏଁ ଦୁଇ ଜଣଙ୍କ ଉପରେ ଟ ୧୨ ଙ୍କା ଅର୍ଥଦଣ୍ଡ ବିଧାନ କଲେ । ଗାଈଧରା ପିଯ୍ୟାଦା-ଙ୍କର ଅତ୍ୟାଚାର ଏ ନଗରବାସୀ କାହାରିକୁ ଅବିଦିତ ନାହିଁ । କଥିତ ହୁଅଇ ଅନେକ ଲୋକଙ୍କ ସହିତ ସେମାନଙ୍କର ମାସିକ ବନ୍ଦୋ-ବସ୍ତ ଅଛି ସେ ସେମାନଙ୍କ ଗାଈ ଧରିବେ ନାହିଁ ଏବଂ କେତେ ଲୋକ ବନରେ ଗାଈ ନ ଛାଡ଼ି ସନ୍ଧ୍ୟା ଉତ୍ତାରୁ ଫିଟାଇ ଦିଅନ୍ତି ଯେ ସେମାନେ ରାସ୍ତାରେ ବୁଲି ଏହା ତାହା ବାଡ଼ ନଷ୍ଟ କରନ୍ତି ମାତ୍ର ଗାଈ ଧରାମାନେ ସେସବୁ ଗୋରୁ ଧରନ୍ତି ନାହିଁ । ଅଥଚ କେହି ବନ୍ଦୋବସ୍ତ ନ କଲେ ପଡ଼ିଆ ଜମା ବାଦା ଦ୍ୱାରରୁ ଗାଈ ନେଇ ଟାଞ୍ଚି ହାଉସରେ ପକାନ୍ତି । ଏଇସ୍ ଏବଂ ଦେଶ ଉଭୟରେ ଅନେକ ନାଲିସ ନ କରି ମାରନ୍ତି ଅତ୍ୟାଚାର ସହ୍ୟ କରନ୍ତି । ଏପରି ଅବସ୍ଥାରେ ଯେଉଁ ଲୋକ ଦୋଷୀ ସାବ୍ୟସ୍ତ ହୁଏ ତାହା ପ୍ରତି କଠିନ ଦଣ୍ଡ ହେବା ଉଚିତ ମାତ୍ର ବର୍ତ୍ତ-ମାନ୍ ମୋକଦ୍ଦମାରେ ନିତାନ୍ତ ଲଘୁ ଦଣ୍ଡ ହୋଇ-ଅଛି ଏବଂ ଏଥିରେ ଏ ଅତ୍ୟାଚାର ନିବାରଣ ହେବ ନାହିଁ । ଏଥିପାଇଁ ଉଚ୍ଚ ଆଦାଲତରୁ ଆପିଲ କରିବା ଉଚିତ ଅଟେ କି ନା ବିଷୟ କରୁଁ ମିଉନିସିପଲ କମିଶନରମାନେ ଏଥିର ସୁବିଚାର କରିବେ ।

ଏଥିସଙ୍ଗରୁ ଅବଗତ ହେଲୁଁ ଯେ ଉପରି-ଲିଖିତ ଗାଈଧରା ମୁନ୍ସୀ ନାମରେ ମେହେନ୍ଦ୍ରି ନିବାସୀ ମହମ୍ମଦ୍ ଅତହର ନାଲିସ କରିଅଛି ସେ ତାହାର ଗାଈରଶା ହୋଇବାରୁ ମହାଳ ଘରଣା ମାଗିଥିଲା ସେ ନ ଦେବାରୁ ତାହା ଗାଈକୁ ବଳପୂର୍ବକ ବାଛୁରୀ ଧରିନେଇ ଟାଞ୍ଚି ହାଉସରେ ପକାଇଦେଲା । ମୋକଦ୍ଦମା ସପ୍ତ ଯଦୁନାଥ ଚନ୍ଦ୍ର ବାହାଦୂରଙ୍କ ଷ୍ଟ୍ୟସ୍ୱଧୀନରେ ଅଛି ଏବଂ ମୁଦାଲଠାରୁ ଟ ୫୦୧ ଜାଇ ଜାମିନ ନିଆ ଯାଇଅଛି ।

କଟକ କଲେକ୍ଟରି ସଦର ଡାକଘର ପଦରେ ଜଣେ ଓଡ଼ିଆ ବନ୍ଦୋବସ୍ତର ଏବାଉଣ୍ଟ କର୍ମଚାରୀ ଉପେନ୍ଦ୍ରନାଥ ମହାନ୍ତି ନିଯୁକ୍ତ ହୋଇ-ଅଛନ୍ତି । ଏ ବାବୁ ବର୍ଷକ ପୂର୍ବରେ ଏଠା କଲେକ୍ଟରୀ ମହାଫିଜଖାନାର ଟ ୨୦ ଟଙ୍କାଏ ଟଙ୍କାର ମୋହରର ପଦରେ ଭୁତପୂର୍ବ କଲେକ୍ଟର ମିଃ କାସଲବ୍ରାଗ ନିଯୁକ୍ତ ହୋଇଥିଲେ କିନ୍ତୁ ବର୍ତ୍ତମାନ୍ କଲେକ୍ଟର ଉକ୍ତ କାର୍ଯ୍ୟ ପ୍ରତି ତାଙ୍କର ଦାବାରୁ ଅନ୍ୟ ପ୍ରାର୍ଥିମାନଙ୍କ ଅନୁପଯୁକ୍ତ ନିକୃଷ୍ଟ ସ୍ଥାନ ଦେଇ ଉପେକ୍ଷା କରିଥିଲେ ଓ ଟ୍ରେ

Digitized by srujanika@gmail.com

କମିଶନର ସାହେବଙ୍କ ନିକଟରେ ଅପିଲ କରି କୃତକାର୍ଯ୍ୟ ହୋଇ ନ ଥିଲେ । ଅଳ୍ପ ଅଳ୍ପ ମାସ ହେଲା ସେ ଖୋର୍ଦ୍ଧା ଇଲାକାରେ ମୋଟ ୪ ଟଙ୍କା ମୋହରର କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ ବର୍ତ୍ତମାନ ସେଟଲମେଣ୍ଟରେ କାର୍ଯ୍ୟ କରୁଅଛନ୍ତି । ଯଦ୍ୟପି ବନ୍ଦୋବସ୍ତ କାର୍ଯ୍ୟରେ ଏହାଙ୍କର ବିଶେଷ ପ୍ରତିଷ୍ଠା ଅଛି ବୋଲି ସଦର କାନୁନଗୋଇ ପଦରେ ନିଯୁକ୍ତ କରା ହୋଇଥାଏ ତଥାପି ଅନେକ ତହଶିଲ କାନୁନଗୋଇ ମଧ୍ୟ ବନ୍ଦୋବସ୍ତର କାର୍ଯ୍ୟ ଶିକ୍ଷା କରିଅଛନ୍ତି ଏ ପ୍ରକାର ସ୍ଥଳରେ ଅନ୍ୟ କାନୁନଗୋଇମାନଙ୍କର ଦାବୀକୁ ଉପେକ୍ଷା କରିବା ଉଚିତ ହୋଇ ନାହିଁ । ଆମ୍ଭେମାନେ ଶୁଣିଲୁଁ ଜଣେ କାନୁନଗୋଇ ବର୍ତ୍ତମାନ ସଦର କାନୁନଗୋଇ କାର୍ଯ୍ୟ କରୁଅଛନ୍ତି ଓ ସେ ମଧ୍ୟ ବନ୍ଦୋବସ୍ତରେ କାର୍ଯ୍ୟ କରିଅଛନ୍ତି ଏବଂ ବହୁଦିନର କର୍ମଚାରୀ ଅଟନ୍ତି । ଉପେନ୍ଦ୍ରଙ୍କ ପିତା ଜଣେ ତହଶିଲ କାନୁନଗୋଇ ଅଟନ୍ତି ଓ ପିତୃବ୍ୟ ମଧ୍ୟ ଅନ୍ୟ ଏକ ତହଶିଲ କାନୁନଗୋଇ । କପରି କଲେକ୍ଟର ସାହେବ ଯାହାଙ୍କୁ ଟ ୬୦ ୲ ମୋଟଏ ଟଙ୍କାର କର୍ମ ଦେଇ ନ ଥିଲେ ତାଙ୍କୁ ଟ ୫୦ ୲ ଙ୍କାର କର୍ମ ଦେଲେ ଆମ୍ଭେମାନେ ବୁଝି ପାରୁ ନାହୁଁ । ଆମ୍ଭେମାନେ ଆଶା କରୁଁ ହାକିମମାନେ ନିମ୍ନ କର୍ମଚାରୀମାନଙ୍କ ଦାବୀ ପ୍ରତି ନିରପେକ୍ଷଭାବରେ ବିଚାର କରି ସେମାନଙ୍କୁ ଉନ୍ନତି ଦେଇ ଉତ୍ସାହ ପ୍ରଦାନ କରିବେ ।

---

ସ୍ୱର୍ଗୀୟା ଭାରତେଶ୍ୱରୀଙ୍କର ଜ୍ୟେଷ୍ଠକନ୍ୟା, ବର୍ତ୍ତମାନ ଭାରତ ସମ୍ରାଟଙ୍କର ଭଗିନୀ, ସ୍ୱର୍ଗଗତ ଜର୍ମାନ ସମ୍ରାଟ ତୃତୀୟ ଫ୍ରେଡରିକଙ୍କର ପତ୍ନୀ ଓ ବର୍ତ୍ତମାନ ଜର୍ମାନ୍ ସମ୍ରାଟ ଦ୍ୱିତୀୟ ଉଇଲିୟମଙ୍କ ଜନନୀ ମହାରାଣୀ ଫ୍ରେଡରିକ ଗତ ସପ୍ତାହରେ ଇହସଂସାର ପରିତ୍ୟାଗ କରିବାର ଶୋକସମ୍ବାଦ ଘୋଷଣା କରି ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଆଦେଶ ଦେଇଅଛନ୍ତି କି ଭାରତର ସମସ୍ତ ଶ୍ରେଣୀ ଲୋକ ଚଳିତ ଅଗଷ୍ଟମାସ ତା ୨୮ ରିଖ ପର୍ଯ୍ୟନ୍ତ ଶୋକଚିହ୍ନ ଧାରଣ କରିବେ ଓ ଆଗାମୀ ସେପ୍ଟେମ୍ବର ମାସ ତା ୧୮ ରିଖ ପର୍ଯ୍ୟନ୍ତ କର୍ମଚାରୀମାନେ ବାମ ବାହୁରେ କଳାପଟି ପରିଧାନ କରିବେ ଓ ଅନ୍ତ୍ୟେଷ୍ଟି କ୍ରିୟା ଅଗଷ୍ଟମାସ ତା ୧୩ ରିଖରେ ହେବ ଯେ ସେ ଦିବସ ଫୋର୍ଟ ଉଇଲିୟମର ଓ ଅନ୍ୟାନ୍ୟ ଫୋର୍ଟ ଓ ଷ୍ଟେସନର ପତାକା ସବୁ ଅର୍ଦ୍ଧମାସ୍ତୁଲ ପର୍ଯ୍ୟନ୍ତ ଖସି ଆସି ସନ୍ଧ୍ୟା ହେଲଯାଏ ରହିବ ଓ ତାଙ୍କ ବୟସର ସମାନ ସଂଖ୍ୟାରେ ଷାଠିଏ ଗୋଟି ତୋପଧ୍ୱନି ହେବ ଓ ଶେଷ ତୋପ ଠିକ୍ ସନ୍ଧ୍ୟା ସମୟରେ ଫୁଟିବ ଓ ସେହି ସମୟରେ ପତାକା ତଳେ ପଡ଼ିବ । ଏହି ଆଦେଶ କଲିକତାର ଅତିରିକ୍ତ ଗେଜେଟରେ ପ୍ରକାଶିତ ହୋଇଅଛି ଓ ତଦନୁସାରେ ଏଠାରେ ଗତ ତା ୧୩ ରିଖରେ ପତାକା ଉଡ଼ିଥିଲା । ମାତ୍ର ତୋପଖାନା ଏ ନଗରରୁ ଉଠିଯାଇ ଥିବାରୁ ତୋପ ଫଏର ହୋଇ ନାହିଁ ।

ମହାରାଣୀ ଫ୍ରେଡରିକ ସନ ୧୮୪୦ ସାଲରେ ଜନ୍ମଗ୍ରହଣ କରିଥିଲେ ଏହାଙ୍କର ବୟସ ୬୧ ବର୍ଷ ହୋଇଥିଲା । ୧୮୮୮ ସାଲରୁ ବୈଧବ୍ୟ ଯନ୍ତ୍ରଣା ଭୋଗ କରୁଥିଲେ । ଜନନୀ ରାଜରାଜେଶ୍ୱରୀ ଭିକ୍ଟୋରିୟାଙ୍କର ମୃତ୍ୟୁର ଛମାସ ପରେ ଏହାଙ୍କର ମୃତ୍ୟୁ ପ୍ରାପ୍ତି ହେଲା । ସର୍ବତ୍ରରେ ଏହାଙ୍କର ସଦ୍‌ଗୁଣାବଳୀ କଥିତ ହେଉଅଛି । ଯାହାଙ୍କର ମାତା ଭିକ୍ଟୋରିୟା ତାଙ୍କର ସଦ୍‌ଗୁଣ କାହିଁକି ନ ହେବ ? ଆମ୍ଭେମାନେ ମଧ୍ୟ ଏହାଙ୍କର ମୃତ୍ୟୁରେ ଶୋକ ପ୍ରକାଶ କରୁଅଛୁଁ ଓ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଯେ ଏହାଙ୍କର ଆତ୍ମାର ସଦ୍‌ଗତି ହେଉ ଓ ପରିଜନବର୍ଗ ଶାନ୍ତି ଲଭନ୍ତୁ ।

---

## ପୁସ୍ତକ ପ୍ରାପ୍ତି ସ୍ୱୀକାର

ଗୁଣ୍ଡିଚାଯାତ୍ରା ।—ପଣ୍ଡିତ ଲୋକନାଥମହାପାତ୍ର କାବ୍ୟତୀର୍ଥଙ୍କଦ୍ୱାରା ରଚିତ । ଏ ନଗରସ୍ଥ ଦର୍ପଣରାଜ ଯନ୍ତ୍ରାଳୟରେ ମୁଦ୍ରିତ । ଏ ପୁସ୍ତକ ରୟେଲ ୧୬ ଶା ଫର୍ମାରେ ପୃ ୧୬ ଷ୍ଟା । ଗ୍ରନ୍ଥର ବିଷୟ ନାମରୁ ପ୍ରକାଶ । ଏଥିର ଭାଷା ସରଳ ଭାବ ବିଶୁଦ୍ଧ ଏବଂ ଗୀତ ଛନ୍ଦରେ ଯାତ୍ରାର ସମସ୍ତ ଘଟନା ମନୋହରରୂପେ ବର୍ଣ୍ଣିତ ହୋଇଥିବାରୁ ପଢ଼ିବାକୁ ସୁଖକର ହୋଇଅଛି । ଓଲଟଠାର ଉତ୍ପାତ ବର୍ଣ୍ଣନାରେ ବିଭିନ୍ନ କରୁଣ ଶାନ୍ତିରସର ସୁନ୍ଦରଚିତ୍ର ଅଙ୍କିତ ହୋଇଅଛି । କାବ୍ୟତୀର୍ଥ ମହାଶୟଙ୍କ ଶକ୍ତି କବିତା ଲେଖିବାର ଯଥେଷ୍ଟ ଅଛି ଏବଂ ଆଶା କରୁଁ ପାଠକମାନେ ପୁସ୍ତକ ପଢ଼ି ତାହାଙ୍କୁ ଉତ୍ସାହ ପ୍ରଦାନ କରିବେ ।

ବାସବଦତ୍ତା ।—ଶ୍ରୀ ଅର୍ତ୍ତତ୍ରାଣ ଶତପଥୀ ପ୍ରଣୀତ ଏ ନଗରର ଅରୁଣୋଦୟ ଯନ୍ତ୍ରାଳୟରେ ମୁଦ୍ରିତ ଏବଂ ବିନାମୂଲ୍ୟରେ ବିତରିତ । ଏହା ସାଧାରଣ ପେ ୧୬ ଜ ଆକାରର ପୃ ୬୩ ଷ୍ଟା । ପୁସ୍ତକଟିର ଭାଷା ସରଳ ଏବଂ ବଙ୍ଗଳା ଗଦ୍ୟରେ ଲିଖିତ ହୋଇଥିବାରୁ ପଢ଼ିବାକୁ ମନ୍ଦ ହୋଇ ନାହିଁ । ପ୍ରତ୍ୟେକ ପଦର ପ୍ରଥମ ଦୁଇଚରଣ ଗୋଟିଏ ଅକ୍ଷରରେ ସଂଗଠିତ ହେବା ନୀତିର ନିୟମ ଥିବାରୁ ପୁସ୍ତକର ଏକସ୍ଥଳରେ "ବୈହୁଣୀସଙ୍ଗ ଦରିଦ୍ରାଙ୍କିତ ଅଙ୍ଗ" ଏରୂପ ଗୋ ୫ ଓ ୬ ଟି ଅସଙ୍ଗତ କାହିଁକି ହେଲା ବୁଝିପାରିଲୁଁ ନାହିଁ । ଲେଖକଙ୍କୁ ଚେଷ୍ଟା କରିଥିଲେ ଏହାକୁ ଅବଶ୍ୟ ପରିହାର କରିପାରିଥାନ୍ତେ ଏବଂ କରିବା ଉଚିତ ଥିଲା । ଲେଖକଙ୍କର ବଙ୍ଗ ୨ ଶବ୍ଦ ବ୍ୟବହାର କରିବାରେ ମଧ୍ୟ ବିଶେଷ ଶ୍ରଦ୍ଧା ଥିବାର ଦେଖାଗଲା । ତଥାପି "ମତ୍ତକାଶିନୀ" କୁ "ମତ୍ତକାଶୀ" ଓ "କୁଜ୍ଝଟିକା" କୁ "କୁଜ୍ଝଟିକା" ହୋଇଅଛି ଏବଂ ଯମକ ଅନୁରୋଧରେ ଲେଖକ "ଗୃମୀନର ଗୋସ୍ୱାମୀ କରଧର" ଲେଖିବାକୁ ମଧ୍ୟ ଛାଡ଼ିନାହାନ୍ତି । ମାତ୍ର ଲେଖିବା ଛନ୍ଦଟି ଭଲ ଏବଂ ଲେଖକ କାଳେ ସୁକବି ହୋଇପାରିବାର ଲକ୍ଷଣମାନ ଦେଖାଯାଉଅଛି । ସାର କଥା କହିବାକୁ ଗଲେ ଏହିଲ ବିଷୟରେ କବିତା ଲେଖିବା ଆମ୍ଭମାନଙ୍କୁ ସୁଖକର ଲାଗିଲା ନାହିଁ । ମହେନ୍ଦ୍ର ନଗରର ରାଜକୁମାର ସୁନ୍ଦରୀ ସ୍ତ୍ରୀ ସ୍ୱପ୍ନରେ ଦେଖି କାମରୋଗରେ ଉନ୍ମତ୍ତ ହୋଇ ବୟସ୍ୟ ସଙ୍ଗେ ସେହି କନ୍ୟାର ଉଦ୍ଦେଶରେ ବାହାରି ବିନ୍ଧ୍ୟଗିରିରେ ଶାରୀଶୁଆଙ୍କ କଥୋପକଥନରୁ ପୁଷ୍ପପୁର କନ୍ୟା ପିତାଙ୍କ ବହୁତ ସ୍ୱୟମ୍ବର ସଭାକୁ ବ୍ୟର୍ଥ କରି ଏହି ରାଜକୁମାରଙ୍କୁ ସ୍ୱପ୍ନରେ ଦେଖି ଅନଙ୍ଗ ବାଣରେ ଜର୍ଜରିତ ହୋଇ ଦିନ ଯାପନ କରୁଥିବାର ଜାଣିପାରି ଶାରିକାଠାରୁ କେତକୀପାଞ୍ଜୁଡ଼ାରେ ଦନ୍ତନଖ ଲିଖିତ ପତ୍ର ନେଇ ଶାରିକା ପଥ ଦେଖାଇବା ଅନୁସାରେ ପୁଷ୍ପପୁରକୁ ଯାଇ ସଖୀ ଯୋଗେ ଅନ୍ତଃପୁରରେ ପ୍ରବେଶ କରି ରାଜକୁମାରୀ ସଙ୍ଗେ ସାକ୍ଷାତ ହେବା ମାତ୍ରେ ଗାନ୍ଧର୍ବ ବିବାହ ବିଧିରେ ଏକାବେଳକେ "ଗାଢ଼ ଆଲିଙ୍ଗନେ ଜଡ଼ିଯାଇ" ଯୁଗ ରହସ୍ୟରେ ମତ୍ତ ହେଲେ । ଅବେଳ ଯାହାହେଉ ଏକାଳକୁ ଏମନ୍ତ ବିଷୟରେ ଶ୍ରମ କରିବା ଭଲ ଲାଗଇ ନାହିଁ । ତହିଁଉପରେ ପୁଣି "କଶାଳାକାମିନୀର ସଘନ କାନ୍ତଚରକର ବନ୍ଧନେ" ଏବଂ "ଅବଲାବାଲାର ଗଳେ ମୋହମାଳା ଦେଲ ଅଛୁ ହରିପର, ସ୍ତନାଙ୍କୁର ବାଧା" ମଧ୍ୟ "ତନୁଲୁଣ୍ଠ ଶଶିହୃଦୟ ଦାରଣୀ" ଲେଖିବାଦ୍ୱାରା ଆଦିରସର ଚରମସୀମାରେ ଲେଖକ ପହୁଞ୍ଚିଅଛନ୍ତି । ଆଦିରସରେ ଆମ୍ଭମାନଙ୍କର କବିତାର ଅଭାବ ନାହିଁ ଏବଂ ମହାକବି ଉପେନ୍ଦ୍ରଭଞ୍ଜ ତହିଁର ପରାକାଷ୍ଠା ଦେଖାଇ ଯାଇଅଛନ୍ତି । ସେକାଳକୁ ଯାହା ହେଉ ଏକାଳରେ ଆଉ ତାହା ତେଡେସରିକ ଭଲ ଲାଗଇ ନାହିଁ ତେବେ ରାଧାନାଥ ବାବୁଙ୍କ କବିତାରେ ଆଦିରସର ସାଧାରଣ ରସଠାରୁ କୁତ୍ସିତ ରସ ପର୍ଯ୍ୟନ୍ତ ଲେଖା ହୋଇଅଛି ବୋଲି ତାହାକୁ ଆଦୃତ ଯୁକ୍ତ ବୋଲି ଘେନିବା ଉଚିତ ବୋଧ କରୁ ନାହୁଁ । ଭବିଷ୍ୟତକୁ ତହିଁର ଅପବ୍ୟବହାର ନିବାରଣ କରିବାର୍ଥ ଏତେ କଥା ଆମ୍ଭେମାନେ ଲେଖିଲୁଁ । ଭରସା କରୁଁ ଲେଖକ ଭବିଷ୍ୟତରେ ତାହାକୁ ବର୍ଜନ କରି ଗ୍ରନ୍ଥ

Split by PDF Splitter
Digitized by srujanika@gmail.com

Split by PDF Splitter



ସେଥିର ମୁଖୋଜ୍ଜ୍ୱଳ କରିବେ । ଆଉ ଏକ କଥା ଏହି କି ରାଜକୁମାରଙ୍କ ସହିତ ପୁଷ୍ପପୁରନେମାଙ୍କ ଗୋପନୀୟ ପ୍ରଣୟ ବଦ୍ଧମୂଳ ହେଲାପରେ ନେମାଙ୍କ ଅନ୍ୟତ୍ର ବିବାହ ସ୍ଥିର ହେବାରୁ ରାଜକୁମାର ନେମଙ୍କୁ ନେଇ ପୁଷ୍ପପୁରରୁ ପଳାୟନ କଲେ ଏବଂ ବନରେ ପର୍ଯ୍ୟଟନରୁ "ଦୁର୍ଭେଦ୍ୟ କାନ୍ତାରେ ଶ୍ରୀ ରାମଠାକୁର ତେଜି ଅଯୋଧ୍ୟା ଗାଉଥା," ଲେଖାଯାଇଅଛି । ଏହିଭଳି ଉପମା ସର୍ବଥା ଅନୁ-ଚିତ । ତାହିଁ ପିତୃସତ୍ୟ ପାଳନର କର୍ତ୍ତବ୍ୟା-ନୁରୋଧରେ ମହାସତୀ ସହିତରେ ବନବାସ ନାହିଁ କାମାତୁର ରାଜକୁମାର ଓ କାମଗ୍ରସ୍ତା ରାଜକ-ନ୍ୟାର ପିତାଙ୍କ ଅଜ୍ଞାତରେ ଘର ଦ୍ୱାର ଛାଡ଼ି କାମଚରିତାର୍ଥ କରଣୋଦ୍ଦେଶ୍ୟରେ ବନାଗମନ ।

ସତ୍ୟୋଧର୍ମ ସ୍ତ୍ରୀଭୋଜନ୍ତୁ ।— ଐତିହାସିକ ପ୍ରବନ୍ଧ ଉତ୍କ୍ଳେଶରେ "ବ୍ରହ୍ମଗ୍ରସ୍ତ"ଙ୍କ ଦ୍ୱାରା ପ୍ରଣୀତ ।- ଅରୁଣୋଦୟ ପ୍ରେସରେ ମୁଦ୍ରିତ ଏବଂ ତାଳଚେର ବର୍ତ୍ତମାନ ରାଜାଙ୍କ ନାମରେ ଉତ୍ସର୍ଗିତ । ଏହାର କଳେବର ପେ ୧୬ ଙ୍କା ପୃ ୮୧ ଷ୍ଟା ତାଳଚେରର ପୂର୍ବତନ ରାଜା ଭଗୀରଥୀ ଖାନ୍-ଦର ହରିଚନ୍ଦନ ଅପଣାର ଗମ୍ଭୀରସାମନ୍ତଙ୍କୁ ରାଜ୍ୟଭାର ଦେଇ ତୀର୍ଥାଟନକୁ ଯାଇଥିଲେ । ଇତି ମଧ୍ୟରେ ରାଜ୍ୟରେ ଦୁଷ୍ଟ କର୍ମଚାରୀମାନେ ରାଜାଙ୍କ ନିଧନ ବାର୍ତ୍ତା ପ୍ରଚାର କରାଇ ଗମ୍ଭୀର ସାମନ୍ତଙ୍କୁ ରାଜା କରି ପରେ ଅର୍ଜନ କରିବାର ଉପାୟ କଲେ । ପରେ ରାଜା ବାହୁଡ଼ି ଆସନ୍ତେ ନିଧନ-ବାର୍ତ୍ତା ମିଥ୍ୟା ଥିବାର ଜଣାଗଲା ଏବଂ ସ୍ୱବର୍ଗଙ୍କ ଅପଣାର ଅପରାଧ ନିମନ୍ତେ ଦଣ୍ଡ ପ୍ରାର୍ଥନା କରିବାରୁ ତାଙ୍କର ପୁତ୍ରମାନେ ରାଜା ନ ହୋଇ ରାଜାଙ୍କ କନିଷ୍ଠପୁତ୍ର ମାନସିଂହଙ୍କ ବଂଶଧର ରାଜା ହେବାର ରାଜାଙ୍କ ବାହାରିଲା ଏବଂ ମାନସିଂହଙ୍କ ସଙ୍ଗେ ଅନୁକୂଳ ନେମା ଚନ୍ଦ୍ରାବତୀଙ୍କ ବିବାହ ଓ ତାଙ୍କ ଭୃତ୍ୟ ହିତ ଗମ୍ଭୀର ସାମନ୍ତଙ୍କ ପଉତ୍ରଙ୍କ ସଙ୍ଗେ ବିବାହ ଦୃଶ୍ୟ ସହିତ ଗ୍ରନ୍ଥ ଖଣ୍ଡ ସମାପ୍ତ ହୋଇଅଛି । ଏହି ଐତିହାସିକ ବୃତ୍ତାନ୍ତ ସଙ୍ଗେ ଲେଖକଙ୍କର ଯଥାରୁଚି କଳ୍ପିତ ବାକ୍ୟବିନ୍ୟାସ ସଂଯୁକ୍ତ ହୋଇ "ଐତିହାସିକ ପ୍ରବନ୍ଧ" ହୋଇଅଛି । ବ୍ରହ୍ମଗ୍ରସ୍ତଙ୍କର ଶ୍ଳୋକସ୍ତୁତି ବିଶେଷ ସ୍ପୃହା ଏବଂ କବି ବୋଲାଇବା କାରଣ ବିଶେଷ ଅଭିଳାଷ ଥିବାରୁ ବୋଧ ହୁଏ ରାଜସଭାଠାରୁ ଅନ୍ତଃପୁର ଓ ଉଦ୍ୟାନ ପର୍ଯ୍ୟନ୍ତ ଶ୍ଳୋକ ବିନ୍ୟସ୍ତ ହୋଇଅଛି ଏବଂ ଯାହା ତାହା ମୁଖରେ କବିତା ଫୁଟିଅଛି । ପ୍ରବନ୍ଧର ପ୍ରକୃତ ଛଟା ଏବଂ ଅର୍ଥ ଆମ୍ଭେମାନେ ଖୋଜି ପାଇଲୁଁ ନାହିଁ । କେବେ ଅନେକ ସ୍ଥଳରେ ଦୂଷିତ ଶବ୍ଦ ପ୍ରୟୋଗ ଏବଂ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗର ଅଯଥା ପ୍ରଥାମାନ ଲେଖିବାଦ୍ୱାରା ଯଦି ତାହା ସାର୍ଥକ ହୋଇ ପାରିବା ଲେଖକଙ୍କର ଅଭିମତ ହୁଏ ତାହା ହେଲେ ଯେତେ ଶୀଘ୍ର ସେ ଏପରି ଲେ-ଖାରୁ ବିରତ ହୁଅନ୍ତି ତେବେ ଭଲ । ସ୍ଥୂଳରେ ପୁସ୍ତକଟି ଆମ୍ଭମାନଙ୍କୁ ଉଦ୍ଦେଶ୍ୟ ବର୍ଜିତ ଏବଂ ବାହ୍ୟିକ ବୃତ୍ତିଗ୍ରସ୍ତର ଅଂଶଯୁକ୍ତ କଳ୍ପନା ପ୍ରାୟ ବୋଧ ହେଲା । ଯାହା ହେଉ ଏହାର ଉଚ୍ଚନାମରେ ଆକୃଷ୍ଟ ହୋଇ ଏହାକୁ ପାଠ କରିବା କାରଣ ଯେଉଁମାନେ ଇଚ୍ଛା କରିବେ ସେମାନଙ୍କର ସମୟ ବୃଥା ନଷ୍ଟ ହେବ ନାହିଁ ।

ପ୍ରଭାତୀ ।—କନ୍ତ ବଉଦର ଶ୍ରୀଯୁକ୍ତ ରାଜା ଯୋଗୀନ୍ଦ୍ରଦେବଙ୍କଦ୍ୱାରା ରଚିତ ଏବଂ ସେହିଠା-ରେ ସ୍ଥାପିତ ଜଗଦୀଶ ଯନ୍ତ୍ରାଳୟରେ ମୁଦ୍ରିତ— ଏ ପୁସ୍ତକର କଳେବର ଛୋଟ ଆକାରର ପୃ ୧୬ ଷ୍ଟା ମଧ୍ୟରେ ପୃ ୧୨ ଷ୍ଟା ସଂସ୍କୃତ ଏବଂ ପୃ ୪ ଷ୍ଟା ଉତ୍କଳ ପଦ୍ୟରେ ରାମ କୃଷ୍ଣାଦିଙ୍କ ପ୍ରାତଃସ୍ମରଣୋ-ପଯୋଗୀ ଅଷ୍ଟକାଦି ରଚିତ ହୋଇଅଛି ଏବଂ ତହିଁରେ ରାଜା ମହୋଦୟଙ୍କର ସଂସ୍କୃତଭାଷାଜ୍ଞାନ ଏବଂ ରଚନା ଶକ୍ତି ଦେଖି ବଡ଼ ପ୍ରୀତ ହୋଇଅଛୁଁ ।

ମୁଷ୍ଟିଯୋଗସାର ବା ରାମକୃଷ୍ଣ ଔଷଧାବଳୀ— ଡାକ୍ତର ରାମକୃଷ୍ଣ ସାହୁଙ୍କଦ୍ୱାରା ପ୍ରଣୀତ, ଏ ନଗରର ଉତ୍କଳହିତୈଷିଣୀ ଯନ୍ତ୍ରାଳୟରେ ମୁଦ୍ରିତ ଏବଂ ବାମଣ୍ଡାଧିପତି ସର ସୁଢ଼ଳଦେବ କେ, ସି, ଏସ୍, ଆଇ,ଙ୍କ ନାମରେ ଉତ୍ସର୍ଗିତ । ଏ ପୁସ୍ତକ ପେ ୧୬ଙ୍ଗା ଆକାର ପୃ ୩୬ ଷ୍ଟା । ପୁସ୍ତକ ପ୍ରଣେତା ଜଣେ ଅନେକ ବର୍ଷର ଅଭିଜ୍ଞ ଏବଂ ମୋଫସଲର ନାନା ଗ୍ରାମରେ ସହଜରେ ଯେ ସବୁ ଦ୍ରବ୍ୟ ପ୍ରାପ୍ତ ହୋଇପାରେ ସେ ସମସ୍ତର ପ୍ରୟୋଗଦ୍ୱାରା ଜ୍ୱର ଅଜୀର୍ଣ୍ଣ ଅର୍ଶ, ଅତିସାର ପ୍ରଭୃତି କେତେ ଗୁଡ଼ିଏ ସାଧାରଣ ରୋଗର ଔଷଧ ପ୍ରକାର ଲେଖାଥିବାରୁ ଅନାୟାସରେ ବୋଲି ଯାଇ ପାରେ ଯେ ଯେଉଁମାନେ ଏହା ଘରେ ରଖି ବ୍ୟବହାର କରିବେ ସେମାନଙ୍କର ଅନେକ ଉପକାର ହେବ ।

ନୀତିପରାଗ — ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କଦ୍ୱାରା ସଙ୍କଳିତ, କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଏବଂ ଖଣ୍ଡପଡ଼ା ରାଜାଙ୍କ ନାମରେ ଉତ୍ସର୍ଗିତ । ଏ ପୁସ୍ତକର ଆକାର ପୃ ୮ ଷ୍ଟା ଏବଂ ଏଥିରେ ପଦ୍ୟରେ କେତେ ଗୁଡ଼ିଏ ନୀତିକଥା ରଚିତ ହୋଇଅଛି । ଉଦାହରଣ ସ୍ୱରୂପ ପ୍ରଥମ ଦୁଇ ଧାଡ଼ି ଏଠାରେ ଉଦ୍ଧୃତ ହେଲା ଯଥା—

ସାହସ, ଉତ୍ସାହ, ଅସ୍ତୁ, ଅକପଟ ନିର୍ମଳ,
ବଳ, ବୁଦ୍ଧି ଏ ସମସ୍ତ ପୁରୁଷାର୍ଥ ଫଳ,

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ମିଃ କୃଷ୍ଣଗୋବିନ୍ଦ ଗୁପ୍ତ ଗତ ମଇମାସ ତା ୪ ଦିନଠାରୁ ଏକ ବରଗୀୟ କମିଶ୍ନର ପଦରେ ସ୍ଥାୟୀରୂପେ ନିଯୁକ୍ତ ହେଲେ ।

ବାବୁ କାମିନୀ ଚାନ୍ଦ ମହନ୍ତି ଏମ୍ ଏ, ଡବଲ ଅନା ଅବେଶ ପର୍ଯ୍ୟନ୍ତ ଅଥବା ତାର ଅନୁପସ୍ଥିତ ସରକାରଙ୍କ ଅନ୍ତନିହିତ କାଳ ପର୍ଯ୍ୟନ୍ତ ବାଲେଶ୍ୱରର ମୁନ୍ସଫ ପଦରେ ନିଯୁକ୍ତ ହେଲେ ।

କଟକ ଟ୍ରେନିଂ ସ୍କୁଲର ଅଧ୍ୟକ୍ଷ ଦ୍ୱିତୀୟ ବାବୁ ରାଧାରମଣ ଭଞ୍ଜ, ଏମ୍ ଏ, ତାହା କେତନରେ ମା ୪ ଦର ବୃଦ୍ଧି ପ୍ରାପ୍ତ ହେଲେ ।

ବାଲେଶ୍ୱରର ନୂତନ ଡାକ୍ତରଖାନାର କାର୍ଯ୍ୟ ନିର୍ବାହ କମିଟୀରେ ଜଜ ମାଜିଷ୍ଟ୍ରେଟ, ସିଭିଲସର୍ଜନ, ଡେପୁଟୀ ମାଜି-ଷ୍ଟ୍ରେଟ, ସିଭିଲଇଞ୍ଜିନିୟର, ପାଦ୍ରୀ, ଏଚ ହୁମସନ, କପ୍ତାନ ଶ୍ରୀନଗ, ରାଜା ବୈକୁଣ୍ଠନାଥ ଦେ ବାହାଦୁର ମୌଲବି ଲୁଷ୍ଟ୍ରା ଅବଦୁସ, ଖୋଦନ ଖାଁ, ବାବୁ ହେମେନ୍ଦ୍ର କୁମାର ମଣ୍ଡଳ ଓ ବାବୁ ରାଧାଚରଣ ଦାସ ସଭ୍ୟ ହୋଇଅଛନ୍ତି ।

---

ଏଥର ଭଲ ବର୍ଷା ହୋଇ ନାହିଁ ଏ ସପ୍ତାହରେ ଠାରେ ସାମାନ୍ୟ ବୃଷ୍ଟି ଓ ନଦୀ ବଢ଼ି ହୋଇଥିଲା । ନଦୀ ଅଳ୍ପ କିଛି ବଢ଼ିଥିଲେ ଉପକାର ହୋଇଥାନ୍ତା ।

ଏ ନଗର ଅପେକ୍ଷା ପଶ୍ଚିମ ଏବଂ ଉତ୍ତର ଅଧିକ ଅଞ୍ଚଳ ଓ ଜଙ୍ଗଲମାନଙ୍କରେ ବୃଷ୍ଟି ହୋଇଥିଲା । ବାଲେଶ୍ୱରରେ ଠିକ କଟକ ପ୍ରାୟ ।

ଏ ନଗର କତିପୟ ବସ୍ତିରେ ସାମାନ୍ୟରେ ଓଲାଉଠା ଦେଖା ଦେଇଥିଲା । ୫ ୬ ଜଣ ମରି ଯାଇଥିଲେ ।

ଶ୍ରୀଯୁକ୍ତ କରଚା କାନ୍ତି ମିଶ୍ର ଏ ନଗରର କର ନିଯୁକ୍ତ ହୋଇ ଅଛନ୍ତି । ଗତ କାଲି ପଦ୍ମୁଖ ରୂପରେ ନେଇଥାଏ

ମହାଙ୍ଗା ଘର ମୋକଦ୍ଦମାର ଜମାଦ ବାର୍ଣ୍ଣା ଦଣ୍ଡେବୁ ପାଞ୍ଚ ଅସାମୀ ଶୀଘ୍ର ଦଣ୍ଡରେ କଠିନ ପରିଶ୍ରମରେ ୬ ୭ ଓ କାରାବାସଦଣ୍ଡ ପାଇଅଛି ।

ଯେ ଶୀ ଡାକାୟତ ମୁନସଫର ଚାକର ଜାସ୍ତ ଜାସ୍ତକର୍ତ୍ତା ତରଫ କରିଥିବା ଅପରାଧରେ ୧୦ ଜଣ ଅସାମୀ ଗ୍ରେପ୍ତାର ହୋଇଥିଲେ । ମୋକଦ୍ଦମା କଟକ ସବଜ କୋର୍ଟରେ କଲେ ମୌଲବି ଅବଦୁଲ୍ ସାଲେମଙ୍କ ନିକଟରେ ଏବଂ ଅସାମିମାନେ ଦୁଇ ମାସ ହାଜତରେ ଥାଇ ସାଠିଏ ଗୋମହାର ପ୍ରମାଣ ଅଭାବରେ ଖଲାସ ପାଇଲେ ।

ଏକ ମୁଲ୍ୟବାନ୍ ହୋଟେଲ ପୁରସ୍କାର ପ୍ରେରଣ କରି ଅପରାଜ ଅର୍ମିଲ ଅବଦୁଲ ରହିମାନ ହୁରଷ୍ଟର ସୁଲତାନର ସହିତ ବନ୍ଧୁତ୍ୱ ସ୍ଥାପନ କରୁଅଛନ୍ତି । ପାରସ୍ୟ ରାଜାଙ୍କ ସହିତ ପୂର୍ବାବଧି ତାଙ୍କର ସମ୍ବନ୍ଧ ଅଛି । ଶୁଣାଯାଏ ନିଜରାଜ୍ୟପତି କେବେତକ ଜଗଃତୁ ଦୂତ ପଠାଇ ତାଙ୍କ ସହିତ ସମ୍ପର୍କ ସ୍ଥାପନ ନିମନ୍ତେ ପ୍ରୟାସୀ ହୋଇଅଛନ୍ତି । ଅମୀର ମୁସଲମାନ ନରପତିମାନଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ ନିମନ୍ତେ ପ୍ରୟାସିତ ହୋଇଅଛନ୍ତି । ଏଥିରୁ ତାଙ୍କର ରାଜ୍ୟ ରାଜନୈତିକ ପ୍ରତିଭାର ପରିଚୟ ମିଳୁଅଛି ।

ନେପାଳର ଏକ ସମ୍ବାଦପତ୍ରରେ ପ୍ରକାଶ ଯେ ଜାମାଲ ପୁରରେ ଜନ୍ ନେଲସନ ଏବଂ ଜର୍ଜ ଓଏଲ୍ସ ନାମକ ଦୁଇଜଣ ସ୍ୱେତାଙ୍ଗ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇ ମୁରି ମହମ୍ମଦ ଓ ହେବୁଲ ନାମ ଗ୍ରହଣ କରୁଅଛନ୍ତି ।

୨୪ ପରଗଣାର ରାମପୁରରେ ପିପ୍ଲଣ ଉଚ୍ଚବର୍ଣ୍ଣ କୋଟଏ ଜୋକତା ହୁଡ଼ କାଟିବାକୁ ଯାହାର ମୃଗିର ପୁତ୍ରକୁ ବାହାର କରି କଟିକ ନେଇ ଅଦି ତାହାର ଧର୍ମ ନଷ୍ଟ ଏବଂ ଅତ୍ୟାଚାର ସେସ କରି ପ୍ରକାଶ କରିଅଛନ୍ତି । ଏହି ଦୁଷ୍କର୍ମର ବ ୨ ବର୍ଷ କାରାଦଣ୍ଡ ହୋଇଅଛି ।

୨୪ ପ୍ରଗଣାର ରାମନଗରରେ ପାଟବଣ୍ଡ ମିତ୍ର ତାହାର ଭବନ ସମ୍ପର୍କୀୟ ଏକ ଭ୍ରାତାଙ୍କ ଅବାସରେ ବାସ କରନ୍ତି, ଭ୍ରାତାଙ୍କ ଅନୁପସ୍ଥିତ ସମୟରେ ଭାଇବୋହକୁ ନେଇ ପ୍ରସ୍ଥାନ କଲେ । ସ୍ତ୍ରୀଲୋକଟିକୁ ନାନା ସ୍ଥାନରେ ଲୁଗ୍ନ ରଖିଥିଲେ । ଅବଶେଷରେ ଧରାପଡ଼ି ୨ ୧ ବର୍ଷ କାରାବାସ ଅଦେଶ ପାଇଅଛନ୍ତି ।

ଲିଷ୍ଟନଠାରୁ ଏକବାଲ୍ଲି ଏ ଦେଶର କୌଣସି ସମ୍ବାଦପତ୍ରରେ ଲେଖିଅଛନ୍ତି ଯେ ଜୁଲାଇ ଏଣ୍ଟିନୀଭ ରାଜ, ଏଡଓ୍ୱାର୍ଡ଼ଙ୍କୁ ଏହି ଲୁଚରେ ଅନୁରୋଧ କରିବାକୁ ଇଚ୍ଛା କରୁଅଛନ୍ତି ଯେ, ଦଲରେ ରାଜ୍ୟାଭିଷେକ ହେବା ପରେ ସେ ଯେପରି ଭାରତକୁ ଆସି ଭାରତର ସମ୍ରାଟ ଉପାଧି ଗ୍ରହଣ କରନ୍ତି ।

Digitized by srujanika@gmail.com

ବଦ୍ଧୃତ ଜଜ ବାଂଗତ ସ୍ୱିଭଇସ୍ୱାନ ଚମ୍ପା ହଇଲ ଜଜମାହାନ୍ କାଉକୋର୍ଟର ତଲପ କଗ୍ରତ କରିବାକୁ ଉଚିତ ଏ ନାହିଁ । କୋମ୍ପାନୀର ଶପ ଲିଖିଯ ଏହି ଉପ୍ରମ ଲପଟ କର ଇଲାଲ, ଜଜ ଶ୍ରୀଯୁକ୍ତ ଭଜଦରକାରଙ୍କୁ ଦରସ୍ତ କରଇ କରିବାକୁ ଦେଇଅଛନ୍ତି ।

## ସ୍ଥାନୀ-ସମ୍ବାଦ ।

ଗତମାସ ତା ୪ ରଖ ଠାରୁ କୋଠବେଶାନ୍ତର୍ଗତ ମୋଜମି ମାହାଲମାନଙ୍କର ନିଲାମ ଡାକର ଖାର୍ଯ୍ୟ ହୋଇ ୨୦୦ ମାହାଲ ପାଇଁ ଅଗିଦ୍ଦ । କେବଳ ମାତ୍ର ଅନୁମାନ ସୁଯୋଗ୍ୟ ଉପହିଲଦାର ବାବୁ ବାଲମୁକୁନ୍ଦ ବାବୁ ହରେ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ପ୍ରଜାମାନଙ୍କର ଅବସ୍ଥା ଅବଗତ କରାଇ ଅସୀମ ଧୈର୍ଯ୍ୟ ସହିତ ମୋକଦ୍ଦମାମାନଙ୍କର ବିଚାର ଉତ୍ତର କରି ଜଣି ଦ ୮ ଘଣ୍ଟା ପର୍ଯ୍ୟନ୍ତ ଟଙ୍କା ଗ୍ରହଣ କରି ଭିନ୍ନ ମହାଲମାନଙ୍କ ନିଲାମରୁ ନିଷ୍କୃତ କରାଇଲେ ।

ଶୁଣୁଅଛୁ ଯେ କୋଠବେଶାନ୍ତର୍ଗତ କୌଣସି ଏକ ମହାଲର ଗୌଣ୍ଡ ଶାସ୍ତ୍ର ନାମ ଜଣେକ ଧନାଢ୍ୟ ଅଂଶୀଦାର ଗୃହରେ କେତେକେଙ୍କ ପଣି ସେହି ଧନାଢ୍ୟ ଲୋକଙ୍କ ନର୍ଦ୍ଦୟରୂପେ ହତ୍ୟା କରିଅଛନ୍ତି । ପୁଲିସ ତଦନ୍ତ ଲାଗିଅଛି ଏବଂ ଏମାନଙ୍କ ମଧ୍ୟରେ ୬ ୪ ଣ ଲୋକ ଗିରଫ ହୋଇ ହାଜତରେ କରୁଅଛନ୍ତି ।

ଗତମାସ ତା ୧୧ ରଖ ରବିବାର ଅପରାହ୍ଣ ସ ୮ ଘଣ୍ଟା ସମୟରେ ଲକ୍ଷ୍ମୀଦେବୀଙ୍କ ମନ୍ଦିରରେ ସନାତନ ଧର୍ମରକ୍ଷିଣୀ ସଭାର ଗୋଟିଏ ବିଶେଷ ଅଧିବେଶନ ହୋଇଥିଲା । ଏଥିରେ ସହରସ୍ଥିତ ସକଳଶ୍ରେଣୀର ଗଣ୍ୟମାନ୍ୟ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ହୋଇଥିଲେ । ଶ୍ରୀ ମନ୍ଦିରର ସେବାର ସୁବନ୍ଦୋବସ୍ତ କରିବା ଉଦ୍ଦେଶ୍ୟ ଥିଲା । ମାତ୍ର ସଭାନେତୋଶ୍ୱ ଶାରୀରିକ ଅସୁସ୍ଥତା ହେତୁରୁ ଉପସ୍ଥିତ ହୋଇ ନ ପାରିବାରୁ ଅଗାମୀ ରବିବାର ପୂର୍ବାହ୍ନ ସଭା ହେବାର ସ୍ଥିର ହୋଇ ସଭା ଭଙ୍ଗ ହେଲା ।

ଦୁଃଖର ସହିତ ଜଣାଉଅଛୁଁ ଯେ ଅତ୍ୟନ୍ତ ବ୍ରାହ୍ମଣ ନିଷ୍ଠାବିଶିଷ୍ଟ କମିଶନର ଅଫିସର ଶ୍ରୀଯୁକ୍ତ ବାବୁ ଗଙ୍ଗାଧର ମିଶ୍ର ମହାଶୟ ହଠାତ ଦେହତ୍ୟାଗ କରି ବୈକୁଣ୍ଠ ଲାଭ କରିଅଛନ୍ତି । ଏହାଙ୍କ ମୃତ୍ୟୁରେ ସମାଜ ମର୍ମାହତ ହୋଇଅଛି । ଏଥିନିମନ୍ତେ ସାଧାରଣ ସହରବାସୀ ବିଶେଷତଃ ବ୍ରାହ୍ମଣ ମଣ୍ଡଳୀ ଅତି ଶୋକାଭିଭୂତ ହୋଇଅଛନ୍ତି ।

ଏ ସପ୍ତାହରେ ବୃଷ୍ଟି ଏବଂ କମ୍ପରା ଜ୍ୱର ବଢ଼ିବାର ଜଣାଯାଏ ।

ବୃଷ୍ଟି ଅଧାନୁରୂପ ନ ହେଲେହେଁ । ଅଭାବ ନାହିଁ । ପରିମାଣାନୁସାରେ ବୃଷ୍ଟି ହେଉଅଛି । ଇତ୍ୟବେକ ଏହିପରି ଅନୁଗ୍ରହ କଲେ ଦେଶର ଅବଶ୍ୟ ମଙ୍ଗଳ ହେବ ।

ଏସମାନ୍ୱାନ୍ତର୍ଗତ ବାଲୁକଣ୍ଡରେ ନାଇକେଲର ଉତ୍ପାତ ହେବା ନିମନ୍ତେ ମୋଗଲରୁ ଭିନ୍ନ ବୃକ୍ଷର ତଳ ପ୍ରେସ୍ ହାଉ ଅସୁଅଛି ।

ବୃଦ୍ଧାର ଦର ଟଙ୍କାରେ ମୋଟମହଳ ସେ ୧୦ ର ଏବ ସରୁମହଳ ସେ ୧ ର ହୋଇଅଛି ।

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ପ୍ରଜା । ବ । ଅବ | | ଟ ୧ ୧ |
| ଶ୍ରୀ ବାବୁ ରମନାଥକ ବାଲଗିତିହି ପଠମଶିକ | | ଟ ୧ ୧ |
| " ଦୁଳବନ୍ଧୁ ମହାପାତ୍ର ବଲଘଟା ଜମିଦାର ଫେଡେଦ୍ୟଲ ହାକୀ | | ଟ ୩ |
| ପ୍ରଜା । ଦ । ହାଉଲଦହା | | ଟ ୩ |
| ଶ୍ରୀ ବାବୁ ବୈକୁଣ୍ଠନାଥ ଦଣ୍ଡ | କଟକ | ଟ ୧ ୧ |
| " ମୋହନ ଶାସ୍ତ୍ରି | " | ଟ ୧୧ |
| " ଭଗବଦନାଥ ପଣ୍ଡିତ | " | ଟ ୩ ୧ |
| ମୁନସି ସମ୍ବଦ ଖାଦର ସେରଣି ଗାସବାଟ | | ଟ ୬ ୧ |
| ଶ୍ରୀ ବାବୁ ଶ୍ୟାମସୁନ୍ଦର ନନ୍ଦ | କଟକ | ଟ ୩ ୧ |
| ଶ୍ରୀ ବାବୁ ଭଗବତି ପ୍ରସାଦ ମହାପାତ୍ର ଉଇଲ ଉତ୍ତର | | ଟ ୩ |
| " ପ୍ରହଲାଦ ମିଶ୍ର ହେଡ଼ କନଷ୍ଟବଲ ଅନନ୍ତପୁର କେହି ପର | | ଟ ୩ |
| " ଗୋଲକନ୍ଦୁ ହତପଥୀ ଜମ୍ବୁପୁର ସତ୍ୟବାଦୀ ପୁର | | ଟ ୩ |
| " ହରେକୃଷ୍ଣ ପାଇ କୋଠଦେଶ ଗୋପୀନାଥପୁର ପିପିଲି | | ଟ ୩ |
| ମୁନସି ସେଖ ଖାଲ୍ଦ ହେଡ଼ କନଷ୍ଟବଲ ମୁନ୍ଧଗୋଲା | | ଟ ୩ |
| ଶ୍ରୀ ବାବୁ ହେମଚନ୍ଦ୍ରଙ୍କ ଡାକ୍ତର ମଲଟି ପାର୍ଶ୍ୱର ଗୃହବାଲ | | ଟ ୩ |

# ବିଜ୍ଞାପନ ।

## ଜ୍ୱରର ଅବ୍ୟର୍ଥ ମହୌଷଧ ।

ମୂଲ୍ୟ ପ୍ରତିଡବା ଟଂ ।୵ ଚଉଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟଂ। ଚାରିଅଣାମାତ୍ର । ସର୍ବପ୍ରକାର ଦଦ୍ରୁରୋଗର ଏହାପରି ଉତ୍କୃଷ୍ଟ ପୁଣି ଜ୍ୱାଳା ଯନ୍ତ୍ରଣା ବର୍ଜିତ ଆଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ ଗ୍ରହଣାର୍ଥୀ ମାନଙ୍କେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାର ନାନା ବିଘ୍ନ ଉପସ୍ଥିତ ହୁଏ ।

ପ୍ରାପ୍ତିସ୍ଥାନ ।
ଶ୍ରୀ ରାମତାରକ ସେନ
ଦେଶୀ ଉତ୍କଳ ପ୍ରେସ୍, ବାଲେଶ୍ୱର-

REMARKS LEFT BY THE INSPECTOR GENERAL OF CIVIL HOSPITALS BENGAL AFTER INSPECTION OF THE DISPENSARY ( " VICTORIA MEDICAL HALL " ) (FORMERALY "GHOSE'S CHEEP DISPENSARY") CHOWDHURY BAZAR, CUTTACK ON 26TH JULY 1901.

AKSHOY KUMAR GHOSE.
*Proprietor.*
VICTORIA MEDICAL HALL.
( formerly Ghoses Cheap Dispensary
CUTTACK.

I Inspected the " VICTORIA MEDICAL HALL " ( formerly " GHOSE'S CHEAP DISPENSARY " ) today. The Dispensary is well stocked with drugs, and the medicines appear to be carefully dispensed by two passed Compounders.

26th July 1901 } Sd. Col. J. McCONAGHEY
M. D., I.M.S.
CUTTACK, } *Offg. Inspr. Genl of Civil, Hospls., Bengal*

ବଙ୍ଗ ପ୍ରଦେଶର ସିଭିଲ ହସ୍ପିଟାଲ ସମୂହର ଇନସ୍ପେକ୍ଟର ଜେନେରଲ ସାହେବ ମହୋଦୟ ଏହି ଔଷଧାଳୟ ( ପୂର୍ବନାମ ଘୋଷଙ୍କ ସୁଲଭ ଔଷଧାଳୟ ) ଗତ ଯୁଲାଇ ମାସ ତା ୨୬ ରଖ ୧୯୦୧ ସାଲରେ ପରିଦର୍ଶନ କରି ଯେ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତାହାର ଓଡ଼ିଆ ଅନୁବାଦ ।

କଟକ } ଶ୍ରୀ ଅକ୍ଷୟ କୁମାର ଘୋଷ
ଚଉଧୁରୀ } ପ୍ରୋପ୍ରାଇଟର
ବଜାର } ଭିକ୍ଟୋରିଆ ମେଡିକେଲ ହଲ
( ପୂର୍ବ ନାମ ଘୋଷଙ୍କର ସୁଲଭ ଔଷଧାଳୟ )

ଆମ୍ଭେ ଅଦ୍ୟ ଭିକ୍ଟୋରିଆ ମେଡିକଲ ହଲ ( ପୂର୍ବ ନାମ ଘୋଷଙ୍କର ସୁଲଭ ଔଷଧାଳୟ ) ପରିଦର୍ଶନ କଲୁଁ ଏ ଔଷଧାଳୟର ଭଣ୍ଡାରରେ ଔଷଧ ମାନ ପରିପୂର୍ଣ୍ଣ ରହିଅଛି, ଏବଂ ଔଷଧ ବଣ୍ଟନ କାର୍ଯ୍ୟ ଦୁଇଜଣ ପରୀକ୍ଷୋତ୍ତୀର୍ଣ୍ଣ କମ୍ପାଉଣ୍ଡର ସତର୍କତା ସହିତ କରୁଅଛନ୍ତି ।

ତା ୨୬ ରଖ ଯୁଲାଇ ସନ ୧୯୦୧ ମସିହା ।

ସ୍ୱାକ୍ଷର
କର୍ଣ୍ଣେଲ ଯେ, ମାକନ୍ଦି
ଏମ, ଡି, ଆଇ, ଏମ, ଏସ,
ଇନସ୍ପେକ୍ଟର ଜେନରଲ ସିଭିଲହସପିଟଲ
ବେଙ୍ଗଲ

# FOR SALE.

## AT VERY CHEAP PRICES.

CLINICAL THERMAMETER of the following description specially made by James J. Hicks, London, England for this Dispensary.

| | R. A. P. |
|---|---|
| 5 minute plain price each | 1—6—0 |
| 3 minute magnifying " | 2-10—0 |
| One " " " | 4—8—0 |
| Half " " " | 5—0—0 |

and also measure glasses of the following description,

| | |
|---|---|
| 1 Dram Glasses | |
| 2 " | " |
| 1 ounce | " |
| 2 " | " |
| 4 " | " |
| 6 " | " |
| 8 ½ lb | " |
| 16 1 lb | " |

SOLD AT VERY CHEAP RATES.

ନିମ୍ନଲିଖିତ ପ୍ରକାର ତାପମାନ ଯନ୍ତ୍ର ( Clinical Thermameter ) ବିଲାତର ଜେମସ୍ ଜେ ହିକ୍ସ ସାହେବଙ୍କ ଦ୍ୱାରା ଏହି ଔଷଧାଳୟ ( ଭିକ୍ଟୋରିଆ ମେଡିକଲ ହଲ ) ସକାଶେ ପ୍ରସ୍ତୁତ ହୋଇ ଅତି ସୁଲଭରେ ବିକ୍ରୟ ହେଉଅଛି ।

| | | ଟ ଅ ପା |
|---|---|---|
| ୫ ମିନଟ | ପ୍ରତ୍ୟେକ | ୧ ।୵ ୦ |
| ୩ " ... | " | ୨ ୧୦ ୦ |
| ୧ " ... | " | ୪ ୮ ୦ |
| ½ " ... | " | ୫ ୦ ୦ |

ନିମ୍ନଲିଖିତ ପ୍ରକାରର ଔଷଧ ମାପିବା ଗ୍ଲାସ ସୁଲଭ ମୂଲ୍ୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

Split by PDF Splitter
Digitized by srujanika@gmail.com

୧ ଡ୍ରାମ, ୨ ଡ୍ରାମ, ୧ ଅଭନ୍ସ, ୨ ଅଭନ୍ସ, ୪ ଅଭନ୍ସ, ୬ ଅଭନ୍ସ, ୮ ଅଭନ୍ସ, ଏବଂ ୧୬ ଅଭନ୍ସ

Chowdhury Bazar Cuttack 10th Aug. 1901 — Akshoy Kumar Ghose Proprietor "Victoria Medical Hall", "formerly Ghose's C. D",

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁ ଯେ ଅମ୍ଭର ମୋକଦ୍ଦମା ମାମଲା ଇତ୍ୟାଦି ସମ୍ପତ୍ତି ଓ କାର୍ଯ୍ୟମାନ ସୁବିଧା ମତେ ନିର୍ବାହ କରିବା ଉଦ୍ଦେଶ୍ୟରେ ଅମ୍ଭେ ସନ ୧୮୯୩ ମସିହା ମାର୍ଚ୍ଚମାସ ତା ୮ ରଖ ଲିଖିତ ରେଜେଷ୍ଟ୍ରୀ ସଂଯୁକ୍ତ ଅମ୍ ମୁକ୍ତାରନାମାଦ୍ୱାରା ଅମ୍ଭର ମଧ୍ୟମ ଭ୍ରାତା ଶ୍ରୀ ସ୍ତୁତଲାଦଚରଣ ପଟ୍ଟନାୟକ । ସା । ଉଦେପୁର । ପ୍ର । ବଲୁଅଁ ଦାଲ । ସା । ଆଲୁବୁଅ । ପ୍ର । ଅହଅସଙ୍କୁ ଅମ୍ ମୁକ୍ତାର ନିଯୁକ୍ତ କରିଥିଲୁଁ ଏବଂ ତହିଁ ଉତ୍ତାରୁ ସନ ୧୮୯୪ ମସିହା ଜାନୁୟାରୀ ମାସ ତା ୨୪ ରଖ ଲିଖିତ ରେଜେଷ୍ଟ୍ରୀ ସଂଯୁକ୍ତ ଅମ୍ ମୁକ୍ତାରନାମାଦ୍ୱାରା ଅମ୍ଭେ ଓ ଅମ୍ଭର ଉପରୋକ୍ତ ମଧ୍ୟମ ଭ୍ରାତା ଶ୍ରୀ ସ୍ତୁତଲାଦଚରଣ ପଟ୍ଟନାୟକ କେଶବ ପଣ୍ଡିତ । ସା । ଲନାଖେତ୍ର । ପ୍ର । ବରୁଅଁ ଓ ଚନ୍ଦ୍ରଚରଣ ଦାସ । ସା । ଉଦେପୁର । ପ୍ର । ବରୁଅଁ ଓ ଶ୍ୟାମସୁନ୍ଦର ମହାନ୍ତି । ସା । ସାଲେପୁର । ପ୍ର । ଅଲଗା ଏହି ତିନିଜଣଙ୍କୁ ଅମ୍ଭମାନଙ୍କର କାର୍ଯ୍ୟ ଚଳାଇବା ନିମନ୍ତେ ଅମ୍ ମୁକ୍ତାର ନିଯୁକ୍ତ କରିଥିଲୁ ବର୍ତ୍ତମାନ ଅମ୍ଭର ଲେଖି ଦିଅ ଉପରୋକ୍ତ ଦୁଇ କିତା ମୁକ୍ତାରନାମା ଅମ୍ଭ ତରଫରୁ ରଦ ରହିତ କରିବାର ଆବଶ୍ୟକ ହେବାରୁ ଅମ୍ଭେ ଅତ୍ର ଦୁଇ ମୁକ୍ତାରନାମା ରଦ କରି ଉପରୋକ୍ତ ଚାରିଜଣଙ୍କୁ ଏଥିମଧ୍ୟେ ନୋଟିସ ଦେଇଅଛୁଁ ଏବଂ କଲେକ୍ଟରୀ ଓ ଦେୱାନୀ ଅଦାଲତରେ ଉକ୍ତ ମର୍ମରେ ଦରଖାସ୍ତ ମଧ୍ୟ ଦାଖଲ କରିଅଛୁଁ ଅତଏବ ଅତ୍ର ବିଜ୍ଞାପନଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁ ଯେ ଅମ୍ଭର ଲେଖି ଦିଅ ଉକ୍ତ ମୁକ୍ତାରନାମାମାନ ରଦ ହୋଇଅଛି ଏବଂ ଅମ୍ଭର ଉପରୋକ୍ତ ଅମ୍ ମୁକ୍ତାରମାନଙ୍କ କ୍ଷମତା ରହିତ ହୋଇଅଛି ଏବଂ ଭବିଷ୍ୟତରେ ଉକ୍ତ ବ୍ୟକ୍ତିମାନେ ଉକ୍ତ ମୁକ୍ତାରନାମା ବଳରେ ଅମ୍ଭ ପକ୍ଷରୁ କୌଣସି କାର୍ଯ୍ୟ କଲେ ତଦ୍ୱାରା ଅମ୍ଭେ ବାଧ୍ୟ ହେବୁ ନାହିଁ । ଇତି ସନ ୧୯୦୧ ମସିହା ଅଗଷ୍ଟ ମାସ ତା ୧୫ ରଖ ।

ଶ୍ରୀ ଜଗନ୍ନାଥ ଦାସ
। ସା । ଉଦେପୁର । ପ୍ର । ବରୁଅଁ
। ଜି । କଟକ
ପୋଃ ଜଗତପୁର

NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ବିଜ୍ଞାପନ ।

ପୃଥିବୀରେ ଅଦ୍ୱିତୀୟ ! ଦେଖି ଜଗତର ସୁନାମ ।

ଯଥାର୍ଥ ଜଗତର କୋହିନୁର ! ! !

ଆମେରିକା ଯୁକ୍ତପ୍ରଦେଶସ୍ଥ ନିଉୟର୍କ ନଗରର ଲବ୍ଧପ୍ରତିଷ୍ଠ ଡାକ୍ତର ୱିଲିୟମ ମେଜର ଏମ୍, ଏ, ଏମ୍, ଡି, ସାହେବଙ୍କ ଅଦ୍ଭୁତ

ଇଲେକ୍ଟ୍ରୋ ଚିକିତ୍ସା ।



ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ ହେତୁ ଏତଦ୍ଦେଶବାସୀମାନଙ୍କର ଅଳ୍ପବୟସଠାରୁ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ, ଏବଂ ତାହାର ଅପରିମିତ ଅତ୍ୟାଚାରଣର ବିଷମୟ ଫଳରୁ ଯେ ସମସ୍ତ ଯନ୍ତ୍ରଣାଦାୟକ ଦୁଃସାଧ୍ୟ ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା ଉପସ୍ଥିତ ହୋଇଥାଏ ତାହାର କବଳରୁ ଦୁର୍ଭାଗ୍ୟ ଭାରତବାସିମାନଙ୍କର ମୁକ୍ତ ହେବାର କୌଣସି ପ୍ରକୃତ ସ୍ଥାୟୀ କ୍ରିୟାଜନକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ପଦ୍ଧତିରେ ଅଦ୍ୟାପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ଯଦ୍ୟପି ଚିକିତ୍ସକ ସମ୍ପ୍ରଦାୟ ଓ ଔଷଧ ବ୍ୟବସାୟୀମାନଙ୍କ କର୍ତ୍ତବ୍ୟାନୁରୋଧରେ ବା ସ୍ୱାର୍ଥର ବଶବର୍ତ୍ତୀରେ ଯେ କେବଳ ଠକାଇ ଆସୁଅଛନ୍ତି ତାହା ନହେ ! ଅଯଥା ଉକ୍ତ ଔଷଧର କ୍ରିୟାରେ କପଟିତ ଫଳ ହେବାର ଦେଖାଯାଏ; ସ୍ଥଳବିଶେଷରେ ଯଦି ତତ୍କ୍ଷଣ ଚିକିତ୍ସକଙ୍କ ଔଷଧରେ ଉପକାର ଦେଖାଯାଏ ସତ୍ୟ ! କିନ୍ତୁ ସାମାନ୍ୟ ଅତ୍ୟାଚାରରେ ବା ସ୍ୱାସ୍ଥ୍ୟର ଅନିୟମରେ ପୁନରାକ୍ରମଣ ହୋଇଥାଏ । ଏହି ସକଳ ଅବସ୍ଥା ପର୍ଯ୍ୟାଲୋଚନା କରି ତାହାର ପ୍ରକୃତ ଔଷଧ ଆବିଷ୍କାର କଳ୍ପନାରେ ଗତ ବ ୧୮ ବର୍ଷ ବ୍ୟାପୀ ଆମ୍ଭମାନଙ୍କ ଅବିଚଳିତ ଅଧ୍ୟବସାୟ, ଅମାନୁଷିକ ପରିଶ୍ରମ, ଅଜସ୍ର ଅର୍ଥ ବ୍ୟୟ, ବହୁ ଅନୁସନ୍ଧାନ ଓ ପରୀକ୍ଷା ଫଳରେ ହିମାଳୟ ପର୍ବତର ଉପତ୍ୟକା ଭୂମିରୁ କେବଳ ଆଶ୍ଚର୍ଯ୍ୟ ଭେଷଜ ଗୁଣାନ୍ୱିତ ବେଳେବେଳେ ଦୁଷ୍ପ୍ରାପ୍ୟ ଲତା ଗୁଳ୍ମର ନିର୍ଯ୍ୟାସର ସହିତ ଉକ୍ତ ପରୀକ୍ଷାରିଷ୍ଟ, ଧାତୁପୋଷକ, ଶୁକ୍ରବର୍ଦ୍ଧକ, ପାରଦଦୋଷ ନାଶକ, ସ୍ମୃତିକର, ମେଧା ଓ ସ୍ମୃତିଶକ୍ତି ବୃଦ୍ଧିକର ପ୍ରକୃତ ସ୍ୱାସ୍ଥ୍ୟ ଓ ଶରୀର ସଂରକ୍ଷଣ ଉପଯୋଗୀ ୨୬ ପ୍ରକାର ଦେଶୀ ଓ ବିଲାତି ଔଷଧର ସାରାଂଶ ଏକତ୍ରିତ କରି ଇଲେକ୍ଟ୍ରୋ ଅର୍ଥାତ୍ ତାଡ଼ିତଶକ୍ତି ସଂଯୋଗେ ନୂତନ ରସାୟନିକ ପ୍ରକରଣେ ଏହି ଇଲେକ୍ଟ୍ରୋ ଚିକିତ୍ସା ଆବିଷ୍କୃତ ହୋଇ ଏତେଦିନ ପରେ ଚିକିତ୍ସା ଜଗତରେ ଏକ ମହତ୍ ଅଭାବ ଦୂରୀଭୂତ ହୋଇଅଛି । ଭଗ୍ନପାଣିର ହତାଶ ପ୍ରାଣରେ ଏକ ଆଶାର ପ୍ରଦୀପ ଜଳି ଉଠିଅଛି ! ! !

ଆସିୟା, ଇଉରୋପ, ଆମେରିକା, ଅଷ୍ଟ୍ରେଲିୟା ପ୍ରଭୃତି ମହାଦେଶମାନଙ୍କର ପ୍ରସିଦ୍ଧ ଚିକିତ୍ସକ ଓ ଜନସାଧାରଣ ମୁକ୍ତକଣ୍ଠରେ ଘୋଷଣା କରୁଅଛନ୍ତି ଯେ ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା ରୋଗର ଏପରି ସର୍ବଗୁଣ ସମ୍ପନ୍ନ, ସ୍ଥାୟୀ କ୍ରିୟାଜନକ, ସମ୍ୟକ୍ ଫଳପ୍ରଦ, ସୁଖସେବ୍ୟ, ନିର୍ଦ୍ଦୋଷ, ଔଷଧ ଅଦ୍ୟାବଧି ନାହିଁ । ବାଲ୍ୟସ୍ୱଭାବ ସୁଲଭ ଦୋଷରେ ଅସ୍ୱାଭାବିକ ମୈଥୁନରେ ବା ଅପରିମିତ ଅପବିତ୍ର ସଂସର୍ଗରେ ଜନ୍ମା ଅଧିକ ଅଧ୍ୟୟନରେ ଅଧିକ ଚିନ୍ତାରେ ଅଧିକ ରାତ୍ରି ଜାଗରଣରେ, ଶାରୀରିକ ଓ ମାନସିକ ପରିଶ୍ରମର ବାହୁଲ୍ୟରେ, ଦୀର୍ଘକାଳବ୍ୟାପୀ ପ୍ରଖର ସୂର୍ଯ୍ୟଉତ୍ତାପେ ଭ୍ରମଣରେ ଅସ୍ୱାସ୍ଥ୍ୟକର ସ୍ଥାନରେ ବାସ, ପାରଦ ମିଶ୍ରିତ ଉଗ୍ରଗୁଣ ବିଶିଷ୍ଟ ଔଷଧ ସେବନରେ, ମ୍ୟାଲେରିୟା ଓ ଉପଦଂଶ ବିଷ ପ୍ରଭୃତି ଶରୀରରେ ପ୍ରବେଶ ହେବା କାରଣରୁ ଯଦି

ଶୁକ୍ର ଦୂଷିତ ହୋଇ—ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ଶୁକ୍ରର ତରଳତା, ଅଳ୍ପତା ବା ଅଳ୍ପ ଉତ୍ତେଜନାରେ ରେତଃସ୍ରାବ, ସହବାସରେ ସମ୍ପୂର୍ଣ୍ଣ ବା ଅସମ୍ପୂର୍ଣ୍ଣରୂପେ ଅକ୍ଷମ, ରତିଶକ୍ତି ହୀନତା, ସ୍ନାୟୁ ଅଙ୍ଗର କୋମଳତା, ମେହ, ପ୍ରମେହ, ଶୁକ୍ରମେହ, ପ୍ରସ୍ରାବଯନ୍ତ୍ରଣା, ପ୍ରସ୍ରାବ ସଙ୍ଗରେ ପ୍ରକାଶ୍ୟରେ ଅବା ଅଲକ୍ଷରେ ଶୁକ୍ରପତନ, ଲୁଗାରେ ଦାଗ ଲାଗିବା, ସ୍ୱପ୍ନଦୋଷ, ମଳର ବେଗରେ ଶୁକ୍ର ନିର୍ଗତ ହେବା, ଶୁକ୍ରର ସନ୍ତାନ ଉତ୍ପାଦିକା ଶକ୍ତିର ଅଭାବ, ଧାରଣା ଶକ୍ତିର ହ୍ରାସ, ସ୍ମୃତିଲୋପ ଦର୍ଶନ ବା ଶ୍ରବଣ ମାତ୍ରେ କମ୍ପ ସାମାନ୍ୟ ସହବାସରେ

Split by PDF Splitter



ଶୁକ୍ରପାତ, ମୂତ୍ରକୃଚ୍ଛ୍ରତା, ମୂତ୍ରମଣ୍ଡି ଅଳ୍ପ ୨ ବା ଅଧିକ ପରିମାଣରେ ପ୍ରସ୍ରାବ ହେବା, ବହୁମୂତ୍ର ପ୍ରସ୍ରାବ ଲାଲ ବା ଗୋଳିଆ ହେବା, ସ୍ମରଣ ଓ ଚିନ୍ତାଶକ୍ତିର ହ୍ରାସ, କେଶର ଅକାଳ ପକ୍ୱତା, ଚଡ଼ଚଡ଼ା ସ୍ୱଭାବ, ସାମାନ୍ୟ କାରଣରୁ କୋପ, କର୍ତ୍ତବ୍ୟ କାର୍ଯ୍ୟରେ ଅନିଚ୍ଛା, ସାହାସ ଓ ଉଦ୍ୟମ ହୀନତା, ସାମାନ୍ୟ ପରିଶ୍ରମରେ ବା ନିଦ୍ରାର ସମୟରେ ଘର୍ମ ନିର୍ଗତ ହେବା, ମସ୍ତିଷ୍କର ସ୍ନାୟୁର କ୍ଲାନ୍ତତା ଓ ଦୁର୍ବଳ ଓ ସେହି ନିମିତ୍ତ ମୂର୍ଚ୍ଛାରୋଗ, ଚକ୍ଷୁ କୋଟରଗତ, ଦେହ ରୁକ୍ଷ, ଶୁଷ୍କ ଓ ଶ୍ରୀହୀନ କ୍ଷୁଧାହୀନତା, ପରିପାକ ଶକ୍ତିର ଅଭାବ, ଅମ୍ଳ, ବୁକୁ ଜଳିବା, କୋଷ୍ଠବଦ୍ଧ ହସ୍ତକମ୍ପନ, ହାତ, ଗୋଡ଼, ଓ ଚକ୍ଷୁଜ୍ୱାଲା, ମୁଣ୍ଡବୁଲା, ଚିତ୍ତ ଚାଞ୍ଚଲ୍ୟ, ଉନ୍ମାଦ ବୋଧହେବା ପ୍ରଭୃତି ଶୁକ୍ରଜ ରୋଗ ବା ତହିଁଉପସର୍ଗ ଆକ୍ରମଣ କରିଥାଏ କିମ୍ବା ସେହି ସବୁ କାରଣରେ ଯଦି—

ରକ୍ତ ଦୂଷିତ ହୋଇ—ରକ୍ତ ପିତ୍ତର ଦୁଷ୍ଟି, ଧାତୁଦୌର୍ବଲ୍ୟ, ଉପଦଂଶ ( ଗର୍ମ୍ମୀ ) ବାତରକ୍ତ, ଅମ୍ଳପିତ୍ତ, ଗାତ୍ରକଣ୍ଡୁ, ବାଗି, ନାକ ଓ ମୁଖର ଭିତରେ କିମ୍ବା ଜନନେନ୍ଦ୍ରିୟ, କୋଷ ଓ କାଖ ଭିତରେ ଘା, ପାଚିଲା ଘା, ନୂତନ ପୁରାତନ ନାଲୀ ଘା, ଶୋଷହେବା, କାଛୁ, କାଉର, ଭଗନ୍ଦର, ଚୁଲ, ଛାଲୁ, ପ୍ରଭୃତି ଦୁର୍ଦ୍ଦମନୀୟ ଚର୍ମରୋଗ, ନୂତନ, ପୁରାତନ ବାତ, ଜଙ୍ଘା, ଉରୁ, କଟୀ, ସ୍କନ୍ଧ, ହସ୍ତ, ପାଦ, ଓ ସନ୍ଧି ସକଳର ଫୁଲିବା, ବେଦନା, କନକନ କରିବା, ମୋଡି ହୋଇଯିବା, ସେଥିନିମିତ୍ତ ଚଳନଶକ୍ତିର ହାନି, ଦନ୍ତମୂଳ ଫୁଲା, ଓ ବ୍ୟଥା, ଦନ୍ତ ଶିଥିଳ ମୁଖରେ ଦୁର୍ଗନ୍ଧ, ଶରୀର ନାନାସ୍ଥାନରେ ସାମୟିକ ବା ଅସାମୟିକ ଯାଏ ବା ଗରମି କିମ୍ବା ଲିଙ୍ଗପଥର ହାତର ବା ଗୋଡ଼ ତଳପାରେ ଚମଡ଼ା ଉଠା କିମ୍ବା ସ୍ଥାନବିଶେଷେ ଧଳା ୨ ବା କଳା କଳା ଚିହ୍ନ, ଲୁଣ୍ଠାଇ ହୋଇ ଫୁଲି ଉଠିବା, ଚକ୍ଷୁରୁ ଜଳ ପଡ଼ିବା, ଦୁର୍ବଳତା, ରକ୍ତହୀନତା, ଶୋଥ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ ପ୍ରଭୃତି ରକ୍ତସମ୍ବନ୍ଧୀୟ ପୀଡ଼ା ବା ତହିଁଉପସର୍ଗ ଆକ୍ରମଣ ହୋଇଥାଏ, କିମ୍ବା ଉଭୟବିଧ ରୋଗସମୂହର କୌଣସି ୨ ଲକ୍ଷଣ ପ୍ରକାଶ ପାଇଥାଏ, ତେବେ ଏହି ସାଲସା ସେବନ କର, ତାଡ଼ିତଶକ୍ତିର ପ୍ରଭାବରେ ସଙ୍ଗେ ୨ ଶୁଭଫଳ ଫଳିବ । କୋଷ୍ଠ ପରିଷ୍କାର ହେବ, କ୍ଷୁଧା ବୃଦ୍ଧି ହେବ । ଚିତ୍ତ ପ୍ରଫୁଲ୍ଲ ହେବ, ଏବଂ ଏକମାତ୍ରା ଔଷଧ ଏକ ମୋହର ଅପେକ୍ଷା ଅଧିକ ଅନୁମାନ ହେବ । ଏକ ସପ୍ତାହରେ ଅଶାତୀତ ଉପକାର ଜଣାଯିବ । ଏବଂ ରୋଗିର ବୟସ ଓ ରୋଗିର ଅବସ୍ଥା ଓ ଭେଦ ୨ ଥିଲେ ପ୍ରକୃତି ଭେଦେ ୬ ସପ୍ତାହଠାରୁ ୭ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣରୂପେ ଚିରସ୍ଥାୟୀ ଆରୋଗ୍ୟ ଲାଭ ହୋଇ, ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହେବ, ଦେହର ଲାବଣ୍ୟ ବୃଦ୍ଧି ହେବ, ରତିଶକ୍ତିର ସମ୍ପୂର୍ଣ୍ଣ ବିକାଶ ପାଇବ, ସହବାସରେ କ୍ଷମତା ଜନ୍ମିବ । ସ୍ମରଣଶକ୍ତିର ବୃଦ୍ଧି ହେବ । ଦୂଷିତ ରକ୍ତ ଶୋଧନ ହୋଇ ନୂତନ ରକ୍ତକଣିକା ସୃଜନ ହେବ । ଶାରୀରିକ ଓ ମାନସିକ ଦୌର୍ବଲ୍ୟ ଏବଂ ଅବସନ୍ନତା ଦୂରୀଭୂତ ହୋଇ ଯୌବନ କାଳୋଚିତ ସ୍ୱାଭାବିକ ବଳବୀର୍ଯ୍ୟ ଓ ନଷ୍ଟସ୍ୱାସ୍ଥ୍ୟ ପୁନର୍ବାର ଫେରି ପାଇବ ଏବଂ ଆଜୀବନ ତାହା ଅଟଳ ରହିବ ।

ନିଃସନ୍ଦେହରେ କୁହାଯାଇପାରେ ଯେ ଏହା ଉକ୍ତ ରୋଗର ଏକମାତ୍ର ପ୍ରକୃତ ମହୌଷଧ; ଯେହେତୁ ପୃଥିବୀସ୍ଥ ଯାବତୀୟ ପ୍ରସିଦ୍ଧ ୨ ଚିକିତ୍ସାଳୟ ସମୂହରେ ଏହି ସାଲସା ଦୀର୍ଘକାଳ ବ୍ୟବହୃତ ହୋଇ ଉପରୋକ୍ତ କାର୍ଯ୍ୟକାରିତା ଶକ୍ତିର ଅବ୍ୟର୍ଥ ପ୍ରମାଣ ହୋଇଯାଇଅଛି । ସେହି ହେତୁରୁ ଚିକିତ୍ସା ଜଗତରେ ଏହା ଶୀର୍ଷସ୍ଥାନ ଅଧିକାର କରିଅଛି । ଏବଂ ଲକ୍ଷ ୨ ପ୍ରଶଂସାପତ୍ର ଲାଭ କରିଅଛି ଏଥିରେ କୌଣସିପ୍ରକାର ବିଷାକ୍ତ ବା ମାଦକଦ୍ରବ୍ୟର ସଂସ୍ରବ ନ ଥିବାରୁ ଆବାଳ ବୃଦ୍ଧ ବନିତା ସମସ୍ତ ଅବସ୍ଥାରେ ଓ ସକଳ ଋତୁରେ ନିର୍ବିଘ୍ନରେ ସେବନ କରିପାରନ୍ତି । ବିଶେଷତଃ ସ୍ନାନ, ଆହାର, ଓ ପଥ୍ୟାପଥ୍ୟର ବିଶେଷ କୌଣସି କଠିନ ନିୟମ ନ ଥିବାରୁ ପୀଡ଼ିତ ଲୋକର ଏହା ଏକମାତ୍ର ବନ୍ଧୁ ! ଧନୀ ଦରିଦ୍ରର ସମାନ ଅଧିକାର ! !

ତୁମ୍ଭେ ପୀଡ଼ିତ ଥାଅ—ଏହି ସାଲସା ସେବନ କର ସହଜରେ, ସୁଲଭରେ, ଅକସ୍ମାତ୍ ବିନା ସାହାଯ୍ୟରେ, ଅଳ୍ପ ସମୟ ମଧ୍ୟରେ ରୋଗମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ ।

ତୁମ୍ଭେ ଭଲ ଥାଅ—ଏହି ସାଲସା ପ୍ରତ୍ୟହ ଏକମାତ୍ର ଦୁଗ୍ଧ ସହିତ ମିଶ୍ରିତ କରି ସେବନ କର, ଶରୀରସ୍ଥ ସପ୍ତଧାତୁର ଉତ୍କର୍ଷ ସାଧିତ ହେବ । ସହଜରେ ଜରା ଆକ୍ରମଣ କରି ପାରିବ ନାହିଁ । ଏବଂ ଅନ୍ୟଥା ଅତ୍ୟାଚାରରେ ଧାତୁ ଶୁକ୍ର ବା ରକ୍ତ ସମ୍ବନ୍ଧୀୟ ପୀଡ଼ା ଉତ୍ପନ୍ନ ହେବ ନାହିଁ ।

ବିଶେଷ ଦ୍ରଷ୍ଟବ୍ୟ—ଇଲେକ୍ଟ୍ରୋ ସାଲସାର ଅଲୌକିକ ଶକ୍ତିର ପ୍ରଭାବରେ ଦେଶଜାତ ବହୁଳ ପ୍ରଚାର ଓ ଅସମ୍ଭବ ବିକ୍ରୟ ଦେଖି ପ୍ରତାରକ ଔଷଧ ବ୍ୟବସାୟୀମାନେ ଜାଲ କରୁଅଛନ୍ତି । ସେଥିନିମନ୍ତେ ଏହି ଟ୍ରେଡମାର୍କ ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ଆଇନାନୁସାରେ ରେଜଷ୍ଟରୀ କରାହୋଇଅଛି, ଏବଂ ପ୍ରତ୍ୟେକ ଶିଶିର ଖୋଳ ଉପରେ ଏହା ସଂଯୁକ୍ତ ଅଛି । ଯେଉଁଥିରେ ଉକ୍ତ ଟ୍ରେଡମାର୍କ ନାହିଁ ତାହା କୃତ୍ରିମ, ଯେ କେହି ଉକ୍ତ କୃତ୍ରିମକାରୀଙ୍କୁ ଧରାଇ ଦେଇ ପାରିବେ, ଅଥବା ଆମ୍ଭମାନଙ୍କ ଇଲେକ୍ଟ୍ରୋସାଲସାର ବର୍ଣ୍ଣିତ ଗୁଣ ନାହିଁ ବୋଲି ପ୍ରମାଣ ଦେଇପାରିବେ ତାହାଙ୍କୁ ଟ ୧୦୦୦ ୯ ଙ୍କା ପୁରସ୍କାର ପ୍ରଦାନ କରାଯିବ

ମୂଲ୍ୟାଦି—ଇଂରାଜୀ, ବଙ୍ଗଳା, ଉତ୍କଳଭାଷାର ବ୍ୟବସ୍ଥାପତ୍ର ସହିତ ଏକ ସପ୍ତାହ ସେବନୋପଯୋଗୀ ପ୍ରତ୍ୟେକ ଶିଶି ଇଲେକ୍ଟ୍ରୋ ସାଲସାର ମୂଲ୍ୟ ଟ ୨ ୯ ଙ୍କା ୩ ଶିଶି ଟ ୫୲, ୬ ଶିଶି ଟ ୧୦୲, ଡଜନ ଟ ୨୦ ୯, ତିନି ଡଜନ ଟ ୫୦ ୯

ପଥ୍ୟାଙ୍କଂ—ଏକ ଶିଶିଠାରୁ ବାର ଶିଶି ପର୍ଯ୍ୟନ୍ତ ଦୁଇଅଣା, ଡାକମାସୁଲ ପ୍ରତ୍ୟେକ ଶିଶି ଟ ୦୲, ତିନି ଶିଶିରେ ଟ ୧୯, ୬ ଶିଶିରେ ଟ ୧୲, ଡଜନ ଟ ୩ ୯ ।

ପ୍ରତାରଣାର ଭୟରେ ଆମ୍ଭେମାନେ କୌଣସିଠାରେ ଏଜେଣ୍ଟ ନିଯୁକ୍ତ କରିନାହୁଁ । ସକଳ ଔଷଧ ଆମ୍ଭମାନଙ୍କର ମେଡିକାଲ ଲେବୋରେଟରୀଠାରୁ ନିଜ ତତ୍ତ୍ୱାବଧାନରେ ବିକ୍ରୀତ ହୁଏ ଓ ସର୍ବତ୍ର ପ୍ରେରିତ ହୁଏ । ମଫସଲବାସୀମାନେ ଯେ କୌଣସି ଭାଷାରେ ହେଉ ପତ୍ରଦ୍ୱାରା ଆପଣାର ନାମ ଓ ଗ୍ରାମ, ଡାକଘର, ଏବଂ ଜିଲା, କେବଳ ସ୍ପଷ୍ଟ ଅକ୍ଷରରେ ଲେଖି ପଠାଇଲେ ଭି;ପି; ଡାକଦ୍ୱାରା ଔଷଧ ପଠାଇ ନିର୍ଦ୍ଦିଷ୍ଟ ମୂଲ୍ୟ ଆଦାୟ କରାଯାଏ ।

ଆମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

| | |
|---|---|
| W. MAJOR & Co,<br>Barabazar Medical<br>Laboratory Calcutta | ଡବ୍ଲିଉ, ମେଜର ଏଣ୍ଡ କୋଂ<br>ବଡ଼ବଜାର ମେଡିକଲ<br>ଲେବୋରେଟରୀ କଲିକତା । |

*TELIGRAPHIADDRESS.*
"MAJOR" Calcutta

ସର୍ବପ୍ରକାର ଔଷଧ ଛଡ଼ା ଗ୍ରାହକମାନଙ୍କ ଆବଶ୍ୟକୀୟ ସକଲ ପ୍ରକାର ଦ୍ରବ୍ୟ ଉଚିତ ମୂଲ୍ୟରେ ଆମ୍ଭମାନଙ୍କ ଏଜେନ୍ସି ବିଭାଗଠାରୁ ସରବରାହ କରାଯାଏ, ଘଡ଼ି ଓ ବାଦ୍ୟଯନ୍ତ୍ରାଦି ସୁଲଭ ମୂଲ୍ୟରେ ମରାମତ କରାଯାଏ ।

Digitized by srujanika@gmail.com

# ମଧୁପର ଉପହାର ।

" ଉତ୍କଳ ମଧୁପ " ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୪୭ ପୃଷ୍ଠାରେ ସମାପ୍ତ ।

# ଭିକ୍‌ଟୋରିୟା ଚରିତ

ଉପହାର ଦିଆଯିବ । ଭିଃ ପିଃ ରେ ଉପହାର ପଠା ଯାଇ ମୂଲ୍ୟ ଆଦାୟ କରା ଯାଉଅଛି । ଏ ସୁବିଧା ଅଳ୍ପଦିନ ନିମନ୍ତେ ।

ଦେବଗଡ଼ ପୋଃ, ସମ୍ବଲପୁର } ସମ୍ପାଦକ " ଉତ୍କଳ ମଧୁପ "

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରାଇରଙ୍ଗପୁର, ଗଡ଼ଜାତ ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼, ଟୋପି, ପେଟୀ, କିଂଖାପ, ବାପ୍ତା ସଙ୍ଗୀ, ଦୋପଟା ମଖମଲ, ଶିରରେ ବାନ୍ଧିବାର ପେଟୀ, ରୁମାଲ, ଶାଲ ଏବଂ ନାନା ପ୍ରକାର ଜହାଦଖଚିତ ଅଙ୍ଗୁଷ୍ଠି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ଫରମାସ ଅନୁସାରେ ତିଆରି କରାଇ ଦେଉ । ନଗଦ ଦେବାବେଳେ ଅନ୍ୟମାନଙ୍କ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାଲ୍ଲୁମାଲ ଭୋଲାନାଥ
କୁଞ୍ଜଗଳି ଫାଟକ ବନାରସ ସିଟି




# ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧକ କରେ ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:—ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଯୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

## ପୁଷ୍ପସାର ଅଥବା ଏସେନ୍‌ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଉତ୍କୃଷ୍ଟ ପ୍ରକାର ଏସେନ୍‌ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗ୍ୟୁମେଲୀ; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମଟିକା; ଦେଲଖୋସ; ହ୍ୱାଇଟ୍ ରୋଜ୍; କସର ରୋଜ୍; ବେଣାଟେଉ; କୁନ୍ଦବନା; ମିଲିଫ୍ଲୁର; ହେନାଫ୍ଲୁର; ପାରିଜାତଫ୍ଲୁର; ଭିକ୍ଟୋରିଆ ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ଆଠଅଣା ।

## ପମେଟମ

ଗୋଲାପି ପମେଟମ ଆଠଅଣା; ସୁଲଭ ପମେଟମ ପାଞ୍ଚଅଣା ।

## ତାମ୍ବୁଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅଦ୍ଭୁତ ସାମଗ୍ରୀ । ଗୁଣ୍ଡ ସଙ୍ଗରେ ଚଳିଏ ମିଶାଇ ଦେଲେ ଗୁଣ୍ଡ ମହକିପଡ଼ିବ । ମୂଲ୍ୟ ପ୍ରତି ଶିଶି ଆଠଅଣା

## ସରବତ ଅଥବା ସିରପ ।

ଗ୍ରୀଷ୍ମକାଳ ନିମନ୍ତେ ଏହାଠାରୁ ଉଲକ୍ଷଣ ପାନୀୟ ଆଉ ନାହିଁ ।

କମଲ ସିରପ୍ ବାରଅଣା । ଲେମ୍ବୁର ସିରପ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ରୋଲିଡନ ସିରପ୍ ଏକଟଙ୍କା

## ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଞ୍ଜିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

ଏଇଚ ବସୁ
୬୨ନମ୍ବର ବହୁବଜାର ଷ୍ଟ୍ରିଟ } H. BOSE,
କଲିକତା 62 Bow Bazar Street Calcutta.

କଟକରେ " ଓଡ଼ିଶା ସମେଟ୍ରିକ ଷ୍ଟୋର"ରେ ଓ କଟକ ଟ୍ରେଡିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ନିମନ୍ତେ

| | |
|---|---|
| ଧାଡ଼ିପ୍ରତି | ୮୦ ୷ |
| ଅଧସ୍ତମ୍ଭକୁ | ୫୲୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୮୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ଛହିଁର ଖର୍ଚ୍ଚ ୫୦ ୷ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ନିମନ୍ତେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ତୁଲସ୍ୱଣ ଯଥାକ୍ରମେ ହେବ ।

ଅଧିକ ଦିନ ନିମନ୍ତେ ସୁଲଭ ବନ୍ଦୋବସ୍ତ କରାଯାଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ଼ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଭାଗ ୩୬ | CUTTACK, SATURDAY THE 24TH AUGUST 1901. | ଅଗ୍ରୀମ ୫ ୩.
ସଂଖ୍ୟା ୩୪ | ୨୪ ଶ ଶ୍ରାବଣ ସନ ୧୩୦୮ ସାଲ ଶନିବାର | ପଶ୍ଚାଦ୍ଦେୟ ୫ ୬ ୧

## NOTICE.

Wanted a Sub-Inspector for this state Police on a salary of Rs. 25 per mensem. Applications will be received in the following form up to 31st August 1901.

| Name of applicant | Residence | Age | Height | Measurment round chest | Acquirements | Past services | Remarks. |
|---|---|---|---|---|---|---|---|
| | | | | | | | |

Narasingpur Manager's Office Dated the 13th August 1901. } MOHOMMAD ATAHAR *Manager.*

## ନୋଟିସ ।

ଏ ଷ୍ଟେଟ ପୁଲିସ ନିମନ୍ତେ ମାସିକ ଟ ୨୫୲ ବେତନରେ ସବ୍‌ଇନସ୍ପେକ୍ଟର ଏକଜଣ ଆବଶ୍ୟକ । ନିମ୍ନଲିଖିତ ଫାରମରେ ଦରଖାସ୍ତ ଚଳିତ ମାସ ତା ୩୧ ରିଖ ପର୍ଯ୍ୟନ୍ତ ଗ୍ରହଣ ହେବ ।

| ଆପ୍ଲିକାଣ୍ଟର ନାମ । | ବାସସ୍ଥାନ । | ବୟସ । | ଉଚ୍ଚ । | ଛାତିର ବେଢ଼ର ମାପ | ବିଦ୍ୟା । | ପୂର୍ବ ଚାକିରି । | ମନ୍ତବ୍ୟ । |
|---|---|---|---|---|---|---|---|
| | | | | | | | |

ନରସିଂହପୁର ଷ୍ଟେଟ ମ୍ୟାନେଜରଙ୍କ ଅଫିସ ତା ୧୩ ରିଖ ଅଗଷ୍ଟ ସନ ୧୯୦୧ ମସିହା } MOHOMMAD ATAHAR *Manager*

## ADVERTISEMENT.

Wanted for the Excise Department of the District of Angul.

1. Sub-Inspector on Rs. 60 per month
1. Clerk for Angul office on Rs. 40 " "
1. Clerk for Kandhmals office on Rs. 40 " "

Applications with testimonials and certificates of age and good moral character will be received by the undersigned up to 31st August 1901. Preference will be given to graduates and undergraduates of the Calcutta University having experience in office work.

Deputy Commissioner's Office Camp Dhenkanal The 17th August 1901 } NARAYAN CHANDER NAIK, *Offg. Deputy Commissioner*

REMARKS LEFT BY THE INSPECTOR GENERAL OF CIVIL HOSPITALS BENGAL AFTER INSPECTION OF THE DISPENSARY (" VICTORIA MEDICAL HALL ") (FORMERLY "GHOSE'S CHEEP DISPENSARY") CHOWDHURY BAZAR, CUTTACK ON 26TH JULY 1901.

AKSHOY KUMAR GHOSE. *Proprietor.* VICTORIA MEDICAL HALL. ( formerly Ghoses Cheap Dispensary CUTTACK.

I Inspected the " VICTORIA MEDICAL HALL " (formerly " GHOSE'S CHEAP DISPENSARY ") today. The Dispensary is well stocked with drugs, and the medicines appear to be carefully dispensed by two passed Compounders.

26th July 1901 CUTTACK. } Sd. Col. J. McCONAGHEY M. D., I.M.S., *Offg. Inspr. Genl of Civil. Hosplts, Bengal*

ବଙ୍ଗ ପ୍ରଦେଶର ସିଭିଲ ହସପିଟଲ ସମୂହର ଇନସ୍‌ପେକ୍ଟର ଜେନେରଲ ସାହେବ ମହୋଦୟ ଏହି ଔଷଧାଳୟ (ପୂର୍ବନାମ ଘୋଷଙ୍କ ସୁଲଭ ଔଷଧାଳୟ) ଗତ ଜୁଲାଇ ମାସ ତା ୨୬ ରିଖ ୧୯୦୧ ସାଲରେ ପରିଦର୍ଶନ କରି ଯେ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତାହାର ଓଡ଼ିଆ ଅନୁବାଦ ।

କଟକ ଚଉଧୁରି ବଜାର } ଶ୍ରୀ ଅକ୍ଷୟ କୁମାର ଘୋଷ ପ୍ରୋପ୍ରାଇଟର ଭିକ୍ଟୋରିଆ ମେଡିକେଲ ହଲ (ପୂର୍ବ ନାମ ଘୋଷଙ୍କର ସୁଲଭ ଔଷଧାଳୟ)

ଅମ୍ଭେ ଅଦ୍ୟ ଭିକ୍ଟୋରିଆ ମେଡିକଲ ହଲ (ପୂର୍ବ ନାମ ଘୋଷଙ୍କର ସୁଲଭ ଔଷଧାଳୟ) ପରିଦର୍ଶନ କଲୁଁ ଏ ଔଷଧାଳୟର ଭଣ୍ଡାରରେ ଔଷଧ ମାନ ପରିପୂର୍ଣ୍ଣ ରହିଅଛି, ଏବଂ ଔଷଧ ବଣ୍ଟନ କାର୍ଯ୍ୟ ଦୁଇଜଣ ପରୀକ୍ଷୋତ୍ତୀର୍ଣ୍ଣ କମ୍ପାଉଣ୍ଡର ସତର୍କତା ସହିତ କରୁଅଛନ୍ତି ।

ତା ୨୬ ରିଖ ଜୁଲାଇ ସନ ୧୯୦୧ ମସିହା ।

ସ୍ୱାକ୍ଷର
କର୍ଣ୍ଣେଲ ଜେ, ମାକନ୍ଧି
ଏମ ଡି, ଆଇ, ଏମ, ଏସ,
ଇନସ୍ପେକ୍ଟର ଜେନେରଲ ସିଭିଲହସପିଟଲ
ବେଙ୍ଗଲ

Digitized by srujanika@gmail.com

ଗ୍ୱାଲିଅର ଗବର୍ଣ୍ଣମେଣ୍ଟ ଏକକୋଟୀ ଟଙ୍କା ଋଣ ନେବାର ବିଜ୍ଞାପନ ଦେଇଥିଲେ । ଗତ ତା୧୪ ରଣ ପର୍ଯ୍ୟନ୍ତ ଆବେଦନପତ୍ର ଗ୍ରହଣ କରିବାର ସମୟ ଧାର୍ଯ୍ୟ ହୋଇଥିଲା । କଣ୍ଟ୍ରୋଲର ଜେନେରଲ ଯେଉଁଦିନରେ ଆବେଦନ ପତ୍ରମାନ ଫିଟାଇ ଦେଖିଲେ ଯେ ସର୍ବସୁଦ୍ଧା ପ୍ରାୟ ସାଢେ ପାଞ୍ଚକୋଟୀ ଅର୍ଥାତ୍ ଟ ୫,୪୫,୫୮,୧୦୦ ଟଙ୍କା ଋଣ ଦେବାର ପ୍ରାର୍ଥନା ହୋଇଅଛି ଏବଂ ସର୍ବନିମ୍ନଦର ଟ ୯୭ । ଥିଲା । ସେହି ଦରରେ କେବଳ ଦୁଇଲକ୍ଷ ଟଙ୍କା ଏବଂ ତହିଁର ଊର୍ଦ୍ଧ୍ୱ ଦରରେ ୯୮ ଲକ୍ଷ ଏପରି ମୋଟରେ ଏକକୋଟୀ ଟଙ୍କା ଗୃହୀତ ହେବାର ମଞ୍ଜୁର ହେଲା ।

---

ବାବୁ ବଳରାମ ଦାସ ଡେପୁଟୀଙ୍କ ବିରୁଦ୍ଧରେ ଯେଉଁ ଦଣ୍ଡଶାସ୍ତ୍ରର ଅନୁସନ୍ଧାନ ହେଉଥିଲା ଶ୍ରୀଯୁକ୍ତ ଚେବଲସନ ସାହେବଙ୍କ ନିକଟରେ ତାହା ଶେଷ ହୋଇଅଛି । ଜଷ୍ଟିସ ଜୁଥର ସାହେବ ମହୋଦୟ ଦଣ୍ଡଶାସ୍ତ୍ର ଲିଖିତ କୌଣସି ବସ୍ତୁ ପ୍ରମାଣ ନ ହେବାର ଉଦ୍ଯୋଗ ହେବାରୁ ଜଣ୍ଟ କଲେକ୍ଟର ସାହେବ ତହିଁରେ ଐକ୍ୟ ହୋଇ ଡାଗଲ ପଞ୍ଚ କମିଶନର ସାହେବଙ୍କ ନିକଟକୁ ପଠାଇଅଛନ୍ତି ଏ ଦଣ୍ଡଶାସ୍ତ୍ରଜାତୀୟକୁ ଫୌଜଦାରୀ ସ୍ୱପକ୍ଷ କରିବାର ମତ ପ୍ରକାଶ କରିଅଛନ୍ତି । କମିଶନର ସାହେବ କି ସ୍ଥିର କରିବେ ଶୀଘ୍ର ଜଣା ପଡିବ । ରିପୋର୍ଟର ମର୍ମ ଅବଗତ ହୋଇ ନ ଥିବାରୁ ପାଠକମାନଙ୍କୁ ଜଣାଇବାକୁ ଅକ୍ଷମ ହେଲୁଁ ।

---

ବଙ୍ଗପ୍ରଦେଶର କେତେକ ଜାବାଲଗି ମାହାଲ ଏବଂ ଖାସମହାଲର ମାନେଜରମାନେ ବାକି ଖଜଣା ସଙ୍ଗେ ପ୍ରଜାସ୍ୱତ୍ୱ ଆଇନର ଧା ୬୮ ସ ଲିଖିତ ଖେସାରତର ଦାବି ଯୋଗ କରି ସର୍ଟିଫିକେଟ ଜାରି କରିବାର କଲିକତାର ରେଭେନ୍ୟୁ ବୋର୍ଡ ଅବଗତ ହୋଇ ଆଡଭୋକେଟ ଜେନେରଲଙ୍କ ମତ ନେଇବାରେ ସେ ଉତ୍ତର ଦେଇଅଛନ୍ତି କି ଉକ୍ତ ଧା ୬୮ ସ ଲିଖିତ ଖେସାରତ ହେବାଣି ଅଦାଲତଦ୍ୱାରା ଧାର୍ଯ୍ୟ ଓ ଡିକ୍ରୀ ନ ହେବା ପର୍ଯ୍ୟନ୍ତ ନ୍ୟାଯ୍ୟ ଦାବି ବୋଲାଯାଇ ନ ପାରେ ଏବଂ ତହିଁ ପୂର୍ବରୁ କୌଣସି ସର୍ଟିଫିକେଟ ଅଫିସର ତହିଁ ନିମନ୍ତେ ସର୍ଟିଫିକେଟ ଜାରି କରି ନ ପାରେ । ଅତଏବ ରେଭେନ୍ୟୁ ବୋର୍ଡ ଆଦେଶ ଦେଇଅଛନ୍ତି କି ଭବିଷ୍ୟତରେ ବାକି ଖଜଣାର ସର୍ଟିଫିକେଟରେ ଉକ୍ତ ଧା ୬୮ ସର ଖେସାରତ ଯୋଗ ହେବ ନାହିଁ ।

---

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଏଠା ରେଭେନସା କଲେଜର ପ୍ରିନ୍‌ସିପଲ ବାବୁ ଜ୍ଞାନଚନ୍ଦ୍ର ମଜୁମଦାର ଗତ ମଙ୍ଗଳବାର କଳିକତାଠାରେ ପରଲୋକ ଗମନ କଲେ । ସେ ଯେଉଁ ପୀଡାଗ୍ରସ୍ତ ହୋଇ ଏଠାରୁ ଏକମାସରୁ ଊର୍ଦ୍ଧ୍ୱ ହେଲା ଆରୋଗ୍ୟ ନିମନ୍ତେ ଯାଇଥିଲେ ତାହାଇ ତାହାଙ୍କର କାଳ ହେଲା । ସେ ଯେମନ୍ତ ଶାସ୍ତ୍ରଜ୍ଞ ବିଦ୍ୱାନ୍ ତେମନ୍ତ ସାଧୁସ୍ୱଭାବର ଲୋକ ଥିଲେ ଏବଂ ଉତ୍କଳବାସିଙ୍କ ପ୍ରତି ତାହାଙ୍କର ପ୍ରଗାଢ଼ ଅନୁରାଗ ଓ ସହାନୁଭୂତି ଥିଲା । ତାହାଙ୍କର ଅକାଳମୃତ୍ୟୁରେ ଏ ନଗରର ଶିକ୍ଷିତସମାଜ ଏବଂ କଲେଜର ଛାତ୍ରବର୍ଗ ଅତ୍ୟନ୍ତ ଶୋକାକୁଳ ହୋଇଅଛନ୍ତି ବୋଲିବା ବାହୁଲ୍ୟ । ପରମେଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ଓ ଦୁଃଖିତ ପରିବାରବର୍ଗଙ୍କର ସାନ୍ତ୍ୱନା ବିଧାନ କରନ୍ତୁ ।

---

ବିଲାତର ପାର୍ଲିଆମେଣ୍ଟ ସଭାର ବର୍ତ୍ତମାନ ଅଧିବେଶନ ଗତ ତା ୧୨ ରଣରେ ଶେଷ ହେଲା । ଏ ଉପଲକ୍ଷରେ ପ୍ରବଳ ପ୍ରତାପ ରାଜରାଜେଶ୍ୱର ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତହିଁରେ ଭାରତ ସମ୍ବନ୍ଧରେ ଲେଖାଅଛି ଯେ ଗତ ବର୍ଷର ଦୁର୍ଭିକ୍ଷଜନିତ କୃଷି ଓ ବାଣିଜ୍ୟର କ୍ଷତି ଶୀଘ୍ର ପୂର୍ତ୍ତି ହୋଇ ଯାଉଥିଲା ମାତ୍ର ଏ ବର୍ଷ ବର୍ଷାକାଳର ସମାଗମରେ କିଛି ବିଳମ୍ବ ଘଟିବାରୁ କିଞ୍ଚିତ ବାଧା ଘଟିଅଛି ମାତ୍ର ଏଥି ମଧ୍ୟରେ ବୃଷ୍ଟିର ଅବସ୍ଥା ଅନୁକୂଳ ହେବାର ସମ୍ବାଦ ଆସିଅଛି ଏବଂ ଯେବେ ଏହି ଅବସ୍ଥାର ବ୍ୟତିକ୍ରମ ନ ହେବ ତେବେ ଦୁର୍ଭିକ୍ଷ ଶୀଘ୍ର ଦୂର ଯିବ ଏବଂ ଲୋକମାନେ ସ୍ୱାଭାବିକ ଜୀବିକା ନିର୍ବାହ କରିବାକୁ ସକ୍ଷମ ହେବେ । ଏଥିରୁ ଦେଖାଯାଏ ଯେ ଅମ୍ଭମାନଙ୍କର ସମ୍ରାଟ ଓ ବିଲାତବାସିଙ୍କର ଧାରଣା ଏହି ଯେ ଭାରତବାସିଙ୍କର ସୁଖ ସୌଭାଗ୍ୟ କେବଳ ବୃଷ୍ଟି ଉପରେ ନିର୍ଭର କରେ, ସୁଫଳିତ ବର୍ଷରେ ମୂଠାଏ ଖାଇବାକୁ ପାଇଲେ ଆଉ ଯେମନ୍ତ ଭାରତବାସିଙ୍କର ବଡ ଚିନ୍ତା ନାହିଁ ।

---

ଗତ ସମ୍ବଲପୁରହିତୈଷିଣୀରେ ଦେଖିଲୁଁ ଯେ ଅଦାଲତର ଭାଷା ବିଷୟକ ଅନୁସନ୍ଧାନ ଯେତେ ସେଠାର ଓଡ଼ିଆ ଏବଂ ବିଦେଶୀ ଅର୍ଥାତ ପ୍ରାନ୍ତାନ୍ତରରୁ ରାଜକାର୍ଯ୍ୟରେ ଆସିଥିବା କର୍ମଚାରୀଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଅଛି । ଏ ସମୟରେ ଏପରି ହେବା ଭଲ ନୁହେ । ଓଡ଼ିଆମାନେ ସ୍ୱଦେଶୀୟ ଜନସାଧାରଣଙ୍କ ହିତ ନିମନ୍ତେ ଗବର୍ଣ୍ଣମେଣ୍ଟରେ ଆବେଦନ କରୁଅଛନ୍ତି, ବିଦେଶୀ ଭାଇଙ୍କ ଅନ୍ନରେ ଧୂଳି ଦେବା ନିମନ୍ତେ ନୁହେ । ଯେଉଁ ୧୦।୧୨ ଜଣ ବିଦେଶୀ ଭାଇ ସମ୍ବଲପୁରରୁ ଓଡ଼ିଆ ଭାଷା ଉଠି ଯିବାରୁ ଚାକିରି ପାଇଅଛନ୍ତି ତାହାଙ୍କୁ ସେମାନେ ତ ହାନି ପାଉନ୍ତି ନାହିଁ । ସେମାନଙ୍କର ଏତିକି ବିବେଚନା କରିବା ଉଚିତ ଯେବେ ସେମାନଙ୍କ ଦେଶରେ ଏହିପରି ମାତୃଭାଷା ବଦଳରେ ସରକାର ଅନ୍ୟ ଭାଷା ଚଳାଇବାର ଆଦେଶ ଦିଅନ୍ତେ ତେବେ ସେମାନଙ୍କର କେତେ କଷ୍ଟ ହୁଅନ୍ତା ଏବଂ ଆଉ ଲକ୍ଷ ଲୋକର କଷ୍ଟ ତୁଳନାରେ ଜ ୧୦।୧୨ ଜଣର ବଡ଼ ଗୃହଗ୍ରାସରୁ ବଞ୍ଚିତ ହେବା ନିତାନ୍ତ ସାମାନ୍ୟ କଥା । ସ୍ୱଦେଶୀୟଙ୍କର ବିପଦ ସମୟରେ ବିଦେଶୀ ଭାଇଙ୍କର ସାହାଯ୍ୟ ଓ ସହାନୁଭୂତି ପ୍ରଦର୍ଶନ ଆବଶ୍ୟକ ତାହାଇ ମହତ୍ତର କାର୍ଯ୍ୟ ଅଟେ ।

---

ମିଶର ଦେଶର ସରସ କପା ଭାରତରେ ଉତ୍ପନ୍ନ କରାଇବାର ଚେଷ୍ଟା ପ୍ରଥମେ ବମ୍ବେ ପ୍ରଦେଶରେ ହୋଇଥିଲା । ମାତ୍ର କେବଳ ଧାରୱାର ଜିଲ୍ଲା ଛଡ଼ା ଆଉ କୌଣସିଠାରେ ସଫଳ ହେବାର ଦେଖା ଗଲା ନାହିଁ ଏବଂ ସେଠାରେ ମଧ୍ୟ କେତେ ଭଲ ଫସଲ ହୋଇ ନ ଥିଲା । ସମ୍ପ୍ରତି ମଧ୍ୟପ୍ରଦେଶର କୃଷିବିଭାଗର ଏ ପରୀକ୍ଷାରେ ହସ୍ତକ୍ଷେପ କରି ଅଧିକତର ସଫଳ ହେବାର ଆନନ୍ଦ ସହିତ ଅବଗତ ହେଲୁଁ । ନାଗପୁର ସରକାରୀ ଆଦର୍ଶ କ୍ଷେତ୍ରରେ ମିଶର ଦେଶର ମିତାଫି ଓ ଅବାସି ନାମକ ଦୁଇ ପ୍ରକାର ଉତ୍କୃଷ୍ଟ କପାର ମଞ୍ଜି ରବି ଫସଲ ଭାବରେ ବୁଣାଯାଇ ଯେଉଁ ଫସଲ ଉତ୍ପନ୍ନ ହୋଇଥିଲା ତହିଁର ମୂଲ୍ୟ କିଣ୍ଟିସ୍ ନିମନ୍ତେ ଆଲେକଜାଣ୍ଡ୍ରିଆ ନଗରକୁ ନମୁନା ପଠାଯିବାରେ ମିତାଫି କପାର ମୂଲ୍ୟ ପ୍ରତି ବୋଝାକୁ ଟ ୧୭୧୮/୫ ଓ ଅବାସି କପାର ମୂଲ୍ୟ ଟ ୨୦୬।୭ ଧାର୍ଯ୍ୟ ହୋଇଅଛି । ପ୍ରତି ବୋଝା ଓଜନରେ ବାଲେଶ୍ୱରୀ ମ ୬।୧୨ ସେର ଅଟେ । ନାଗପୁରର ଜାରି ନାମକ ଶ୍ରେଷ୍ଠ କପାର ମୂଲ୍ୟ ବୋଝାପ୍ରତି ଟ ୨୭୯ ଟଙ୍କାରୁ ଅଧିକ ନୁହେ । ସୁତରାଂ ମିଶର ଜାତୀୟ କପା ତହିଁର ଅଢ଼େଇଗୁଣ ବା ତତୋଧିକ ଲାଭଜନକ ଏବଂ ମଧ୍ୟପ୍ରଦେଶର ମାଟି ତହିଁପାଇଁ ବିଶେଷ ଉପଯୋଗୀ ଅଟେ । ଏହି ଫଳ ଦେଖି ଉତ୍ସାହିତ ହୋଇ ମଧ୍ୟପ୍ରଦେଶର କର୍ତ୍ତୃପକ୍ଷମାନେ ବହୁଳ ଏବଂ ନିମାର ଜିଲ୍ଲା ପରୀକ୍ଷା କରିବାର ଉଦ୍ୟମ କରୁଅଛନ୍ତି । ସମ୍ଭବତଃ ଓଡ଼ିଶା ଗଡ଼ଜାତରେ ଏ ଫସଲ ଲାଭଜନକ ହୋଇ ପାରେ ଏବଂ କରିବା ଆବଶ୍ୟକ ।

---

ସରକାରୀ ବୃଷ୍ଟି ଗଣନା ।

ସରକାରୀ ବୃଷ୍ଟି ପରୀକ୍ଷକଙ୍କର ଶେଷଟିଏ ଗଣନା ଗତ ଜୁନ ମାସରେ ବାହାରିଥିଲା ଏବଂ ତହିଁରେ ଲେଖାଥିଲା ଯେ ଏ ବର୍ଷ ଜୁନ ଓ ଜୁଲାଇ ମାସରେ ନିୟମିତ କାଳରେ ବୃଷ୍ଟି

Split by PDF Splitter

Digitized by srujanika@gmail.com